ISSN No. : 2583-147X (P)



ବାସ୍ତବତାର୍ ପରିପ୍ରକାଶ


# ପ୍ରାଚୀ

# PRACHEE

*The Official Journal of*
*Prachee Centre for Cultural Relations*

ଫେବୃଆରୀ ୨୦୨୪
ମୂଲ୍ୟ : ୨୫ ଟଙ୍କା





ମୁଖ୍ୟ ଉପଦେଷ୍ଟା

କବି ଜୟନ୍ତ ମହାପାତ୍ର



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



ସମ୍ପାଦକ :

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ଏକାଦଶ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ୫ଠ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 9, February 2024, Issue No. XI
ISSN NO. 2583-147X (P)
**RNI No. : ODIODI/2015/64435**
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ସମାଜ ସତର୍କ ଅନ୍ତର୍ଦୃଷ୍ଟି : ଫକୀରମୋହନ ପଦ୍ୟସୃଷ୍ଟି
– ଡକ୍ଟର ତ୍ରିଲୋଚନ ଜେନା ୦୭

'ଉତ୍କଳ ମଧୁପ' ଓ ସମ୍ପାଦକ ନୀଳମଣି ବିଦ୍ୟାରତ୍ନ
– ଲିପିନା ଜେନା ୦୯

ଶ୍ରୀଅରବିନ୍ଦ ଦର୍ଶନ ଓ ଚିତ୍ତରଂଜନ ଦାସ
– ଡ. ଇନ୍ଦ୍ରମଣି ସାହୁ ୧୫

ଓଡ଼ିଆ ସାହିତ୍ୟରେ ରେଙ୍ଗୁନ୍ ପ୍ରବାସ ଓ ପ୍ରବାସୀଙ୍କ ଚିତ୍ର
– ଡ. ବିଦ୍ୟୁତ୍‌ପ୍ରଭା ରାଉତ ୧୯

ଦେହ ଓ ଦହନ ପ୍ରସଙ୍ଗ ଗୋପୀନାଥ ମହାନ୍ତିଙ୍କ
ଉପନ୍ୟାସ : ଏକ ଆଲେଖ୍ୟ
– ଯୁଗୀରାମ ପୁଟେଲ ୨୭

୧୯୮୦ ପରବର୍ତ୍ତୀ ଓଡ଼ିଆ ପରିବେଶକୈନ୍ଦ୍ରିକ
(ପରିବେଶ ସଚେତନତାଧର୍ମୀ) ଉପନ୍ୟାସ
– ତୃପ୍ତିମୟୀ ଭୋଇ ୩୩

୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ : ସ୍ଥିତି ଓ ପରିବର୍ତ୍ତନ
– ଡ. ପ୍ରମିଳା ପାତ୍ର ୪୩

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ....................................................... ପିନ୍‌କୋର୍ଡ଼ ...............................

ମୋବାଇଲ୍ ନମ୍ବର ....................................... ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ...................................

ବ୍ୟାଙ୍କ୍......................................... ସ୍ଥାନ...................................................

ତାରିଖ...................................... ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), **Vol.- 9, Issue No.XI, February 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସମାଜ ସତର୍କ ଅନ୍ତର୍ଦୃଷ୍ଟି : ଫକୀରମୋହନ ପଦ୍ୟସୃଷ୍ଟି

## ଡକ୍ଟର ତ୍ରିଲୋଚନ ଜେନା

ପ୍ରସଙ୍ଗକୁ ଯିବା ପୂର୍ବରୁ ଏହି କଥା ସ୍ପଷ୍ଟ କରିଦେବା ଦରକାର ଯେ ସାହିତ୍ୟର ସ୍ରଷ୍ଟା ଜଣେ ସମାଜ ସଂସ୍କାରକ ନୁହେଁ, ସମାଜକୁ ସତର୍କ କରାଇବାକୁ ସେ ବାଧ୍ୟ ନୁହେଁ । ସମାଜ ସତର୍କ ନହେଲେ ତାର ସାହିତ୍ୟ ସୃଷ୍ଟି ଯେ ବୃଥା ତାହା ମଧ୍ୟ ନୁହେଁ; ମାତ୍ର ସେ ଯେ ସାମାଜିକ ପ୍ରାଣୀ ଆଉ ତାର ଜୀବନ ଓ ଚିନ୍ତନ ସମାଜ ସହ ଜଡ଼ିତ । ଫଳତଃ ସ୍ରଷ୍ଟାର ସାହିତ୍ୟ ସୃଷ୍ଟିରେ ସମାଜର ରୂପ ଝଲସି ଉଠିଥାଏ । ସେଥିପାଇଁ ବୋଧହୁଏ ଇଂରାଜୀରେ କୁହାଯାଇଛି – Literature is the mirror of soiety । ସ୍ରଷ୍ଟା ନିଜ ସାହିତ୍ୟ ସୃଷ୍ଟିକୁ ସମାଜର ଆଇନା ଭାବରେ ଟେକିଧରି ଅନ୍ୟମାନଙ୍କୁ ସମାଜର ଭଲମନ୍ଦ, ଭୂଲ୍‌ଠିକ୍ ଦେଖାଏ । ଅନ୍ୟପକ୍ଷରେ ବିଚାର କଲେ, ସାଧାରଣ ମଣିଷ ପାଇଁ ସମାଜ ଏକ ନିତ୍ୟ ନୈମିତ୍ତିକ କର୍ମକ୍ଷେତ୍ର । ମାତ୍ର ସ୍ରଷ୍ଟା ପାଇଁ ଏହି ସମାଜରେ ନିହିତ ଥାଏ ବହୁବିଧ ଦୃଶ୍ୟ ବୈଚିତ୍ର୍ୟ । ପ୍ରତ୍ୟେକ ସ୍ରଷ୍ଟା ସମାଜ ଜୀବନର ଏହି ବହୁବିଧ ଦୃଶ୍ୟ ବୈଚିତ୍ର୍ୟରୁ ଯେଉଁଟି ତାଙ୍କ ପାଇଁ ଅଧିକ ସଂବେଦନଶୀଳ ଓ ସାମାଜିକ ପ୍ରତିକ୍ରିୟା ଆହ୍ୱାନରେ ସମର୍ଥ କେବଳ ସେଇଟିକୁ ଗ୍ରହଣ କରନ୍ତି ଏବଂ ତାହାକୁ ନେଇ ନିଜ ଭାବନାର ରଙ୍ଗଦେଇ ସ୍ୱତନ୍ତ୍ର ଭାବରେ ଉପସ୍ଥାପିତ କରିଥାନ୍ତି । ଅନେକ ସମୟରେ ଏଥିରେ ନିହିତ ରହିଥାଏ ସମାଜକୁ ପରିବର୍ତ୍ତନ କରିବାର ପ୍ରୟାସ । ଏହି ଦୃଷ୍ଟିରୁ ଓଡ଼ିଆ ସାହିତ୍ୟକୁ ବିଚାର କଲେ, ଏଥିରେ ଯେତେବେଳେ ସମାଜ ପ୍ରସଙ୍ଗ ଲେଖକ ମାନସିକତା ସଂକ୍ରମିତ ହୋଇଛି ସେତେବେଳେ ତାର ଆଭିମୁଖ୍ୟ ହୋଇଛି ପ୍ରଚଳିତ ସମାଜଧାରାକୁ ପରିବର୍ତ୍ତନ କରିବା, ଲୋକମାନସକୁ ସଂସ୍କାର କରିବା, ସର୍ବୋପରି ସୁସ୍ଥ ସମାଜ ପରିକଳ୍ପନା କରିବା । ତେଣୁ ସମାଜ ଜୀବନରେ ଯେଉଁଠି କିଛି ତ୍ରୁଟି ସ୍ରଷ୍ଟାର ଦୃଷ୍ଟି ବଳୟକୁ ପ୍ରଭାବିତ କରେ ସେ ନିଜ ସୃଷ୍ଟିରେ ସେଥିପ୍ରତି ସତର୍କ ବାର୍ତ୍ତା ଉପସ୍ଥାପିତ କରିଥାଏ । ଏହି ଭିତ୍ତିରେ ଆମେ ଫକୀରମୋହନଙ୍କ ପଦ୍ୟ ସାହିତ୍ୟକୁ ଆଲୋଚନା କରିପାରିବା ।

କଥାସମ୍ରାଟ ଫକୀରମୋହନ ସେନାପତି ନିଜ ଗଦ୍ୟସୃଷ୍ଟି ପାଇଁ ଯେତିକି ଚର୍ଚ୍ଚିତ କାବ୍ୟକବିତା ରୂପକ କୋଣାର୍କର କଳା କାରିଗରୀ ପାଇଁ ସେତିକି ପ୍ରଶଂସନୀୟ ଓ ସ୍ମରଣୀୟ । ବ୍ୟାସକବି ଭାବରେ ଖ୍ୟାତ ଫକୀରମୋହନ ସେନାପତିଙ୍କ ପଦ୍ୟ ସୃଷ୍ଟି ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ଆସନର ଦାବି ରଖେ । ଗଦ୍ୟ ସାହିତ୍ୟ ପରି ପଦ୍ୟ ସାହିତ୍ୟରେ ମଧ୍ୟ ସେ ସମାଜ ସ୍ୱରୂପ ପ୍ରତି ଅଧିକ ତୀକ୍ଷ୍ଣ ଦୃଷ୍ଟି ପ୍ରକଟ କରିଛନ୍ତି । ଗଦ୍ୟପରି ପଦ୍ୟରେ ମଧ୍ୟ ଏହି ଅର୍ନ୍ତଦୃଷ୍ଟି ଶାଣିତ ଓ ତୀବ୍ର । ଫକୀରମୋହନଙ୍କ ପଦ୍ୟସୃଷ୍ଟିକୁ ସମାଜ ଜୀବନର ମଞ୍ଜୁଳ କାବ୍ୟ ପଞ୍ଜିକା କହିଲେ ଅତ୍ୟୁକ୍ତ ହେବ ନାହିଁ ।

ଫକୀରମୋହନଙ୍କ ପଦ୍ୟ ସାହିତ୍ୟରେ ସମକାଳୀନ ସମାଜର ପୃଷ୍ଠଭୂମିରେ ଗଢ଼ି ଚାଲିଥିବା ସମୟର କମ୍ପନ ଅତି ନିକଟତର ଭାବେ ଅନୁଭୂତ ହୁଏ । ତାଙ୍କର ସମାଜ-ସତର୍କ ଅନ୍ତର୍ଦୃଷ୍ଟି ସମୟର ଏହି ଦୃପ୍ତ ପଦପାତକୁ ଭେଦ କରିଛି । ସମାଜ ଜୀବନରେ ତାର ଦୁରାଚାରିତାକୁ ସ୍ୱୀକାର କରିଛି । ତତ୍‌କାଳୀନ ସମାଜ ଜୀବନରେ ନ'ଅଙ୍କ ଦୁର୍ଭିକ୍ଷର ପ୍ରଭାବ ହେଉ ଅବା ଭାଷାବିଲୋପ ଆନ୍ଦୋଳନର ସାମାଜିକ ପ୍ରତିକ୍ରିୟା ହେଉ ସବୁ ତାଙ୍କ ପଦ୍ୟ ସୃଷ୍ଟିରେ ରୂପପାଇଛି ।

ଫକୀରମୋହନଙ୍କ ପଦ୍ୟ ସାହିତ୍ୟ ସମାଜ ଜୀବନର ଅଧୋଗତିକୁ ପୁଞ୍ଜିକରି ଗଢ଼ି ଉଠିଛି । ଏଥିରେ ସମାଜ ଜୀବନରେ ସଂସ୍କାର ଅପେକ୍ଷା ରକ୍ଷଣଶୀଳତାର ଦୃଢ଼ ସମର୍ଥନ, ସମାଜ ଜୀବନରେ ଇଂରାଜୀ ଶିକ୍ଷା ସଭ୍ୟତାର ପ୍ରତିଫଳନ, ଶିଳ୍ପ ବିପର୍ଯ୍ୟୟ ଆଦି ବୈଚିତ୍ର୍ୟ ପରିଲକ୍ଷିତ ହୁଏ । ସାମାଜିକ ଜୀବନର ବିଭିନ୍ନ

ଦିଗର ଚିତ୍ର 'ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ', 'ବିଧବାର ଅଭିଶାପ', 'ରାମନାଥ କଥା', 'ଉତ୍କଳ କୃଷକ', 'ଭଣ୍ଡ ସନ୍ନ୍ୟାସୀ', 'ମୁଁ ହାଟ ବାହୁଡ଼ା. 'ଉତ୍କଳ ଭ୍ରମଣ', 'ଛିନ୍ନ ଭିନ୍ନ ଜନ୍ମଭୂମି' ଆଦି କବିତାରେ ରୂପ ପାଇଛି ।

ଫକୀରମୋହନଙ୍କ ପଦ୍ୟ ସାହିତ୍ୟରେ ସମୟର ସ୍ପନ୍ଦନ କ୍ରମେ ପ୍ରତିଫଳିତ ହୋଇଛି ସମାଜ ଜୀବନରେ ବେଶ୍ ହଇଚଇ ସୃଷ୍ଟି କରିଥିବା ଆଇନ୍ ଅଦାଲତ, ନୂତନ ବୁଦ୍ଧିଜୀବୀ ସଂପ୍ରଦାୟ ଓ ପାଶ୍ଚାତ୍ୟ ଶିକ୍ଷା ପ୍ରଭୃତିର ସ୍ୱରୂପ । ଏ ସବୁର ଚିତ୍ର ପ୍ରଦାନକୁ ଯଦି ବିଚାର କରି ଦେଖିବା ତେବେ ଏଥିରେ କେବଳ ଏକ ଏକ ସରଳରୈଖିକ ଚିନ୍ତାଧାରା ବା ବର୍ଣ୍ଣନା ନାହିଁ, ଅଛି ସ୍ଖଳିତ ସମାଜକୁ ସତର୍କ କରିବାର ଶୃଙ୍ଖଳିତ କରିବାର ଏକ ସକରୁଣ ଆହ୍ୱାନ । ଏହାର ଉଦାହରଣ ଭାବରେ ଆମେ 'ଉତ୍କଳ ଭ୍ରମଣ'ର ଏହି ପଦ୍ୟାଂଶକୁ ବିଚାର କରିପାରିବା । କବିଙ୍କ ଭାଷାରେ –

"ପଢ଼ ଇଂରେଜୀ କେହି ମନା କରୁନାହିଁ
କିନ୍ତୁ ବାପା କାମ କର ଜାତିକୁଳ ଚାହିଁ
ଘୃଣା କରୁଅଛ ମାତୃଭାଷା ପଢ଼ିବାକୁ
ହାୟ ହାୟ ଲାଜକଥା କହିବି କାହକୁ"

ବାସ୍ତବିକ କବିଙ୍କ ବର୍ଣ୍ଣନାରେ କେବଳ ଭାଷାପ୍ରତି ରୂପ ପାଇନାହିଁ ବରଂ ଭାଷା ବିଲୋପ ପ୍ରତି ସତର୍କ ସୂଚନା ମଧ୍ୟ ଅନ୍ତରାଳରେ ପ୍ରକଟିତ ହୋଇଛି ।

ଫକୀରମୋହନଙ୍କ ସମକାଳୀନ ଓଡ଼ିଶାର ସମାଜ – ଜୀବନ ରକ୍ଷଣଶୀଳତା ଓ କୁସଂସ୍କାରେ ଆକ୍ରାନ୍ତ ଥିଲା । ସଂସ୍କାର ପାଇଁ ଏ କ୍ଷେତ୍ରରେ ଅବଶ୍ୟ ପରବର୍ତ୍ତୀ କାଳରେ ବ୍ୟକ୍ତିବିଶେଷଙ୍କୁ ଅଶେଷ ସଂଗ୍ରାମ କରିବା ପାଇଁ ପଡ଼ିଥିଲା । ଫକୀରମୋହନ ଥିଲେ ସମାଜ ଜୀବନକୁ ନିରୀକ୍ଷଣ କରିବାର ସାର୍ଥକ ଶିଳ୍ପୀ । ତେଣୁ ସମାଜ ଜୀବନରେ ଥିବା ଦୋଷଦୁଷ୍ଟ ଦିଗ ପ୍ରତି ସେ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ଓ ସେସବୁକୁ ହିଁ ଚମତ୍କାର ଭାବରେ ନିଜ ପଦ୍ୟ ସାହିତ୍ୟରେ ରୂପାୟିତ କରିଛନ୍ତି । ସମାଜରେ ଧର୍ମନାରେ ଥିବା ନାନା କୁସଂସ୍କାର ପ୍ରତି ସତର୍କ ସୂଚନା ଦେବାକୁ ଯାଇ ସେ 'ଭଣ୍ଡ ସନ୍ନ୍ୟାସୀ' ପଦ୍ୟରେ ସନ୍ନ୍ୟାସୀଙ୍କର ଉତ୍ପୀଡନକୁ ସାର୍ଥକ ଭାବରେ ଉପସ୍ଥାପିତ କରିଛନ୍ତି । ସାହୁକାରମାନଙ୍କର ଶୋଷଣ ଓ ତା' ବିରୁଦ୍ଧରେ ପ୍ରତିକ୍ରିୟା ହୀନ କୃଷକ ସମାଜର ମନୋଭାବରେ ନିହିତ ରକ୍ଷଣଶୀଳତାର ଶବ୍ଦଚିତ୍ର ତାଙ୍କ 'ଉତ୍କଳ କୃଷକ' ପଦ୍ୟରେ ସ୍ପଷ୍ଟ । କବିଙ୍କ ଭାଷାରେ –

"ଖଳା ମୁଣ୍ଡେ ଆସି ଜଗି ବସିଥିବ ସାହୁ
ଘେନିଯାଏ ଅଧେ, ମୂଳ କଳନ୍ତର ଆଉ
ପଣ ପଣୁ ଅଧିକରେ ଯାଏ ରାଜ କରେ
ବଳକା ମୁଠାକ ମାତ୍ର ପଶେ ଆସି ଘରେ"

ଏହିପରି ଫକୀରମୋହନଙ୍କ ଅନେକ କବିତାରେ ସମାଜ ଜୀବନର ସତର୍କତା ରୂପାୟିତ । ସମାଜ ଜୀବନରେ ଥିବା ଅନ୍ଧବିଶ୍ୱାସ, ବ୍ରାହ୍ମଣମାନଙ୍କ ଉତ୍ପୀଡନ, ସଂକୀର୍ଣ୍ଣ ଧର୍ମଧାରଣା, ଶଠତା, ଭଣ୍ଡସନ୍ନ୍ୟାସୀଙ୍କ କୁତ୍ସିତ ଆଚରଣ ଆଦିକୁ ତାଙ୍କ ପଦ୍ୟ ସାହିତ୍ୟରେ ରୂପ ଦେଇଛନ୍ତି । ସଂସ୍କାରକାମୀ ପାଶ୍ଚାତ୍ୟ ସଭ୍ୟତା ପ୍ରଭାବିତ ଯୁବଚିତ୍ତର ସଂଶୟାତ୍ମକ କାର୍ଯ୍ୟକଳାପ ଅପରପକ୍ଷେ ପରମ୍ପରାଗ୍ରସ୍ତ ସମାଜର ବିଗାର ମନୋଭାବ ତତ୍କାଳୀନ ସମାଜ ଜୀବନକୁ ଯେ କୁତ୍ସିତ, ଦୟନୀୟ ନିର୍ଯ୍ୟାତିତ, ତଥା ଅନେକ ଅଶ୍ରଦ୍ଧା ଭାବରେ ବ୍ୟଞ୍ଜିତ କରିଦେଇଥିଲ. ଏହାର ଚିତ୍ର ସହ ଏଥିପ୍ରତି ସାମାଜିକ ସତର୍କତା ତାଙ୍କ ପଦ୍ୟ ସାହିତ୍ୟରେ ଯଥେଷ୍ଟ ପରିମାଣରେ ମିଳିଥାଏ । ଏହା ସହିତ ତାଙ୍କ ପଦ୍ୟ ସାହିତ୍ୟରେ ମଦ୍ୟପାନ, ବେଶ୍ୟାବୃତ୍ତି, ପରସ୍ୱହରଣ, ଧର୍ମ ଓ ଶାସ୍ତ୍ରନାମରେ ଶୋଷଣ, ନିରୀହ ଅସହାୟ ମଣିଷଙ୍କ ଜୀବନ ଯାତ୍ରାକୁ କିପରି ଦୁର୍ବିସହ କରିଦେଇଥିଲା, ତାର ବର୍ଣ୍ଣନା ଓ ଏହିସବୁ ଅପ୍ରଚାର ବିରୁଦ୍ଧରେ ସତର୍କତା ପାଇଁ ଏବଂ ସଂସ୍କାର ପାଇଁ ପ୍ରୟାସ କରିଥିବାର ମଧ୍ୟ ଲକ୍ଷ୍ୟ କରାଯାଏ । ସମୟର ସ୍ୱଚ୍ଛତାକୁ ଆଖିଆଗରେ ରଖି ଏହି ପ୍ରବନ୍ଧରେ ଫକୀରମୋହନଙ୍କ ପଦ୍ୟ ସାହିତ୍ୟରେ ସମାଜ ସତର୍କ ଅର୍ନ୍ତଦୃଷ୍ଟିକୁ ସଂକ୍ଷେପ୍ରର ଆଲୋଚନା କରାଗଲା ।

ଅଧ୍ୟାପକ (ଓଡ଼ିଆ ବିଭାଗ)
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X (P), **Vol.- 9, Issue No.XI, February 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# 'ଉତ୍କଳ ମଧୁପ' ଓ ସମ୍ପାଦକ ନୀଳମଣି ବିଦ୍ୟାରତ୍ନ

**ଲିପିନା ଜେନା**

ସମ୍ବଲପୁର ହିତୈଷିଣୀ, ପ୍ରଜାବନ୍ଧୁ, ଗଞ୍ଜାମ ଗୁଣଦର୍ପଣ, ଉତ୍କଳ ଦୀପିକା ପତ୍ରିକାର ସମ୍ପାଦକ ସହିତ ନୀଳମଣି ବିଦ୍ୟାରତ୍ନ 'ଉତ୍କଳ ମଧୁପ' ନାମକ ଏକ ମାସିକ ପତ୍ରିକା ସମ୍ପାଦନା କରୁଥିଲେ । 'ଆଲୋଚନା' ପତ୍ରିକା ପ୍ରକାଶ ପାଇବାର ତିନିମାସ ପରେ ୧୯୦୦ ମସିହା ଜୁନ୍ ମାସରେ ବାମଣ୍ଡା ରାଜଧାନୀ ଦେବଗଡରୁ ଆଠପୃଷ୍ଠା ବିଶିଷ୍ଟ ଏହି ମାସିକ ପତ୍ରିକାଟି ପ୍ରକାଶ ଲାଭ କରିଥିଲା । ମଧୁମକ୍ଷିକା ଯେପରି ବହୁ ପୁଷ୍ପରୁ ମଧୁ ସଂଗ୍ରହ କରି ମଧୁଚକ୍ର ନିର୍ମାଣ କରିଥାଏ, ନୀଳମଣି ସେହିପରି ନାନା ପୁସ୍ତକ ଓ ପତ୍ରିକାରୁ ସାର ସଂଗ୍ରହ କରି 'ଉତ୍କଳ ମଧୁପ' ପତ୍ରିକା ପ୍ରକାଶ କରୁଥିଲେ । ତେଣୁ ଏହାକୁ ଜ୍ଞାନବିଜ୍ଞାନ ସଂଗ୍ରହ (Digest) ଜନିତ ପତ୍ରିକା କୁହାଯାଉଥିଲା । "ପଣ୍ଡିତ ବିଦ୍ୟାରତ୍ନ ହିନ୍ଦୀ, ବଙ୍ଗଳାଦି ଭାଷାର ଗ୍ରନ୍ଥ ଓ ପତ୍ରିକାରୁ ଏହି ତଥ୍ୟ ବା ତତ୍ତ୍ୱମାନ ସଂଗ୍ରହ କରି ଆଣୁ ଥିଲେ ।"[୧] 'ନୀଳମଣି ଓଡିଆ, ବଙ୍ଗଳା, ହିନ୍ଦୀ ଆଦି ଭାଷାରେ ସୁନିପୁଣ ଥିଲେ । ସେ ଯେକୌଣସି ଭାଷାର ପୁସ୍ତକ ପତ୍ରିକା ପାଇଲେ ତାହା ଅମୂଳାନ୍ତ ପାଠ କରି ତହିଁରୁ ବିବିଧ ତତ୍ତ୍ୱ ସଂଗ୍ରହ କରି ଲେଖି ରଖୁଥିଲେ । ତାହା ସମୟକ୍ରମେ 'ଉତ୍କଳ ମଧୁପ'ରେ ପ୍ରକାଶ କରୁଥିଲେ ।"[୨] ବିଦ୍ୟାରତ୍ନଙ୍କ 'ଉତ୍କଳ ମଧୁପ' ପତ୍ରିକାର ଆବିର୍ଭାବ ଓଡିଶାର ସାମ୍ବାଦିକତା କ୍ଷେତ୍ରରେ ଥିଲା ଏକ ଯୁଗାନ୍ତକାରୀ ପଦକ୍ଷେପ । ପତ୍ରିକାର ଆଦର୍ଶ ଥିଲା –

ଅନନ୍ତ ଶାସ୍ତ୍ରଂ ବହୁବେଦିତବ୍ୟଂ ସ୍ୱଳ୍ପଶ୍ଚ କାଲୋ ବହବଶ୍ଚବିଘ୍ନାଃ
ଯତ୍ ସାରଭୂତଂ-ମଧୁପସ୍ତଦସ୍ମାଦ୍ ଗୃହଣାତି ପୁଷ୍ପାଦିବ ପୁଷ୍ପସାରଂ ।

ଏହାର ଆଦର୍ଶ ଭାବରେ ଭାଗବତର ଗୋଟିଏ ପଦପ୍ରଚାର କରାଯାଉଥିଲା –

ଅଣୁଭ୍ୟଶ୍ଚ ମହଦ୍ଭ୍ୟଶ୍ଚ ଶାସ୍ତ୍ରେଭ୍ୟଃ କୁଶଳୋନରଃ
ସର୍ବତଃ ସାରମାଦଦ୍ୟାତ୍ ପୁଷ୍ପେଭ୍ୟ ଇବ ଷଟ୍‌ପଦଃ ।

"ଭୃଙ୍ଗ ଯେପରି ସକଳ ପୁଷ୍ପରୁ ସାର ଗ୍ରହଣ କରେ, ସେହିପରି ଧୀରବ୍ୟକ୍ତି କ୍ଷୁଦ୍ର ଓ ମହତ୍ ସକଳ ଶାସ୍ତ୍ରରୁ ସାର ଗ୍ରହଣ କରିବେ ।" (ଭାଗବତ-୧୧/୮)

ବିବିଧ ବିଷୟକ ଏହି ମାସିକ ପତ୍ର ଦେବଗଡରୁ ପ୍ରକାଶ ପାଉଥିଲା ବେଳେ ଏହାର ବାର୍ଷିକ ମୂଲ୍ୟ ଟ. ୦.୫୦ ଓ ଡାକମାସୁଲ ଥିଲା ଟ. ୦.୧୫ ପଇସା, କିନ୍ତୁ ଏହା ସର୍ବସାଧାରଣ ନିମନ୍ତେ ବାର୍ଷିକ ମୂଲ୍ୟ ଦେୟ ଟ. ୦.୬୯ ପଇସା ଥିଲା । ମାତ୍ର ସ୍ଥାନ ପରିବର୍ତ୍ତନ ହେତୁ ବିଭିନ୍ନ ସମୟରେ ଏହାର ମୂଲ୍ୟ ପରିବର୍ତ୍ତନ ହୋଇଥିଲା । ପତ୍ରିକାଟିରେ ନୀତିବାକ୍ୟ, ସଦୁପଦେଶ, ଦ୍ରବ୍ୟଗୁଣ, ବିଚିତ୍ର ବାର୍ତ୍ତା, ସାଧୁ-ଦୃଷ୍ଟାନ୍ତ, ମହାଜନ ଚରିତ, ସ୍ୱାସ୍ଥ୍ୟତତ୍ତ୍ୱ, କୃଷି ପ୍ରଣାଳୀ, ରାସାୟନିକ ପ୍ରକରଣ, ସରଳ ଜ୍ୟୋତିଷ, ସହଜ ଚିକିତ୍ସା, ସ୍ମରଣୀୟ ଘଟଣାବଳୀ, ବ୍ୟବସାୟ ସଂକ୍ରାନ୍ତୀୟ ନାନା କଥା, ରନ୍ଧନ ବିବରଣ, କୌତୁକ ପ୍ରସଙ୍ଗ, ଶାସ୍ତ୍ରୀୟ ଅନୁଶାସନ, ଉଦାହରଣ ଉପଯୋଗୀ ଶ୍ଳୋକମାନ, ସଙ୍ଗୀତ, ଦେଶାଚାର, ପ୍ରବାଦ ବାକ୍ୟ ପ୍ରଭୃତି ଜ୍ଞାତବ୍ୟ ବିଷୟ ପ୍ରକାଶିତ ହେଉଥିଲା । ତେଣୁ ପତ୍ରିକାଟିର ନାମକରଣ ଯଥାର୍ଥ ହୋଇଥିଲା ।

"ବାମଣ୍ଡା ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ 'ଉତ୍କଳ ମଧୁପ' ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ 'ଉତ୍କଳ ମଧୁପ'ର ଫେବୃଆରୀ ଓ ମାର୍ଚ୍ଚ ସଂଖ୍ୟା ୧୯୧୬ ଖ୍ରୀଷ୍ଟାବ୍ଦରେ – 'ଉତ୍କଳ ମଧୁପ' ଧରଣର ମାସିକ ପତ୍ର ଭାରତରେ ପ୍ରଚାରିତ ଥିବା ମୋ ଚକ୍ଷୁରେ ପଡି ନାହିଁ । ଆମେରିକାର ଏକଖଣ୍ଡ ସାପ୍ତାହକ ପତ୍ରର ଅନୁକରଣରେ 'ଉତ୍କଳମଧୁପ'ରେ ଜ୍ଞାତବ୍ୟ ବିଷୟ ସନ୍ନିବେଶିତ ହେଉଥିବାର ଦେଖି ବଡ ସୁଖୀ ହେଲି । ଉକ୍ତ ପତ୍ରିକା ସମସ୍ତଙ୍କ ପକ୍ଷେ ପଠନୋପଯୋଗୀ ।"[୩] "ସେହି ସଂଖ୍ୟାରେ ସୋନପୁରର ତତ୍କାଳୀନ ରାଜା ବୀରମିତ୍ରୋଦୟ ସିଂହଦେବ ମଧ ଲେଖିଥିଲେ –

ଆମ୍ଭେ ଶ୍ରୀଯୁକ୍ତ ନୀଳମଣି ମିଶ୍ର ବିଦ୍ୟାରତ୍ନଙ୍କ ସମ୍ପାଦିତ 'ଉତ୍କଳମଧୁପ' ପାଠ କରି ଆହ୍ଲାଦିତ ହୋଇଅଛୁ । ଏହି ପତ୍ରିକାର 'ମଧୁପ' ନାମ ସାର୍ଥକ ଅଟେ । ଏଥିରେ ଅନେକ ଗ୍ରନ୍ଥର ଏବଂ ଅନେକ ସ୍ଥାନର ସାର ଓ ଶିକ୍ଷଣୀୟ ଅଥଚ କୌତୁକାବହ ବିଷୟ ସଞ୍ଚିତ ହୋଇଥାଏ । 'ଉତ୍କଳମଧୁପ' ସମସ୍ତ ଶ୍ରେଣୀର ଲୋକବର୍ଗଙ୍କ ପାଠପୋଯୋଗୀ ଅଟେ । ଆମ୍ଭେ ବିଦ୍ୟାରତ୍ନଙ୍କ ଉଦ୍ୟମ ଓ ଅଧ୍ୟବସାୟ ଦେଖି ସୁଖୀ ହୋଇଛୁ ।"(୪) "ପାରଳା କଲେଜର ଶିକ୍ଷକ ଶ୍ରୀ ଅପନ୍ନା ପଣ୍ଡା ମଧ୍ୟ ମତ ପ୍ରକାଶ କରିଥିଲେ – ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କ ମାସିକ 'ମଧୁପ' ପତ୍ରିକା – ଯଥାର୍ଥରେ ମଧୁପ ଯେପରି ବିବିଧ ପୁଷ୍ପରୁ ମଧୁ ସଞ୍ଚୟ କରେ, 'ମଧୁପ'ରେ ମଧ୍ୟ ସେହପରି ସାଂସାରିକ ସକଳ ବିଷୟ ସଞ୍ଚିତ ହୋଇଅଛି । ଏହିପରି ଜ୍ଞାନଗର୍ଭକ ପତ୍ରିକା ପାଠ କଲେ ସାଂସାରିକ ବିଷୟ ଜ୍ଞାତ ହେବାରେ ମନୁଷ୍ୟର କିଞ୍ଚିତ ହେଲେ ତ୍ରୁଟି ରହିବ ନାହିଁ । ଅତଏବ ମୋ ମତରେ ଏହି ପତ୍ରିକା ଉତ୍କଳର ଆବାଳ ବୃଦ୍ଧବନିତାଙ୍କ ପାଠୋପଯୋଗୀ ଅଟେ ।"(୫) ଏଥିସହିତ ରାଧାନାଥ ମଧ୍ୟ 'ଉତ୍କଳମଧୁପ' ସମ୍ପର୍କରେ ମତ ଦେଇ କହିଥିଲେ "ଜ୍ଞାନର ପେଡା ସଭିଙ୍କି ଲୋଡା, ସଭିଏଁ ପାଇବେ ଥୋଡା ଥୋଡା ।" ଯାହାକି ପତ୍ରିକାଟିର ତୃତୀୟ ସଂଖ୍ୟା ଠାରୁ ଗୋଟିଏ ଶ୍ଳୋକ ସହିତ ମୁଦ୍ରିତ କରାଯାଇଥିଲା ।

ଏତଦ୍‌ବ୍ୟତୀତ 'ଉତ୍କଳମଧୁପ' ସମ୍ବାଦରେ ନଭେମ୍ବର ୧୯୧୫ ଖ୍ରୀ. ୬ଷ୍ଠ ଭାଗ ୪ର୍ଥ ସଂଖ୍ୟାରେ ଦିଆଯାଇଥିବା ମନ୍ତବ୍ୟଗୁଡିକ ଏଠାରେ ଉଦ୍ଧାର କରାଯାଇପାରେ ।

ତା. ୨୫/୯/୧୯୧୫ 'ଉତ୍କଳବାର୍ତ୍ତା' – "ଏଥିରେ ଗୃହସ୍ଥମାନଙ୍କର ଉପଯୋଗୀ ବିବିଧ ଜ୍ଞାତବ୍ୟ ବିଷୟମାନ ପ୍ରକାଶିତ ହେଉଅଛି । ଏହା ଉତ୍କଳର ଗୃହେ ଗୃହେ ପ୍ରଚାରିତ ହେଉ ।"

ତା. ୨/୧୦/୧୯୧୫ "ସମ୍ବଲପୁର ହିତୈଷିଣୀ' – "ଏଥିରେ ଜୀବନ ପଥର ସହାୟକ କୃଷି, ଶିଳ୍ପ, ବିଜ୍ଞାନ ଓ ନୀତି ବିଷୟକ ସାର ସଂଗ୍ରହ କରାଯାଉଥିବାରୁ ପତ୍ରିକା ଖଣ୍ଡିକ ବଡ ଉପାଦେୟ ଓ ସୁପାଠ୍ୟ ହୋଇଅଛି ।"

ତା. ୧୦/୧୧/୧୯୧୫ – ଶ୍ରୀ ଫକୀର ମୋହନ ସେନାପତି – "ଗତ ସଂଖ୍ୟା ମଧୁପ ପଢି ଅତ୍ୟନ୍ତ ଆନନ୍ଦିତ ହେଲି । ମୁଁ ଆଶା – ବିଶ୍ୱାସ କରେ ଏହା ପତ୍ରିକା ସମ୍ପାଦକୀୟ ସଭାରେ ଆପଣଙ୍କ ପ୍ରାଚୀନ ଆଦିମ ଦୃଢ ଆସନକୁ ଦୃଢତର କରାଇବାକୁ ସକ୍ଷମ ହେବ ।"

ତା. ୨/୧୧/୧୯୧୫ – ଶ୍ରୀ ଶ୍ରୀବତ୍ସ ପଣ୍ଡା – "ଆପଣ ଫେରେ ଉତ୍କଳମଧୁପ ପ୍ରକାଶ କରି ଉତ୍କଳର ମହୋପକାର ସାଧନ କରୁଅଛନ୍ତି । ଆପଣଙ୍କ ଉତ୍ସାହ ଓ ଅଧ୍ୟବସାୟକୁ ଅଶେଷ ଧନ୍ୟବାଦ । ମୁଁ ଏଇ ସଂଖ୍ୟା ପାଇ ଅତ୍ୟନ୍ତ ଆପ୍ୟାୟିତ ।"

ତା. ୯/୮/୧୯୧୫ – ଶ୍ରୀ ଭଗବାନ ପଟ୍ଟନାୟକ – "ଉତ୍କଳ ମଧୁପର ନୂତନ ପର୍ଯ୍ୟାୟ ମୁଁ ଉତ୍ତମ ରୂପେ ଦେଖିଅଛି, ଏହି ପତ୍ରିକା ଅଜ୍ଞମାନଙ୍କର ବହୁ ଦର୍ଶିତା ବୃଦ୍ଧି ବିଷୟେ ସାହାଯ୍ୟ କରିପାରିବ ଏବଂ ବାଳକ ବାଳିକାମାନଙ୍କ ହସ୍ତରେ ନିରାପଦରେ ଦିଆ ଯାଇପାରିବ । ଆଶା କରେ ଯେଉଁମାନେ ମୋହର ମତ ପ୍ରତି ଆସ୍ଥା ସ୍ଥାପନ କରନ୍ତି ସେମାନେ ଏହା ଶ୍ରଦ୍ଧାପୂର୍ବକ ଗ୍ରହଣ କରି ପ୍ରଚାର ବିଷୟରେ ଚେଷ୍ଟା କରିବେ ।"

'ଉତ୍କଳ ମଧୁପ' ପତ୍ରିକାର କ୍ଷଣ ଶରୀର ଓ ଅସୀମ ବଳ ସତ୍ତ୍ୱେ ଏଥିରୁ ପାଠକ ନାନା ବିଷୟରେ ଅଭିଜ୍ଞତା ଲାଭ କରୁଥିଲେ । କବି ଦୀନବନ୍ଧୁ ଗଡନାୟକଙ୍କ ମତରେ – "ଆପଣଙ୍କ ଲେଖନୀ ପ୍ରସୂତ 'ଉତ୍କଳମଧୁପ' ବାରମ୍ବାର ପାଠ କରିବାକୁ ମନ ସ୍ୱତଃ ଧାବିତ ହୁଏ । ଏକ ନୂତନ ରୁଚି ନେଇ ଏହା ପ୍ରକାଶ ପାଉଥିଲା । ସେଥିସକାଶେ ଉତ୍କଳର ସବୁ ଶ୍ରେଣୀର ପାଠକ ଏହାକୁ ଆଦର କରୁଥିଲେ । ନାନା ପୁସ୍ତକ ଓ ପତ୍ରିକାରୁ ସାର ସଂଗୃହୀତ ହୋଇ ଏହି ପତ୍ରିକାରେ ପ୍ରକାଶିତ ହେଉଥିଲା ।" ଏହାର ରୁଚି ସମ୍ପର୍କରେ ଦୀନବନ୍ଧୁ ଗଡନାୟକ ଲେଖିଛନ୍ତି –

"କି ବର୍ଣ୍ଣିବି ତୋ ମହିମା 'ଉତ୍କଳ-ମଧୁପ'
ଅଟୁ ତୁ ସାହିତ୍ୟାକାଶେ ବିମଳ ଉଡୁପ ।
ଧରଣୀ ଜନନୀ ସୁଖ ଉଜ୍ଜ୍ୱଳ କରଣେ,
ତୋହ ସମ ଅଛି କିଏ ଉତ୍କଳ-ଭୁବନେ ।"(୬)

ସମ୍ବଲପୁର ହାଇସ୍କୁଲର ତଦାନୀନ୍ତନ ଶିକ୍ଷକ ଲକ୍ଷ୍ମଣ ମିଶ୍ରଙ୍କ ମତରେ ଏହା 'ଗୃହସ୍ଥ ଜୀବନ' ସଦୃଶ ପ୍ରତିଭାତ ହେଲା । ଅଳ୍ପ ମୂଲ୍ୟରେ ଖୁବ୍ ଶୀଘ୍ର ନାନା ବିଷୟରେ ଅଭିଜ୍ଞତା ଲାଭ କରିପାରୁଥିବା ପତ୍ରିକାଟି ନୀତିତତ୍ତ୍ୱ ସମ୍ବଳିତ ତଥ୍ୟପୂର୍ଣ୍ଣ ହେତୁ ମତର ଦୃଢ ପରିବର୍ତ୍ତନ ସହଜରେ ସାଧନ କରିପାରୁଥିଲା । ଆକାରରେ କ୍ଷୁଦ୍ର ଏହି ପତ୍ରିକାଟି

କେତେକ ଉତ୍କୃଷ୍ଟ ଓ ବିବିଧ ଉପଦେଶ ଗର୍ଭକ ବିଷୟରେ ପରିପୂର୍ଣ୍ଣ ଥିବାରୁ ଜନପ୍ରିୟତା ଲାଭ କରି ପାରିଥିଲା । ସାହିତ୍ୟ, ବ୍ୟାକରଣ, ଇତିହାସ, ଧର୍ମ, ନ୍ୟାୟ, ଜ୍ୟୋତିଷ, ସ୍ୱାସ୍ଥ୍ୟ ଆଦି ନାନା ବିଷୟରେ ନିପୁଣ 'ଉତ୍କଳ ମଧୁପ'ର ସମ୍ପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ କେତେକ ଲେଖା ଏହି ପତ୍ରିକାରେ ରହିଛି । ପତ୍ରିକାର ୫ମ ଭାଗ ୩ୟ ସଂଖ୍ୟାରେ ବିସୂଚିକା ରୋଗର ଚିକିତ୍ସା ପାଇଁ ପରୀକ୍ଷିତ ଔଷଧ ସ୍ୱରୂପେ ବିଦ୍ୟାରତ୍ନ ଲେଖିଛନ୍ତି - ଅରଖ ଚେରର ଛାଲି ୮ ଭାଗ, ହଳଦୀ ଚୂର୍ଣ୍ଣ ୪ ଭାଗ, ପିପ୍ପଳୀ ଚୂର୍ଣ୍ଣ ୪ ଭାଗ, ସିପଚୂନ ଏକ ଭାଗ ଏକତ୍ର କରି ପଥର ଖଲରେ ଅଦାରସ ଦ୍ୱାରା ୨୪ ଘଣ୍ଟା କାଳ ମର୍ଦ୍ଦନ କରିବା ଆବଶ୍ୟକ । ତଦନନ୍ତର ପ୍ରାୟ ୩ ରତି ମାତ୍ରାରେ ବଟିକା ପ୍ରସ୍ତୁତ କରି ରଖିବ । ବିସୂଚିକା ରୋଗର ଆବିର୍ଭାବ ସମୟରେ ପେଟ ପୀଡାର ସୂତ୍ରପାତ ହେଲେ ବା ତରଳ ଝାଡା ହେଲେ ପ୍ରଥମ ଝାଡା ପରେ ଗୋଟଏ ବା ଦିଓଟି ବଟିକା ଶୀତଳ ଜଳ ସହିତ ସେବନ କରିବ । ଉଦରାମୟ ଓ ବିସୂଚିକାର ପ୍ରଥମାବସ୍ଥାରେ ଉକ୍ତ ଔଷଧ ପ୍ରୟୋଗ କଲେ ଆଉ ଭୟର କାରଣ ରହିବ ନାହିଁ । ତଥାପି ପ୍ରତ୍ୟେକ ବାର ଝାଡା ପରେ ଗୋଟିଏ ଗୋଟିଏ ସେବନ କଲେ ନିଶ୍ଚୟ ରକ୍ଷା ପାଇବ ବୋଲି ଡାକ୍ତର ଅନୁକୂଳଚନ୍ଦ୍ର ବିଶାରଦ ପ୍ରକାଶ କରି କହି ଅଛନ୍ତି- ଉକ୍ତ ଉପାଦେୟ ଔଷଧଟି ସାଧାରଣ ମୁଷ୍ଟିଯୋଗ ନୁହେଁ । ବରୋଦା ରାଜ୍ୟରେ ବିସୂଚିକା ରୋଗ ସଂକ୍ରମଣ ହେବା ସମୟରେ ଏହି ଔଷଧଟି ବ୍ୟବହୃତ ହୋଇଥିଲା । ତହିଁରେ ସୁଫଳ ଫଳିବାରୁ ୨୫ ବର୍ଷ ହେଲା ତାହା ଅବ୍ୟର୍ଥ ମହୋଷଧି ରୂପେ ବ୍ୟବହୃତ ହୋଇ ଆସୁଅଛି ।

୧୯୧୬ ମେ, ଷଷ୍ଠଭାଗ ୧୦ମ ସଂଖ୍ୟାରେ 'ମରୀଚିକା' ସମ୍ପର୍କରେ ସେ ଲେଖିଛନ୍ତି - "ଜଳପାଇ ଗୁଡିକର ଓକିଲ ଶ୍ରୀ ଦୁର୍ଗାଚରଣ ସାନ୍ୟାଲ 'ସମୟ' ପତ୍ରିକାରେ ପ୍ରକାଶ କରିଅଛନ୍ତି । 'କେବଳ ଯେ ମରୁଭୂମିରେ ମରୀଚିକା ଦେଖାଯାଏ, ତାହା ଭ୍ରମ ବିଶ୍ୱାସ; ଯେଉଁଠାରେ ଅତିଶୁଷ୍କ ଭୂମିରୁ ବାଷ୍ପରୂପେ ଜଳକଣା ଉଠେ ସେହି ସ୍ଥାନରେ ମରୀଚିକା ଦେଖା ଯାଇଥାଏ । ଉକ୍ତ ଲେଖକ ମରୀଚିକା ସମ୍ବନ୍ଧରେ ବହୁ ପ୍ରକାର ଅନୁସନ୍ଧାନ କରି ଯାହା ସ୍ଥିର କରିଅଛନ୍ତି, ତାହା ନିମ୍ନରେ ପ୍ରକାଶ କରାଯାଉଅଛି ।

(୧) ମରୀଚିକା ସକଳ ଲୋକଙ୍କର ବା ସମସ୍ତ ଜନ୍ତୁଙ୍କ ଚକ୍ଷୁରେ ଭ୍ରମ ଉତ୍ପାଦନ କରେ ନାହିଁ ।

(୨) ଯେଉଁମାନଙ୍କର ଭ୍ରାନ୍ତି ଜାତ ହୁଏ, ସେମାନେ ମଧ୍ୟ ଠିକ୍ ଏକପ୍ରକାର ଦୃଶ୍ୟ ଦେଖନ୍ତି ନାହିଁ ।

(୩) ଯେଉଁମାନେ ମରୀଚିକାକୁ ଭ୍ରମ ବୋଲି ବିଶ୍ୱାସ କରନ୍ତି, ସେମାନେ ସୁଦ୍ଧା ମରୀଚିକା ଦର୍ଶନ କରିଥାନ୍ତି ।

(୪) ଶୁଷ୍କ ଭୂମିରେ ପ୍ରଖର ରୌଦ୍ର ସମୟରେ ମରୀଚିକା ଦୃଷ୍ଟ ହୋଇଥାଏ ।

(୫) ମରୀଚିକା ଦେଖି ଚକ୍ଷୁ ଧୌତ କଲେ ମରୀଚିକା ଅଦୃଶ୍ୟ ହୁଏ ।

(୬) ମରୀଚିକା ଦେଖି ଦେଖି ଯେତେଦୂର ଅଗ୍ରସର ହେବ, ମରୀଚିକା ମଧ୍ୟ ତେତିକି ଦୂର ଘୁଞ୍ଚିଯିବ ।

(୭) କ୍ଷୁତ୍‌ପିପାସା ନଥିଲେ ସୁଦ୍ଧା ମରୀଚିକା ଦେଖା ଯାଇଥାଏ ।"[୭]

'ଉତ୍କଳ ମଧୁପ'ର ୮ମ ଭାଗ ୭ମ ସଂଖ୍ୟାରେ 'ରଙ୍ଗ ପ୍ରସଙ୍ଗ'ରେ ସମ୍ପାଦକ ଲେଖିଛନ୍ତି - "ଆମ୍ଭମାନଙ୍କ ମନର ସହିତ ଜଗତର ନାନା ବର୍ଣ୍ଣର ବିଚିତ୍ର ରଙ୍ଗର ଗୋପନ ସମ୍ବନ୍ଧ ଅଛି । କୌଣସି ଲୋକଙ୍କୁ ଯଦି ଗୋଟାଏ ଲାଲ ରଙ୍ଗର ଘର ମଧ୍ୟରେ ଦିନେ ଦୁଇଦିନ ବନ୍ଦ କରି ରଖାଯାଏ, ତେବେ ସେ ପାଗଳ ହୋଇଯିବ । ଯଦି ନୀଳ ବା ସବୁଜ ବର୍ଣ୍ଣ ରଙ୍ଗରେ ରଞ୍ଜିତ ଗୃହରେ ଅଧିକ କ୍ଷଣ ଅବସ୍ଥାନ କରାଯାଏ, ତେବେ ଚକ୍ଷୁ ଶୀତଳ ରହେ । ପ୍ରଭାତରେ ଶଯ୍ୟା ତ୍ୟାଗ କରି ଶୁଭ୍ର ଉଜ୍ଜ୍ୱଳ ଅରୁଣାଲୋକରେ ବହିର୍ଗତ ହେଲେ, ହୃଦୟ ଆନନ୍ଦରେ ନାଚି ଉଠେ, ଦେହ ଓ ମନରେ ନବ ବଳର ସଞ୍ଚାର ହୁଏ ଏବଂ କାର୍ଯ୍ୟ କରିବାର ସ୍ଫୁର୍ତ୍ତି ଜାତ ହୁଏ । ପ୍ରଭାତର ଆକାଶ ଧୂସର ମଳିନ ଶକ୍ତିହୀନ ହେଲେ, ଦେହ ଓ ମନ ଅବସାଦଗ୍ରସ୍ତ ହୁଏ । ଆମ୍ଭମାନଙ୍କ ଅଜ୍ଞାନରେ ରଙ୍ଗର ଐନ୍ଦ୍ରଜାଳିକ ଶକ୍ତି ଆମ୍ଭମାନଙ୍କ ଦେହ ଓ ମନରେ ଆମ୍ଭମାନଙ୍କ ଚିନ୍ତା ଓ ଚେଷ୍ଟାରେ ଆପଣାର ପ୍ରଭାବ ବିସ୍ତାର କରୁଅଛି ।"

୬ଷ୍ଠ ଭାଗ, ୯ମ ସଂଖ୍ୟାରେ 'ହାଇ ମାରିବାର ଉପକାରିତା' ସମ୍ପର୍କରେ ଲେଖିଛନ୍ତି - "ବିଲାତି ଭଦ୍ରତା ଅନୁସାରେ ଭଦ୍ରବ୍ୟକ୍ତିଙ୍କ ସମକ୍ଷରେ ହାଇ ମାରିବା ଶିଷ୍ଟାଚାର ବିରୁଦ୍ଧ । କିନ୍ତୁ ବିଲାତି ଚିକିତ୍ସକମାନଙ୍କ ମତରେ ହାଇ ମାରିବା ସ୍ୱାସ୍ଥ୍ୟ ପକ୍ଷରେ ବିଶେଷ

ଉପଯୋଗୀ । ସେମାନେ କହନ୍ତି, ହାଇ ମାରିବା ଦ୍ୱାରା ଫୁସ୍‌ଫୁସ୍‌ର ବାୟୁ ଚଳାଚଳ ପକ୍ଷରେ ବିଶେଷ ସୁବିଧା ହୁଏ । ସାଧାରଣତଃ ଶ୍ୱାସ ପ୍ରଶ୍ୱାସ କ୍ରିୟା ଦ୍ୱାରା ଫୁସ୍‌ଫୁସ୍ ସମ୍ପୂର୍ଣ୍ଣ ରୂପେ ବାୟୁପୂର୍ଣ୍ଣ ବା ତାହାର ଆଭ୍ୟନ୍ତରସ୍ଥ ବାୟୁ ସମ୍ପୂର୍ଣ୍ଣ ରୂପେ ନିଷ୍କାସିତ ହୋଇପାରେ ନାହିଁ । ସକଳ ସମୟରେ କେତେକ ପରିମାଣରେ ବାୟୁ ଫୁସ୍‌ଫୁସ୍‌ରେ ଆବଦ୍ଧ ଥାଏ । କାଳକ୍ରମରେ ତାହା ଦୂଷିତ ହୋଇ ରକ୍ତକୁ ଦୂଷିତ କରେ । ଉକ୍ତ ରକ୍ତ ଦ୍ୱାରା ସ୍ନାୟୁ କେନ୍ଦ୍ର ବିଚଳିତ ହୁଏ । ସ୍ନାୟୁ ମଣ୍ଡଳ ବିଚଳିତ ହେଲେ, ଏହାର ଅଂଶ ବିଶେଷ ସଲସଲ ଲାଗେ । ତାହାର ଫଳସ୍ୱରୂପ ଲୋକେ ହାଇ ମାରିଥାନ୍ତି । ହାଇ ମାରିଲେ ଫୁସ୍‌ଫୁସ୍ ଯନ୍ତ୍ର ସମ୍ପୂର୍ଣ୍ଣ ରୂପେ ବିସ୍ତୃତ ହୋଇ ତନ୍ମଧ୍ୟସ୍ଥ ଦୂଷିତ ବାୟୁ ରାଶି ନିଃଶେଷ ରୂପେ ବାହାର କରିଦେଇ ପୁନଶ୍ଚ ବିଶୁଦ୍ଧ ବାୟୁ ପୂର୍ଣ୍ଣ କରେ । ହାଇ ମାରିବାର ଆଉ ଗୋଟିଏ ଉପକାରିତା ଅଛି । ହାଇ ମାରିବା ସମୟରେ ମସ୍ତକ ମଧ୍ୟରେ ଫଟ୍ ଫଟ୍ ଶବ୍ଦ ଶୁଣାଯାଏ । ଶ୍ରବଣ ଯନ୍ତ୍ର ଠାରୁ ଗଳାର ପଶ୍ଚାଦେଶ ପର୍ଯ୍ୟନ୍ତ ଗୋଟିଏ ସୂକ୍ଷ୍ମନଳୀ ଅଛି, ସେହି ନଳି ଉପରେ ଚାପ ପଡିଲେ ଶ୍ରବଣ ଶକ୍ତି ମଧ୍ୟ ଊଣା ପଡିଯାଏ । ହାଇ ମାରିବା ବେଳେ ଏହି ନଳିଟି ବିସ୍ତୃତ ଓ ଉନ୍ମୁକ୍ତ ହୋଇଯାଏ ।"

"ଆଜିକାଲି ଲୋକେ ଅଧିକ ଟଙ୍କା ରୋଜଗାର କଲେ ଋଣ ଦିଅନ୍ତି ଅଧିକ ସୁଧରେ, ନତୁବା ମଦ ଖାଇବାରେ ଶହ ଶହ ଟଙ୍କା ବ୍ୟୟ କରନ୍ତି; ଅଥଚ ସେମାନେ ଭଲ ପୁସ୍ତକ କିମ୍ବା ପତ୍ରିକା କିଣି ପଢ଼ି ଜ୍ଞାନ ଅର୍ଜନ କରନ୍ତି ନାହିଁ । ପୁସ୍ତକ କିଣିବାକୁ ସେମାନେ ଅର୍ଥ-ଶ୍ରାଦ୍ଧ ମନେ କରିଥାନ୍ତି । ଏଥିରୁ ବୋଲି ଦୁଃଖର କଥା କ'ଣ ଆଉ ଥାଇପାରେ ?"[୮] ସେଥିପାଇଁ ନୀଳମଣି କ୍ଷୋଭ ପ୍ରକାଶ କରି ଏହି ପତ୍ରିକାର 'ଅର୍ଥନୀତି' ପ୍ରସଙ୍ଗରେ ଷଷ୍ଠ ଭାଗ, ଫେବୃୟାରୀ ଓ ମାର୍ଚ୍ଚ ୧୯୦୬ ଖ୍ରୀ. ସପ୍ତମ ଓ ଅଷ୍ଟମ ସଂଖ୍ୟାରେ ଲେଖିଥିଲେ- "କୌଣସି ପ୍ରସିଦ୍ଧ ଆମେରିକାନ ବ୍ୟବସାୟୀ ଉପଦେଶ ଛଳରେ କହିଥିଲେ ଯେ - 'ଯଦି କୌଣସି ଲୋକ ତାହାର ସମସ୍ତ ଅର୍ଥ ମସ୍ତିଷ୍କ କାର୍ଯ୍ୟରେ ନ୍ୟସ୍ତ କରେ, ସେହି ଅର୍ଥ ଆଉ କେହି ନେଇପାରିବେ ନାହିଁ । ଜ୍ଞାନାର୍ଜନରେ ନ୍ୟସ୍ତ ଅର୍ଥ ସର୍ବଦା ଅଧିକ ସୁଧ (କଳନ୍ତର) ମଧ୍ୟ ପ୍ରଦାନ କରେ ।' ଏହି ଉକ୍ତିର ଭାବ ଏହି ଯେ, ଏ ଯେସବୁ କାର୍ଯ୍ୟ ମସ୍ତିଷ୍କ ଚାଳନା ଦ୍ୱାରା ସମ୍ପନ୍ନ ହୁଏ, ସେହିସବୁ ଶିକ୍ଷା ସକାଶେ ଯଦି ସମସ୍ତ ଟଙ୍କା ବ୍ୟୟିତ ହୁଏ, ତାହାହେଲେ ତାହା କ୍ଷତି ନୁହେଁ । ଆବିଷ୍କୃତ କୌଣସି ଦ୍ରବ୍ୟ ବା ପରିଚାଳିତ କାରବାର ଦ୍ୱାରା ଯେଉଁ ଟଙ୍କା ଉଠେ ତାହା ବ୍ୟାଙ୍କର ବା ଋଣ ଦେବା ସୁଧ ଅପେକ୍ଷା ଅନେକ ଅଧିକ । କିନ୍ତୁ ଦୁର୍ଭାଗ୍ୟର କଥା, ଏ ଦେଶର ଲୋକମାନେ ଏପରି କରିବାକୁ କୁଣ୍ଠିତ । ଟଙ୍କା ମାଟିରେ ପୋତି ବନ୍ଧ୍ୟା କରି ରଖିବେ ବା ସାମାନ୍ୟ ସୁଧରେ ଋଣ ଦେବେ । ଟଙ୍କାକୁ ଛୋଟ କରି ରଖିବେ ପଛକେ ଜ୍ଞାନ ବୃଦ୍ଧି ନିମନ୍ତେ ଜ୍ଞାନଗର୍ଭକ ପୁସ୍ତକ ପତ୍ରିକା କ୍ରୟ କରି ପାଠ କରିବାକୁ ଅପବ୍ୟୟ ମନେ କରିଥାନ୍ତି ।"

ସେହିପରି ୬ଷ୍ଠ ଭାଗ, ୧୧ଶ ସଂଖ୍ୟାରେ 'ତମାଖୁର ଆଦି ବୃତ୍ତାନ୍ତ'ରେ ଲେଖିଛନ୍ତି - "୧୪୯୨ ଖ୍ରୀଷ୍ଟାବ୍ଦରେ ନଭେମ୍ବର ମାସରେ ଭୁବନ ବିଖ୍ୟାତ କଲମ୍ବସ୍ ଆମେରିକାର ବିଭ୍ୟା ଦ୍ୱୀପ ଆବିଷ୍କାର କରିଥିଲେ । ସେହି ସମୟରେ ସେଠାରେ ଅଶିକ୍ଷିତ ବ୍ୟକ୍ତିମାନେ ଧୂମପାନ କରୁଥିବାର ସେ ଦେଖିଥିଲେ । ବିଭ୍ୟା ଦ୍ୱୀପରୁ ପ୍ରଥମେ ସ୍ପେନ ଦେଶକୁ ତମାଖୁ ଆନୀତ ହେଲା । ୧୫୧୬ ଖ୍ରୀ.ଅ.ରେ ସ୍ପେନରୁ ଫରାସୀ ଦେଶକୁ ତମାଖୁର ଗଛ ରପ୍ତାନୀ ହେଲା । ଆମେରିକାରୁ ଇଂଲଣ୍ଡକୁ ୧୫୬୫ ଖ୍ରୀ.ରେ ତମାଖୁ ଆସି ପ୍ରଚଳିତ ହେଲା । ୧୬୧୫ ଖ୍ରୀ.ରେ ଜନୈକ ଇଂରେଜ ରାଜଦୂତ ଭାରତର ବାଦଶାହା ଜାହାଙ୍ଗୀରଙ୍କ ସମୀପକୁ ଆସିଥିଲେ । ସେ ଆପଣା ସଙ୍ଗରେ ଭାରତକୁ ତମାଖୁ ଓ ଗୋଲଆଳୁ ସର୍ବପ୍ରଥମ ଆନୟନ କରିଥିଲେ । ସେହି ସମୟ ଠାରୁ ଭାରତରେ ତମାଖୁ ଓ ଗୋଲଆଳୁ ପ୍ରଚଳିତ ହୋଇ ଆସୁଅଛି । ଏହପରି ନାନା ସୂତ୍ରରେ ତମାଖୁ ଆଜି ସମଗ୍ର ପୃଥିବୀର ଆଧିପତ୍ୟ ସ୍ଥାପନ କରିଅଛି । ସେ ଲୋକମାନଙ୍କୁ ଏପରି ବଶବର୍ତ୍ତୀ କରି ରଖିଅଛି ଯେ, ଲୋକେ ତାହାର ଗୁରୁତର ଅପକାରିତା ବିଷୟ ଅନୁଭବ ଏବଂ ଶ୍ରବଣ କରି ସୁଦ୍ଧା ତହିଁର ବ୍ୟବହାରରୁ କ୍ଷାନ୍ତ ହୋଇପାରୁ ନାହାନ୍ତି ।"

୬ଷ୍ଠ ଭାଗ ୬ଷ୍ଠ ସଂଖ୍ୟାରେ ସମ୍ପାଦକ 'ବିବିଧ ସଂଗ୍ରହ' ପ୍ରସଙ୍ଗରେ ଲେଖିଛନ୍ତି - "୪ ଶତ ବର୍ଷ ପୂର୍ବେ ୭ ଗୋଟି ଧାତୁ ମାନବମାନଙ୍କ ମଧ୍ୟରେ ପରିଚିତ ଥିଲା । ବର୍ତ୍ତମାନ ୫୧ ପ୍ରକାର ଧାତୁ ବ୍ୟବହୃତ ହେଉଅଛି । ଜାପାନରେ ବାଳକ ବାଳିକାମାନଙ୍କ ଶରୀରରେ ସେମାନଙ୍କର ଗୃହ ଠିକଣା ଲେଖାଯାଏ । ସେମାନେ ବାଟବଣା ହେଲେ, ଯେ କେହି ସେମାନଙ୍କୁ ନେଇ ସେମାନଙ୍କ ଗୃହରେ ଛାଡି ଦେଇପାରେ ।

ଖ୍ରୀଷ୍ଟ ଜନ୍ମର ୧୬୦ ବର୍ଷ ପୂର୍ବେ ଚୀନ ଦେଶରେ କାଗଜର ଆବିଷ୍କାର ହୋଇଥିଲା ।

ଫରାସୀ ଦେଶରେ ମତ୍ସ୍ୟର କ୍ଷୁଦ୍ର ଓ ଉଜ୍ଜ୍ୱଳ ଜାଲ ଦ୍ୱାରା ବୋତାମ ନ-ଲଗା ମୁକ୍ତା ଏବଂ ନାନାପ୍ରକାର ଅଙ୍ଗାଭରଣ ପ୍ରସ୍ତୁତ ହୁଏ " ।[୯] ଏଥିସହିତ ପାଠକକୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାରେ ଦେଶ ବିଦେଶର ବିଶିଷ୍ଟ ବ୍ୟକ୍ତିଙ୍କର ପରିଚୟ ମଧ୍ୟ ଦିଆଯାଉଥିଲା ।

ଗ୍ରୀସ୍‌ର ସୁବିଖ୍ୟାତ ବକ୍ତା ଓ ପଣ୍ଡିତ ଡିମସ୍ଥିନିସ୍‌ଙ୍କର ପରିଚୟ ଦେବାକୁ ଯାଇ ସେ ଲେଖିଛନ୍ତି - 'ଡିମସ୍ଥିନିସ୍ ଗ୍ରୀସ୍ ଦେଶୀୟ ଜଣେ ବିଖ୍ୟାତ ବକ୍ତା । ସେ ୩୮୫ ପୂର୍ବ-ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଅଳ୍ପ ବୟସରେ ପିତୃ ବିୟୋଗ ହେତୁ ବାଲ୍ୟକାଳରୁ ତାଙ୍କର ଶିକ୍ଷା ପ୍ରତି ଯତ୍ନ ହୋଇନଥିଲା; କିନ୍ତୁ ବୟୋବୃଦ୍ଧି ସହକାରେ ସେ ଏହି ଅଭାବ ଦୂରୀଭୂତ କରିଥିଲେ । ବିଖ୍ୟାତ ବକ୍ତା ହେବାର ତାଙ୍କର ଏକାନ୍ତ ଅଭିପ୍ରେତ ଥିଲା । ତହିଁ ସକାଶେ ସେ ବିଶେଷ ଚେଷ୍ଟା କରିଥିଲେ । ସେ ବକ୍ତୃତା ଶିକ୍ଷା ନିମନ୍ତେ ସମୁଦ୍ର କୂଳକୁ ଯାଇ ଉଚ୍ଚୈଃ ସ୍ୱରରେ ବକ୍ତୃତା କରୁଥିଲେ । ଅଧ୍ୟୟନରେ ବ୍ୟାଘାତ ଘଟିବା ଆଶଙ୍କାରେ ସେ ଅର୍ଦ୍ଧମସ୍ତକ ମଣ୍ଡିତ କରି ମୃତ୍ତିକାର ନିମ୍ନରେ ଅବସ୍ଥାନ ପୂର୍ବକ ଅଧ୍ୟୟନରେ ସମୟ ଅତିବାହିତ କରିଥିଲେ । ଭାଷା ପରିଶୁଦ୍ଧ କରିବା ନିମନ୍ତେ ସେ ଖଣ୍ଡିଏ ଗ୍ରନ୍ଥ ୮-୧୦ ବାର ନକଲ କରିଥିଲେ । କାଳକ୍ରମେ ସେ ଦେଶ ମଧ୍ୟରେ ସର୍ବପ୍ରଧାନ ବକ୍ତା ରୂପେ ପରିଗଣିତ ହୋଇଥିଲେ । ତାଙ୍କ ବକ୍ତୃତାରେ ଉତ୍ତେଜିତ ହୋଇ ଗ୍ରୀସ୍ ଦେଶବାସୀମାନ ମାସିଡନ୍‌ର ରାଜା ଫିଲିପ୍‌ଙ୍କ ବିରୁଦ୍ଧରେ ଦଣ୍ଡାୟମାନ ହୋଇଥିଲେ । ଆଲେକ୍‌ଜାଣ୍ଡେରଙ୍କ ମୃତ୍ୟୁ ପରେ ଆଣ୍ଟିପିଟର ତାଙ୍କର ଜୀବନ ନାଶ କରିବାକୁ ଚେଷ୍ଟିତ ହେବାରୁ ସେ ପଳାୟନ ପୂର୍ବକ ଦେବମନ୍ଦିରରେ ପ୍ରବେଶ କରି ବିଷ ଭକ୍ଷଣ ଦ୍ୱାରା ୩୨୨ ଖ୍ରୀପୂ. ରେ ପରଲୋକ ଯାତ୍ରା କରଅଛନ୍ତି ।"[୧୦]

ପତ୍ରିକାରେ 'ପୁସ୍ତକ ପରିଚୟ' ଶିରୋନାମା ରହୁଥିଲା । କୌଣସି ନୂତନ ବହି ପ୍ରକାଶ ପାଇଲେ ପାଠକର ଅବଗତି ପାଇଁ ଏହି ପରିଚୟ ସ୍ତମ୍ଭରେ ପୁସ୍ତକର ଲେଖକ ଓ ବିଷୟବସ୍ତୁର ସମ୍ୟକ୍ ସୂଚନା ଦେବା ସହିତ ପୁସ୍ତକର ପ୍ରାପ୍ତିସ୍ଥାନ ସମ୍ପର୍କରେ ଜଣାଇ ଦିଆଯାଉଥିଲା । ଫଳରେ କୌଣସି ନୂତନ ବହି ପ୍ରକାଶିତ ହେଲେ ସହଜରେ ଜାଣି ହେଉଥିଲା । ଷଷ୍ଠଭାଗ ଦ୍ୱିତୀୟ ସଂଖ୍ୟାରେ ରାଜକବି ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କର 'ବୃଷ୍ଟି ବିଜ୍ଞାନ' ପୁସ୍ତକ ସମ୍ପର୍କରେ ଏହି ପୁସ୍ତକ ପରିଚୟ ଶିରୋନାମାରେ ପ୍ରକାଶ ପାଇଥିଲା - "ବାମଣ୍ଡାର ବିଜ୍ଞାନ-ବିନୋଦ ମହାରାଜା ମହୋଦୟଙ୍କ ପ୍ରଣୀତ ବୃହଦାକାରର ୧୧୭ ପୃଷ୍ଠା ବିଶିଷ୍ଟ ଖଣ୍ଡିଏ ପୁସ୍ତକ । ମୂଲ୍ୟ ଆଠଅଣା ମାତ୍ର 'ବିଜ୍ଞାନ' ନାମ ଶୁଣି ଆତଙ୍କିତ ରହିବାର କାରଣ ନାହିଁ । ପୁସ୍ତକର ଆଦ୍ୟ ଭାଗରେ ମନ୍ତ୍ର ସାହାଯ୍ୟରେ ବୋଧ କେତେ କଥା ସଂକ୍ଷେପରେ ଲେଖା ଯାଇଅଛି । ମନ୍ତ୍ର ବ୍ୟତିରେକେ ତହିଁରୁ ମଧ୍ୟ କେତେକ ବିଷୟ ଜଣା ଯାଇପାରିବ । ଶେଷ ଭାଗରେ ସର୍ବସାଧାରଣଙ୍କ ବୋଧ ନାନାପ୍ରକାର ବୃଷ୍ଟି-ସଙ୍କେତ ପ୍ରଦାନ କରାଯାଇଥିବାରୁ ପୁସ୍ତକଟି ସମସ୍ତଙ୍କ ପକ୍ଷରେ ବିଶେଷ ଉପଯୋଗୀ ହୋଇଅଛି । ତହିଁର କେତେକାଂଶ ପରେ ଏ ପତ୍ରିକାରେ ପ୍ରକାଶ କରିବାର ବାସନା ରହିଲା । ଏହି ପୁସ୍ତକଖଣ୍ଡି ପ୍ରଣୟନ ସକାଶେ ପ୍ରଣେତା ମହୋଦୟ ଯଥେଷ୍ଟ ଶ୍ରମ ସ୍ୱୀକାର କରି ଧନ୍ୟବାଦର ପାତ୍ର ହୋଇଅଛନ୍ତି । ମହାରାଜା ମହୋଦୟଙ୍କ ସର୍ବତୋମୁଖୀ କ୍ଷମତାର ଏହା ଅନ୍ୟତମ ନିଦର୍ଶନ । ପୁସ୍ତକ ଖଣ୍ଡି ବାମଣ୍ଡା ପ୍ରେସ୍‌ରେ ମିଳେ ।"

ଏତଦ୍‌ବ୍ୟତୀତ ସମ୍ପାଦକଙ୍କ ଦ୍ୱାରା ବହୁ ଶିକ୍ଷଣୀୟ ଗଳ୍ପ, ପ୍ରବନ୍ଧ ଓ ନୀତି କଥାମାନ ପ୍ରକାଶ ପାଉଥିଲା । ସେ 'ଉନ୍ନତିର ଉପାୟ' ପ୍ରବନ୍ଧରେ ଲେଖିଛନ୍ତି - "ଐକାନ୍ତିକ ଇଚ୍ଛା ସମୀପରେ ବାଧାବିଘ୍ନ ନତଶିରରେ ଅବସ୍ଥାନ କରିଥାଏ । ଜଗତ୍‌ର ସମସ୍ତ କର୍ମବୀର ଏକ ଏକ ମୂଳ ମନ୍ତ୍ରରେ ଚାଳିତ ହୋଇ କୃତକାର୍ଯ୍ୟ ହୁଅନ୍ତି । କାର୍ଯ୍ୟକ୍ଷେତ୍ରରେ ଘୋର ସଂଗ୍ରାମରେ ବାରମ୍ବାର ଆହତ ହୋଇ ସୁଦ୍ଧା ଏହି ଏକ ଐକାନ୍ତିକ ଇଚ୍ଛାର ଗୁଣରେ କୃତକାର୍ଯ୍ୟ ହୋଇ ବିଜୟଲକ୍ଷ୍ମୀଙ୍କର ଶାନ୍ତିମୟ କୋଡରେ ବିଶ୍ରାମ ଲାଭ କରିଥାନ୍ତି । ନିଶ୍ଚେଷ୍ଟ ହୋଇ ଅର୍ଦ୍ଧଇଚ୍ଛାର ସହିତ କାର୍ଯ୍ୟ ଆରମ୍ଭ କରି ସୌଭାଗ୍ୟ ଲାଭର ଆଶା କରିବା ସ୍ୱପ୍ନବତ୍ ପ୍ରହେଳିକା ମାତ୍ର ।"[୧୧] ଏହି ପତ୍ରିକାରେ ବିଭିନ୍ନ ପ୍ରକାର ଲେଖା ପ୍ରକାଶ ପାଉଥିବାରୁ ଏହା ତତ୍‌କାଳରେ ବେଶ୍ ଖ୍ୟାତିଲାଭ କରି ଆଦରଣୀୟ ହୋଇ ପାରିଥିଲା ।

ଅନିୟମିତ ହେଲେ ମଧ୍ୟ ପତ୍ରିକାଟି ଦଶ ବର୍ଷରୁ ଅଧିକ କାଳ ପ୍ରକାଶ ପାଇଥିଲା । ବିଦ୍ୟାରତ୍ନ ବାମଣ୍ଡାରୁ ଚାଲି ଆସିବା

ପରେ ତାଙ୍କର ପରବର୍ତ୍ତୀ କର୍ମସ୍ଥଳ ରମ୍ଭା, ବଡଖେମୁଣ୍ଡି ଓ କଟକରୁ ଏହି ପତ୍ରିକାଟି ପ୍ରକାଶିତ ହୋଇଥିଲା । "ମଧୁପ ୧୯୦୨ ଜାନୁୟାରୀ ପର୍ଯ୍ୟନ୍ତ ପ୍ରାୟ ୧୯ଟି ସଂଖ୍ୟା ବାମଣ୍ଡା ସୁଜଳ ପ୍ରେସ୍‌ରେ ପ୍ରକାଶିତ । ବିଦ୍ୟାରତ୍ନଙ୍କ ବାମଣ୍ଡା ପରିତ୍ୟାଗ ପରେ ମଧୁପ ପ୍ରକାଶନ ଖଲ୍ଲିକୋଟକୁ ସ୍ଥାନାନ୍ତରିତ ହୋଇ ୧୯୦୪ ପର୍ଯ୍ୟନ୍ତ ଚାଲେ । ପତ୍ରିକାର ପଞ୍ଚମ ଭାଗ ପରେ ଅନିବାର୍ଯ୍ୟ କାରଣବଶତଃ ଏହା ଦଶବର୍ଷ କାଳ ବନ୍ଦ ହୋଇଥିଲା । ପୁନଶ୍ଚ ୧୯୧୫ ଅଗଷ୍ଟରୁ ଦ୍ୱିତୀୟ ପର୍ଯ୍ୟାୟ ରୂପେ ଷଷ୍ଠଭାଗ ପ୍ରଥମ ସଂଖ୍ୟା ବୃହତ୍ ଖେମୁଣ୍ଡି ଅଧିଶ୍ୱର କୃପାମୟ ଦେବ ଗଜପତିଙ୍କ ଆନୁକୂଲ୍ୟରେ ଗଜପତି ଭୀମଦେବ ପ୍ରେସ୍, ଦିଗପୁଡିରୁ ପ୍ରକାଶ ପାଏ । ବଡଖେମୁଣ୍ଡିରୁ ପ୍ରକାଶ ପାଇ ଦୁଇବର୍ଷ ବନ୍ଦ ହେବା ପୁଣି ଦଶମ ଭାଗ ପ୍ରଥମ ସଂଖ୍ୟା କଟକର ଉତ୍କଳ ସାହିତ୍ୟ ପ୍ରେସ୍‌ରୁ ନବକଳେବରରେ ପ୍ରକାଶ ପାଏ ।"[୧୨] ଏହି ପତ୍ରିକା ବଡଖେମିଡିରୁ ପ୍ରକାଶ ପାଉଥିବା ସମୟରେ ଏହାର ସହକାରୀ ସମ୍ପାଦକ ଥିଲେ ଶ୍ରୀ ଭୀମସେନ ପାଣିଗ୍ରାହୀ ଓ ଏହାର କାର୍ଯ୍ୟାଧ୍ୟକ୍ଷ ଓ ସହକାରୀ ସମ୍ପାଦକ ଥିଲେ ଶ୍ରୀ ତ୍ରିପତି ଗାୟକରତ୍ନ । ୧୯୨୪ରେ ବିଦ୍ୟାରତ୍ନଙ୍କ ଦେହାନ୍ତ ହେବାରୁ ଏହି ପତ୍ରିକା ପ୍ରକାଶ କରିବା ସମ୍ଭବ ହେଲାନାହିଁ ।

**ପ୍ରାନ୍ତଟୀକା :**


(୧) ବେହେରା, ଡ. କୃଷ୍ଣଚରଣ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ଓଡିଶା ସାହିତ୍ୟ ଏକାଡେମୀ, ପ୍ରଥମ ପ୍ରକାଶ, ୨୦୦୨, ପୃ-୨୫ ।

(୨) ବିଦ୍ୟାରତ୍ନ ସ୍ମରଣ କମିଟି, ବିଦ୍ୟାରତ୍ନ ସ୍ମରଣେ (ହୀରକ ଜୟନ୍ତୀ ସ୍ମରଣିକା), ପ୍ରକାଶକ- ରବି ଦାଶ, ପ୍ରକାଶ କାଳ - ୨୬ ଜୁଲାଇ ୧୯୯୮, ପୃ-୨୭ ।

(୩) ବିଦ୍ୟାରତ୍ନ ସ୍ମରଣ କମିଟି, ବିଦ୍ୟାରତ୍ନ ସ୍ମରଣେ (୧୩୧ତମ ଜୟନ୍ତୀ ବିଶେଷାଙ୍କ), ପ୍ରକାଶକ- ରବି ଦାଶ, ପ୍ରକାଶ କାଳ - ୧୪ ଡିସେମ୍ବର, ୧୯୯୮, ପୃ-୧୦ ।

(୪) ତତ୍ରୈବ ।

(୫) ବେହେରା, ଡ. କୃଷ୍ଣଚରଣ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ଓଡିଶା ସାହିତ୍ୟ ଏକାଡେମୀ, ପ୍ରଥମ ପ୍ରକାଶ, ୨୦୦୨, ପୃ-୨୫ ।

(୬) ନାହାକ, ଶ୍ରୀ ଗଣେଶ ରାମ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ନବୋଦୟ ପ୍ରକାଶନ, କଟକ, ଦ୍ୱିତୀୟ ସଂସ୍କରଣ- ୨୦୦୯, ପୃ-୬୪ ।

(୭) ତତ୍ରୈବ, ପୃ-୬୫ ।

(୮) ତତ୍ରୈବ ।

(୯) ଉତ୍କଳ ମଧୁପ, ଷଷ୍ଠ ଭାଗ, ଷଷ୍ଠ ସଂଖ୍ୟା ।

(୧୦) ଉତ୍କଳ ମଧୁପ, ଷଷ୍ଠ ଭାଗ, ପଞ୍ଚମ ସଂଖ୍ୟା ।

(୧୧) ଉତ୍କଳ ମଧୁପ, ଷଷ୍ଠ ଭାଗ, ପ୍ରଥମ ସଂଖ୍ୟା ।

(୧୨) ନନ୍ଦ, ଫଣୀନ୍ଦ୍ରଭୂଷଣ, ସମ୍ବଲପୁର ହିତୈଷିଣୀ : ଏକ ଅଧ୍ୟୟନ, ପ୍ରକାଶକ-ସୁବାସ ଚନ୍ଦ୍ର ମିଶ୍ର, ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୨୦୦୨, ପୃ-୧୬୭ ।



ଗବେଷିକା
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X (P), **Vol.- 9, Issue No.XI, February 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଶ୍ରୀଅରବିନ୍ଦ ଦର୍ଶନ ଓ ଚିତ୍ତରଂଜନ ଦାସ

**ଡ. ଇନ୍ଦ୍ରମଣି ସାହୁ**

"ମୁଁ ଧରା ଦେଲି । x x x ସିଏ ଏକ ଅଭୁତ ଅନୁଭୂତି,- ଏକ ଆମନ୍ତ୍ରଣର ଅନୁଭୂତି, ଏକ ପର୍ବତାରୋହଣର ଅନୁଭୂତି ଏବଂ ଏକ ସମ୍ପ୍ରସାରଣର ଅନୁଭୂତି । ଅଧିକରୁ ଅଧିକ କାମରେ ଲାଗୁଥିବାର ଅନୁଭୂତି । ଏବଂ ତା'ପରେ, ଖାଲି ସକାଳ ପରେ ସକାଳ, ଖାଲି ଆବିଷ୍କାର ପରେ ଆବିଷ୍କାର" । (ମିତ୍ରସ୍ୟ ଚକ୍ଷୁସା- ଦ୍ୱିତୀୟ ସକାଳ, ପୃଷ୍ଠା-୩୦୪)

ଶ୍ରୀଅରବିନ୍ଦଙ୍କ ଅନ୍ତରଙ୍ଗ ଗ୍ରନ୍ଥ 'ଦିବ୍ୟଜୀବନ (The Life Divine)' ର ଓଡ଼ିଆ ଅନୁବାଦ କାଳୀନ ଅନୁଭୂତିକୁ ଚିତ୍ତରଂଜନ ଦାସଉ ପରୋକ୍ଷମତେ ଲିପିବଦ୍ଧ କରିଛନ୍ତି । ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ରଚିତ ଏକ କ୍ଷୁଦ୍ର ପୁସ୍ତକର ଅଧ୍ୟୟନ ଦେଇ ଚିତ୍ତରଂଜନ ଦାସଙ୍କ ଶ୍ରୀଅରବିନ୍ଦଙ୍କ ସହ ପ୍ରଥମ ବିଧିବଦ୍ଧ ନୈକଟ୍ୟ ସ୍ଥାପିତ ହୁଏ ଶାନ୍ତିନିକେତନରେ ୧୯୪୫ ମସିହା ଅଗଷ୍ଟ ମାସରେ ।(୧) ତାଙ୍କ ବିଷୟରେ ସେ ଆଗରୁ ଖୁବ ବେଶୀ କିଛି ଜାଣି ନଥିଲେ । ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଚିତ୍ତରଂଜନଙ୍କ ପ୍ରାଥମିକ ଧାରଣା ଥିଲା ମିଶ୍ରିତ । ଶୁଣା ଶୁଣିରେ ସେ ତାଙ୍କୁ ଜଣେ ପଳାୟନପନ୍ଥୀ ଓ କେବଳ ଆପଣାର ମୁକ୍ତିକାମୀ ବୋଲି ଧରି ନେଇଥିଲେ । କିନ୍ତୁ ୧୯୪୫ ମସିହାରେ ଏହି ବହିଟି ପାଠ କଲାପରେ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ତାଙ୍କ ଧାରଣା କିଂଚିତ ଗ୍ରହଣକ୍ଷମ ହୋଇଛି ।

କିଏ ଏହି ଶ୍ରୀଅରବିନ୍ଦ ? କବି, ଦାର୍ଶନିକ, ଶିକ୍ଷକ, ଯୋଗୀ, ବିପ୍ଲବୀ ତାଙ୍କ ପରିଚୟର ଏକ ଏକ ପ୍ରସ୍ଥ । ନେଭିନ୍‌ସନ୍‌ଙ୍କ କେବେହେଲେ ହସୁନଥିବା ଭାରତର ମାରାତ୍ମକ ବ୍ୟକ୍ତି । ତାଙ୍କ ଅନୁଗାମୀଙ୍କ ଉପଲବ୍ଧିରେ ସେ ମାହାଯୋଗୀ ଭଗବାନ ଶିବ, କୃଷ୍ଣ ଅଧିକନ୍ତୁ ପରମଙ୍କ ଅବତାର-an immanation of the Supreme । ସ୍ଥୁଳ ବାହ୍ୟଚେତନା ପାଇଁ ଦୁର୍ବୋଧ୍ୟ ହେଲେ ଆମେ ରବୀନ୍ଦ୍ର ନାଥଙ୍କ ଅନୁଭୂତିକୁ ମନେପକାଇ ପାରନ୍ତି-
"At the very first sight I could realize that he (Sri Aurobindo) had been seeking for the soul and had gained it."(୨) ସ୍ୱଦେଶୀ ଆନ୍ଦୋଳନର ପ୍ରମୁଖ ପ୍ରେରକ, ଭାରତର ମୁକ୍ତି ଓ ସ୍ୱାଧୀନତା ପାଇଁ ବୈପ୍ଲବିକ କର୍ମପନ୍ଥାର ପ୍ରଚ୍ଛନ୍ନ ପୁରୋଧା ଶ୍ରୀଅରବିନ୍ଦ ରାଜନୀତିରୁ ସନ୍ନ୍ୟାସ ନେଲେ କେଉଁ ପ୍ରଚୋଦନାରେ ? ଦେଶର ରାଜନୀତିକ ମୁକ୍ତିଠାରୁ କେଉଁ ମହତ୍ତର ଲକ୍ଷ୍ୟ ତାଙ୍କୁ ଆକର୍ଷିତ କଲା ? ଚିତ୍ତରଂଜନଙ୍କ ଭାଷାରେ ସମ୍ଭବତଃ ତାଙ୍କ ଦର୍ଶନଟି ଥିଲା ଗତିଶୀଳ, ଉନ୍ମୁକ୍ତ ଓ ସଦା ଗ୍ରହଣଶୀଳ । ସତ୍ୟକୁ ଅଧିଗମିବାକୁ ନିଜର ଧର୍ମ ରୂପେ ଗ୍ରହଣ କରିଥିବା ଦର୍ଶନ ଏକ ମାର୍ଗ ଓ ଏକ ଅନୁରାଗମୟ ଚକ୍ଷୁ । ସେହି ଅନୁରାଗ କେବଳ ଦେଶର ବଳୟରେ ସୀମାବଦ୍ଧ ହୋଇପାରି ନଥିଲା, ଏହି ସଂସାରର ସକଳ ମାନବାତ୍ମାର ମୁକ୍ତି ଓ ପ୍ରସାରତାକୁ ଲୋଡ଼ିଥିଲା । ଏଥିପାଇଁ ଯେଉଁ ଯୋଗ ଜୀବନକୁ ସେ ଆପଣାର କରିଥିଲେ, ସେଥିରେ ଅନ୍ୟ କୌଣସି ବିଷୟର ହସ୍ତକ୍ଷେପ ସେ ଚାହୁଁନଥିଲେ ଏବଂ ଏହି ବିଷୟରେ ତାଙ୍କୁ ଏକ ସ୍ୱଷ୍ଟ ଆନ୍ତର ଆଦେଶ ମଧ୍ୟ ମିଳିଥିଲା ।

ନୀରବ ଓ ସ୍ଥାନ-କାଳର ଅତୀତ ବ୍ରହ୍ମଙ୍କ ଉପଲବ୍ଧି, ବିଶ୍ୱ ଚେତନା ସହ ସର୍ବଂ ବାସୁଦେବମିତିର ଉପଲବ୍ଧି, ସକ୍ରିୟ ଓ ନିଷ୍କ୍ରିୟ ବ୍ରହ୍ମମୟ ପରମ ସତ୍ୟର ଉପଲବ୍ଧି ଏବଂ ଅତିମାନସ ଅଭିମୁଖୀ ଚେତନାର ଉର୍ଦ୍ଧ୍ୱତର ସ୍ତର ସକଳର ଉପଲବ୍ଧି- ଏପରି ଚାରୋଟି ମହାନ୍ ଉପଲବ୍ଧି ଉପରେ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଆଧ୍ୟାତ୍ମିକ ଦର୍ଶନ ପ୍ରତିଷ୍ଠିତ । ଏହି ଉପଲବ୍ଧି ସବୁ ଲାଭ କରିବା ପାଇଁ ତାଙ୍କୁ କୌଣସି ବିଶେଷ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିନଥିଲା ବୋଲି ଶ୍ରୀଅରବିନ୍ଦ କହିଛନ୍ତି ।(୩) କିନ୍ତୁ ଯେଉଁ ଏକମାତ୍ର ପ୍ରକୃତ ବାଧାର ସେ ସମ୍ମୁଖୀନ ହୋଇଥିଲେ ତାହା ଥିଲା- ଆଧ୍ୟାତ୍ମିକ ଜ୍ଞାନକୁ ପୃଥିବୀରେ ତଥା ବାହ୍ୟମାନସିକ ଓ ସ୍ଥୁଳ ଜୀବନ କ୍ଷେତ୍ରରେ ସର୍ବାଙ୍ଗୀନ ଭାବରେ ପ୍ରୟୋଗ କରିବା ଓ ଏଗୁଡ଼ିକର ରୂପାନ୍ତର ସାଧନ କରିବା । ଏହି ରୂପାନ୍ତର ହେବ ପ୍ରକୃତିର ଉଚ୍ଚତର ସ୍ତରରେ

ତଥା ସାଧାରଣ ମାନସିକ, ପ୍ରାଣୀକ ଓ ଶାରୀରିକସ୍ତର ପର୍ଯ୍ୟନ୍ତ । ଅତିମାନସ ହିଁ ହେବତା'ର ସର୍ବୋଚ୍ଚ ଲକ୍ଷ୍ୟ । ଏବର ମାନବ ମାନସର ପ୍ରତିନିଧି । ବିବର୍ତ୍ତନର ଚରମ ପରିଣତି ମାନସ ନୁହେଁ । ତେଣୁ ଅତିମାନସର ପ୍ରତିନିଧି ରୂପେ ଏକ ପରିବର୍ତ୍ତିତ ମାନବଜାତିର ହେବ ଆବିର୍ଭାବ । ନିଜର ସମ୍ମତି ପ୍ରଦାନ କରି ସଚେତନ ଭାବରେ ପ୍ରତ୍ୟେକ ମଣିଷ ସମଗ୍ର ଜୀବନକୁ ଏକ ଯୋଗ ଜୀବନରେ ପରିଣତ କରିବାକୁ ହେବ । କେବଳ ପାରମ୍ପରିକ ଯୋଗ ଭାବେ ଭଗବାନଙ୍କର ଈଶ୍ୱର ବିଭାବ ଉପରେ ସମସ୍ତ ଯୋଗ ଦେବ ନାହିଁ,ଏହାର ଉଦ୍ଦେଶ୍ୟ ହେବନାହିଁ ବିଶ୍ୱ ପ୍ରକୃତିରୁ ନିଜକୁ ପ୍ରତ୍ୟାହାର କରି ତାହାର ଅତୀତ ପରମ ଉପଲବ୍ଧିରେ ପହଂଚିବା କିମ୍ବା ବିଶ୍ୱ ପ୍ରକୃତିକୁ ଅଧିକାର କରି ତା' ଉପରେ କର୍ତ୍ତୃତ୍ୱ ବିସ୍ତାର କରି ତାହା ମଧ୍ୟଦେଇ ପରମ ଉପଲବ୍ଧିରେ ପହଂଚିବା । ତେଣୁ ଦୁଇ ଧାରାର ସୁସମନ୍ୱୟ କରି ପୂର୍ଣ୍ଣଯୋଗର ମାର୍ଗରେ ଗତି କରିବାକୁ ହେବ । 'Life Divine – ଜୀବନ ଦିବ୍ୟ' ଅନୁଭବର ଉତ୍ତୁଙ୍ଗତାରୁ 'Divine Life - ଦିବ୍ୟ ଜୀବନ'ର ଭୂମି ଲଗ୍ନ କ୍ରିୟାଶୀଳତାକୁ ଯାତ୍ରା ଅପରିହାର୍ଯ୍ୟ ।

୧୯୪୫ ମସିହା ଜୁଲାଇ ମାସ ୧୭ ତାରିଖରେ ଉଚ୍ଚତର ଶିକ୍ଷାଗ୍ରହଣ ନିମନ୍ତେ ଶାନ୍ତିନିକେତନରେ ସେ ପାଦ ଥାପିବା ପର୍ଯ୍ୟନ୍ତ ଜୀବନ ସତକୁ ସତ ଯେ ପୂର୍ଣ୍ଣରୁ ପୂର୍ଣ୍ଣତର ଭାବରେ ଆପଣାକୁ ନିବେଦନ କରିଦେବା ପାଇଁ ଅଭିପ୍ରେତ– ଚିତ୍ତରଂଜନ ଏହି ଅନୁଭବର ଥିଲେ ବାହକ । କିନ୍ତୁ ଏ ଜୀବନ ସତକୁ ସତ ପୂର୍ଣ୍ଣରୁ ପୂର୍ଣ୍ଣତର ଭାବରେ ଆପଣାକୁ ନିର୍ମାଣ କରିବା ପାଇଁ– ଏହି ଅନୁଭବ ହେଲା ଶାନ୍ତିନିକେତନରେ । ଦୁଇଟି ପର୍ଯ୍ୟାୟ ଭିତରେ କୌଣସି ବିରୋଧ ଚିତ୍ତ–ଚେତନା ଅନୁଭବ କରିନଥିଲା । କହିବା ବାହୁଲ୍ୟ ପ୍ରଥମ ଅନୁଭବଟିର ଉତ୍ପ୍ରେରକ ଥିଲେ ଗାନ୍ଧୀ ଓ ଦ୍ୱିତୀୟଟିର ରବୀନ୍ଦ୍ରନାଥ । ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ସମୟରେ ମହାତ୍ମାଗାନ୍ଧୀ ହିଁ ତାଙ୍କ ପ୍ରେରଣାର ପୁରୋଭାଗରେ ରହିଥିଲେ । କିନ୍ତୁ ଶାନ୍ତିନିକେତନରେ ରବୀନ୍ଦ୍ରନାଥଙ୍କ ସହ ତାଙ୍କର ହୋଇଥିଲା ସମଗ୍ର ପରିଚୟ । ଚିତ୍ତରଂଜନ କହନ୍ତି, "ମୁଁ ତାଙ୍କୁ କେବେହେଲେ ସଶରୀର ଦେଖିନାହିଁ ସତ, ମାତ୍ର ନିଜ ଜୀବନରେ ମୁଁ ଏପର୍ଯ୍ୟନ୍ତ ହୁଏତ କିଛିହେଲେ ଅନୁଭବ କରିନାହିଁ, ଯେଉଁଥିରେ କି ମୁଁ ରବୀନ୍ଦ୍ରନାଥଙ୍କୁ ମୋ' ପାଖରେ ଛିଡ଼ା ହୋଇଥିବାର ଦେଖିନାହିଁ ।"[୪] ଆପଣାକୁ ପୂର୍ଣ୍ଣରୁ ପୂର୍ଣ୍ଣତର ଭାବରେ ନିବେଦନ କରିଦେବା ପାଇଁ ଆପଣାକୁ ପୂର୍ଣ୍ଣରୁ ପୂର୍ଣ୍ଣତର ଭାବରେ ନିର୍ମାଣ କରିବା ସର୍ବାଦୌ ଆବଶ୍ୟକ । ତେଣୁ ଗାନ୍ଧୀ ଓ ରବୀନ୍ଦ୍ର ବାହ୍ୟତଃ ଭିନ୍ନ ମନେ ହୋଇଥିଲେ ବି ଚିତ୍ତରଂଜନଙ୍କ ସର୍ବସମାବେଶୀ ଚେତନା ପାଇଁ କୌଣସି ଦ୍ୱନ୍ଦ୍ୱ ସୃଷ୍ଟି କରି ନଥିଲା । ବରଂ ଗାନ୍ଧୀ ତୁଠରେ ଆପଣାକୁ ଗୃହୀତ ବୋଲି ଅନୁଭବ କରୁନଥିଲେ ଶାନ୍ତିନିକେତନରେ ତାଙ୍କ ପାଂଚଟି ବର୍ଷ ଯେପରି କଟିଲା ତାହା ଆଦୌ ସମ୍ଭବ ହୋଇନଥାନ୍ତା ବୋଲି ସେ ସ୍ୱୀକାର କରିଛନ୍ତି ।[୫] ୧୯୭୦ ମସିହାବେଳକୁ ଏହି ଦୁଇ ପରିପୂରକ ଅନୁଭବର ପବିତ୍ର ପ୍ରୟାଗ ଶ୍ରୀଅରବିନ୍ଦଙ୍କ ସହ ସାକ୍ଷାତ ହୁଏ 'ଦିବ୍ୟଜୀବନ'ର ଅନୁବାଦରେ ।

ଜୀବନରେ ଦର୍ଶନ ଅଧ୍ୟୟନ ପାଇଁ ଭାରତବର୍ଷର ପ୍ରାଚୀନ ପରମ୍ପରା ଅନୁସାରେ ଶାନ୍ତିନିକେତନର ପଣ୍ଡିତ ସୁଖମୟ ଭଟ୍ଟାଚାର୍ଯ୍ୟଙ୍କୁ ଚିତ୍ତରଂଜନ ଗୁରୁ କରିଥିଲେ ବି ତାଙ୍କ ପ୍ରେରଣା ବା ଗୁରୁଙ୍କର ତାଲିକା ବେଶ୍ ଦୀର୍ଘ । ଅଷ୍ଟମ ଶ୍ରେଣୀରେ ପାଠ୍ୟପୁସ୍ତକରେ ସ୍ଥାନିତ ସକ୍ରେଟିସ୍ କିଶୋର ଚିତ୍ତକୁ ଆଚ୍ଛନ୍ନ କରି ରଖିଥିଲେ ବେଶ୍ କେତେଦିନ । ପ୍ରଥମ ଲେଖା 'ମହାତ୍ମା ସକ୍ରେଟିସ୍' ପ୍ରକାଶିତ ହୋଇଥିଲା ବିଦ୍ୟାଳୟର ମୁଖପତ୍ର ଛାତ୍ରବନ୍ଧୁରେ । ଦର୍ଶନକୁ ଜୀବନର ସରଣୀରେ ପରିଣତ କରିବାର ମହତ୍ ପ୍ରେରଣା ଲାଭର ଏହା ଏକ ଉପନୟନ କି ? ଶାନ୍ତିନିକେତନରେ ଦର୍ଶନର ଛାତ୍ର ଚିତ୍ତରଂଜନଙ୍କୁ ଆକୃଷ୍ଟ କରନ୍ତି ସପ୍ତଦଶ ଶତାବ୍ଦୀର ଇଉରୋପୀୟ ଦାର୍ଶନିକ ବେନେଡିକ୍ଟ ସ୍ପିନୋଜା । ଭଗବାନ ଆଉ କେଉଁ ଜଗତରେ ଥାଇ ଏହି ବିଶ୍ୱକୁ ପରିଚାଳନା କରିବା ପରିବର୍ତ୍ତେ ସ୍ୱୟଂ ଏହି ବିଶ୍ୱ ପ୍ରକୃତି ରୂପେ ରୂପାୟିତ, ସ୍ପିନୋଜାଙ୍କ ପ୍ରସିଦ୍ଧ ଗ୍ରନ୍ଥ 'ଏଥିକ୍ସ' ଏହା ଘୋଷଣା କରିଥିଲା । ସ୍ପିନୋଜାଙ୍କ କ୍ଷେତ୍ରରେ ଜୀବନ ମଧ୍ୟଦେଇ ତାଙ୍କ ଦର୍ଶନ ଏବଂ ତାଙ୍କ ଦର୍ଶନ ଦେଇ ତାଙ୍କ ଜୀବନକୁ ଅନୁଭବ କରନ୍ତି ଚିତ୍ତରଂଜନ । ଇଉରୋପକୁ ଦର୍ଶନ ପଢ଼ିବାକୁ ଯାଇଥିବା ଚିନ୍ତା ଚେତନା ଯେ ମନୋବିଜ୍ଞାନ ଅଧ୍ୟୟନ ଆଡ଼କୁ ମୁହାଁଇ ଯାଇଥିଲା, ସେଥିପାଇଁ ସ୍ପିନୋଜା ହିଁ ଥିଲେ ଅନ୍ୟତମ ପ୍ରେରଣା । ଭିଏନା ବିଶ୍ୱବିଦ୍ୟାଳୟର ମନୋବୈଜ୍ଞାନିକ ଭିକ୍ଟର ଫ୍ରାଙ୍କଲ୍ ନାଜି ମରଣ ଶିବିରରେ ପାଇଥିବା ଜୀବନ ସତ୍ୟକୁ ଜୀବନ–ତୀର୍ଥର ମାନ୍ୟତା ଦେଇଛନ୍ତି ଚିତ୍ତରଂଜନ । ଫ୍ରାଙ୍କଲଙ୍କ ମତରେ ଦୁଃଖକୁ ଏଡ଼ି ରହିବା ସୁଖ ନୁହେଁ, ବରଂ ଆପଣାର ପ୍ରଚ୍ଛନ୍ନ ସମ୍ଭାବନାଗୁଡ଼ିକୁ ଯଥାସମ୍ଭବ ସମ୍ମୁଖଭାଗକୁ ଆଣି ଏକ ଉଦ୍ଭାବନମୟ ଓ ନିତ୍ୟ ସର୍ଜନାତ୍ମକ ଜୀବନ ବଂଚିବା ହିଁ ସୁଖ । ମଣିଷର ଜୀବନରେ ତା'ର ସର୍ବମୂଳ ଉଦ୍ୟମଟି ହେଉଛି, ନିଜର ଜୀବନଟିକୁ ନିଜର ବୁଝିବା ଅନୁସାରେ ଏକ ସଂଗତ ଅର୍ଥ ଦେଇ ବଂଚିବାର ଉଦ୍ୟମ । ଆମେରିକାନ୍ ମନୋବିଜ୍ଞାନୀ ଆବ୍ରାହମ୍ ମାସ୍ଲୋଙ୍କ ମଣିଷର ଅସୁସ୍ଥତାଗୁଡ଼ିକ ବଦଳରେ ସୁସ୍ଥତା ନିର୍ଭର ଆବେଗ ସକଳର ମନୋବୈଜ୍ଞାନିକ ଅଧ୍ୟୟନ ପଦ୍ଧତି ଚିତ୍ତରଂଜନଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା । ପୁନଶ୍ଚ ଧର୍ମ ଜୀବନ ବିଧିକୁ ଓ ରୀତିଗୁଡ଼ିକରୁ ମୁକ୍ତିକରି ଜୀବନସ୍ତରକୁ ଆଣିବାକୁ ଆହ୍ୱାନ ଦେଇଥିବା ମଧ୍ୟଯୁଗୀୟ

ଇଉରୋପର ମହାନ ସନ୍ଥ ଏରାସ୍ ମୁସ୍, ପୃଥିବୀକୁ 'It' ବୋଲି ନଦେଖି 'Thou' ବୋଲି ଦେଖିପାରିଲେ ସତ୍ୟ ବା ଈଶ୍ୱରଙ୍କୁ 'Eternal Thou' ବୋଲି ଅନୁଭବ କରିହେବ ବୋଲି କହିଥିବା ମାର୍ଟିନ୍ ବୁବର, ଆଫ୍ରିକାର ଦୁର୍ଗତ ମାନବର ସେବା ପାଇଁ ଦୀର୍ଘ ତିରିଶ ବର୍ଷର ଦର୍ଶନ-ପ୍ରଫେସର ପଦ ପରିତ୍ୟାଗ କରିଥିବା ଆଲବର୍ଟ ଶ୍ୱାଇତ୍ଜର, ସୁଖୀ ଡାକ୍ତରୀ ଜୀବନ ବଦଳରେ ଗରୀବ ପିଲାମାନଙ୍କର ଏକ ଆବାସିକ ବିଦ୍ୟାଳୟ ପରିଚାଳନା ଓ ନାଜିମାନଙ୍କ ହାତରେ ପିଲାମାନଙ୍କୁ ଏକା ମରିବାକୁ ନଦେଇ ସ୍ୱଇଚ୍ଛାରେ ପିଲାଙ୍କ ସହ ମୃତ୍ୟୁକୁ ବରଣ କରିଥିବା ଜର୍ମାନୀର ୟାନୁସ୍‌କୋର୍ଚ୍ଚାକ୍ ତଥା ଭାରତ ଓ ଓଡ଼ିଶାର ସନ୍ଥ ପରମ୍ପରା ବିଶେଷକରି ପଂଚସଖା ଓ ଭୀମଭୋଇଙ୍କ ମେଦିନୀ ଦୃଷ୍ଟି ତାଙ୍କୁ ତଥାକଥିତ ଦାର୍ଶନିକ, ମନୋବିଜ୍ଞାନୀ, ସମାଜବିଜ୍ଞାନୀ ବା ଶିକ୍ଷକଟିଏ ହେବାରୁ ରକ୍ଷା କରିଥିବାରୁ କୃତଜ୍ଞ ଚିତ୍ତ କହିଉଠିଛି- "କୌଣସି ଗୋଟିଏ ଗୁଳାକୁ ଆଦରି ଗଲି ବୋଲି ତାହାକୁ ହିଁ ଠିକ୍ ଗୁଳା ବୋଲି ଗ୍ରହଣ କରି ନେବାର ପ୍ରମାଦରୁ ନିଜକୁ ବଂଚାଇ ରଖିବାରେ ସେମାନେ ସମସ୍ତେ ମୋତେ ବଳ ଦେଇଛନ୍ତି ।"[୬]

'ଦିବ୍ୟଜୀବନ' ଦେଇ ଶ୍ରୀଅରବିନ୍ଦଙ୍କ ସହ ସାକ୍ଷାତ୍କାର ହେଲାପରେ ତାଙ୍କର ଅନୁଭବକୁ ଚିତ୍ତରଂଜନ ଏପରି ବର୍ଣ୍ଣନା କରିଛନ୍ତି- "ଲାଗିଲା, ମୋ' ଜୀବନରେ ଠିକ୍ ଏହିପରି ସାକ୍ଷାତ୍କାରଟିଏ ହେବ ବୋଲି ଅପେକ୍ଷା ରହିଥିଲା, ଏବଂ ବର୍ତ୍ତମାନ ତାହାହିଁ ଘଟିଲା ।"[୭] ଏହି ଅପେକ୍ଷା ବା ପ୍ରସ୍ତୁତିର ଝଲକ ଆମେ ତାଙ୍କ ଦିନଲିପିରୁ ପାଇ ପାରିବା । ସତ୍, ଚିତ୍ ଓ ଆନନ୍ଦ- ଏହି ତିନୋଟି ଚରମକୁ ନେଇ ଦାର୍ଶନିକମାନଙ୍କ ଭିତରେ ବୌଦ୍ଧିକ ଲଢ଼େଇ ଲାଗୁଥିଲେ ବି ସେ ଏସବୁ ଭିତରେ କୌଣସି ତାରତମ୍ୟ ଦେଖିପାରନ୍ତି ନାହିଁ ବୋଲି ୧୬ ଡିସେମ୍ବର, ୧୯୪୬ ର ଦିନଲିପିରେ ଲିପିବଦ୍ଧ କରିଛନ୍ତି । ବିଶାଳ ଲାଗି ସେ ତିଆରି ହୋଇଛନ୍ତି ବୋଲି ବାରବାର ତାଙ୍କର ଅନୁଭବ; ଆଶା ଅଭିଳାଷ, ବ୍ୟଥା ବେଦନାକୁ ଆପଣାର ଆରାଧ୍ୟଙ୍କୁ ନିବେଦନ କରିଦେବାର ପ୍ରେରଣା; ସମର୍ପଣ ଦେଇ ନିର୍ଭୟତା ଅର୍ଜନ; ଧର୍ମର ସୀମାବଦ୍ଧତାର ଉପଲବ୍ଧି; ଆକାଶକୁ ଭୁଲିଯିବା ପାଇଁ ନୁହେଁ, ବରଂ ଅନ୍ତର ଭିତରେ ଆକାଶକୁ ଅଧିକ ସତ୍ୟ ରୂପେ ଉପଲବ୍ଧି କରିବା ନିମନ୍ତେ ଆକାଶର ଧାବନ ପଥରୁ ଅନ୍ତରର ନୀଡ଼ ଭିତରକୁ ଫେରି ଆସିବାର ପ୍ରଚୋଦନା; ଜଗତକୁ ମୂଲ୍ୟ ନିରପେକ୍ଷ, ଉଦ୍ଦେଶ୍ୟହୀନ ନିଃସାରତା ବୋଲି ଗ୍ରହଣ କରିବାରେ ଅସମର୍ଥତା; ମଣିଷକୁ ଚିହ୍ନି ଭଗବାନଙ୍କୁ ଚିହ୍ନିବା ଓ ଭଗବାନଙ୍କୁ ଚିହ୍ନି ମଣିଷକୁ ଚିହ୍ନିବା; ଶରୀରକୁ, ରାତ୍ରୀକୁ ଅସ୍ୱୀକାର ନକରି ଦୀପଟି ଓ ସକାଳଟି ଉପରେ ବିଶ୍ୱାସ ରଖିବା; ଅନନ୍ତ ବାସନା, ଅନନ୍ତ ହେବାର ଇଚ୍ଛା ଓ ଅନନ୍ତ ଦେବାର ଇଚ୍ଛାକୁ ଭଗବାନ ବୋଲି ବୁଝିବା; ସାଂସାରିକ ସମ୍ବନ୍ଧ ଭିତରେ ବାନ୍ଧି ହୋଇ ପ୍ରତ୍ୟେକ ବ୍ୟକ୍ତିଗତ ବା ତାତ୍କାଳୀକ ସମ୍ବନ୍ଧର ଅତୀତ ଅଥଚ ସକଳ ପ୍ରକାର ସମ୍ବନ୍ଧର ମୂଳ ଏକ ଶାଶ୍ୱତ ଜୀବନର ଆସ୍ୱାଦ ଲାଭ କରିବା; ଆପଣାକୁ ପରିପୂର୍ଣ୍ଣ ଭାବେ ତିଆରି କରି ପରିପୂର୍ଣ୍ଣ ଭାବେ ଦେଇ ପାରିବାକୁ ଜୀବନର ସର୍ବଶ୍ରେଷ୍ଠ ସାର୍ଥକତା ବୋଲି ଗ୍ରହଣ କରିବା; ଭଗବତ୍-ଆସକ୍ତିରେ ହିମାଳୟ ଯିବା ବା ସକଳ ସମର୍ପଣ ସହ ଜ୍ଞାନର ଚର୍ଚ୍ଚା କରିବାକୁ ନଯାଇ ସମାନ ଭାବ ଓ ସାହସ ନେଇ ସମାଜ ମଧ୍ୟକୁ ଯିବାକୁ ଉତ୍ସାହୀ ହେବା ଆଦି ଲିପିବଦ୍ଧ ବିବିଧ ଅନୁସଙ୍ଗ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ପାଇଁ ତାଙ୍କ ଅବଚେତନର ଏକ ପ୍ରସ୍ତୁତି ବୋଲି ବିଚାର କରାଯାଇପାରେ । ୧୯୭୦ ମସିହାର ନୂତନ ବର୍ଷର ଶ୍ରୀମାଙ୍କ ସନ୍ଦେଶ ଥିଲା- The world is preparing for a big change, 6 will you help ? ଏହି ସନ୍ଦେଶକୁ ପାଇ ସେ ଲେଖିଛନ୍ତି, "ଅନେକ ଦିନରୁ ମୋ'ର ହୃଦୟ ଭିତରେ ରହି ମୋତେ condition କରୁଥିବା ସର୍ବପ୍ରଧାନ ପ୍ରେରଣାଟିକୁ ମୁଁ ଏହି ସନ୍ଦେଶ ଭିତରେ ମଧ୍ୟ ଅନୁଭବ କରିବାକୁ ଲାଗିଲି । ଗତ ପ୍ରାୟ କୋଡ଼ିଏ ବା ପଚିଶ ବର୍ଷ ହେଲା ଏହି ପ୍ରେରଣା ମୋତେ ତଲ୍ଲୀନ କରି ରଖିଚି ।"[୮]

ସେ ଡିସେମ୍ବର ୨୭, ୧୯୬୯ ମସିହାରେ ଶ୍ରୀଅରବିନ୍ଦଙ୍କ ଅନ୍ତରଙ୍ଗତମ ରଚନା 'ଦିବ୍ୟଜୀବନ (The Life Divine)' ଗ୍ରନ୍ଥଟି ଡାକରେ ପାଇବା ପରେ ନିଜର ଅନୁବାଦ ସାମର୍ଥ୍ୟକୁ ନେଇ ସେ ସନ୍ଦିହାନ ହୋଇଛନ୍ତି । ପୂର୍ବରୁ ଅନେକ ଗ୍ରନ୍ଥ ସେ ଅନୁବାଦ କରିଥିଲେ ବି ଏହା ଦିବ୍ୟଜୀବନ ସମ୍ବନ୍ଧରେ ପାଣ୍ଡିତ୍ୟପୂର୍ଣ୍ଣ ଏକ ନିବନ୍ଧ ନଥିଲା । ଏହା ଦିବ୍ୟଜୀବନକୁ ଅନୁଭବ କରିଥିବା, ଦର୍ଶନ କରିଥିବା ସତ୍ୟ ସକଳର ଲିପିବଦ୍ଧ ରୂପ । ଋଷିର ଦର୍ଶନ ସହ ନିଜ ଭିତରେ ସାଯୁଜ୍ୟସମ୍ଭବ ହୋଇଛି କି ନା ସେ ଅବଗତ ନୁହନ୍ତି । ତେବେ କାମ କରୁକରୁ କାମ ଲାଗି ଯୋଗ୍ୟତା ଅର୍ଜନ କରିବାକୁ ହୁଏ । ଚିତ୍ତରଂଜନ ଦାସ ଲେଖିଛନ୍ତି- "ମୁଁ କ୍ରମେ ବଶ ହୋଇ ଆସିଲି; ମୁଁ ପ୍ରକୃତରେ ପାରିବି ବୋଲି ପ୍ରତ୍ୟୟ ଆସିଲା । ସେହି ଅନୁବାଦଟିକୁ ପ୍ରସ୍ତୁତ କରିବାର ପ୍ରକ୍ରିୟାରେ ମୁଁ କ୍ରମେ ସତେ ଯେପରି ଆଉ କାହା ଲାଗି ପ୍ରସ୍ତୁତ ହୋଇ ଯାଉଥିଲି । xxx ମାତ୍ର, ସେଇ ଯେ ପଶିଥିଲି, ଆଉ ବାହାରି ପାରିଲି ନାହିଁ । ସତେ ଯେପରି ମୋ'ର ଏକ ଉପନୟନ ହୋଇସାରିଥିଲା ।"[୯] ପରେ ପରେ ଦୀର୍ଘ ଚାଳିଶି ବର୍ଷର ନିରବଚ୍ଛିନ୍ନ ନିରଳସ ସାଧନାର ପାବନ ପ୍ରବାହ ରୂପେ ଆମେ ପାଉ ଶ୍ରୀଅରବିନ୍ଦଙ୍କ 'ଯୋଗ ସମନ୍ୱୟ (The Synthesis of Yoga)', 'ମାନବ ଯୁଗଚକ୍ର (The Human Cycle)', 'ମାନବ ଏକତାର ଆଦର୍ଶ (The Ideal of Human Unity)', 'ଶ୍ରୀ ଅରବିନ୍ଦ ଆଶ୍ରମ', 'ପୂର୍ଣ୍ଣାଙ୍ଗ ଶିକ୍ଷାର ଆଭିମୁଖ୍ୟ',

'ଯାହାସବୁ ସୁନିଶ୍ଚିତ', ଶ୍ରୀମାଙ୍କ 'ମାତୃ ରଚନାବଳୀ' ସତର ଖଣ୍ଡର ଅନୁବାଦ ସହ ଅନୁପରାଣୀଙ୍କ 'ପିଲାଙ୍କ ଶ୍ରୀଅରବିନ୍ଦ', ପ୍ରେମାନନ୍ଦ କୁମାରଙ୍କ 'ମାଆ' ପ୍ରଭୃତିର ଅନୁବାଦ । ଯିଏବା ଯେଉଁ ଦର୍ଶନ ଚିତ୍ତରଂଜନଙ୍କୁ ତୀର୍ଥ ପରି ଉତ୍‌କ୍ରମଣର ପ୍ରେରଣା ଯୋଗାଇ ଦେଇଛନ୍ତି, ସେ ସେମାନଙ୍କର ବା ସେହି ଦର୍ଶନର ପୁସ୍ତକଗୁଡ଼ିକୁ ଅନୁବାଦ କରିଛନ୍ତି ଓ ଏହି କ୍ରମରେ ଶ୍ରୀଅରବିନ୍ଦ ଓ ତାଙ୍କ ଦର୍ଶନ ସମ୍ପର୍କିତ ରଚନାର ଅନୁବାଦ ସର୍ବାଧିକ । ଅଧିକନ୍ତୁ, 'ଯୋଗ-ସମନ୍ୱୟ-ପ୍ରବେଶିକା', 'ପୂର୍ଣ୍ଣ ଏକତାର ଯୋଗ', 'ସେ ପ୍ରସ୍ଥରୁ ଏ ପ୍ରସ୍ଥକୁ', 'ଦେବ ମୁହୂର୍ତ୍ତ', 'ଦିବ୍ୟ ପ୍ରୟାସ', ପୂର୍ଣ୍ଣାଙ୍ଗ ଶିକ୍ଷା, ପ୍ରଭୃତି ଶ୍ରୀଅରବିନ୍ଦଙ୍କ ଦର୍ଶନ ଆଧାରିତ ମୌଳିକ ରଚନାମାନ ବି ରହିଛି । ରହିଛି ବି ଶ୍ରୀଅରବିନ୍ଦଙ୍କର ସାହିତ୍ୟ ଓ ଶିକ୍ଷା ଦର୍ଶନର ପ୍ରୟୋଗ ଓ ପ୍ରସାର କ୍ଷେତ୍ରରେ ଚାରି ଦଶନ୍ଧିର ସମର୍ପିତ ସାଧନା । ବିଭିନ୍ନ ଶିବିର, ସମ୍ମିଳନୀ ଓ ପାଠଚକ୍ରରେ ତା'ର କ୍ରିୟାଶୀଳ ପରିପ୍ରକାଶ ।

ଏପରି ନିମଜ୍ଜନ ସତ୍ତ୍ୱେ ଚିତ୍ତରଂଜନଙ୍କ ଆରୋହଣଧର୍ମୀ ଶିଷ୍ୟତ୍ୱ ନିଜର ସ୍ୱାଧୀନତା ଓ ସତ୍ ସ୍ୱାତନ୍ତ୍ର୍ୟ ପ୍ରତି ସର୍ବଦା ସଚେତନ ଥିଲା ନିଶ୍ଚୟ । ଶ୍ରୀମାଙ୍କ ନବବର୍ଷ (୧-୧-୧୯୭୦) ସନ୍ଦେଶ "will you help" ସ୍ଥାନରେ "with your help" ବୋଲି ପଢ଼ି ପକାଇ ଥିଲେ ବି ତାହା ତାଙ୍କ ଚେତନା ପାଇଁ ଯଥାର୍ଥ ବୋଲି ଅନୁଭବ କରିଥିଲେ । ସଂସାର ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଚି, ସେଥିରେ ମୁଁ ସାହାଯ୍ୟ କରିବାକୁ ଇଚ୍ଛୁକ ଅଛି କି ନାହିଁ, ସେକଥା ମୋତେ ପଚରା ଯିବା ଯାଏ ଅପେକ୍ଷା ରହିବ କାହିଁକି ?(୧୦) ତାଙ୍କ ଭିତରୁ ଜଣେ Eternal Thou ତାଙ୍କୁ ବାଟ ବତାଇ ଦେଉଥିବା ବେଳେ କୌଣସି ବହି, ଗୁରୁ ଅଥବା ଖାସ୍ ପରିମଳଟିଏ ମାନିଥିଲେ ସେ ସେତେ ସମ୍ପଦବାନ୍ ବୋଲି ଅନୁଭବ କରିପାରି ନଥାନ୍ତେ ବୋଲି ୧୬ ମେ', ୨୦୦୬ ଦିନଲିପିରେ ଲେଖୁଛନ୍ତି । ଓଡ଼ିଶାର ଶ୍ରୀ ଅରବିନ୍ଦଙ୍କ ଦର୍ଶନ ଆଧାରିତ ପୂର୍ଣ୍ଣାଙ୍ଗ ଶିକ୍ଷା ଧାରାରେ ଦୀର୍ଘବର୍ଷ ନିଜକୁ ଜଡ଼ିତ କରି ରଖିଥିଲେ ମଧ୍ୟ ନୂଆ ଗୁରୁଟିଏ ପାଇ ଏକ ନୂଆ ସମ୍ପ୍ରଦାୟ ଭିତରେ ନିବୁଜ ହୋଇ ରହିବାର କୌଣସି ବାଧ୍ୟବାଧକତା ସେ ଅନୁଭବ କରିନାହାନ୍ତି । ସମସ୍ତଙ୍କୁ ସୁହୃତ୍‌ମଣି ନିଜ ପଥରେ ଚାଲିଛନ୍ତି ଜୀବନଯାକ । ତାହାହିଁ ସମ୍ଭବତଃ ଶ୍ରୀଅରବିନ୍ଦ ଦର୍ଶନର ସୌନ୍ଦର୍ଯ୍ୟ ଓ ଶ୍ରେଷ୍ଠତା ।

**ପ୍ରାନ୍ତଟୀକା:**


୧- ଦାସ ଚିତ୍ତରଂଜନ, ରୋହିତର ଡାଏରୀ - ପ୍ରଥମ ପର୍ବ- ପ୍ରଥମାର୍ଦ୍ଧ, କଟକ, ବିଦ୍ୟାପୁରୀ, ପ୍ରଥମ ପ୍ରକାଶ- ୧୯୮୪, ପୃଷ୍ଠା-୮୫

2- First Darshan of Lord Sri Aurobindo, Vadodara,Yoga Yukta Prakashan, 1st Published-2014

୩- ଶ୍ରୀଅରବିନ୍ଦ, ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ- ପ୍ରଥମ ଅନୁକ୍ରମ, ପଣ୍ଡିଚେରୀ, ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପ୍ରଥମ ମୁଦ୍ରଣ-୧୯୭୦, ପୃଷ୍ଠା-୧୦୦

୪- ଦାସ ଚିତ୍ତରଂଜନ, ମିତ୍ରସ୍ୟ ଚକ୍ଷୁସା- ସକାଳ ପରେ ସକାଳ, କଟକ, ଏସ ବି ପବ୍ଲିକେଶନ, ପ୍ରଥମ ପ୍ରକାଶ-୧୯୯୮, ପୃଷ୍ଠା-୨୧୧

୫- ଦାସ ଚିତ୍ତରଂଜନ, ମିତ୍ରସ୍ୟ ଚକ୍ଷୁସା- ସକାଳ ପରେ ସକାଳ, କଟକ, ଏସ ବି ପବ୍ଲିକେଶନ, ପ୍ରଥମ ପ୍ରକାଶ-୧୯୯୮, ପୃଷ୍ଠା-୧୧୦

୬- ତତ୍ରୈବ-ପୃଷ୍ଠା-୧୫୯

୭- ଦାସ ଚିତ୍ତରଂଜନ, ମିତ୍ରସ୍ୟ ଚକ୍ଷୁସା- ସକାଳ ପରେ ସକାଳ, କଟକ, ଏସ ବି ପବ୍ଲିକେଶନ, ପ୍ରଥମ ପ୍ରକାଶ-୧୯୯୮, ପୃଷ୍ଠା-୨୧୨

୮- ୩/୧/୧୯୭୦- ରୋହିତର ଡାଏରୀ-ଏକାଦଶ ପର୍ବ- ପ୍ରଥମାର୍ଦ୍ଧ, ପୃଷ୍ଠା-୧୪୯

୯- ଦାସ ଚିତ୍ତରଂଜନ, ମିତ୍ରସ୍ୟଚକ୍ଷୁସା- ଦ୍ୱିତୀୟ ସକାଳ, କଟକ, ଏସ ବି ପବ୍ଲିକେଶନ, ପ୍ରଥମ ପ୍ରକାଶ-୧୯୯୬, ପୃଷ୍ଠା-୩୦୪

୧୦- ଦାସ ଚିତ୍ତରଂଜନ, ରୋହିତର ଡାଏରୀ- ଏକାଦଶ ପର୍ବ- ପ୍ରଥମାର୍ଦ୍ଧ, କଟକ, ଏସ ବି ପବ୍ଲିକେଶନ, ପ୍ରଥମ ପ୍ରକାଶ- ୧୯୯୨, ପୃଷ୍ଠା-୧୫୧



ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ଶାନ୍ତିନିକେତନ,
ପଶ୍ଚିମବଙ୍ଗ-୭୩୧୨୩୫
ଦୂରଭାଷ : ୯୬୭୯୨୧୯୨୯୧

ISSN -2583-147X (P), Vol.- 9, Issue No.XI, February 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଓଡ଼ିଆ ସାହିତ୍ୟରେ ରେଙ୍ଗୁନ୍ ପ୍ରବାସ ଓ ପ୍ରବାସୀଙ୍କ ଚିତ୍ର

**ଡ. ବିଦ୍ୟୁତ୍‌ପ୍ରଭା ରାଉତ**

ଅତୀତର 'କଳିଙ୍ଗ' ସହିତ 'ବର୍ମା' (ସମ୍ପ୍ରତି ମିଆଁମାର)ର ସମ୍ପର୍କ ଥିଲା ଅତ୍ୟନ୍ତ ପ୍ରାଚୀନ । ଆଗଙ୍ଗା ଗୋଦାବରୀ ବ୍ୟାପ୍ତ ଐତିହାସିକ କଳିଙ୍ଗର ତାମ୍ରଲିପ୍ତ, ଚେଲିତୋଳ, ମାଣିକପାଟଣା, ପାଲୁର, ପିଥୁଣ୍ଡା, ତାମଲୁକ, କଳିଙ୍ଗପଟ୍ଟନମ, ପିପିଳି ଆଦି ବନ୍ଦର ସହିତ ବ୍ୟାପ୍ତ ସମୁଦ୍ରର ସୀମା ଥିଲା ପ୍ରଲମ୍ବିତ । ପ୍ରାଚୀନ କଳିଙ୍ଗ ତେଣୁ ନୌବାଣିଜ୍ୟ ନିମନ୍ତେ ଥିଲା ଏକ ସମୃଦ୍ଧ ଆଧାର । ପ୍ରାଚୀନ କଳିଙ୍ଗ ଦକ୍ଷିଣ ଏସୀୟ ରାଜ୍ୟଗୁଡିକ ସହିତ ସୃଷ୍ଟି କରିପାରିଥିଲା ଏକ ବାଣିଜ୍ୟିକ ସମ୍ପର୍କ । ଏହି ବାଣିଜ୍ୟିକ ଅନ୍ତଃ-ସମ୍ପର୍କରୁ ରାଷ୍ଟ୍ରୀୟ ସୌହାର୍ଦ୍ଦ୍ୟ ସହିତ ସାମାଜିକ- ସାଂସ୍କୃତିକ-ଆର୍ଥନୀତିକ ସହାବସ୍ଥାନର ନୂତନ ରୂପରେଖକୁ ଲକ୍ଷ୍ୟ କାରାଯାଇ ପାରିବ । ଏପରିକି ଅତୀତ କଳିଙ୍ଗର ଅନେକ ସାହସୀ ବର୍ମା-ଶ୍ରୀଲଙ୍କା-ବାଲି ଆଦିରେ ଉପନିବେଶ ତଥା ସାମ୍ରାଜ୍ୟ ଆଦି ସୃଷ୍ଟି କରିଥିବା ଇତିହାସରୁ ପ୍ରାପ୍ତ ହୋଇଥାଏ । ଅନ୍ୟ ସମସ୍ତ ଭୌଗୋଳିକ କ୍ଷେତ୍ର ଅପେକ୍ଷା ଉଭୟ ଜଳ ଓ ସ୍ଥଳ-ଭାଗଦେଇ ବର୍ମାକୁ ଗମନାଗମନର ତଥା ଆପାତତଃ ନିକଟବର୍ତ୍ତୀ ହୋଇଥିବାରୁ ବର୍ମା ସହିତ ବର୍ତ୍ତମାନର ଓଡ଼ିଶା ଓ ଅତୀତର କଳିଙ୍ଗର ଗଢ଼ିଉଠିଥିଲା ନିବିଡ଼ ସମ୍ପର୍କ । ବୌଦ୍ଧଜାତକ-ଅର୍ଥଶାସ୍ତ୍ର-ମହାନିବେଶ ଆଦି ଗ୍ରନ୍ଥରେ ବର୍ମାକୁ 'ସୁବର୍ଣ୍ଣ ଭୂମି' ଭାବେ ବର୍ଣ୍ଣନା କାରାଯାଇଛି । ବର୍ମୀୟ ବୌଦ୍ଧ ଧର୍ମଗ୍ରନ୍ଥ 'ବୁଦ୍ଧାଗତ' ଅନୁଯାୟୀ କଳିଙ୍ଗର ଦୁଇ ବୌଦ୍ଧ ଓ ବଣିକ-ଭାଇ ତପସୁ ଓ ଭଲ୍ଲିକ ଦୁଇଜଣ ଥିଲେ ବୁଦ୍ଧଙ୍କ ପ୍ରଥମ ଦୁଇ ଶିଷ୍ୟ ଏବଂ ସେମାନେ ବୁଦ୍ଧଙ୍କ ଆଠଟି କେଶ ନେଇ 'ବ୍ରହ୍ମଦେଶ' ବା 'ସୁବର୍ଣ୍ଣ ଭୂମି'କୁ ଯାଇଥିଲେ । ଯାହାକି ରେଙ୍ଗୁନ୍‌ର ବିଖ୍ୟାତ ସିଉ-ଡ୍ରାଗନ ପାଗୋଡାରେ ଅଦ୍ୟାବଧି ସଂରକ୍ଷିତ ଥିବା କଥା ବିଶ୍ୱାସ କରାଯାଏ । 'ମନ ଖମୀର' ଜାତିର ଦୁଇଟି ଶାଖା 'ତଲାଇଁ' ଓ 'କାମ୍ବୋଡୀୟ'ମାନେ ଦୁଇ ଭିନ୍ନ ସମୟରେ ପୂର୍ବଦିଗରୁ ବ୍ରହ୍ମଦେଶରେ ପ୍ରବେଶ କରିଥିଲେ । ତତ୍ ପୂର୍ବରୁ ସେଠାରେ କଳିଙ୍ଗବାସୀଙ୍କ ଉପନିବେଶ ସ୍ଥାପିତ ହୋଇସାରିଥିଲା । ତେଣୁ କଳିଙ୍ଗ ଉପନିବେଶର ଅଧୀନରେ ଅନେକ କାଳ ରହିବାପରେ ସେଠାରେ ଏକ ନୂତନ ଧରଣର ସାମାଜିକ-ସାଂସ୍କୃତିକ ସମନ୍ୱୟ ଘଟିଥିଲା । ପରେ ମୂଳ ତଲାଇଁମାନେ ଓଡ଼ିଆ ଉପନିବେଶର ଲୋକଙ୍କୁ ସେହି ଅ*ଳରୁ ବଳପୂର୍ବକ ବାହାର କରିବାରୁ ସେଠାରୁ ଉଠିଯାଇଥିବା ଓଡ଼ିଆ ଉପନିବେଶ କେଉଁଠାକୁ ସ୍ଥାନାନ୍ତରିତ ହେଲା ସେ ସମ୍ପର୍କରେ ବିଶେଷ ସୂଚନା ମିଳେ ନାହିଁ । ଏଭଳି ମଧ କୁହାଯାଏ ଯେ ବ୍ରହ୍ମଦେଶରେ 'ତଲାଇଁ'ମାନେ ପ୍ରାଚୀନ କଳିଙ୍ଗ ଜାତିର ଏକ ସମ୍ମିଶ୍ରିତ ଶାଖା । ଯେଉଁମାନେକି ହନ୍ତାବାଡିରେ ୧୮ଶ ଶତାବ୍ଦୀ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ବ୍ରହ୍ମଦେଶର 'ଉତ୍କଳନଗର' ନାମକ ଉତ୍କଳୀୟ ଉପନିବେଶବାସୀଙ୍କ ଭାଷା ସଂସ୍କୃତ ଥିଲା ବୋଲି ଅନେକ ପ୍ରମାଣ ମିଳିଥାଏ । ପ୍ରଚଳିତ କିଂବଦନ୍ତୀ ଅନୁଯାୟୀ ବ୍ରହ୍ମଦେଶରେ ଉତ୍କଳୀୟମାନଙ୍କଦ୍ୱାରା ହିଁ ବୌଦ୍ଧଧର୍ମର ଭିତ୍ତି ସ୍ଥାପିତ ହୋଇଥିଲା । ଥାଟନରେ ଥିବା ପାଗୋଡାଗୁଡ଼ିକର କାରୁକାର୍ଯ୍ୟ ଓ ଶିଳ୍ପକଳା ପ୍ରାଚୀନ ଓଡିଶୀ ଶିଳ୍ପକଳା ସହ ସମଧର୍ମା ଅଟେ । ବ୍ରହ୍ମଦେଶ ସହିତ ପ୍ରାଚୀନ ଓଡ଼ିଶାର ସମ୍ପର୍କର ଇତିହାସ ଯେତିକି ପ୍ରାଚୀନ ବୋଲି କୁହାଯାଏ; ସତ କହିବାକୁ ଗଲେ ତା'ଠାରୁ ମଧ ପୁରାତନ ଏହି ସମ୍ପର୍କର ସୂତ୍ର । କାରଣ ଭାରତୀୟ ହିନ୍ଦୁମାନଙ୍କର ବ୍ରହ୍ମଦେଶ ସହିତ ସଂଯୁକ୍ତ ସମୟର ସୂତ୍ରଟିଏ ଏହା ସହିତ ଜଡ଼ିତ ରହିଛି । କାରଣ ସେହି ପ୍ରାଚୀନ ହିନ୍ଦୁମାନଙ୍କ ସହିତ କଳିଙ୍ଗବାସୀ ଅବଶ୍ୟ ଯୋଡ଼ିହୋଇ ରହିଥିଲେ । ଏହି ସମ୍ପର୍କଟି ଆଧୁନିକକାଳରେ ମଧ ରହିଆସିଛି ଭିନ୍ନ ଭିନ୍ନ ସ୍ତରରେ । ସେହି ସମସ୍ତ କାରଣରୁ ଏକ ସାମାଜିକ- ସାଂସ୍କୃତିକ-ଧାର୍ମିକ-ଆର୍ଥନୀତିକ-ବାଣିଜ୍ୟିକ ତଥା ହାର୍ଦ୍ଦିକ ସହାବସ୍ଥାନରୁ ଉଭୟ ଅ*ଳରେ ପ୍ରବାସୀ ସାଜିଲେ ଉଭୟ ଅ*ଳର ମଣିଷ ।

ବାଣିଜ୍ୟ-ଧର୍ମପ୍ରଚାର-ଭ୍ରମଣ ଭଳି ପ୍ରେକ୍ଷାକୁ ବାଦଦେଲେ ବିଶେଷତଃ ଓଡ଼ିଶା ଅନୁଷଙ୍ଗରେ କହିବାକୁ ଗଲେ ଅତୀତ ତଥା ଆଧୁନିକ ସମୟରେ ରୋଜଗାର ବା ବୃତ୍ତିର ଅନ୍ୱେଷଣରେ ଲୋକେ ଦେଶାନ୍ତରିତ ହୋଇଛନ୍ତି । ଏହିଭଳି ସମ୍ପର୍କ ସ୍ଥାପିତ ହୋଇଛି ଓଡ଼ିଶା ସହିତ ବର୍ମାର । ସ୍ୱାଧୀନତାର ପ୍ରାକ୍ କାଳରେ ଭାଙ୍ଗି

ପଡିଥିବା କୃଷିଭିତ୍ତିକ ଭାରତର ଅର୍ଥନୀତି ଏବଂ ପରାଧୀନତା କାରଣରୁ ବିଘ୍ନିତ ଆର୍ଥ-ସାଂସ୍କୃତିକ ଅବକ୍ଷୟ ମଣିଷକୁ ବାଧ୍ୟ କରିଛି ନିଜପାଇଁ ଏକ ସୁରକ୍ଷିତ ବଳୟ ସୃଷ୍ଟି କରିବା ପାଇଁ । ଅନ୍ୟପକ୍ଷରେ ଓଡ଼ିଶାର ଆର୍ଥ-ସାମାଜିକ ଜୀବନକୁ ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା । ଅନ୍ୟ ପନ୍ଥାଶୂନ୍ୟ ଓଡ଼ିଶାବାସୀ ଉପାର୍ଜନର ସନ୍ଧାନରେ କାଳୀମାଟି, ମାଟିଆ ବୁରୁଜ, ଆସାମ, ବର୍ମା-ରେଙ୍ଗୁନ୍ ଆଦି ସ୍ଥାନକୁ ସ୍ଥାନାନ୍ତରିତ ହେଲେ । ଅନେକ ନିଜନିଜ ଭିଟାମାଟି ଛାଡି ସେସବୁ ଅ*ଳକୁ ସବୁଦିନ ପାଇଁ ପଳାୟନ କଲେ । ଓଡ଼ିଶାର ଅତୀତରୁ ଦେଶାନ୍ତରିତ ମଣିଷଙ୍କ ଇତିହାସ ଦେଖିଲେ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ତଥା କଟକ, ପୁରୀ, ଗଞ୍ଜାମ, ବାଲୁଗାଁ ଆଦି ଅଞ୍ଚଳରୁ ଲୋକ ବିଶେଷତଃ ରେଙ୍ଗୁନ୍ ଯାଉଥିଲେ । ଏମାନେ ପ୍ରାୟତଃ ଗୋପାଳପୁର ଓ ମାନ୍ଦ୍ରାଜ ବନ୍ଦରରୁ ଡେକ୍ ପାସେଞ୍ଜର ଭାବେ ଜଳଯାତ୍ରା କରୁଥିଲେ । ବର୍ମାର କୃଷିକ୍ଷେତ୍ର, କଳକାରଖାନା, ଜଳଯୋଗାଣ, ପାଇପ ମରାମତି କାର୍ଯ୍ୟ, ରାସ୍ତା ଓ ଗୃହନିର୍ମାଣ, ରେଳପଥ ନିର୍ମାଣ ଏପରିକି ହୋଟେଲ ବଜାର ଆଦିରେ ଶ୍ରମିକ ଭାବେ କାର୍ଯ୍ୟରେ ନିୟୋଜିତ ହେଉଥିଲେ ।

୧୯୩୯ ମସିହାରେ ବର୍ମା କମ୍ପାନୀ ଦ୍ୱାରା ନିର୍ମିତ ହିନ୍ଦୀ ସିନେମା 'ପତଙ୍ଗା'ରେ ସମ୍‌ସାଦ ବେଗମ ଓ ସି. ରାମଚନ୍ଦ୍ର ଗାଇଥିବା ଅତ୍ୟନ୍ତ ଲୋକପ୍ରିୟ ଗୀତ "ମେରେ ପିଆ ଗଏ ରଙ୍ଗୁନ୍ /କିଆ ହେ ୱାହାଁ ସେ ଟେଲିଫୁନ/ତୁମ୍‌ହାରୀ ୟାଦ ସତାତି ହେ /ଜିଆ ମେ ଆଗ ଲଗାତି ହେ/ଘଂଘଂ ହମ ବର୍ମା କୀ ଗଲିୟାଁ ମେଁ ଔର ତୁମ ହୋ ଦେହେରାଦୁନ ।" ଭଳି ଗୀତରେ ନିଜ ପ୍ରବାସୀ ପ୍ରିୟ ମଣିଷ ପ୍ରତି ଝୁରି ହେବାର ପ୍ରତ୍ୟୟ ବେଶ୍ ନିବିଡ ଓ ଗଭୀର ।

ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେ ଅନୁରୂପ ଭାବେ ରେଙ୍ଗୁନ୍ ପ୍ରବାସ ଓ ପ୍ରବାସୀମାନଙ୍କର ନିଖୁଣ ଚିତ୍ର । ଏହି ଆଲେଖ୍ୟ ସେହି ଦିଗକୁ ହିଁ ସ୍ପର୍ଶ କରିବାକୁ ଚେଷ୍ଟା କରିଛି । ଓଡିଶାରୁ ରେଙ୍ଗୁନ୍/ ବର୍ମା ଯାଇଥିବା ପ୍ରବାସୀଙ୍କ ଅନୁଭବ ଓ ଅନୁଭୂତି ଊନବିଂଶ ଶତାବ୍ଦୀର କେତେକ ପତ୍ର-ପତ୍ରିକାରେ ପ୍ରକାଶିତ ରୂପ ଦେଖିବାକୁ ମିଳେ । ଏପରିକି ଓଡ଼ିଶାର ପୁରପଲ୍ଲୀରୁ ବର୍ମା/ରେଙ୍ଗୁନ୍ ଯାଇଥିବା ଲୋକେ ଯେତେବେଳେ ଅନେକ ବ୍ୟବଧାନରେ ଓଡ଼ିଶା ଫେରନ୍ତି ସେତେବେଳେ ସେମାନଙ୍କ ଅନୁଭୂତିର କାହାଣୀ ଶୁଣି ମଧ୍ୟ କେତେ ସାହିତ୍ୟ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇପାରେ । ଏପରିକି ରେଙ୍ଗୁନ୍ ଯାଇଥିବା ଲୋକଙ୍କ ଦୁର୍ଦ୍ଦଶା ଏବଂ ରେଙ୍ଗୁନ୍ ଫେରନ୍ତାଙ୍କୁ ନେଇ ଓଡ଼ିଆ ସାହିତ୍ୟରେ ସୃଷ୍ଟି ହୋଇଥିବା ଅନେକ କବିତା, ଗଳ୍ପ, ପ୍ରବନ୍ଧ, ଉପନ୍ୟାସ, ଆତ୍ମଜୀବନୀର ଅଂଶ ଆଦି ଭିତରେ ଅନୁଭବି ହେବ ବୃତ୍ତି ଓ କର୍ମସଂସ୍ଥାନର ସନ୍ଧାନରେ ପ୍ରବାସୀ ସାଜିଥିବା ମଣିଷଙ୍କ ବିବିଧ ଉପଲବ୍ଧି ।

ଅନେକ ତଥ୍ୟ ତତ୍କାଳୀନ ବିଭିନ୍ନ ପତ୍ର-ପତ୍ରିକା ଯଥା ଉତ୍କଳଦୀପିକା, ଆଶା, ସମ୍ବଲପୁର ହିତୈଷିଣୀ, ନବୀନ ଆଦିରେ ବିବିଧ ସଂବାଦ ସ୍ଥାନିତ ହେଉଥିଲା । ବିଶେଷତଃ ବର୍ମାର ସାମାଜିକ-ସାଂସ୍କୃତିକ-ଆର୍ଥିକ ପରିସ୍ଥିତି ଓ ଜନଜୀବନ, ପର୍ବପର୍ବାଣି ବିଷୟରେ ଅନେକ ତଥ୍ୟ ପ୍ରକାଶିତ ହେଉଥିଲା । ବର୍ମାରେ ବସବାସ କରୁଥିବା ଓଡ଼ିଆମାନେ ବର୍ମାଭାଷା ମଧ୍ୟ ଶିକ୍ଷା କରୁଥିଲେ । ଏହାର ପ୍ରମାଣ ଭାବେ ରାମମୂର୍ତ୍ତି ଦୋରା ଓ କିଶନଲାଲ ବାଳମୁକୁନ୍ଦଙ୍କ ଦ୍ୱାରା ସଂଗୃହୀତ / ଅନୁବାଦିତ ଓ ପ୍ରକାଶିତ 'ବର୍ମା ଭାଷା ଶିକ୍ଷା' (ପ୍ରଥମ ଭାଗ) ପୁସ୍ତକକୁ ସ୍ମରଣ କରାଯାଇପାରେ ଯାହାର ଚତୁର୍ଥ ପ୍ରକାଶନ ହୋଇଥିଲା ୧୯୪୦ ମସିହାରେ । ଏପରିକି ବର୍ମାରେ ବସବାସ କରୁଥିବା ଓଡ଼ିଆମାନଙ୍କଦ୍ୱାରା ଓଡ଼ିଆ 'ବର୍ମା ପତ୍ରିକା' କୁ ମଧ୍ୟ ଏ ପ୍ରସଙ୍ଗରେ ସ୍ମରଣ କରାଯାଇପାରେ । କପିଳ ମିଶ୍ର, ହରିହର ଦାସ, ଗୋଦାବରୀଶ ମହାପାତ୍ର, ଲକ୍ଷ୍ମୀନାରାୟଣ ସାହୁ, ଲାଲମୋହନ ପଟ୍ଟନାୟକ, ଶଶିଭୂଷଣ ରଥ ପ୍ରମୁଖ ବର୍ମା ସମ୍ପର୍କିତ ଅନୁଭୂତି ରଚନା ମଧ୍ୟରେ ବର୍ମାରେ ଓଡ଼ିଆମାନଙ୍କର ସ୍ଥିତି ଓ ସହାବସ୍ଥାନ ସମ୍ପର୍କରେ ସୂଚନା ପ୍ରାପ୍ତ ହୋଇଥାଏ । ବର୍ମାରେ ଓଡ଼ିଆମାନଙ୍କ ଦ୍ୱାରା ଗଢ଼ି ଉଠିଥିବା ଓଡ଼ିଆ ସଂସ୍କୃତିର ପ୍ରମାଣ ସ୍ୱରୂପ ସେଠାରେ ଅନେକ ଜଗନ୍ନାଥ ମନ୍ଦିର ଏବଂ ପାଳିତ ହେଉଥିବା ରଥଯାତ୍ରାରେ ଜନତାଙ୍କ ବିପୁଳ ଜନସମାଗମକୁ ଲକ୍ଷ୍ୟ କରାଯାଇପାରେ । ୧୯୧୧ ର ଏକ ଜନଗଣନା ଅନୁଯାୟୀ ସେତେବେଳେ କେବଳ ରେଙ୍ଗୁନ୍‌ରେ ୨୦,୦୦୦ରୁ ଅଧିକ ଓଡ଼ିଆ ବସବାସ କରୁଥିଲେ । ଏମାନଙ୍କ ମଧ୍ୟରେ ଅଧିକ ଥିଲେ ଶ୍ରମିକ, ଜଳ-ଯୋଗାଣ ପାଇପ ମିସ୍ତ୍ରି, ଛୋଟ ବଡ ଦୋକାନୀ, ବ୍ୟବସାୟୀ ତଥା କଣ୍ଟ୍ରାକ୍ଟର ।

**କବିତାରେ ରେଙ୍ଗୁନ୍ ପ୍ରବାସ ଓ ପ୍ରବାସୀ :**

୧୯୧୮ ମସିହାରେ ଲିଖିତ ଯମେଶ୍ୱର ଷଡ଼ଙ୍ଗୀଙ୍କ ଛନ୍ଦବଦ୍ଧ 'ରେଙ୍ଗୁନ୍ ଗୀତ' ଦୀର୍ଘ କବିତାରେ ଓଡ଼ିଆଙ୍କ ବର୍ମା ଯିବାର ଆର୍ଥ-ସାମାଜିକ କାରଣ ତଥା ବର୍ମାରେ ଓଡ଼ିଆଙ୍କ ସ୍ଥିତି ଓ ଦୁର୍ଦ୍ଦଶା ସମ୍ପର୍କିତ ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି ଭାବେ ବିବେଚନା କାରାଯାଇପାରେ । ୬୪ ପଦ ବିଶିଷ୍ଟ ଏହି କବିତାଟିରେ "କେମନ୍ତ କହ କାନ୍ତ ରେଙ୍ଗୁନ ଦେଶ / ଶୁଣିଲେ ମନ ମୋର ହେବ ଉଲ୍ଲାସ ।" ବା "ଭଲା ରେଙ୍ଗୁନ ଦେଶ ଏହି ଅଟଇ । / ଦଇବ ଆଣିକି ମୋତେ ଦେଲା ଭେଟାଇ ।" ଭଳି ପଦ ଭିତରେ ଅନୁଭବି ହେବ ଜୀବନ, ସ୍ୱପ୍ନ ଓ ସଂଘର୍ଷର ଅନେକ ପ୍ରେକ୍ଷାକୁ । "ଖୋଜନ୍ତି ମିସ୍ତିରି, ପ୍ରତି ଗ୍ରାମେ ଫେରି, କହନ୍ତି ରେଙ୍ଗୁନ ଯିବ ଭଳି ଆସ । ଖର୍ଚ୍ଚ ବୋଇତକୁ ଦେବି ମୁଁ ତୁମ୍ଭକୁ, ଏକଥାର ଅଛି ପଛୁଆ କିସ" ବା "ଡାକିଣ ପୁତ୍ରକୁ କେ କହେ ଭାଇ ଯାଉଅଛି ମୁହିଁ ରେଙ୍ଗୁନ ଦେଶ । / ଡାକଘରେ ଯାଇ ପତ୍ର ମୁଁ ଦେବଇଁ ପାଉଥିବ ତୁମ୍ଭେ ମାସକୁ ମାସ" ବା "ନ କର ନବୀନା ଆଉ ମୋତେ ମନା, ନିଶ୍ଚୟ ଯିବି ମୁଁ ରେଙ୍ଗୁନ ଦେଶ ।/ ଏ ସନ କିସ୍ତି ବାନ୍ଧିବି କେମିତି ଅଛି ବନ୍ଧାପନା

ବାକି ବିଶେଷ ।" ବା "ଧୀରେ କେ କହଇ ଗଲେ ମୋ ଭାଇ ଆଜକୁ ହୋଇଲା ଆଠ ବରଷ । / ଧନ ହସ୍ତେ ନାହିଁ ଇତସ୍ତତଃ ହୋଇ ବୁଲୁଅଛି ସେହି କରିବ କିସ ।" ବା "ଶୋଭା ନ ଦିଶଇ ଏକାକିନୀ ମୁହିଁ କାନ୍ତ ବିନା ସବୁ ହୋଇଛି ବିଷ । / ଶ୍ରୀମନ୍ତ ପୁରୁଷ ନ ଆସିଲେ ପାଶ, ନିଶ୍ଚୟ ହୋଇବ ଜୀବ ବିନାଶ ।" ବା "ସନ୍ତାପିତ ହୋଇ କେ କାଳ କହି ପୁତ୍ର ମୋର ବିଲେ କରିଣ ଚାଷ / ସାହୁକାର ବାକି କରି, ମାଲିକକୁ ଲୁଚି ପଳେଇଲା ଏହି ବରଷ ।" ବା "କେ କହଇ ରେଙ୍ଗୁନ୍‌କୁ ଯାହା ଆସିବ । / ନିଜ ଦେଶେ ଭିକ୍ଷା କରି ଦିନ ବଞ୍ଚିବ ।" ବା "ଦେଖି ଦେଖି ଏହା ସବୁ ହୋଇଲା ତୋଷ । ଧନ କିଛି ହୋଇଲା ମୋହରି ପାଶ । / ପଡିଲା ଘର ମନେ, ତୃପ୍ତି ନ ଲାଗେ କ୍ଷଣେ ଶାରଳା ଧ୍ୟାୟୀ, / ଯମେଶ୍ୱର କହଇ ପତଙ୍ଗ, ପ୍ରାୟେ ମନ ଉଡଇରେ ।" ଏ ସମସ୍ତ ପଦର ଭାବକୁ ଏକତ୍ର ଦେଖିଲେ ଅନୁଭବୀ ହେବ ରେଙ୍ଗୁନ୍ ଯାଉଥିବା ଓ ଫେରୁଥିବା ଲୋକଙ୍କ ଭାବନା ।

୧୯୨୯ ମସିହାରେ ଶ୍ରୀ ଗୁରୁନାଥ ପ୍ରେସ୍, ଏ. କେ. ଘୋଷଙ୍କ ଦ୍ୱାରା କଟକ ବାଖରାବାଦ ପ୍ରେସ୍‌ରୁ ପ୍ରକାଶିତ ଅନନ୍ତ ଦାସ ଶର୍ମାଙ୍କ ଦ୍ୱାରା ସଂଗୃହୀତ ଯୋଗୀ 'ରେଙ୍ଗୁନ୍ ଗୀତ' ପ୍ରବାସୀ ରେଙ୍ଗୁନ୍‌ବାସର ଅନ୍ୟ ଏକ ସଂଯୋଗ । ୫୪ ପଦ ବିଶିଷ୍ଟ ଏହି ଦୀର୍ଘ କବିତା ନିଜ ପ୍ରିୟ ମଣିଷ ପ୍ରତି ଅଭିପ୍ରେତ: "କାନ୍ତ କହେ କେମନ୍ତ ରେଙ୍ଗୁନ୍ ଦେଶ । / କିନ୍ତୁ ଶୁଣିଲେ ମନ ହେବ ଉଲ୍ଲାସ ।" ପଦ ଭିତରେ ଅପେକ୍ଷାର ଅନ୍ତହୀନ ହତାଶା ପ୍ରତିଫଳିତ । ଖଣ୍ଡପଣ କରି ମୋତେ କିପରି ଛାଡ଼ି ଗୋପାଳପୁରରେ କେତେଦିନ ରହି ଘୋର ସିନ୍ଧୁକୁ ପାରିକରି କିପରି ତୁମେ ଚାଲି ଗଲ । ସେ ଦେଶଟା କିଭଳି; ସେଠାରେ ନାରୀମାନେ କିପରି ସୁନ୍ଦରୀ; ନିଜ ସ୍ୱାମୀମାନଙ୍କୁ ସେମାନେ କିପରି ସେବା କରନ୍ତି; ସେଠାକୁ ଗଲାପରେ ମୁଁ ତୁମ ଠିକଣାକୁ ଅପେକ୍ଷା କରି ରହିଛି; କିପରି ଭାଷା ଚଳେ; ସେଠାରେ କ'ଣ ସବୁ ଖାଆନ୍ତି; କେଉଁ ସବୁ ବିଶେଷ ଫଳ ସେଠାରେ ଫଳେ; କେତେ ପ୍ରକାର ମେସିନ୍ ସବୁ ସେଠାରେ ଅଛି ଏସବୁ ଜଣାଅ ପ୍ରସଙ୍ଗରେ ପତ୍ରଭଳି କୁଶଳ ଜିଜ୍ଞାସା ସହିତ ସଂଶୟଭାବକୁ ଲକ୍ଷ୍ୟ କରାଯାଇପାରିବ ।

ରେଙ୍ଗୁନ୍ ଯିବା ଯେତିକି ଉତ୍ସାହପ୍ରଦ; ଫେରିବା ସେତିକି କଷ୍ଟପ୍ରଦ । ଗାଆଁ ଗାଆଁ ବୁଲି ଅଭାବୀ ମଣିଷଙ୍କୁ ଖୋଜି ରେଙ୍ଗୁନ୍ ପଠାଇବା ଲୋକେ ଲୋଭଦେଖାଇ ନେଇଯାଆନ୍ତି : "xxx ଚଳି ପାରିବ କିଏ ଦେଶେ ଏଣିକି । କାନ୍ତାରା ପଡୁଛି ପ୍ରତିବରଷ । ଚିନ୍ତେ ନୁହଁ ଟଙ୍କା ନିଅ ଏବେ ଟଙ୍କା । ଲେଖିବି କହ ତୁମ ନାମ କିସ ।" ପୁଅଟି ବାପକୁ କୁହେ: "ଯାଉଅଛି ମୁହିଁ ରେଙ୍ଗୁନ୍ ଦେଶ । ଜୀବିକା ଆମ୍ଭର ବୁଡ଼ିବ ଏଥର । କ୍ଷେତ ପୋଡିଗଲା ଖାଇବା କିସ ।" କଥାଟି ଶୁଣି ସ୍ତ୍ରୀଟି କହେ : "କରୁଅଛୁ କିସ ଏଡ଼େ ସାହସ । ଝୁରି ଝୁରି ମୁହିଁ ମରିଣ ଯିବଇଁ । ବିଲଖଣ୍ଡ କେହୁ କରିବ ଚାଷ ।" ପୁଅକୁ ଡାକି ରେଙ୍ଗୁନ୍ ଯାଉଥିବା ଲୋକଟି : "xxx ଯାଉଅଛି ମୁହିଁ ରେଙ୍ଗୁନ୍‌ଦେଶ । ଡାକରେ ଯେ ଚିଠି ପଠାଉଥିବିଟି । ମିଳିବ ତୁମ୍ଭଙ୍କୁ ମାସକୁ ମାସ ।" ସେହିଭଳି ଅନେକ ପ୍ରସଙ୍ଗ ସଂଯୋଜିତ ହୋଇଛି ରେଙ୍ଗୁନ୍ ଗୀତ କବିତାରେ । ସମାନ୍ତରାଳ ଭାବେ ଅନେକ ପ୍ରସଙ୍ଗର ଅବତାରଣାକୁ ଏଥିରେ ଲକ୍ଷ୍ୟ କରାଯାଇପାରିବ । ଯେପରି ଅଳ୍ପଦିନ ତଳେ ବାହା ହୋଇଥିବା ସ୍ତ୍ରୀ କହେ : "xxx ଡାକେ କେ ନାୟିକା ବୋଲାଇ ଯେ ଏକକରି ମୋତେ ଯାଉଛୁ ପ୍ରାଣଈଶ । ଢଳିବି ବିଅର୍ଥେ ବଞ୍ଚିବି କେମନ୍ତେ ଖଟିବାର ହୋଇଛି ବେନିମାସ ।" ଏହାର ପ୍ରତିଉତ୍ତରରେ ସ୍ୱାମୀର କଥନ : "ଆଉ ମୋତେ ମନା ନକର ନବୀନା ଯିବାର ମୁହିଁ ନିଦାନ ଅବଶ୍ୟ । ଏ ବର୍ଷର କିସ୍ତି ବାନ୍ଧିବି କିମିତି । ବନ୍ଧାପନା ବାକୀ ଅଛି ବିଶେଷ ।" ଅନୁରୂପ ଭାବେ ମା'ଟି ପୁଅକୁ କହୁଥିବା କଥାଟି ଆହୁରି ଦୁଃଖଭରା : "xxx ମାୟେ ପୁତ୍ରକୁ ଯେ କହେ । ଆମ୍ଭଙ୍କୁ ନିଅଣ୍ଟ ହୋଇଛି କିସ । ତୁହି ଥିଲେ ବାବୁ ଅଛି ମୋର ସବୁ । ରେଙ୍ଗୁନ ଧନରେ ନାହିଁ ମୋ ଆସ ।" ରେଙ୍ଗୁନ୍ ଯାଇ ସେଠାରେ ଅର୍ଥ ଉପାର୍ଜନ କରେ ଗ୍ରାମୀଣ ବାପୁଡା କିନ୍ତୁ ଅନେକ ସମୟରେ "ଭ୍ରମ ଯେ ହୁଅନ୍ତି ପ୍ରେମରେ ପଡନ୍ତି" ଏବଂ ସେମାନଙ୍କର ଶ୍ରମ ଅର୍ଜିତ ଧନକୁ ବି ଲୁଟି ନିଅନ୍ତି ସେଠାରେ ବିଦେଶୀ ନାରୀ ଭଳି ପ୍ରସଙ୍ଗ ଆଦି ହୋଇଛି ବର୍ଣ୍ଣିତ । "ଭଲା ରେଙ୍ଗୁନୁ ଦେଶ ଏହୁ ଅଟଇରେ / ଦେଲା ଦଇବ ଆଣି ମୋତେ ଭେଟାଇ ରେ ।" ପଦ ଭିତରେ ରେଙ୍ଗୁନ୍ ପ୍ରତି ଆକର୍ଷଣ ଓ ବିକର୍ଷଣ ଉଭୟ ପ୍ରତିଫଳିତ । "କେ ବୋଲଇ ରେଙ୍ଗୁନ୍ ଦେଶ ଯାହା ଆସିବା / ନିଜ ରାଜ୍ୟେ ଭିକ୍ଷା ମାଗି ପଛେ ବଞ୍ଚିବ ।" ଏହା ହେଉଛି ରେଙ୍ଗୁନ୍ ପ୍ରବାସୀର ଜ୍ୱାଳା ! ଯାହା କେବେ ହୁଏ ନାହିଁ ପ୍ରଶମିତ । ରେଙ୍ଗୁନ୍‌ରେ ଭୋଗୁଥିବା ଦୁର୍ଭୋଗ ଏବଂ ସାହୁକାରର ଗଂଜଣା; ଅସହ୍ୟ ଜୀବନର ଛବି ରେଙ୍ଗୁନ୍ ଗୀତରେ ପ୍ରତିଭାସିତ । ସେଠାକାର କାରଖାନା, ଗଳି ଉପଗଳିରେ ମୁଠାଏ ଖାଦ୍ୟ ଏବଂ ନିଜ ପାଇଁ ଧନ ଅର୍ଜିବାକୁ ଆସୁଥିବା ମଣିଷଙ୍କର ଦୁର୍ଦ୍ଦଶାର ଛବି ବେଶ୍ ନିଛକ ଅନେକ କବିତା ପଦ ଭିତରେ । ଅନୁରୂପ ଭାବେ ଭାଷା ସମସ୍ୟାର କଥାବି ଗୀତ ଭିତରେ ବେଶ୍ ପ୍ରଚ୍ଛନ୍ନ: "xxx ଓଡ଼ିଆ ତେଲୁଗୁ ଭାଷା କେ ନ ଜାଣନ୍ତି । ଝଟାମଞ୍ଜି ପ୍ରାୟେ ସର୍ବେ ଚାହିଁଣଥାନ୍ତି । ଦିଛୁ କହିଲେ କେହୁ । ବୋଲନ୍ତି ନାମ ନେଉ । ଗଳି ବୋଲନ୍ତି ତୁଆ । ଯେହ୍ନେ ବିରାଡ଼ି ଭୁଆଁ ।" ରେଙ୍ଗୁନ୍ ଗୀତ ଭିତରେ ବର୍ମାର ଲୋକଜୀବନ ଛବି ସହିତ ସାମାଜିକ, ଆର୍ଥନୀତିକ, ଚଳଣି ଓ ଜୀବନଶୈଳୀର ଅନେକ ପ୍ରସଙ୍ଗ ମଧ୍ୟ ବେଶ୍ ସୂକ୍ଷ୍ମତାରେ ଉଲ୍ଲିଖିତ ହୋଇଥିବା ଲକ୍ଷ୍ୟଣୀୟ । "ମୂଳ ଷ୍ଟେସନ ରେଙ୍ଗୁନ୍ ବସ୍ତିରେ ଅଛି । ଯେତେ ରେଳଗାଡ଼ି ସେହିଠାରୁ ଚାଲୁଛି । ଗାଡିରେ ଯେଉଁ ବସେ ମାଇଲକୁ ପଇସେ । ଉଡେ ପବନ ପ୍ରାୟ । ଅବନୀ କମ୍ପିଯାଏ । ମେଘ ଘଡ଼ଘଡ଼ି ପ୍ରାୟେ ଶୁଭେରେ ।" ଭଳି ପଦରେ

ରେଙ୍ଗୁନ୍‌ର ଯାତାୟତ ବ୍ୟବସ୍ଥାର ପ୍ରସଙ୍ଗ ବି ବେଶ୍ ସରଳ ଭାବରେ ସଂଯୋଜିତ ହୋଇଛି ଯୋଗୀ ରେଙ୍ଗୁନ୍ ଗୀତରେ । କବିଙ୍କର ପରିଚୟ ବି ଯୋଗୀ ରେଙ୍ଗୁନ୍ ଗୀତ ଭିତରେ ସଂଯୋଜିତ ଠିକ୍ ଭଣିତା ଭଳି: "xxx ଘୁମୁସର ତାଲୁକା ପଡ଼ିଆ ମୁଠାରେ ନିବାସ ଅଟର ନିମପଦର, ଗ୍ରାମରେ ଆସି ରେଙ୍ଗୁନ୍ ଦେଶ । ଭାଳି କରି ମାନସ ଶାରଳା ପଦେ ଧାଇ ଯୋଗୀ ଏ ରସେ କହି । ନିଜ ରାଜ୍ୟକୁ ମୁଁ କେବେ ଯିବାଇଁରେ ।"

ଘୁମୁସରବାସୀ ଯୋଗୀ ରେଙ୍ଗୁନ୍ ଗୀତର ସ୍ରଷ୍ଟାର ରେଙ୍ଗୁନ୍ ପ୍ରବାସ ଓ ପ୍ରବାସୀ ଜୀବନର କଥା ଓ ବ୍ୟଥା ଗୀତ ଭିତରେ ବେଶ୍ ବାସ୍ତବତାର ସହ ପ୍ରତିଫଳିତ । ଯେଉଁଠି ନିଜ ଭୂମିକୁ ଫେରିବାର ଇଚ୍ଛା ଓ ଆଶଙ୍କା ବିଜଡ଼ିତ ଅଭିବ୍ୟକ୍ତି ଭିତରେ 'ଯୋଗୀ ରେଙ୍ଗୁନ୍ ଗୀତର ପ୍ରତ୍ୟାଶା ବେଶ୍ ବ୍ୟାକୁଳତାରେ ଭରା ।

ସେହିଭଳି କବି ବିଦ୍ୟାଧର ସାହୁଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ 'ରେଙ୍ଗୁନ୍ ବଢ଼ି ଗୀତ' (୧୯୩୭) / ୬୨ ପଦ ବିଶିଷ୍ଟ ଅନ୍ୟ ଏକ ରେଙ୍ଗୁନ୍‌ପ୍ରବାସୀର କାବ୍ୟିକ ଅଭିବ୍ୟକ୍ତି । ୧୯୩୭ ମସିହାରେ ରେଙ୍ଗୁନ୍‌ର ବର୍ମା ସମାଚାର ପ୍ରେସ୍‌ରେ ଶ୍ରୀ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ଏହା ମୁଦ୍ରିତ ହୋଇ ପ୍ରକାଶ ପାଇଥିଲା । ଏହି ବଢ଼ି ଗୀତକୁ "ରାଧା ଧରି ସଖୀ କର ବୃଡେ" ଗାଇବାର ସୂଚନା ସୃଷ୍ଟିର ଶୀର୍ଷରେ ଉଲ୍ଲେଖ ରହିଛି । ୧୯୩୭ ମସିହାରେ ହୋଇଥିବା ବନ୍ୟାର ଚିତ୍ର ଏହି ରେଙ୍ଗୁନ୍ ବଢ଼ି ଗୀତର ମୌଳିକ ବିଷୟ : "ଭଣିତା ସପ୍ତିଂଶ ସନ ଶ୍ରାବଣ କୃଷ୍ଣପକ୍ଷ ବାରଦିନ ଆଣି ଘଟାଇଲା କି ଦୁର୍ଦ୍ଦିନ ।/ ଅବିଭୂତେ ହେଲା ଝଡ଼ି, ସାତଦିନ ସାତ ରାତ୍ର ନ ଛାଡି କଳକଳ ପାଣି ଗଲା ମାଡ଼ି । ଦେଖିଣ ପ୍ରଳୟ ବଢି ଘର ଛାଡ଼ି ଘୋର ଅରଣ୍ୟେ ପଡ଼ି ପାଷାଣରେ ହେଲେ ମୁଣ୍ଡକୋଡ଼ି ।/ ଧନଲୋଭରେ କେ ପଡ଼ି, ପିଲା କୁଟୁମ୍ବ ନପାରିଲା ଛାଡ଼ି ଯେ ତାଙ୍କ ସହିତରେ ମଲା ବୁଡ଼ି । xxx ଛେଳି ମେଣ୍ଢା ହେଲେ ଶୂନ୍ୟ, ଭାସିଗଲେ କେତେ ଯାନବାହନ ଯେ ରହିବାକୁ ନମିଳିଲା ସ୍ଥାନ । xxx ଜଳେ ଯେହ୍ନେ ମଗର ଯେ ଗାଈ ବାଛୁରୀ ମଲେ ଅପାର । / ଶ୍ୱାନ ମାର୍ଜାର ଅସଂଖ୍ୟ ବୁଡ଼ି ମଲେ, କେତେ ବିରାଡ଼ି ଭକ୍ଷ ଯେ ଦଳେ ପଡିଣ ହୋଇ ନିରକ୍ଷ । xxx ତୁଟିଗଲା ସର୍ବ ଶିରୀ, ଘଟିଗଲା ଶନିଦଶା କିପରି ଯେ କାନ୍ଦୁଛନ୍ତି ଦଇବ ସୁମରି । xxx ରଖବା ନରଖ ହରି ପାଦ ପଦ୍ମେ ଆଶା ଅଛି ମୋହରି ଯେ ଭାସିଗଲେ ନିଶ୍ଚେ ଯିବି ତରି ।" ବର୍ମା ରେଙ୍ଗୁନ୍‌ରେ ହୋଇଥିବା ବିଶାଳ ବନ୍ୟା ଏବଂ ତା'ର ଜନମାନସରେ ପ୍ରଭାବର ଚିତ୍ର ବେଶ୍ ଖବରକାଗଜର ଖବର ଭଳି କାବ୍ୟରୀତିରେ କବିଙ୍କ ଦ୍ୱାରା ହୋଇଛି ଉଲ୍ଲିଖିତ; କେତେକ ପରିବାରର ଦୁର୍ଦ୍ଦଶାର କଥା ବି ଏଥିରେ ପ୍ରତିଫଳିତ । ତତ୍ ସହିତ ସରକାରଙ୍କ ରିଲିଫ୍ ବାଣ୍ଟିବା ଆଦି ପ୍ରସଙ୍ଗର ଅବତାରଣା ସହିତ ରେଙ୍ଗୁନ୍‌ରେ ଥିବା ଓଡ଼ିଆ-ବର୍ମା ବଙ୍ଗାଳି ବସ୍ତିର ଦୁର୍ଦ୍ଦଶାର ଛବିକୁ ମଧ୍ୟ ଏଥିରେ ଲକ୍ଷ୍ୟ କରାଯାଇପାରିବ : "xxx ପୋଲ ସୋଲ ପରି ଜଳେ ଭାସି ଯାଉଅଛି ନଳାଗେ କୂଳେ ଯେ ସର୍ବେ ଦେଖୁଛନ୍ତି ବେନି ଡୋଳେ ।/ ଦେଖି ହେଲେ ଆଚମ୍ବିତ, ସର୍କାରକୁ ଏତ ନୁହେଁ ବିଚିତ୍ର ଲୋକ ଛାଡ଼ିଦେଲା ଶତଶତ ।/ ସର୍ବ ଘର କଲା ଖାଲି, ରେଙ୍ଗୁନ୍ ମଧ୍ୟରୁ ବାର ଫାଇଲ ଯେ ହିନ୍ଦୁ ଓଡ଼ିଆ ବର୍ମା ବଙ୍ଗାଳୀ ।" ରେଙ୍ଗୁନ୍ ବଢ଼ି ଗୀତର କବି ବିଦ୍ୟାଧର ସାହୁ ଜଣେ ପ୍ରତ୍ୟକ୍ଷଦର୍ଶୀ । ବଢ଼ି ବର୍ଣ୍ଣନା ପୂର୍ଣ୍ଣାଙ୍ଗ ଏକ ଜଳଛବି ଭଳି (ଶୁଣି ଜାଣିଥିଲି/ଯାହା, ଦେଖିଲି ପ୍ରତ୍ୟକ୍ଷେ ଲେଖିଲି / ତାହା ଯେ ମୋର ଦୋଷ ନ ଧରିବ ଏହା) କବି ନିଜର ପରିଚୟ ଦେବାକୁ ଯାଇ ରେଙ୍ଗୁନ୍ ବଢ଼ିଗୀତର ଯେଉଁ ଭଣିତା ବାନ୍ଧିଛନ୍ତି ସେଠାରେ ସେ ଯେ ନୟାଗଡ଼ବାସୀ ତାହା ହୋଇଛି ସ୍ୱଷ୍ଟ : "ଏ ଗୀତ ହୋଇଲା ଶେଷ, ସତଷଠି ପଦ ଦୁଃଖର ବିଷୟ, ନୟାଗଡ଼ରେ ମୋ ନିଜ ବାସ ।/ ଭାଡ଼ିକଳା ଗ୍ରାମେ ସ୍ଥାନ ନଧରିବ ଦୋଷ ପଣ୍ଡିତ ଜନ ଯେ/ ବିଦ୍ୟାଧର ବାଞ୍ଛାକର ପୂର୍ଣ୍ଣ ଗୋବିନ୍ଦ ହେ ।"

ଯମେଶ୍ୱର ଷଡ଼ଙ୍ଗୀଙ୍କ 'ରେଙ୍ଗୁନ୍ ଗୀତ' (୧୯୧୮); ଅଜ୍ଞାତ କବିଙ୍କ 'ଯୋଗୀ ରେଙ୍ଗୁନ୍ ଗୀତ' (୧୯୨୯); ବିଦ୍ୟାଧର ସାହୁଙ୍କ 'ରେଙ୍ଗୁନ୍ ବଢ଼ିଗୀତ' (୧୯୩୭) ଭଳି ବହୁ ଗୀତାଭିବ୍ୟକ୍ତିଭିତ୍ତିକ କବିତା ତତ୍କାଳରେ ରେଙ୍ଗୁନ୍ ପ୍ରବାସ ଓ ପ୍ରବାସୀଙ୍କର ଉଭୟ 'ଜୀବନ' ଓ 'କବିତ୍ୱ'କୁ ଅଭିବ୍ୟକ୍ତି ପ୍ରଦାନ କରିଥିବା ଲକ୍ଷ୍ୟଣୀୟ । ଅନେକ ସମୟରେ ଏହି ଶୀର୍ଷକ ବିହୀନ ଗୀତଗୁଡ଼ିକ କେବଳ 'ରେଙ୍ଗୁନ୍ ଗୀତ' ଭାବେ ପ୍ରକାଶିତ ହୋଇଛି ଉଭୟ ଓଡ଼ିଶା ଏବଂ ବର୍ମାରୁ । ଯାହା ସମୟର ଅର୍ଗଳି ଭିତରେ କେଉଁଠି ବିସ୍ମୃତି ଲଭିଛି ଅବା ଅପାଂକ୍ତେୟ ହୋଇ ବିଲୁପ୍ତି ଲଭିଛି । ଯାହା ରହିଯାଇଛି ତାହା ହିଁ ରେଙ୍ଗୁନ୍‌ର ପ୍ରବାସ ଓ ପ୍ରବାସୀଙ୍କର ପ୍ରାକ୍ ସାହିତ୍ୟିକ ଅଭିରୁଚି ଓ ସଂକେତ ଭାବେ ଆମକୁ ଶୁଣାଇଛି ସେ ଅତୀତର ଅକୁହା ହୋଇଥିବାର କଥାକୁ । 'ରେଙ୍ଗୁନ୍ ଗୀତର' ଏହାହିଁ ଇତିହାସ ଓ ଅଭିବ୍ୟକ୍ତି; ଯାହା ଆଜି ବି ବାଚନିକ ଇତିହାସ ଭିତରେ ଜୀବନ୍ତ ଆଉ ଚମକିତ । କାରଣ ଏସବୁ ପ୍ରତ୍ୟକ୍ଷ ଅନୁଭୂତିର ସାହିତ୍ୟିକ ଅଭିବ୍ୟକ୍ତି !

କବି ମାୟାଧର ମାନସିଂହଙ୍କ 'ରେଙ୍ଗୁନ୍ ଚିଠି' କବିତାରେ ଅନୁରୂପ ଭାବେ ଅନୁଭବି ହେବ ରେଙ୍ଗୁନ ପ୍ରବାସ ଓ ପ୍ରବାସୀଙ୍କ ଜୀବନଚିତ୍ର । କବିତାରେ ଘର ଛାଡିଥିବା ରାମି ଆଉ ଫେରି ନାହିଁ ଘରକୁ; କୌଣସି ସମାଚାର ନପାଇ ରାମି ମା'ର କ୍ରନ୍ଦନ ବି ଶେଷହେଉ ନାହିଁ । ପୋଷ୍ଟ ପିଅନ ଚିଠି ଆଣେ ନାହିଁ କିମ୍ବା ଗାଁ ଚୌକିଦାର ପାଖରେ କୌଣସି ଖବର ନାହିଁ ରାମିର : "ଆଗତ ପଉଷୁ ଧାନ ମଳି ଦେଇ / ରାମି ଯେ ଛାଡିଲା ଦେଶ, / କହି ଯାଇଥିଲା ପହଁଚିଲା କ୍ଷଣି ପଠାଇବ ସନ୍ଦେଶ ।/ xxx କରିବ ନିଶ୍ଚେ ବୁଢୀ ମାଆଟିର / ଦୁଃଖର ଅବଶେଷ, / ମା ଭାବିଥିଲା ଫେରିଲେ ପୁଅର ଦେଖିବ ବା ବରବେଶ ।/ ପଉଷୁ ପଉଷେ ବରଷ ପୂରିଲା / ଖବର ତ କିଛି ନାହିଁ, / ଦରିଆ ପାରେ ସେ

ରେଙ୍ଗାମ ଦେଶେ / ରହିଲା ସେ କାହିଁ ଯାଇ । /ବଡ ଦୁର୍ଗୁଣ ଭୁଇଁ, ସ୍ତ୍ରୀରିଏ ଶରୀର ଛୁଇଁ / ପୁରୁଷେ କରନ୍ତି ବଶ / ପାଶୋରାଇ ଜାତି ଦେଶ" । ଅନେକ ଅପେକ୍ଷା ପରେ ବି ରାମିର ମା ପାଏନି ରେଙ୍ଗାମ ଚିଠି । କବିତାର ଦ୍ୱିତୀୟ ଭାଗରେ ଦୁଇକୋଶ ଦୂରରେ ପଡ଼ିଥିବା ଚୈତ୍ର ଦୋଳପୂର୍ଣ୍ଣିମା ମେଳାରୁ ଫେରି ବୁଢ଼ୀ ପାଏ ଖଣ୍ଡେ ଚିଠି । ବୁଢ଼ୀ ଖୁସି ହୋଇ ତ୍ରିନାଥ ମେଳା ଯାଚି ପକାଏ । ରାମର ବନ୍ଧୁ ନଟ ଲେଖିବା ଚିଠି ଖଣ୍ଡରୁ ବୁଢୀ ଯିବା ଦିନରୁ ରାମିର ଦୁଃଖ ଓ ସଂଘର୍ଷ କଥା ଜାଣିପାରିଛି । ଏପରିକି ଖଟିଖଟି ମଧ କିଛି ସଞ୍ଚିପାରିନି । ଆସିବା ପରେ ସେ ରୋଗ ଓ ପଥି ଯାହା ଖର୍ଚ୍ଚ କରିଛି ସିନା କିଛି ତାର ଲାଭ ହୋଇନାହିଁ (ବଡ ହୀନିମାନେ ଫେରିବ ଏବେ ସେ / ହାତେ ତା'ର ନାହିଁ ପୁଞ୍ଜି) । କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ପଲ୍ଲୀଶ୍ରୀ' କବିତା ସଂକଳନର 'ରେଙ୍ଗୁନଯାତ୍ରୀ' ସେହିଭଳି ଅନ୍ୟ ଏକ କବିତା ଯେଉଁଠି ରେଙ୍ଗୁନ ପାଇଁ ବାହାରିଥିବା ଗ୍ରାମୀଣ ଜଣେ ତାର ସ୍ତ୍ରୀକୁ (ହଗୁରା ବୋଉ) କହୁଥିବା କଥାଟି ବେଶ ଗୁରୁତ୍ୱପୂର୍ଣ: "ଠିଆ ହୁଅ ଟିକେ ଦେଖିନିଏ ଥରେ/ଗାଁକୁ ବୁଲାଇ ଆଖି/ସତେ ଆଉ କି ପାରିବି ଦେଖି ?" କବିତାରେ ଗାଁ ଛାଡି ଯାଉଥିବା ମଣିଷଟି ଅର୍ଥାଭାବ ପାଇଁ ସିନା ଛାଡୁଥିଲା ନିଜ ଭିଟାମାଟି କିନ୍ତୁ ଟାଣୁଥିଲା ଢେର ଅଧିକ । ସେହିଭଳି ସ୍ତ୍ରୀକୁ କହିଯାଉଇଛି: "ସୁନା ମୋହର ତୁନି ହୁଅ ତୁହି/ଗଲେଟି ରେଙ୍ଗୁନ ଭୂଇଁ / ଶୁଣ କହୁଛି ଦେହ ଛୁଇଁ / ଗଢ଼ାଇ ଆଣିବି ରୂପାର ପାହୁଡ଼ / ଭାବନା ନ କର ତୁହି/କରୁଛିଟି ପଣ ମୁହିଁ ।"

ଐତିହାସିକ ଓ ସାହିତ୍ୟିକ ସତ୍ୟନାରାୟଣ ରାଜଗୁରୁ ତାଙ୍କର ଆତ୍ମଜୀବନୀ 'ମୋ ଜୀବନ ସଂଗ୍ରାମ'ରେ 'ରେଙ୍ଗୁନ ଦେଶେ' ଶୀର୍ଷକରେ ନିଜର ଅଙ୍ଗେନିଭା କଥା କହିଲା ବେଳେ ଏକ ସଂଗୀତ ସଂଯୋଜିତ କରିଛନ୍ତି । ଯେଉଁ ସଙ୍ଗୀତରେ ଯୁଦ୍ଧବିଧ୍ୱସ୍ତ ରେଙ୍ଗୁନର ଛବି ବେଶ ସ୍ପଷ୍ଟ : "ଭାଙ୍ଗି ପଡିଛି ସେ ରେଙ୍ଗୁନ ଦେଶେ / ଶିକ୍ଷ ସଦନ କେତେ ଭାଇ / ବର୍ମା ଭଗିନୀ କାନ୍ଦଇ ଶୋକେ / ଧୂଳି ଧୂସରିତ ଦେହୀ । xxx ରେଙ୍ଗୁନର ଶିରୀ ନେଲା ପୁଣି ହରି / ରବର ଟିଣ ସମ୍ପତ୍ତି / ତେଲ ଖଣିମାନ ନାଶ କଲା ପୁଣି / ବର୍ମାରେ ରଚି ବିପତ୍ତି ହେ । ଆସୁରିକ ବଳରେ ସିଂହପୁରଟି ହାରିଲା ଖରେ ହେ ।"

୧୯୩୯ ମସିହାର ନବଭାରତ ପତ୍ରିକାରେ ପ୍ରକାଶିତ ଦୟାନିଧି ପଟ୍ଟନାୟକଙ୍କ 'ବ୍ରହ୍ମ ଦେଶରେ ପ୍ରାଚୀନ ଓଡ଼ିଆ ଉପନିବେଶ' ପ୍ରବନ୍ଧକୁ ପ୍ରବାସରେ ଓଡ଼ିଆଙ୍କ ଉପନିବେଶ ସ୍ଥାପନର ଐତିହାସିକ ଦଲିଲ ଭାବେ ଗ୍ରହଣ କାରାଯାଇପାରେ । ଯେଉଁଠି ଅତୀତ ଉତ୍କଳ-ବୌଦ୍ଧଧର୍ମ ଧାରା ତଥା ଉତ୍କଳୀୟମାନଙ୍କର ଓଡ଼ିଶା ବାହାରେ ଉପନିବେଶ ତଥା ସାହସିକ ପଦକ୍ଷେପର ବିବିଧ ପ୍ରେକ୍ଷାକୁ ଅନୁଭବି ହେବ । ଅଦ୍ୟାବଧି ରେଙ୍ଗୁନ /ବର୍ମାରେ ଏହାର ସନ୍ତକକୁ ଖୋଜି ହୁଏ ବିଭିନ୍ନ ପାଗୋଡ଼ା-ମନ୍ଦିର ଅବା ଧ୍ୱଂସାବଶେଷ ମଧ୍ୟରେ ।

**ଉପନ୍ୟାସରେ ରେଙ୍ଗୁନ୍ ପ୍ରବାସ ଓ ପ୍ରବାସୀ :**

ଉତ୍କଳଭାରତୀ କୁନ୍ତଳାକୁମାରୀ ସାବତଙ୍କ 'ରଘୁ ଅରକ୍ଷିତ' (୧୯୨୮) ଓ ଆନନ୍ଦ ଲହରି ଉପନ୍ୟାସମାଳାର ତ୍ରୟୋଦଶ ଖଣ୍ଡ ଭାବେ ପ୍ରକାଶିତ ହୋଇଥିବା ଲକ୍ଷ୍ମୀଧର ନାୟକଙ୍କ 'ଉଦ୍‌ଭ୍ରାନ୍ତ' (୧୯୩୪) ଦ୍ୱୟରେ ରେଙ୍ଗୁନ୍ ପ୍ରସଙ୍ଗକୁ ସ୍ମରଣ କରାଯାଇପାରେ । 'ରଘୁ ଅରକ୍ଷିତ' ଉପନ୍ୟାସରେ କୁଳିଧରା ମାନଙ୍କ ଦ୍ୱାରା ମୋତିର ସ୍ୱାମୀ ଗଣେଶକୁ ଅର୍ଥର ପ୍ରଲୋଭନ ଦେଖାଇ 'ରଙ୍ଗୁ ରାଇଜ' ନେଇଯିବା ଏବଂ ସେଠାକୁ ଗଣେଶ ଯିବା ପରେ ଚିଠିପତ୍ର ନଆସିବା, କେବଳ ଦୁଇଥର ମାତ୍ର କୋଡ଼ିଏ ଟଙ୍କା ଆସିବା; ପୁଅକୁ ଝୁରି ହୋଇ ବୁଢୀମାର କାଳ ହେବା; ଗାଁରେ ଝାଡ଼ାବାନ୍ତି ଲାଗି ବଡ଼ପୁଅ ଚାଲିଯିବା; ବାସୁଆ ତେଲିର ଅତ୍ୟାଚାରରେ ତା' ଘରଡିହ ଖଣ୍ଡକ ଚାଲିଯିବା, ଚାରି ବର୍ଷର ପୁଅ ଧରମା ମା' ମୋତିର କୋଳରେ ହିଁ ଭୋକ ଓ ରୋଗ ସହ ଯୁଝିଯୁଝି ମରିବା ଏବଂ ସବୁଠାରୁ ପ୍ରତାଡ଼ିତ ମୋତି ପରିଶେଷରେ ଭିକ୍ଷାବୃତ୍ତି କରିବା ଆଦି କାହାଣୀ ଲମ୍ବିଯାଇଛି ଅନେକ ବିସ୍ତାରିତ ହୋଇ । ସେହିଭଳି ରଘୁନାଥ ଓ ମାୟାର କାହାଣୀ ସହିତ ରେଙ୍ଗୁନର ପୃଷ୍ଠଭୂମି ଉପନ୍ୟାସର ପ୍ରମୁଖ ଏକ ଅଂଶକୁ ଆଧାର କରିଛି । ସେହିଭଳି 'ଉଦ୍‌ଭ୍ରାନ୍ତ' ଉପନ୍ୟାସରେ ଉଦ୍‌ଭ୍ରାନ୍ତର ରେଙ୍ଗୁନରେ ଦଶ/ବାର ବର୍ଷର ଅନୁଭବ ଓ ଉପଲବ୍ଧି ମଧ୍ୟରେ ବିକ୍ଷିପ୍ତ ଜୀବନବୃତ୍ତ ବେଶ୍ ଅସଂଲଗ୍ନ । ଜଣେ ନାରୀର ପ୍ରେମ ପାଇଁ ଜଗତର ହଳାହଳ ବିଷକୁ ପାନ କରିଥିବା ତଥା ନିଜ ଭୂମିକୁ ଛାଡି ରେଙ୍ଗୁନକୁ ଆଦରିନେଇଥିବା କଥାଂଶ ବେଶ୍ ସ୍ୱତନ୍ତ୍ର ଅଟେ ।

**ଗଳ୍ପରେ ରେଙ୍ଗୁନ୍ ପ୍ରବାସ ଓ ପ୍ରବାସୀ :**

କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ରେଙ୍ଗୁନ ଯାତ୍ରୀ' ଗଳ୍ପଟି ପ୍ରଥମେ ଉତ୍କଳ ସାହିତ୍ୟ-୩୦/୧ ସଂଖ୍ୟା (୧୯୨୬)ରେ ପ୍ରକାଶିତ ହୋଇଥିଲା । ବନ୍ୟା-ମରୁଡ଼ି-ଦୁର୍ଭିକ୍ଷ କ୍ଲିଷ୍ଟ ଜୀବନ ଭିତରୁ ଉଧୁରି ପାରିନଥିବା ମଣିଷଙ୍କ ଅନ୍ନ ଚିନ୍ତାରୁ ରେଙ୍ଗୁନ୍ ଚାଲିଯିବାର ଆଗ୍ରହଠାରୁ ଶୂନ୍ୟହସ୍ତ ଜୀବନର ଯନ୍ତ୍ରଣା ଯେ ଅନେକ ବେଶୀ ସେ କଥାଟି ଗଳ୍ପରେ ବାଣପୁର ନିକଟସ୍ଥ ଏକ ଅଖ୍ୟାତ ପଲ୍ଲୀର ପୃଷ୍ଠଭୂମିରେ ରଚିତ । ସୁଜନ ଦାସର ଅନ୍ୟ ସବୁ ସମ୍ପତ୍ତି ଆଗରୁ ଚାଲି ଯାଇଥିଲେ ବି ଡିହ ଖଣ୍ଡକ ରହିଥିଲା; ଯାହାକି ବନ୍ଧକ ପଡ଼ିଥିଲା ଗାଁର ହରି ସାନ୍ତରା ପାଖରେ । ଦାରୁଣ ଅର୍ଥାଭାବ ଭିତରେ କିନ୍ତୁ ବନପୁର ହାଟପାଖକୁ ଯାଇ ରିଲିଫ ଚାଉଳ ଆଣିବାକୁ କୁଣ୍ଠା କରିଛି ସୁଜନ । ଏପରିକି ବୁଢ଼ୀ ଶାଶୂ ଏବଂ ସ୍ତ୍ରୀ ଗୁଞ୍ଜିକୁ ଅନ୍ୟ ଘରକୁ ଯାଇ ଧାନକୁଟିବାକୁ ମନା କରିଛି ସ୍ୱାଭିମାନୀ ଚଷାପୁଅ ସୁଜନ । ସର୍ଦ୍ଦାରମାନଙ୍କ କଥାରେ ପଡ଼ି ଯାଇଛି ରେଙ୍ଗୁନ୍ । ଯାଉ ଯାଉ ରେଳଭଡ଼ା ଓ ଖାଇବା-ରହିବା ପାଇଁ ବାଧବାଧକତାରେ ସର୍ଦ୍ଦାରକୁ ୭୦ ଟଙ୍କା ସୁଝିବା ପାଇଁ ହ୍ୟାଣ୍ଡନୋଟ୍‌ରେ ଦସ୍ତଖତ କରିଛି ।

ସୁଜନ ଦାସର କୌଣସି ଖବର ପାଇନାହାନ୍ତି ଦଶବର୍ଷ ଧରି ଗାଁଲୋକେ । ଅପେକ୍ଷାରେ ଗୁଞ୍ଜି ଭୋଗିଛି ଦାରୁଣ କଷ୍ଟ । ଏ ଭିତରେ ଅନେକ ଲୋକ ରେଙ୍ଗୁନ୍‌ରୁ ଫେରିଥିଲେ ମଧ୍ୟ ସୁଜନର ଠିକ୍ ଖବର କେହି ଦେଇପାରୁ ନଥିଲେ । ସୁଜନର ଶାଶୁବୁଢ଼ୀର ମୃତ୍ୟୁ ଘଟିଥିଲା । ହରି ସାନ୍ତରା ଦଖଲକୁ ନେଇଯାଇଥିଲା ଘରଡ଼ିହ ଖଣ୍ଡକ । ନିରାଶ୍ରୟା ଗୁଞ୍ଜିର ଅନ୍ତହୀନ ଅପେକ୍ଷା ଏବଂ ଗ୍ରାମ ତଥା ପରିବାରର ଅନ୍ୟମାନଙ୍କ କଥାରେ ଗୁଞ୍ଜି ପାଖ ଗ୍ରାମର ନିଧି ଦଳେଇର ଦ୍ୱିତୀୟ ସ୍ତ୍ରୀ ହୋଇଯାଇଛି । ଅନ୍ୟପକ୍ଷରେ ସୁଜନ ପ୍ରଥମେ ରେଙ୍ଗୁନ୍‌ରେ କଷ୍ଟ ପାଇଥିଲେ ମଧ୍ୟ ପରେ ଜଣେ ସାହୁକାରର ମୁଖ୍ୟ କିରାଣୀ ଭାବେ କାର୍ଯ୍ୟ କରିଛି । ଜଣେ ବର୍ମୀୟ ମହିଳା ସହିତ ଅନ୍ତରଙ୍ଗ ହୋଇ ସ୍ତ୍ରୀ ଭାବେ ରଖିଛି । କାରଣ ସେ ସ୍ତ୍ରୀ ଗୁଞ୍ଜିକୁ ନେଇ ଭୁଲ ତଥ୍ୟଦେଇ ସୁଜନର ମନ ଜିଣିଛି; କିନ୍ତୁ ପରେ ସେ ରୁଗ୍‌ଣ ସୁଜନକୁ ଛାଡ଼ି ତା'ର ସଂଚିତ ଅର୍ଥ ସବୁ ଧରି ପଳାୟନ କରିଛି । ଲୁଣ୍ଠିତ ସୁଜନର ମନେପଡ଼ିଛି ଗୁଞ୍ଜି କଥା । ସେ ଫେରିଛି ଗାଁକୁ; କିନ୍ତୁ ସେତେବେଳକୁ ସବୁ ଶୂନ୍ୟ, ଘର-ଡିହ-ବୁଢ଼ୀମା-ଗୁଞ୍ଜି କେହି ନାହାନ୍ତି । ସେ କାହାଠୁ ପ୍ରତିଶୋଧ ନେବ...କିଏ ଏ ସବୁ ପାଇଁ ଦାୟୀ । ଏହି ହତାଶା ଓ ଶନ୍ତ୍ରସ୍ତ ଭାବ ହିଁ ହେଉଛି ଗଳ୍ପର ପ୍ରମୁଖ କଥାଭାଗ ।

ଗୋଦାବରୀଶ ମହାପାତ୍ରଙ୍କ ରେଙ୍ଗୁନ ପୃଷ୍ଠଭୂମିରେ ରହିଛି 'ରେଙ୍ଗୁନ-ବାହୁଡ଼ା' ଓ 'ମୁଁ ଯେ ରେଙ୍ଗୁନରୁ ଫେରିଲି' ଭଳି ଦୁଇଟି ଗଳ୍ପ । 'ରେଙ୍ଗୁନ-ବାହୁଡ଼ା' ଗଳ୍ପଟି 'ସହକାର'(୫/୩)ରେ ପ୍ରକାଶିତ ହୋଇଥିଲା । କେଳି ଗୋପାଳପୁରକୁ ଯାଇ ସାନପୁଅ ଭଗିଆକୁ ରେଙ୍ଗୁନ ପାଇଁ ଛାଡି ଆସିଲାବେଳେ ତା'ର ସଧବାର ରୂପ ସହ ଲୁହକୁ ଦେଖୁଥିଲେ ସମସ୍ତେ । କିନ୍ତୁ ଠିକ୍ ତାହାର ଚାରିଦିନ ପରେ କେଳିର ବେଶ ଥିଲା ବିଧବା ଭଳି । କେଳିର ସ୍ୱାମୀ ବଡ଼ ପୁଅ ରଘୁ ସହ ଚାରିବର୍ଷ ପୂର୍ବେ ଯାଇଥିଲା ରେଙ୍ଗୁନ୍ । ପାଞ୍ଚବର୍ଷ ହୋଇଯାଇଥିଲେ ହେଁ ସେମାନଙ୍କର କୌଣସି ଖୋଜଖବର ନଥିଲା । ମାତ୍ର ଗୋପାଳପୁର ଘାଟରେ ବାଣପୁରର ରଘୁ କଥା ଶୁଣି ବଡ଼ଭାଇ ସହ ଦେଖାହୋଇ ଫେରିଥିଲା ଗାଁକୁ । କେଳି ପାଇଥିଲା ତାର ଦୁଇ ପୁଅଙ୍କୁ ଆଉ ଖବର ପାଇଥିଲା ଯେ ତା ସିନ୍ଦୂର ବି ସୁରକ୍ଷିତ ଅଛି । କେଳି ପୁଣି ସଜେଇ ହୋଇଥିଲା ସଧବାର ରୂପ । ଆଉ ତାର ଅତୀତର ବଳ ବି ଫେରି ଆସିଥିଲା । ରେଙ୍ଗୁନ-ବାହୁଡ଼ା ସେହି ସୁଖଦ ଭବିଷ୍ୟତର ସୂଚକ ହୋଇଥିବା ସ୍ଥଳେ ଅନ୍ୟ ଏକ ପୃଷ୍ଠଭୂମିରେ 'ମୁଁ ଯେ ରେଙ୍ଗୁନରୁ ଫେରିଲି' ଗଳ୍ପଟି 'ସହକାର' (୮/୭)ରେ ପ୍ରକାଶିତ ହୋଇଥିଲା । ଏହି ଗଳ୍ପରେ ରେଙ୍ଗୁନ୍ ଯାଇ ଅନେକ ସଂଘର୍ଷର ଦୁନିଆକୁ ଦେଖିବା ପରେ ସହଦେବ ଚରିତ୍ର କିପରି ପାଞ୍ଚବର୍ଷ ପରେ ଫେରିଥିଲା ଘରକୁ । କିପରି ସେ ଘରଲୋକଙ୍କୁ ସାମ୍ନା କରିବ, ସ୍ତ୍ରୀ ଯଶୋଦାକୁ କ'ଣ ବୋଲି ସେ କହିବ; ସେହି ଚିନ୍ତାରେ ହୋଇଥିଲା ବ୍ୟଥିତ । ସହଦେବ ସ୍ତ୍ରୀ ଯଶୋଦାକୁ ଦେଖି ହାତବାକ୍ ହୋଇଯାଇଥିଲା । କାରଣ ଆର୍ଥିକ ଅନଟନ ଓ ଦରିଦ୍ରତା ଭିତରେ ଯଶୋଦକୁ ସେ ଦେଖିଥିଲା ବିଧବା ରୂପରେ । କାରଣ ସହଦେବକୁ ମୃତ ଭାବି ସେମାନେ ସେତେବେଳକୁ ତାର ଶୁଦ୍ଧିକ୍ରିୟା ହୋଇସାରିଥିଲେ । ଗାଳ୍ପିକ ଅନନ୍ତ ପ୍ରସାଦ ପଣ୍ଡାଙ୍କ ଅନେକ ଗଳ୍ପରେ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ କୁଲି-ଶ୍ରମିକମାନଙ୍କ ସମସ୍ୟା ନେଇ ଏହିଭଳି ଅନେକ ଗଳ୍ପ ଦେଖିବାକୁ ମିଳିଥାଏ । ରେଙ୍ଗୁନ୍ ଆଧାରିତ ସେହିଭଳି ତାଙ୍କର କେତେକ ଗଳ୍ପ ମଧ୍ୟରେ 'ଦ୍ୱିଧାରା' (ସହକାର-୨୦/୨, ୧୯୩୯), 'କଙ୍କାଳର ସ୍ୱପ୍ନ', 'ନୋଳି', 'ଦେଶାନ୍ତରୀ' ଭଳି ଗଳ୍ପକୁ ସ୍ମରଣ କରାଯାଇପାରେ । 'ଦ୍ୱିଧାରା'ରେ ବିଲୁପ୍ତ ଗୌରବ ଓଡ଼ିଆ ପୁଅର ବିଦେଶରେ ବୁଲି ବା ଗୋଲମ ସାଜିବାର କଥା ଉଲ୍ଲିଖିତ । ମକରା ପ୍ରଧାନ ପତ୍ନୀ ରାଧୀକୁ ଛାଡି ରେଙ୍ଗୁନ ଯିବା; ସେଠାରେ ଘର-ପରିବାର ଭୁଲି ବେଶ୍ୟାସକ୍ତ ହେବା ପ୍ରସଙ୍ଗ ସହିତ ଗାଁରେ ରାଧୀର ସଂଘର୍ଷ ଏବଂ ପରିଶେଷରେ ଚକରାକୁ ବିବାହ କରି ନୂଆ ଜୀବନର ସନ୍ଧାନ କରିବା ଗଳ୍ପର ନୂତନ ପରିଣତି । 'କଙ୍କାଳର ସ୍ୱପ୍ନ'ରେ ମଧ୍ୟ ଅନୁରୂପ ଭାବେ ରେଙ୍ଗୁନ୍‌ଗାମୀ ଯୁବକଙ୍କ ପତିତ ରୂପର ଚିତ୍ର ସହିତ ବର୍ମୀୟ ନାରୀର ସଂସ୍ପର୍ଶରେ ଆସି ନିଜ ଘର ଓ ସ୍ତ୍ରୀକୁ ଅଣଦେଖା କରିବା ତଥା ଅନ୍ୟପଟେ ଗାଁରେ ତା'ର ସ୍ତ୍ରୀ ସାହୁକାରର ଯୌନଲାଳସା ଓ ଅତ୍ୟାଚାରର ଶିକାର ହେବା ପ୍ରସଙ୍ଗରେ ଭଙ୍ଗୁର ସାମାଜିକ ଜୀବନର ଛବି ବେଶ୍ ସ୍ପଷ୍ଟ । ଅନୁରୂପ ଭାବେ ସେହିଭଳି 'ନୋଳି'ରେ ରେଙ୍ଗୁନଗାମୀ ଯୁବକର ମୃତ୍ୟୁ ହେବା ଏବଂ ଗାଁରେ ତା'ର ସ୍ତ୍ରୀର ତୀବ୍ର ଅସହାୟତା ଗଳ୍ପକୁ କରୁଣତା ପ୍ରଦାନ କରିଛି । 'ଦେଶାନ୍ତରୀ' ଗଳ୍ପରେ ସେହିଭଳି ରେଙ୍ଗୁନ ଯାଇ ଫେରିନଥିବା ମଣିଷର ଗାଁରେ ନାନା ଅସୁବିଧାର ଶିକାର ହେଉଥିବା ପରିବାରର କାହାଣୀ ଅନ୍ୟ କାହାଣୀଗୁଡ଼ିକ ଭଳି ଅତ୍ୟନ୍ତ ହୃଦୟବିଦାରକ ।

**ଆତ୍ମଜୀବନୀରେ ରେଙ୍ଗୁନ୍ ପ୍ରବାସ ଓ ପ୍ରବାସୀ :**

ଲକ୍ଷ୍ମୀନାରାୟଣ ସାହୁଙ୍କ ଆତ୍ମଜୀବନୀ 'ମୋ ବାରବୁଲା ଜୀବନ' (୧୯୬୮)ର ଏକ ଅଂଶ ହେଉଛି 'ମୋ ବର୍ମା ଭ୍ରମଣ' । ୧୯୨୭ ମସିହାରେ ବନ୍ଧୁ ଦାମୋଦର ମିଶ୍ରଙ୍କ ସହ ଲକ୍ଷ୍ମୀନାରାୟଣ ସାହୁ ଡେକ ପାସେଞ୍ଜର ଭାବେ ଜାହାଜରେ ବର୍ମା ଯିବାର ଅନୁଭୂତି ବେଶ୍ ରୋଚକ । ଯାତ୍ରାର ଚତୁର୍ଥ ଦିନ ସେମାନେ ରେଙ୍ଗୁନ୍‌ରେ ପହଞ୍ଚିଥିଲେ । ସେତେବେଳେ କାର୍ତ୍ତିକ ବାବୁ ରେଙ୍ଗୁନର ଓଡ଼ିଆମାନଙ୍କ ମଧ୍ୟରେ ଥିଲେ ଖ୍ୟାତି ଓ ପ୍ରତିପତ୍ତି ସମ୍ପନ୍ନ ଲୋକ । ଯାହାଙ୍କର ବାପା ଅନେକ ଆଗରୁ ଶ୍ରମିକ ଭାବେ ରେଙ୍ଗୁନ୍ ଯାଇଥିଲେ । କାର୍ତ୍ତିକବାବୁ ରହୁଥିଲେ ୨୨ ନମ୍ବର ଗଳିରେ । ଯେଉଁ ଗଳି ଥିଲା ବେଶ୍ ଅପଖ୍ୟାତ । କାରଣ ତତ୍କାଳରେ ବର୍ମା ଯାଇଥିବା ପ୍ରାୟ ଦୁଇହଜାର ଓଡ଼ିଆଣୀ ଅର୍ଥାଭାବ ପାଇଁ ନିଜକୁ ବାରନାରୀ ବୃତ୍ତିରେ ନିୟୋଜିତ କରିଥିବା କଥା ଉଲ୍ଲେଖ କରିଛନ୍ତି ଲେଖକ ।

ସେ ସମୟରେ ପ୍ରାୟ ୨୫ ହଜାର ଓଡ଼ିଆ ବସବାସ କରୁଥିବା କଥା ମଧ୍ୟ ସେ ଉଲ୍ଲେଖ କରିଛନ୍ତି । ଅନ୍ୟ ଅନେକ ପ୍ରସଙ୍ଗ ସହିତ ରେଙ୍ଗୁନ୍‌ରୁ ଏକ ଓଡ଼ିଆ ପତ୍ରିକା ପ୍ରକାଶ କରୁଥିବା ବିଶ୍ୱନାଥ ମହାପାତ୍ର, କାର୍ତ୍ତିକ ବେହେରା, ବିଶ୍ୱନାଥଙ୍କ ସାନଭାଇ ମଧୁସୂଦନବାବୁ ଆଦିଙ୍କ ସହ ସେଠାରେ ହୋଇଥିବା ସାକ୍ଷାତ୍ ପ୍ରସଙ୍ଗ ସହିତ ରେଙ୍ଗୁନରେ ଓଡ଼ିଆମାନଙ୍କ ସ୍ଥିତି ସମ୍ପର୍କରେ ଅନେକ ତଥ୍ୟ ଏଥିରେ ହୋଇଛି ସଂଯୁକ୍ତ । ସେହିଭଳି ହରିହର ଦାସଙ୍କ 'ଗପ ନୁହେଁ' (୧୯୮୭) ପୁସ୍ତକରେ ସଂଯୋଜିତ 'ରେଙ୍ଗୁନ ଯାତ୍ରା'ରେ ବର୍ମାର ରାଜଧାନୀ ରେଙ୍ଗୁନ୍‌ରେ ଡାଲା ନାମକ ସ୍ଥାନରେ ଜାହାଜ କାରଖାନାରେ କାର୍ଯ୍ୟ କରୁଥିବା ଅସଂଖ୍ୟ ଓଡ଼ିଆଙ୍କ ସ୍ଥିତି । ବନ୍ଦର ପାଖରେ ଥିବା ଓଡ଼ିଆ ଗଳି ଭାବେ ଖ୍ୟାତ ରେଙ୍ଗୁନର ୨୭ ନମ୍ବର ଗଳିର ବାସ୍ତବ ଚିତ୍ର । ଗଳିର ବିବିଧ ପ୍ରସଙ୍ଗ ସହିତ ରେଙ୍ଗୁନ୍‌ରେ କଥିତ 'ରେଙ୍ଗୁନ୍‌ରେ ନିଜ ବାପାକୁ ମଧ୍ୟ ବିଶ୍ୱାସ ନାହିଁ' ଭଳି ଲୋକୋକ୍ତିରେ ରେଙ୍ଗୁନ୍ ପ୍ରତି ଲୋକ ମାନସିକତାରେ ସଂଯୁକ୍ତ ଆତ୍ମବିଶ୍ୱାସବୋଧ ବେଶ୍ ସଂଶୟପୂର୍ଣ୍ଣ । ରେଙ୍ଗୁନ୍ ପାଇଁ ଜାହାଜ ସପ୍ତାହରେ ଦୁଇଥର ଯାଉଥିଲା ସେତେବେଳେ । ଗୋପାଳପୁରରୁ ରେଙ୍ଗୁନ ଲାଗୁଥୁଲା ତିନିଦିନ । ଭଡ଼ା ଥିଲା ୧୦ ଟଙ୍କା । ଚିଠି ଆସିବାକୁ ଲାଗୁଥିଲା ୧୫ ଦିନ । ବର୍ମାର ସିରିୟାମ ସହରରେ ତେଲ ବାଙ୍କସାଲ । ଜାହାଜ ଡାଲା ତିଆରି ବାଙ୍କସାଲ ଅପେକ୍ଷା ତେଲ ବାଙ୍କସାଲର କର୍ମଚାରୀ ସେତେବେଳେ ଅଧିକ ସୁବିଧା ପାଉଥିଲେ । ଯେଉଁମାନେ ଥିଲେ ପ୍ରାୟ ଗଞ୍ଜାମର ଓଡ଼ିଆ ଶ୍ରମିକ । ଓଡ଼ିଆ ଶ୍ରମିକମାନେ ହିଁ ବର୍ମାରେ ସେତେବେଳେ ଥିଲେ ପ୍ରମୁଖ ମାନବସମ୍ବଳ । କାରଣ ବର୍ମାର ପୁରୁଷ ପରିଶ୍ରମକାତର ହୋଇଥିବାରୁ ସେଠାରେ ବ୍ୟବସାୟ ନାରୀମାନଙ୍କର ହାତରେ ବୋଲି ଲେଖକ ଦର୍ଶାଇଛନ୍ତି । ଅର୍ଜ୍ଜୁନ ଜେନା ମେସ, ସନିଆଁ ଜେନା ମେସ, ଖଲି ସାହୁ ମେସ ଆଦିରେ ଲେଖକଙ୍କ ରହଣି ଥିଲା ବେଶ ଉପଭୋଗ୍ୟ । ସେଠାରେ ତାଙ୍କର ରହଣି ସହିତ ବସବାସ କରୁଥିବା ବର୍ମୀୟ ଓଡିଆଙ୍କ ଜୀବନଧାରା ଓ ବିଦେଶରେ ପରିବର୍ତ୍ତିତ ସାମାଜିକ-ସାଂସ୍କୃତିକ ଜୀବନର ତୁଳନା ଥିଲା ଚକିତ କରିବା ଭଳି । ବର୍ମାରେ ଆସି ଆସିକା ଖମ୍ବେଶ୍ୱରୀ ପାଟଣାରେ ଥିବା ମିସ୍ତ୍ରୀ ଖଲି ସାହୁଙ୍କ ସହ ବିତେଇଥିବା ସମୟର ସ୍ମରଣ ସହିତ ରେଙ୍ଗୁନର ଅଜ୍ଞାତ ଅନେକ ପ୍ରସଙ୍ଗର ଅବତାରଣା ଯେତିକି ତଥ୍ୟପୂର୍ଣ୍ଣ ସେତିକି ଉତ୍କଣ୍ଠା ସୃଷ୍ଟିକାରୀ ।

କପିଳ ମିଶ୍ରଙ୍କ 'ମୋ ନନା' (୧୯୮୨) ପୁସ୍ତକରେ ସଂଯୋଜିତ 'ବର୍ମାଯାତ୍ରା' ର ଅନୁଭୂତି ମଧ୍ୟରେ ରେଙ୍ଗୁନର ବିଭିନ୍ନ ଗ୍ରାମ-ସହରର ଅବତାରଣା ସହିତ ବହୁ ଓଡ଼ିଆ ଲୋକଙ୍କ ସହିତ ଲେଖକଙ୍କ ସାକ୍ଷାତ ପ୍ରସଙ୍ଗ ସଂଯୋଗିତ ହୋଇଛି । ଆତ୍ମଜୀବନୀମୂଳକ ଏହି ଲେଖାଟି ଭିତରେ ବର୍ମାରେ ଓଡ଼ିଆ ଲୋକଙ୍କ ବହୁଳତାକୁ ସୂଚିତ କରିବା ସହିତ ସାଂସ୍କୃତିକ ସମନ୍ୱୟର ଗ୍ରହଣୀୟତାକୁ ଲକ୍ଷ୍ୟ କାରାଯାଇପାରିବ । ମାୟାଧର ନାୟକଙ୍କ 'ମୁଁ ଯେତେବେଳେ ମିଲିଟାରୀରେ ଥିଲି' (୧୯୬୫) ଏକ ଯୁଦ୍ଧ-ଅନୁଭୂତିର ଆତ୍ମକାହାଣୀ ଅଟେ । ଏହି ପୁସ୍ତକରେ ସଂଯୁକ୍ତ 'ବର୍ମାରେ ଯୁଦ୍ଧ ଅନୁଭୂତି' ପର୍ଯ୍ୟାୟରେ ବର୍ମାରୁ ପଛଘୁଞ୍ଚା ଦେଉଥିବା ଜାପାନୀ ସୈନ୍ୟ ଏବଂ ଆଗକୁ କିପରି ଆଗେଇ ଚାଲିଥିଲେ ମାୟାଧରଙ୍କ ଭାରତୀୟ ସେନା ଧ୍ୱସ୍ତ ବର୍ମାର ଗ୍ରାମ ଓ ସହର ଦେଇ; ତା'ର ବର୍ଣ୍ଣନା ଓଡ଼ିଆ ଆତ୍ମଜୀବନୀ ମଧ୍ୟରେ ଅନନ୍ୟ । କାରଣ ଓଡ଼ିଆରେ ସେନା ନାଏକଙ୍କର ଆତ୍ମ ସ୍ମୃତି ବିରଳ । ମାୟାଧରଙ୍କ ବର୍ଣ୍ଣନାରେ ଦେଖି ହେବ ବର୍ମାର ଅନ୍ୟଏକ ଜୀବନକୁ । ୧୯୪୭ ମସିହା ବେଳକୁ ମଧ୍ୟ ବର୍ମାର ପ୍ରାୟ ଦୁଇ ଶତକଡ଼ା ଥିଲେ ଓଡ଼ିଆ । ଯେଉଁମାନେ ବିଶେଷତଃ ରହୁଥିଲେ ପେଓବବା, ଟାଟକନ, ଟାଙ୍ଗୁ, ପ୍ରୋମ, ପେଗୁ ମାଣ୍ଡେଲେ, ମିଞ୍ଜିୟାନ, ମିଟକିଲା, ରେଙ୍ଗୁନ ପ୍ରମୁଖ ଅ*ଳରେ । ପେଗୁ, ମାଣ୍ଡେଲେ, ମିଞ୍ଜିୟାନ, ରେଙ୍ଗୁନରେ ମାୟାଧରଙ୍କର ଥିଲା ଅଧିକ ଦିନର ରହଣି । ବର୍ମାର ମିଞ୍ଜିୟାନ ସହରରେ ସେତେବେଳେ ଥିଲା ସବୁଠାରୁ ବଡ ଜେଲ । ଯାହାକି ବୋମାମାଡରେ ଜାପାନୀମାନେ ଧ୍ୱସ୍ତ କରିଦେଇଥିଲେ । ଏକଦା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରହିଥିଲେ ସେହି ଜେଲରେ । ବର୍ମାରେ ଲେଖକଙ୍କ ପ୍ରତ୍ୟକ୍ଷ ଯୁଦ୍ଧ-ଅନୁଭୂତି ସହିତ ବର୍ମାର ଲୋକଜୀବନର ଧାରା ଓ ଓଡ଼ିଆମାନଙ୍କର ଆଦରି ନେଇଥିବା ବର୍ମୀୟ ଜୀବନର ଛବି ବେଶ୍ ଭାବିତ କଲା ଭଳି । ଗୋବର୍ଦ୍ଧନ ଦୋରାଙ୍କ 'ବର୍ମା ଫେରସ୍ତ' ଅଂଶଟି ସଂଯୁକ୍ତ ହୋଇଛି 'ଛୋଟ ମୋର ଗାଁଟି' (୨୦୦୯) ପୁସ୍ତକରେ । ଏହି ଲେଖାଟି ଗୋବର୍ଦ୍ଧନ ଦୋରାଙ୍କ ଗାଁରୁ ରେଙ୍ଗୁନ୍ ଯାଇଥିବା ଏବଂ ଫେରି ଆସିଥିବା ଲୋକଙ୍କ ରେଙ୍ଗୁନ୍‌ରେ ବସବାସ ଓ ତଥ୍ୟରେ ପରିପୂର୍ଣ୍ଣ । ଲେଖକଙ୍କ ସୂଚିତ ତଥ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଅଧିକାଂଶ ଲୋକ ଗ୍ରାମକୁ ଫେରିଆସିଥିବା ସୂଚନା ଦେବା ସହିତ ନିଜ ବାପାଙ୍କ ରେଙ୍ଗୁନ୍ ଯାଇଥିବା କଥାକୁ ସେ ସଂଯୋଗ କରିଛନ୍ତି । ଏପରିକି ଅନେକ ସେଠାରେ ମୃତ୍ୟୁବରଣ କରିଥିବା କଥା ମଧ୍ୟ ଉଲ୍ଲେଖ କରିଛନ୍ତି । ନେତାଜୀଙ୍କ ଇଣ୍ଡିଆନ ନ୍ୟାସନାଲ ଆର୍ମିରେ ମିଶିଥିବା ବଂଶୀଧର ଦାସଙ୍କ ବର୍ମା-ଇଣ୍ଡୋନେସିଆ-ଜାପାନ ଆଦି ସ୍ଥାନକୁ ଯିବା ପରେ ନିଜ ମୃତ୍ୟୁ ପର୍ଯ୍ୟନ୍ତ ସଂଗ୍ରାମୀ ଭତ୍ତା ପାଇବା ଏବଂ ତାଙ୍କ ପରେ ତାଙ୍କର ସ୍ତ୍ରୀ ସେହି ଭତ୍ତା ପାଇବା ଆଦି ପ୍ରସଙ୍ଗ ମଧ୍ୟ ସଂଯୋଗ କରିଛନ୍ତି । କିଭଳି ଗାଁର ଅଗାଧୁ ଦୋରା ବର୍ମା ଯାଇ ଫେରିନଥିଲେ; କିଭଳି ବର୍ମା ଫେରନ୍ତାମାନେ ପରବର୍ତ୍ତୀ ସମୟରେ ପ୍ରତିଷ୍ଠିତ ହୋଇଛନ୍ତି । କିଭଳି ତାଙ୍କ ଗାଁ ପାଖ ସାନଗୋରୋଡ଼ାର ଜଣେ ନିଜର ଗୋଟିଏ ପୁଅ ଏବଂ ବର୍ମା ସ୍ତ୍ରୀ ସହିତ ଫେରିଥିଲେ । ତଥା ସେ ସମୟର ନିୟମ ଅନୁଯାୟୀ ବର୍ମୀୟ ସ୍ତ୍ରୀକୁ ଧରି ଗାଁକୁ ଆସିଲେ କିଭଳି ଜାତିଭୋଜି ଦେବାକୁ ହେଉଥିଲା  ସେହିଭଳି ଅନେକ ରୋଚକ ତଥ୍ୟକୁ ସେ ଉଲ୍ଲେଖ କରିଛନ୍ତି ।

ସୁଧାଂଶୁ ଶେଖର ଦାସଙ୍କ 'ଅଫେରନ୍ତା କଥା-ଏକ ସ୍ମୃତି କଥା' (୨୦୦୮)ରେ 'ବର୍ମାଯାତ୍ରୀ' ଭାବେ ଏକ ସ୍ୱତନ୍ତ୍ର ଅଂଶ ରହିଛି, ଯେଉଁଠି ଲେଖକଙ୍କ ଗାଁ ଆଖପାଖରୁ ପେଟପାଟଣା ପାଇଁ ଆସାମ ଓ ରେଙ୍ଗୁନ୍ ଯାଉଥିବା ଲୋକଙ୍କ ପ୍ରସଙ୍ଗ ରହିଛି । ଯେଉଁମାନେ କି ଅଧିକାଂଶ ୧୯୪୫ ମସିହା ବେଳେ ବିଶ୍ୱଯୁଦ୍ଧ ସମୟରେ ଫେରିଆସିଥିଲେ । ଜାପାନର ଭୟରେ ଭୟଭୀତ ହୋଇ ବଣଜଙ୍ଗଲ ବାଟରେ ଆସିବାବେଳେ କେତେଜଣ ମୃତ୍ୟୁବରଣ କରିଥିଲେ; ଯେଉଁମାନେ ଭାଗ୍ୟବାନ ସେମାନେ ଫେରିଥିଲେ । ଯେଉଁମାନେ ଆସିନଥିଲେ ଗାଁଲୋକେ ସେମାନଙ୍କୁ ମୃତ ବୋଲି ଭାବି ଶୁଦ୍ଧି ହୋଇଯାଇଥିଲେ । ଏହି ଆଧାରରେ ଲେଖକ ରାମ ନାମକ ଜଣେ ବ୍ୟକ୍ତି ଯେକି ଗତ ଶତାବ୍ଦୀର ପ୍ରଥମ ଦଶକରେ ବର୍ମା ଯାଇ ୧୯୪୫ ମଧ୍ୟରେ ମାତ୍ର ଦୁଇଥର ଗ୍ରାମକୁ ଆସିବା; ୩୦ ବର୍ଷ ଧରି ନଆସିବା ଏବଂ ସେଠାରେ ବାହା ହୋଇ ରହିଯିବା ଯେତେ ବିସ୍ମୟକର ନଥିଲା ପରେ ନିଜର ବର୍ମୀୟ ସ୍ତ୍ରୀ ଏବଂ ଦୁଇଟି ସନ୍ତାନ ସହ ଫେରିଆସି ନିଜ ଦରିଦ୍ର ଭାଇ ଶ୍ୟାମ ପାଖରେ ରହିବା ଥିଲା ଅଧିକ ବିସ୍ମୟକର ।

**ରେଙ୍ଗୁନ୍‌ରେ ଓଡ଼ିଆ ପ୍ରବାସ ଓ ପ୍ରବାସୀଙ୍କ ଇତିକଥା :**

ଅତୀତରେ ଓଡ଼ିଶାର ଇତିହାସର ନୌବାଣିଜ୍ୟ ପରମ୍ପରା, ବୌଦ୍ଧଧର୍ମଧାରାର ପ୍ରଚାର ଏବଂ ଉପନିବେଶ ସ୍ଥାପନର ଇତିକଥାକୁ ଛାଡିଦେଲେ ପରବର୍ତ୍ତୀ ଓଡ଼ିଶା କିମ୍ବା ଓଡ଼ିଆଙ୍କ ରେଙ୍ଗୁନଯାତ୍ରାର ଇତିହାସ ହେଉଛି ଅତ୍ୟନ୍ତ ଯନ୍ତ୍ରଣାଦାୟକ । କାରଣ ସେହି ପର୍ଯ୍ୟାୟରେ ଅନାହାର-ଦରିଦ୍ରତାରେ ଜୁଡୁବୁଡୁ ମଣିଷ ଅନ୍ନଚିନ୍ତା ଏବଂ ଭୋକର ତାଡ଼ନାରେ ହୋଇଥିଲା ଦେଶାନ୍ତରିତ । ଯାଇଛି କୁଲି ଓ ଶ୍ରମିକସାଜି । ବିଦେଶ ଭୂମିରେ ହଜାଇଥିଲା ତାର ଅସ୍ତିତ୍ୱ । ନିଜ ଭୂମିରେ ହୋଇଥିଲା ଅଖ୍ୟାତ ଓ ନିରୁଦ୍ଦିଷ୍ଟ । ପାଇଥିଲା ବେଜାତି ହେବାର ସାମାଜିକ ଗଞ୍ଜଣା । ଅନେକତ୍ର ଘୋଷିତ ହୋଇଥିଲା ମୃତ ଭାବେ ଏବଂ ପରିବାର ତଥା ଗାଁଲୋକେ ସେମାନଙ୍କୁ ମୃତ ଭାବି ହୋଇଯାଇଥିଲେ ଶୁଦ୍ଧି । ଆଉ ଯେତେବେଳେ ବି ସେମାନେ ଫେରିଥିଲେ, ଆସିଥିଲେ ବିଭିନ୍ନ ରୋଗ ସହିତ ଅନେକ ଅକୁହା କଥାର ବିଷାକ୍ତ ଦଂଶନ ଧରି । ଆଉ ଏହି ସବୁ କଥା ହିଁ ପ୍ରତିଫଳିତ ହୋଇଛି ଓଡ଼ିଆ ସାହିତ୍ୟରେ । ଆଉ ସେହି ରେଙ୍ଗୁନ ପ୍ରବାସ ଓ ପ୍ରବାସୀଙ୍କର କଥା କେବେ ହେଲେ ଏକ ସୁଖଦ ଅନୁଭୂତିର ରୋମନ୍ଥନ ନୁହେଁ; ତାହା ହେଉଛି ଯୁଦ୍ଧଧ୍ୱାନ୍ତ ଭୂମିରେ ଆପଣା ପାଇଁ ଦାନା ଖୋଜୁଥିବା ବୃତ୍ତିସନ୍ଧାନୀ ଅସଂଖ୍ୟ ବୁଭୁକ୍ଷୁଙ୍କ ଦ୍ୱନ୍ଦ୍ୱ-ସଂଶୟ ଓ ସଂଘର୍ଷର କାହାଣୀ ।

**ସହାୟକ ଅନୁଷଙ୍ଗ ସୂଚୀ :**


୧. ଦାସ, ସୁଧାଂଶୁ ଶେଖର, ଅଫେରନ୍ତା ସମୟ, ଦି ବ୍ଲକ ପଏଣ୍ଟ, ଭୁବନେଶ୍ୱର, ୨୦୦୮
୨. ଦାସ, ହରିହର, ଗପ ନୁହେଁ, ଆସିକା, ୧୯୮୭
୩. ଦୋରା, ଗୋବର୍ଦ୍ଧନ, ଛୋଟ ମୋର ଗାଁଟି, ଶିକ୍ଷା ସନ୍ଧାନ, ଭୁବନେଶ୍ୱର, ୨୦୦୯
୪. ନାୟକ, ମାୟାଧର, ମୁଁ ଯେତେବେଳେ ମିଲିଟାରୀରେ ଥିଲି, ପୂର୍ଣ୍ଣିମା ପ୍ରକାଶନୀ, ସମ୍ବଲପୁର, ୧୯୬୫
୫. ନିଶାନ୍ତ, ଶରତ ସଂଖ୍ୟା, ୨୦୧୭
୬. ପାଣିଗ୍ରାହୀ, କାଳିନ୍ଦୀ ଚରଣ, କାଳିନ୍ଦୀଚରଣ ଗଳ୍ପ ସମଗ୍ର, କଟକ ଷ୍ଟୁଡେ଼ଣ୍ଟ ଷ୍ଟୋର, ୨୦୧୨
୭. ମିଶ୍ର, କପିଳ, ମୋ ନନା, କଟକ ଷ୍ଟୁଡେ଼ଣ୍ଟ ଷ୍ଟୋର, ୧୯୮୨
୮. ରାଉତରାୟ, ସଚ୍ଚିଦାନନ୍ଦ, ସଚ୍ଚିଦାନନ୍ଦ ଗ୍ରନ୍ଥାବଳୀ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
୯. ରାଜଗୁରୁ, ସତ୍ୟନାରାୟଣ ମୋ ଜୀବନ ସଂଗ୍ରାମ, ଆଶା ପୁସ୍ତକାଳୟ, ବ୍ରହ୍ମପୁର, ୧୯୯୪
୧୦. ସାବତ, କୁନ୍ତଳକୁମାରୀ, କୁନ୍ତଳକୁମାରୀ ଗ୍ରନ୍ଥାବଳୀ (ଗଦ୍ୟ ସାହିତ୍ୟ ), ସାବିତ୍ରୀ ଦାସ ଓ ଗୌରାଙ୍ଗ ଦାସ, ନବଦିଗନ୍ତ, କଟକ, ୨୦୦୮
୧୧. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ, ଫ୍ରେଣ୍ଡସ୍ ପୁବ୍ଲିଶର୍ସ, କଟକ, ୨୦୧୯
୧୨. ମାନସିଂହ, ମାୟାଧର, ମାନସିଂହ ଗ୍ରନ୍ଥାବଳୀ, ଗ୍ରନ୍ଥ ମନ୍ଦିର, କଟକ, ପୁନଃ ମୁଦ୍ରଣ-୨୦୦୭
୧୩. ସାହୁ, ଲକ୍ଷ୍ମୀନାରାୟଣ ମୋ ବାରବୁଲା ଜୀବନୀ, ଓଡ଼ିଶା ବୁକ ଷ୍ଟୋର, କଟକ, ୧୯୬୮
୧୪. ଶର୍ମା, ଅନ୍ତବାସ, ଯୋଗୀ ରେଙ୍ଗୁନ୍ ଗୀତ, ଶ୍ରୀ ହରିନାଥ ପ୍ରେସ, ଶ୍ରୀ ଅଜୟ ଘୋଷ, ବାଖରାବାଦ, କଟକ, ୧୯୨୯ (ସୃଜନୀକାରୁ ସଂଗ୍ରହ)
୧୫. ସାହୁ, ବିଦ୍ୟାଧର, ରେଙ୍ଗୁନ୍ ବଢ଼ି ଗୀତ, ବର୍ମା ସମାଚାର ପ୍ରେସ୍, ରେଙ୍ଗୁନ୍, ୧୯୩୭ (ସୃଜନୀକାରୁ ସଂଗ୍ରହ)
୧୬. ବାଳମୁକୁନ୍ଦ କିଶନ ଲାଲ, ବର୍ମୀ ଭାଷା ଶିକ୍ଷା (ପ୍ରଥମ ଭାଗ), ନୟାସଡ଼କ, କଟକ, ୧୯୨୮ (ସୃଜନିକାରୁ ସଂଗ୍ରହ)



ଅଧ୍ୟାପିକା, ଓଡ଼ିଆ ବିଭାଗ,

ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

ISSN -2583-147X (P), Vol.- 9, Issue No.XI, February 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଦେହ ଓ ଦହନ ପ୍ରସଙ୍ଗ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ : ଏକ ଆଲେଖ୍ୟ

**ଯୁଗୀରାମ ପୁଟେଲ**

ଓଡିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା ଭାବରେ ଗୋପୀନାଥ ମହାନ୍ତି ପରିଚିତ । ସ୍ୱାଧୀନତା ପରବର୍ତ୍ତୀ କାଳରେ ଯେଉଁ କେତେଜଣ ଓଡିଆ ଉପନ୍ୟାସକୁ ଆଧୁନିକତାର ରୂପ ଦେବାରେ ସଫଳ ହୋଇ ପାରିଥିଲେ, ସେମାନଙ୍କ ମଧ୍ୟରେ ଗୋପୀନାଥ ମହାନ୍ତି ଅନ୍ୟତମ । ଏହି ମହାନ ସାରସ୍ୱତ ସ୍ରଷ୍ଟାଙ୍କର ଜନ୍ମ ହୁଏ ୧୯୧୪ ମସିହା କଟକ ଜିଲ୍ଲାର ନାଗାବାଲୀ ଗ୍ରାମରେ । ସେ ଔପନ୍ୟାସିକ ଭାବରେ ପରିଚିତି ଲାଭ କରିଥିଲେ ହେଁ ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ଭ୍ରମଣକାହାଣୀ, ଜୀବନୀ, ଆତ୍ମଜୀବନୀ, ଅନୁବାଦ ଆଦି ବିଭାଗ ଗୁଡିକରେ ଲେଖନୀ ଚାଳନା କରି ସିଦ୍ଧହସ୍ତ ହୋଇ ପାରିଛନ୍ତି । ତାଙ୍କ ଉପନ୍ୟାସଗୁଡ଼ିକ ମଧ୍ୟରେ ରହିଛି ମନ ଗହୀରର ଚାଷ (୧୯୪୦), ଦାଦି ବୁଢ଼ା (୧୯୪୪), ପରଜା (୧୯୪୬), ହରିଜନ (୧୯୪୮), ଅମୃତର ସନ୍ତାନ (୧୯୪୯), ଶରତବାବୁଙ୍କ ଗଳି (୧୯୫୦), ରାହୁର ଛାୟା (୧୯୫୨), ଦୁଇପତ୍ର (୧୯୫୪), ସପନମାଟି (୧୯୫୪), ଶିବଭାଇ (୧୯୫୫), ଦାନାପାଣି (୧୯୫୫), ଅପହଞ୍ଚ (୧୯୬୧), ଲୟ ବିଲୟ (୧୯୬୧), ତନ୍ତ୍ରିକାର (୧୯୬୩), ମାଟିମଟାଳ (୧୯୬୪), ପାହାନ୍ତା (୧୯୭୧), ଅକାଶ ସୁନ୍ଦେରୀ (୧୯୭୨), ଅନଳ ନଳ (୧୯୭୩), ଦିଗ ଦିହୁଡ଼ି (୧୯୭୯), ବୁନ୍ଦାଏ ପାଣି (୧୯୮୮), କିଛି କିହିବାକୁ ଚାହେଁ (୧୯୮୯), ଜାନକାମ୍ମା (୧୯୯୧), ଅନାମ (୧୯୯୩) । ଉକ୍ତ ଉପନ୍ୟାସଗୁଡିକରେ ପ୍ରେମ, ଜମିଦାରୀ ଶୋଷଣ, ଯୁଦ୍ଧ, ଯୌନ ଜୀବନଚର୍ଯ୍ୟା, ଆଦିବାସୀ ସଂସ୍କୃତି, ପରମ୍ପରା, ମଧ୍ୟବିତ୍ତ ପରିବାରବର୍ଗଙ୍କ ଅସହାୟତା, ନିଃସଙ୍ଗବୋଧ ଆଦି ଭାବବସ୍ତୁଗୁଡିକ ରହିଥିଲେ ହେଁ ଦେହ ଓ ଦହନ ପ୍ରସଙ୍ଗ ତାଙ୍କ ଅର୍ଦ୍ଧାଧିକ ଉପନ୍ୟାସରେ ରହିଛି ।

ସୃଷ୍ଟି ପ୍ରକ୍ରିୟା କହିଲେ ଯୌନତାକୁ ବୁଝାଏ । ଜୀବନକୁ ଅନୁଭବ କରିବା ହେଉଛି ଯୌନବେଗ । ଏହି ଯୌନବେଗ ସହିତ ଜଡ଼ିତ ରହିଛି ମଣିଷ ତଥା ପ୍ରାଣୀ ଓ ଉଦ୍ଭିଦ ଜଗତର ବଂଶୋଦ୍ଭବ ପ୍ରକ୍ରିୟା । ବିନା ଯୌନ ପ୍ରକ୍ରିୟାରେ ସୃଷ୍ଟିର ବିକାଶ ଅସମ୍ଭବ । ଯେକୌଣସି ପ୍ରାଣୀ ହେଉକି ଉଦ୍ଭିଦଜଗତ ପ୍ରତ୍ୟେକଙ୍କ ଭିତରେ ବିଦ୍ୟମାନ ଥାଏ ଯୌନ ପ୍ରକ୍ରିୟା; ଯାହା ଜୀବଜଗତକୁ ସଂଚାଳିତ କରେ । ଏଣୁ ଯୌନକ୍ରିୟାକୁ ବାଦ୍‌ଦେଇ ସୃଷ୍ଟିର ବିକାଶ ଅସମ୍ଭବ । ମଣିଷ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ତାକୁ ଖାଦ୍ୟ, ପାନୀୟ ଓ ନିଦ୍ରାର ଯେପରି ଆବଶ୍ୟକତା ରହିଛି, ସେପରି ଆବଶ୍ୟକତା ରହିଛି ମୈଥୁନର ମଧ୍ୟ । ଏଥିରେ ଅସ୍ୱାଭାବିକତା ବୋଲି କିଛି ନାହିଁ ।

ସାମ୍ପ୍ରତିକ ସମୟରେ ପ୍ରେମ ମଣିଷ ପାଇଁ ଏକ ଜୈବିକ ଆବଶ୍ୟକତା ରୂପେ ଦେଖାଦେଇଛି । ଫଳରେ ସାହିତ୍ୟରୁ ଦୂରେଇ ଯାଇଛି ସୌନ୍ଦର୍ଯ୍ୟବୋଧ ଏବଂ ସର୍ବତ୍ର ଦେଖାଦେଇଛି ଯୌନତାର ଛାପ । ବିଂଶ ଶତାବ୍ଦୀରେ ପୃଥିବୀ ଇତିହାସରେ ଯେଉଁ ବିରାଟ ପରିବର୍ତ୍ତନ ଦେଖାଦେଇଛି, ତା'ର ପରିଣାମ ସ୍ୱରୂପ ପୁରାତନ ସଂସ୍କୃତି ଓ ମୂଲ୍ୟବୋଧ ଭାଙ୍ଗିଯାଇଛି । ଯୌଥ ପରିବାର ପରିବର୍ତ୍ତେ ଏକକ ପରିବାର ଦୃଷ୍ଟିଗୋଚର ହୋଇଛି । ସ୍ନେହ, ପ୍ରୀତି, ଭଲପାଇବା ମୂଲ୍ୟହୀନ ହୋଇ ପଡିଛି । ପୁରାତନ ସସ୍କୃତି, ସଭ୍ୟତା ଭାଙ୍ଗି ନୂତନ ସସ୍କୃତି ଗଢ଼ିଉଠିଛି । ବ୍ୟକ୍ତି କେନ୍ଦ୍ରିକତା ପ୍ରାଧାନ୍ୟ ଲାଭ କରିଛି । ଫଳରେ ମଣିଷ ଅସହାୟ ଓ ନିଃସଙ୍ଗ ଜୀବନଯାପନ କରିଛି । ଏହି ନିଃସଙ୍ଗ ପଣରୁ ଜନ୍ମଲାଭ କରିଛି ଯୌନଲାଲସା; ଯାହା ସାମ୍ପ୍ରତିକ ସାହିତ୍ୟରେ ମୁଖ୍ୟ ବିଭାବ ରୂପେ ଉଭା ହୋଇଛି ।

୧୯୪୪ ମସିହାରେ ଗୋପୀନାଥ ମହାନ୍ତିଙ୍କ ଦ୍ୱିତୀୟ ଉପନ୍ୟାସ ଦାଦିବୁଢା ପ୍ରକାଶିତ ହୁଏ । କନ୍ଧ ଆଦିବାସୀ ମାନଙ୍କର ଚାଲି, ଚଳଣି, ରୀତି, ନୀତି, ପ୍ରଥା, ପରମ୍ପରା ଏଥିରେ ରୂପାୟିତ ହେବା ସହିତ ଦେହ ଓ ଦହନ କଥା ଉଲ୍ଲେଖିତ ହୋଇଛି । ଗୋଟିଏ ଥୁଣ୍ଟା ବରଗଛକୁ ଦାଦିବୁଢା ରୂପେ ପ୍ରତିକିତ କରାଯାଇଛି । ଦାଦିବୁଢା ହେଉଛି ତାଙ୍କର ଗ୍ରାମ୍ୟ ଦେବତା । ସମସ୍ତେ ନିଜ ନିଜର ମନୋକାମନା ପୂର୍ଣ୍ଣ ନିମନ୍ତେ ଦାଦିବୁଢା ନିକଟରେ ଗୁହାରି ହୁଅନ୍ତି । ରାମ ନାୟକ ତା' ପୁଅ ଠେଙ୍ଗାଜାନି ପାଇଁ, ଘର ତୋଳିବ, ବିଭା କରିବ, ବୋହୂ ଆଣିବ ବୋଲି ସ୍ୱପ୍ନ ଦେଖେ । ଠେଙ୍ଗାଜାନି କିନ୍ତୁ ସନ୍ତୋଷ କୁମାରୀ ରୂପରେ ମୋହିତ ହୋଇ

ତା' ସହ ଦୈହିକ ସମ୍ପର୍କ ରଖେ । "ତୁଣ୍ଡ ନ ଖୋଲି ଠେଙ୍ଗାଜାନି ଦୁଇହାତରେ ତାକୁ ଉଠେଇ ନେଲା । ଛାତିରେ ଚାପିକରି ଫୁଲପରି ଟେକି ନେଇଗଲା ପାଣିଝରା ପଥର ସେ ପାଖକୁ ।[୧] ଲେଖକ ବହୁ ମାର୍ଜିତ ଭାବରେ ଦାଦିବୁଢା ଉପନ୍ୟାସରେ ଦେହ ଓ ଦହନ କଥା ଉଲ୍ଲେଖ କରିଛନ୍ତି । ଉପନ୍ୟାସର ବର୍ଣ୍ଣନା ଛଟା ମଧ୍ୟରେ ରୂପକଳ୍ପର ପ୍ରୟୋଗ କରି ଯୌନତାର ଚିତ୍ର ଅଭିବ୍ୟକ୍ତି କରିଛନ୍ତି । "ସନ୍ତୋଷ କୁମାରୀ ହସିହସି ଠେଙ୍ଗାଜାନିର ମୁହଁଟିକୁ ଟେକି ଧରିଲା । ତା'ପରେ ଏ ତା ମୁହଁକୁ ସେୟା ମୁହଁକୁ ଅନେଇ ଏକା ଧାରକେ ଦୁଇଜଣଯାକ କାନ୍ଦି ପକେଇଲେ । କୁଣ୍ଡାକୁଣ୍ଡି ହୋଇ କାନ୍ଦି କାନ୍ଦି କାଳଟା ଭିତରକୁ ପଶିଗଲେ ।"[୨]

ସେହିପରି ତାଙ୍କର ଅନ୍ୟ ଏକ ଉପନ୍ୟାସ 'ପରଜା' ପ୍ରକାଶିତ ହୁଏ ୧୯୪୬ ମସିହାରେ । ପରଜା ଜୀବନର ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀ, ରୀତି-ନୀତି ଏଥିରେ ରୂପାୟିତ ହେବା ସହିତ ସାହୁକାରମାନଙ୍କ ଶୋଷଣର ଚିତ୍ର ବର୍ଣ୍ଣିତ ହୋଇଛି । ଏ ଶୋଷଣ ଦୁଇ ପ୍ରକାର- ଗୋଟେ ଆର୍ଥିକ ଅନ୍ୟଟି ଶାରୀରିକ ।

କୋରାପୁଟ ଜିଲ୍ଲା ଅନ୍ତର୍ଗତ ଶରଶୁପଦର ଗାଁରେ ଥିବା ଶୁକ୍ରୁଜାନିର ପରିବାରକୁ ନେଇ ପରଜା ଉପନ୍ୟାସ ପର୍ଯ୍ୟବେଶିତ । ଶୁକ୍ରୁର ପରିବାର କହିଲେ ଦୁଇପୁଅ-ମାଣ୍ଡିଆ ଜାନି ଓ ଟିକ୍ରାଜାନି; ଦୁଇ ଝିଅ ଜିଲି ଓ ବିଲି । ଉପନ୍ୟାସରେ ଦେଖାଯାଏ ଯେ ଜଙ୍ଗଲ ଜମାନର ଲୋଲୁପ ଦୃଷ୍ଟି ପଡେ ଜିଲି ଉପରେ । ଶୁକ୍ରୁଜାନି ମନା କରିବାରୁ ଜଙ୍ଗଲଜମାନର କୋପଦୃଷ୍ଟି ପଡ଼େ ଶୁକ୍ରୁଜାନିର ପରିବାର ଉପରେ । ପରିଣାମ ସ୍ୱରୂପ ରାମ ବିଶୋଇର କରଜ ସୁଝିବା ନିମନ୍ତେ ବାପ-ପୁଅକୁ ଗୋତି ଖଟିବାକୁ ଯିବାକୁ ପଡ଼େ ।

ଅନ୍ୟପଟେ ଜିଲିବିଲି ଖାଇବାକୁ ନ ପାଇ ରୋଡ ପାଇଟି କାମ କରିବାକୁ ଘରୁ ଗୋଡ଼ କାଢ଼ନ୍ତି । ସେଠି ଗୁମାସ୍ତାଙ୍କ ଲୋଲୁପ ଦୃଷ୍ଟିପଡେ ଜିଲିବିଲି ଉପରେ । ତେଣୁ ସେ ରାମୀକୁ ହାତବାରିସି କରି ଜିଲିବିଲିକୁ ଉପଭୋଗ କରେ । ତାରକା ମନକୁ ଚରିତାର୍ଥ କରେ । ପରେ ଜିଲିବିଲି ପାଖରେ ଏହା ଦେହସୁହା ହୋଇଯାଏ । "ଦିନଯାଏ କିନ୍ତୁ ଆଉ ରାମୀ ଆସିବାର ଦରକାର ହୁଏ ନାହିଁ । ଗୁମାସ୍ତା ମନଇଚ୍ଛା ଓରଉଣ୍ଡି କେଉଁଟି ଜିଲି ସାଙ୍ଗେ, କେଉଁଟି ବିଲି ସାଙ୍ଗେ ଦେଖାକରେ, କେହି ପଛରେ ଯାଏ ନାହିଁ । ଆଉ ଗୁମାସ୍ତା ଯେତେବେଳେ ନ ଆସେ ଦଳ ଭିତରେ ନିଶାପାଣି ପଙ୍ଗତରେ ଆଉ କିଏ ଝିଙ୍କାଓଟରା କଲେ ସୁଦ୍ଧା ଜିଲିବିଲି ସଙ୍କୁଚିତ ହୋଇଯାନ୍ତି ନାହିଁ । ଗୋଷ୍ଠୀ ଭିତରେ ଧାଙ୍ଗଡ଼ା ପଞ୍ଝାକୁ ଘେରି ଆଉ ଦଶଟା ଟୋକି ଯେପରି ନାଲି ଚାଲି ହୁଅନ୍ତି, ଧରାଧରି ହୁଅନ୍ତି, ସେମାନେ ବି ସେହିପରି ମିଶିଯାନ୍ତି, ସବୁ ଦେହସୁହା ହୋଇଯାଏ । ସବୁ ଅଭ୍ୟାସର କଥା । ମନ ଭିତରେ ଆଞ୍ଚବି ରହେ ନାହିଁ ତାର । ଭାବିଲେ ସୁଖ ଲାଗେ ।"[୩]

ସୂକ୍ଷ୍ମ ଭାବରେ ଅନୁଧ୍ୟାନ କଲେ ଜଣାଯିବ ଯେ ଲେଖକ କିପରି ସମଲିଙ୍ଗୀ ଯୌନସମ୍ପର୍କ ମଧ୍ୟରେ ସମଲିଙ୍ଗୀ ଯୌନସମ୍ପର୍କ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି । ଗୁମାସ୍ତା ନ ଆସିବା ଦିନ ରୋଡ୍-ପାଇଟିରେ କାମ କରୁଥିବା ଝିଅ ଝିଅ ମଧ୍ୟରେ ଦୈହିକ ସମ୍ପର୍କ ରକ୍ଷା ହୁଏ, ଆଉ ସେଥିପାଇଁ ସେମାନେ ଦୁଃଖ ମଧ୍ୟ ପ୍ରକାଶ କରନ୍ତି ନାହିଁ । ଗୋଟେ ଅଭ୍ୟାସରେ ପରିଣତ ହୋଇଯାଏ ।

ସେହିପରି ରାମ ବିଶୋଇ ମଧ୍ୟ ଜିଲିର ରୂପରେ ମୋହିତ ହୋଇଛି । ସେ ଦେଖିଛି ଜିଲି ଖାଲି ରୂପରେ ନୁହେଁ ତାର ତେଜ ମଧ୍ୟ ଅଛି । ତାକୁ ରୂପର ଆବଶ୍ୟକତା ନାହିଁ, ଅଛି ଦେହର ଆବଶ୍ୟକତା । ତେଣୁ ସେ ମଧୁଘାସୀ ମାଧ୍ୟମରେ ଜିଲିକୁ ରକ୍ଷିତା କରି ରଖିଛି ।

ମେହେନ୍ତର ମାନଙ୍କର କରୁଣ ବିଳାପ ଓ ଜୀବନ ଯନ୍ତ୍ରଣାର ଚିତ୍ର ରୂପାୟିତ ହୋଇଛି 'ହରିଜନ' (୧୯୪୮) ଉପନ୍ୟାସରେ । ଏଥିରେ ହରିଜନ ମାନଙ୍କର ମୌଳିକ ସମସ୍ୟା, ଶୋଷଣ, ଅତ୍ୟାଚାର, ସଂଭ୍ରାନ୍ତ ବ୍ୟକ୍ତିମାନଙ୍କର ବସ୍ତୁବିଳାସ ଜୀବନ ଆଦି ବର୍ଣ୍ଣିତ ହୋଇଛି । ଉକ୍ତ ଉପନ୍ୟାସରେ ମଧ୍ୟ ହରିଜନମାନଙ୍କୁ ଦୁଇ ପ୍ରକାରରେ ଶୋଷଣ କରାଯାଇଛି- ଗୋଟେ ଆର୍ଥିକ ଅନ୍ୟଟି ଦୈହିକ ।

ଉଦରର କ୍ଷୁଧା ପ୍ରଶମିତ ହେଲାପରେ ମଣିଷ ଦେହର କ୍ଷୁଧା ବିଷୟରେ ଚିନ୍ତା କରେ । ଗୋଟିଏ ଦେହ ପାଇଁ ଦରକାର ଆଉ ଗୋଟେ ଦେହ । ସେଥିପାଇଁ ସେ ଉଚ୍ଚ-ନୀଚ, କଳା-ଗୋରା, ଜାତି-ଅଜାତି କାହାର ବିଚାର କରେ ନାହିଁ । ଦିନର ଆଲୁଅରେ ଯାହାକୁ ସେମାନେ ଛି, ଛି, ମାର, ମାର୍ କରନ୍ତି ରାତ୍ରିର ଅନ୍ଧକାରରେ ସେମାନେ ପୁଳାପୁଳା ଟଙ୍କା ଦେଇ ତା'ସହ ଦୈହିକ ସମ୍ପର୍କ ରଖନ୍ତି । ଉପନ୍ୟାସରେ ଅବିନାଶ, ଅଘୋର, ମ୍ୟୁନିସିପାଲଟିର ମିସ୍ତ୍ରୀ ଆଦି ଏ ଧରଣର ଚରିତ୍ର; ଯେଉଁମାନେ ପୁଳା ପୁଳା ଟଙ୍କା ଦେଇ ଦେହର ଭୋକ ମେଣ୍ଟାଇଛନ୍ତି ଏବଂ ଅଭାବ ଅନାଟନରେ ହେଉ ବା ଅର୍ଥ ଲାଳସାରେ ହେଉ ଜେମା ମେହେନ୍ତାଣୀ, ଟଭ, କଜଳମତୀ ଆଦି ନାରୀଚରିତ୍ର ନିଜ ଦେହ ଦାନ କରିଛନ୍ତି ।

ଉପନ୍ୟାସରେ ଦେଖାଯାଏ ଯେ ଜେମା ମେହେନ୍ତାଣୀ ମାତୃତ୍ୱ ଲାଭ କରି ମଧ୍ୟ ନିଜ ପତିର ସୁଖ ପାଇ ପାରିନାହିଁ ବରଂ ନିଜ ଭାଗ୍ୟକୁ ଦୋଷ ଦେଇଛି । ଧନତାନ୍ତ୍ରିକ ଅବିନାଶବାବୁଙ୍କ ସହ ମିଳିତ ହୋଇ ଗର୍ଭବତୀ ହୋଇଛି । ଯେଉଁ ଅବିନାଶ ବାବୁ ତାକୁ ଦିନର ଆଲୁଅରେ ପଚାରନ୍ତି ନାହିଁ, ସାମ୍ନାରେ ଦେଖିଲେ ଛେପ ପକାଇ ଚାଲିଯାନ୍ତି, ସେହି ଅବିନାଶ ବାବୁ ରାତ୍ରିର ଅନ୍ଧକାରରେ ତା' ସହ ମିଳିତ ହୁଅନ୍ତି । ନିଜର ଯୌନକାଂକ୍ଷା ପୂରଣ କରନ୍ତି । ଫଳ ସ୍ୱରୂପ ପୁନିର ଜନ୍ମ ହୁଏ ।

ଉପନ୍ୟାସର ନାୟିକା ପୁନି ମଧ୍ୟ ବଡ ହେଲାପରେ ପେଟ ପାଇଁ ବିପଥଗାମୀ ହୁଏ । ନିଜର ସାଙ୍ଗ ଟଭ, କଜଳମତୀ ତାକୁ ବିପଥଗାମୀ କରାନ୍ତି । ଅବିନାଶ ବାବୁଙ୍କ ଘରକୁ ମଇଳା ସଫା କରିବାକୁ ଯାଇ ସେ ମଧ୍ୟ ପାଲଟି ଯାଇଛି ମଇଳା ଗଦା । ବଡମଣିଷର ବାସ୍ନା ତାକୁ ଏତେ ପାଗଳ କରେ ଯେ ସେ ବାରମ୍ବାର ଅବିନାଶ ବାବୁଙ୍କ ଘରକୁ ଦେହଦାନ କରିବାକୁ ଚାଲିଯାଏ । ପୁନି ପରି ମେହେନ୍ତର ବସ୍ତିରେ ରହୁଥିବା ଅନ୍ୟ ଝିଅ କମଳା, ରଂଗ, ଟଭ ଆଦିମାନେ ସ୍ନୋ ପାଉଡର, ବାସ୍ନାତେଲ ପାଇଁ ଅଘୋର ବାବୁ, ଅବିନାଶ ବାବୁମାନଙ୍କୁ ଦେହ ଦାନ କରନ୍ତି ସେହିପରି ଯଶୋଦା ନାମ୍ନୀ ଏକ ନିମ୍ନଶ୍ରେଣୀର କନ୍ୟାକୁ ଅବିନାଶ ବାବୁ ରାଣୀ କରିବାର ସ୍ୱପ୍ନ ଦେଖେଇ ତା' ସହ ଦୈହିକ ସମ୍ପର୍କ ରଖିଛନ୍ତି ଏବଂ ତାଙ୍କ କାମନା ଚରିତାର୍ଥ ହେଲାପରେ ତାକୁ ଚାକିରାଣୀ କରି ରଖନ୍ତି ।

ତଳ ଶ୍ରେଣୀର ନାରୀ ଓ ମେହେନ୍ତାଣୀମାନଙ୍କର ଜୀବନ ବଞ୍ଚିବାର ମୋହ ଅଧିକ । ତେଣୁ ସେମାନେ ଯେତେ ବାଧା, ବିଘ୍ନ, ଝଡ, ଝଞ୍ଜା ଆସିଲେ ମଧ୍ୟ ମୁଣ୍ଡପାତି ସହି ନିଅନ୍ତି । ଯେତେ ପ୍ରକାର ଶୋଷଣ ହେଲେ ମଧ୍ୟ ଭାଗ୍ୟକୁ ଆଦରି ରହି ଯାଆନ୍ତି ।

କନ୍ଧ ଆଦିବାସୀମାନଙ୍କର ଜୀବନ ଚିତ୍ର ହେଉଛି 'ଅମୃତର ସନ୍ତାନ' (୧୯୪୯); ଯାହା ୧୯୫୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛ । କାବ୍ୟିକ ବର୍ଣ୍ଣନାଛଟା ମାଧ୍ୟମରେ କନ୍ଧମାନଙ୍କର ସଂସ୍କୃତି, ପରମ୍ପରା,ପର୍ବ-ପର୍ବାଣୀ, ରୀତି-ନୀତି ଏ ଉପନ୍ୟାସରେ ବର୍ଣ୍ଣିତ ହୋଇଛି । ଉପନ୍ୟାସରେ ଲେଖକ କନ୍ଧ ଆଦିବାସୀ ଯୁବକ-ଯୁବତୀଙ୍କ ମନୋବିଶ୍ଳେଷଣ ଅତି ସଫଳ ଭାବରେ କରିଛନ୍ତି ।

ଉପନ୍ୟାସର ମୁଖ୍ୟ ଚରିତ୍ର ଦିଉଡୁ,ଏକ ସୁସ୍ଥ ସବଳ କନ୍ଧ ଯୁବକ । ତାକୁ ନେଇ ଉପନ୍ୟାସର ଅନ୍ୟ ଚରିତ୍ର ପୁୟୁ, ସୋନାଦେଇ ଓ ପିଉଟି ଘୁରି ବୁଲନ୍ତି । ଦିଉଡୁର ସ୍ତ୍ରୀ ପୁୟୁ, ହାକିନାର ମାଁ । ଜନନୀ ହେବାପରେ ତା'ର ସ୍ୱାସ୍ଥ୍ୟର ଅବନତି ଘଟେ । ସୁନ୍ଦରତା କମିଯାଏ । ତାର ଡଉଲଡାଉଲ ଚେହେରା ହରାଇ ବସେ । ତା' ଭିତରେ ଆଉ ରୋମାଞ୍ଚ ସୃଷ୍ଟି କରିବାର ଶକ୍ତି ରହେ ନାହଁ । ଦିଉଡୁ ଖୋଜେ ଦେହ, ଯାହା ପିୟୁ ଦେଇପାରେ ନାହିଁ । ଲେଖକ ଭାଷାରେ "ସ୍ୱାସ୍ଥ୍ୟବନ୍ତ ସବଳ ପୁରୁଷ ସ୍ୱାସ୍ଥ୍ୟ ଖୋଜେ, ସୁନ୍ଦରପଣ ଖୋଜେ । ସେଠି ହାଡ ଚମର ଅଳଙ୍କାର ଶୋଭା ପାଏ ନାହିଁ ।"[୪] ଦିଉଡୁର ଯୌନଲାଳସା ପତି-ପତ୍ନୀ ଭିତରେ ଫାଟ ସୃଷ୍ଟିକରେ । ଦିଉଡୁ ଦେହର ଉନ୍ମାଦନାରେ ମତ୍ତହୋଇ ଦେହ ଖୋଜିବାକୁ ଚାଲିଯାଏ ସୋନାଦେଇ ପାଖକୁ । ମାତ୍ର ଖ୍ରୀଷ୍ଟିୟାନ ଡମ୍ବ ସୋନାଦେଇ ପାଖରେ ତାର କାମନା ଚରିତାର୍ଥ ହୁଏନାହିଁ । ଫଳ ସ୍ୱରୂପ ଦିଉଡୁ ଚାଲିଯାଏ ଦୂର କଳିଙ୍ଗରୁ ଉଡି ଆସିଥିବା ବନ୍ଧିକାର ଗାଁର ପିଓଟି ପାଖକୁ, ପିଓଟି ତାକୁ ଆଶ୍ରା ଦିଏ । ଦିଉଡୁର ଯୌନ ଲାଳସାକୁ ଦେହ ଦାନ କରି ତାକୁ ପ୍ରଶମିତ କରେ ।

ଉପନ୍ୟାସର ଅନ୍ୟ ଏକ ପ୍ରମୁଖ ନାରୀ ଚରିତ୍ର ସୋନାଦେଇ; ଯାହାର ଯୌନଲାଳସା ଉପନ୍ୟାସରେ ରୂପାୟିତ ହୋଇଛି । ଜଙ୍ଗଲଜମାନ ତାକୁ ସମସ୍ତଙ୍କ ସାମ୍ନାରେ ଟାଣି ନେଇ ତା' କାମନାର ଚରିତାର୍ଥ କରେ । କ୍ଷଣିକ ମୁହୂର୍ତ୍ତ ମଧ୍ୟରେ ତା' ଜୀବନର ସର୍ବସ୍ୱ ହରାଇ ବସେ । ତିନିକୋଡି ଟଙ୍କା ବଦଳରେ ସେ ବିବାହ କରେ ଅଣପୁରୁଷ ସ୍ୱାମୀ ବାଲ ମୁଣ୍ଡାକୁ । ଜଙ୍ଗଲଜମାନ ସୋନାଦେଇ ପାଖରେ କାମନାର ଯେଉଁ ନିଆଁ ଲଗାଇ ଥିଲା, ବାଲମୁଣ୍ଡା ତାକୁ ପ୍ରଶମିତ କରିପାରେ ନାହିଁ । ତେଣୁ ସେ ବିକଳ ହୁଏ, ଛଟପଟ ହୁଏ । କହେ "ମୋର ଦେହ ଅଛି, ମନ ଅଛି, ସବୁ ଅଛି, କିନ୍ତୁ ସୁଅ ତୋଡରେ ଫୁଲ ମୁଁ, ଆଶ୍ରା ଚାହେଁ । କହେ ଦେଖ ମୋର ଯୌବନ, ଏତେ ଥାଇ ମୁଁ ଶୋଷୀ, ପାଣି ମୁନ୍ଦାଏ ଦେବ କିଏ ?"[୫] ସୋନା ଦେଇର କାମନା ନିଆଁରେ ଜଳିଯିବା ପାଇଁ ଆସେ ଦିଉଡୁ, ଲେଂଜୁ କନ୍ଧ । ଦିଉଡୁ ଚାଲିଯାଏ, ସୋନା ଦେଇ ଡମ୍ବ ବୋଲି । ଲେଂଜୁ କନ୍ଧ ରହିଯାଏ । ଲେଂଜୁ କନ୍ଧ ସର୍ବୁସାଓ ତାର ସାନଭାଇ । ତା' ସ୍ତ୍ରୀ କନୀକୁ ଅନେକ ଦିନୁ ବାଘ ଖାଇ ଗଲାଣି । ଏବେ ସେ ଏକୁଟିଆ, ନିଃସଙ୍ଗ । ନିଃସଙ୍ଗ ଜୀବନରେ ସେ ଯେତେବେଳେ ସୋନା ଦେଇକୁ ଦେଖେ, ତା'ମନରେ ପୁଲକ ଆସେ । ତେଣୁ ସେ ସୋନା ଦେଇ ଘରକୁ ଯାଏ । ତା' ସହିତ କଥାହୁଏ, ଥଟ୍ଟା, ମଜା କରେ । କଥାରେ କଥାରେ ତା' ଦେହକୁ ଆଉଁସି ଦିଏ । ସୋନାଦେଇର ବିଶେଷ କିଛି ଆପତ୍ତି ନଥାଏ । "ଏମିତି ସୋନ ଦେଇ କହେ । କଅଲେଇ ଆପତ୍ତି କରେ । ଅଲସେଇ ଅଲସେଇ ମଠେଇ ମଠେଇ ପାଖ ବାଟଦେଇ ଦୂରକୁ ଘୁଞ୍ଚିଯାଏ ଆତ୍ମରକ୍ଷା କରି । ଲେଂଜୁ କନ୍ଧ ବୁଝେ ସୋନା ଦେଇର ବିଶେଷ କିଛି ଆପତ୍ତି ନାହିଁ ।"[୬]

ଉପନ୍ୟାସରେ ଦେଖାଯାଏ ଯେ ଲେଂଜୁ କନ୍ଧ, ଦିଉଡୁ ଓ ସୋନା ଦେଇର ଅବସ୍ଥା ଏକାଭଳି । ଲେଂଜୁ କନ୍ଧର ପତ୍ନୀ ନାହିଁ, ତେଣୁ ସେ ଏକୁଟିଆ । ଦିଉଡୁର ପତ୍ନୀ ଥାଇବି ନଥିଲା ପରି, ଅବଶ୍ୟ ପରେ ପିଓଟିକୁ ବିବାହ କରିଛି । ସୋନାଦେଇର ସ୍ୱାମୀ ବାଲମୁଣ୍ଡା ଅଣପୁରୁଷ । ତେଣୁ ଏ ସମସ୍ତେ କାମନାର ନିଆଁରେ ପୀଡିତ, ଜର୍ଜରିତ ହୋଇଛନ୍ତି ।

ଗୋପୀନାଥ ମହାନ୍ତିଙ୍କ ଏନ୍ୟ ଏକ ଉପନ୍ୟାସ ହେଉଛି 'ରାହୁର ଛାୟା' (୧୯୫୩) ଯେଉଁଠି ନାୟିକା ସତୀ ଜୀବନର ଉତ୍‌ଥାନ-ପତନ ବର୍ଣ୍ଣିତ ହେବା ସହିତ ଦେହ ଓ ଦହନର କଥା ଉଲ୍ଲେଖିତ ହୋଇଛି । "ବିଧାତାର ଶ୍ରେଷ୍ଠତମ ସୃଷ୍ଟି- ଏହି ଦେହଞ୍ଚ ସୁନ୍ଦର ସ୍ଥାପତ୍ୟରୁ ହୃଦୟମନ୍ଥା ରାଗିଣୀ କରି ତାକୁ ପ୍ରକାଶିବାକୁ ଅନ୍ତରରେ କାମନା, ସେ ଖାଲି ମାଟିର ଦୀପାଳିରେ ଦୀପ ସଳିତା

ନୁହେଁ- ଯାହାର ଧାସରେ ବାହାରର ମର୍ମ ଜିକିଜିକି କରେ, ଯାହାର ତାତିରେ ଖେଳେ ଦେହ ଚାରିପାଖେ ଅଦୃଶ୍ୟ ଜୀବନର ଉଷ୍ଣତା । ସେହି ପୁଣି ନିଭୃତ ସଂଗୀତ ଓ ସୁବାସ; ଯନ୍ତ୍ର ଉପରେ ସ୍ୱପ୍ନର ମାୟାମରୀଚିକା । ଦେହ କ୍ଷଣଭଂଗୁର ବୋଲି, ରୋଗ ଜର୍ଜର ବୋଲି, କାମନା ଅତୃପ୍ତ ଓ ଅଶାନ୍ତ ବୋଲି ।"(୭)

ପୋଲିସ ଅଫିସର ଚନ୍ଦ୍ରିକା ବାବୁଙ୍କ ଅଲିଅଳି ଝିଅ ସତୀ । ସେ ଏମ୍.ଏ ପାସ୍ କରିଛି । ଦୁର୍ଭାଗ୍ୟବଶତଃ ଚନ୍ଦ୍ରିକାବାବୁଙ୍କ ମୃତ୍ୟୁ ଘଟେ । ସହାୟତାର ହାତ ବଢେଇ ଘରକୁ ପଶି ଆସେ ସମୀର ଏବଂ ସତୀକୁ ସାନ୍ତ୍ୱନା ଦେବା ବାହାନାରେ, ଆଶ୍ରା ଦେବା ଛଳରେ ସତୀକୁ ଅସତୀ କରେ । ସତୀ ସହିତ ତା'ର ଦୈହିକ ସମ୍ପର୍କ ସ୍ଥାପିତ ହୁଏ । ଲେଖକ ଭାଷାରେ "ଅଧା ଅଧା ସ୍ମରଣରେ ସତୀର ମନେପଡ଼େ ସେହି ପହିଲି ପରିଚୟ-ଯେତେବେଳେ ଶୋକରେ ତା' ଅନ୍ତର ମେଲା ହୋଇପଡିଛି, ଲୋକ ଦେଖାଣିଆ ବ୍ୟବହାର ବର୍ମ ନାହିଁ, ସେତେବେଳେ ଅତି ଗହନକୁ ସଂଚରି ଯାଉଛି ଜଣକର ସ୍ପର୍ଶ, ପୁରୁଷ ପଣରେ ସାନ୍ତ୍ୱନା ଦଉଛି, ଆଶ୍ରା ଦଉଛି, ଇଚ୍ଛା ହେଉଛି ବାରମ୍ବାର ସେହି ସାହାଯ୍ୟ ଘେନିବାକୁ, ମନେପଡେ ସେ ଅନାଦି ଆଙ୍ଗୁଠିରେ ବ୍ଲାଉଜର ବୋତାମଟେ ଦେଇଥିଲେ, ଲୁଗାର ଖୋଷଣୀ ଫିଟେଇ ଦେଇଥିଲେ । ଧିର ପାଖ ଖଟରେ ଶୁଆଇ ଦେହ ମୁହଁରେ ପାଣି ଛାଟି ଛାଟି ଆଶ୍ଚର୍ଯ୍ୟ ହୋଇ ଅନେଇ ରହି ବିଞ୍ଚି ଦେଇଥିଲେ ।"(୮)

ସତୀ ଅସତୀ ହେବା ଦିନରୁ ତା' ଉପରେ ରାହୁର ପ୍ରଭାବ ଘେରିକି ରହିଛି । ପରେ ସେ ଆଦରି ନେଇଛି ଶିକ୍ଷୟତ୍ରୀ ଜୀବନ । ମାତ୍ର ସେଠି ମଧ୍ୟ ସେ ଲୋକ ଅପବାଦରୁ ବର୍ତ୍ତି ପାରି ନାହିଁ । ତା' ବିରୁଦ୍ଧରେ ବହୁ ବେନାମ ଚିଠି ଆସେ । ପରିଣାମ ସ୍ୱରୂପ ତାକୁ ଚାକିରୀ ଛାଡିବାକୁ ପଡ଼େ । ଚାକିରିରୁ ଇସ୍ତଫା ଦେଇ ଟ୍ରେନରେ ଘରକୁ ଆସୁଥିବା ବେଳେ ତା'ର ଦେଖାହୁଏ ଇନସୁରେନେସ୍ ଏଜେଣ୍ଟ ନବେନ୍ଦୁ ସହିତ । ନବେନ୍ଦୁ ପ୍ରତି ତା'ର ଆସିଛି ସ୍ନେହସିକ୍ତ ମାତୃତ୍ୱବୋଧ । ଅଥଚ ନବେନ୍ଦୁ ଚାହୁଁଥିଲା ତା'ର ଦେହର ଉପାସକ ହେବାକୁ । ଟ୍ରେନରେ ସତୀ ଶୋଇଥିବା ବେଳେ ତାକୁ ଏକ ନୟନରେ ଚାହିଁରହିଛି । "ସତୀ ଶୋଇ ରହିଛି ନିଘୋଡ଼ ନିଦ । ଅସ୍ଥିର ଅନିତ୍ୟ ସଂଘର୍ଷମୟ ସଂସାର ଭିତରେ ନିଧଡ଼କ ବିଶ୍ୱାସର ଘର କଣାପରି ବସି ବସି, ଚାହିଁ ଚାହିଁ ନବେନ୍ଦୁ ପହରା ଦେଉଛି । ପ୍ରଥମେ ତା'ର ସ୍ନାୟୁ ଟଣକି ଉଠୁଥିଲା, ଦେହ ଭିତରେ ତତଲା ଅସ୍ୱସ୍ତି । ଆଉ କେହି ଯାତ୍ରୀ ଏ ପାଖକୁ ଚାହିଁ ରହିଲେ ସେ ଫୁଲିଉଠି ଆଖି ତରାଟି ଚାହୁଁଥିଲା । ଖାଉଥିବା କୁକୁର ଅନ୍ୟ କୁକୁରକୁ ଦେଖିଲେ ଯେପରି ଅରଣା ଆଖିରେ ଅନାଏ । ସବୁ ଦୃଷ୍ଟିକୁ ସେ ଘଉଡ଼େଇ ଦେଇଛି; ନା, କେହି ଚାହିଁବେ ନାହିଁ, କେହି ଆସିବେ ନାହିଁ । ଏକାଥରେ ଚାହାଣିରେ ପରସ୍ତ ପରସ୍ତ ଲୁଗା ଉଠିଯାଏ, ପର୍ଦ୍ଦା ଉଠିଯାଏ, ଅର୍ଗଲ ଫିଟିଯାଏ । ଲାଲ୍ କାମନାର ତେଜଲାଲ୍ ରକ୍ତରେ ମିଶିଯାଇ ଦପ୍ ଦପ୍ ହୋଇ ଭଉଁରି ବୁଲି ଫେରି ଆସେ, ନବେନ୍ଦୁ ଝାଳ ପୋଛେ, ବେକରୁ ବୋତାମହୁଗାଲି ଦିଏ ।"(୯) ନବେନ୍ଦୁକୁ ନେଇ ସତୀ ମନରେ କୌଣସି ଭାବନା ନଥିଲେ ହେଁ ନବେନ୍ଦୁ ମନରେ ରହିଛି ଆକୁଣ୍ଠ ଯୌନଲାଳସା । ଯାହାକୁ ସେ ଚରିତାର୍ଥ କରିବାକୁ ଚାହେଁ ।

ଅନୁରୂପ ଭାବରେ କୋଣାର୍କ ମନ୍ଦିର ବୁଲିବା ସମୟରେ ଦେଖାହୁଏ ଛାତ୍ର ବିଭୁତି ସହିତ । ବିଭୁତି ସତୀଠୁ ଚଉଦ ବର୍ଷ ସାନ । ସତୀ ଦୃଷ୍ଟିରେ ବିଭୁତି ଏକ ସରଳ ସୁନ୍ଦର ମେଣ୍ଢା ଛୁଆ । ମାତ୍ର ସେ ମେଣ୍ଢା ଛୁଆ ବାଘ ହୋଇ ଶୃଗାଳକୁ ଖାଇବାକୁ ଚେଷ୍ଟା କରେ । ସତୀ ସହିତ ଦୈହିକ ସମ୍ପର୍କ ରଖିବାକୁ ଚାହେଁ । ଲେଖକ ଭାଷାରେ "ସତୀର ଦେହ ମୂର୍ଚ୍ଛା ଚିନ୍ତାର ସରୁଜାଲ ଛିଣ୍ଡାଇ ଦେଇ ଉପରକୁ ଉପରକୁ ଘର୍ଷଣ ଜନ୍ମାଇ ଚହଲିଗଲା । ବିଭୁତିର ଦୁଇହାତ, ସେ ଯେପରିକି କ'ଣ ଖୋଜୁଛି । ସତୀର ଦେହ ଥରିଉଠିଲା । ପରମୂହୁର୍ତ୍ତରେ ଅନୁଭବ କଲା ଦୁଇଟା ଦୃଢ ମୁଠାର ଚାପ, ମାଂସକୁ ଚିପି ସ୍ୱପ୍ନ ଚିପୁଡିବାକୁ ପ୍ରୟାସ କରୁଛି । ସତୀର ଦେହରେ ଅସ୍ଥାୟିକ ତାତି ।"(୧୦)

ଉପନ୍ୟାସରେ ଫ୍ରୟେଡିୟ ମନସ୍ତତ୍ତ୍ୱକୁ ସଫଳ ଭାବରେ ରୂପାୟନ କରାଯାଇଛି । ଔପନ୍ୟାସିକ ଗୋପୀନାଥ ମହାନ୍ତି ଖୁବ୍ ଶାଳିନତାର ସହିତ ସତୀର ଚରିତ୍ର ଚିତ୍ରଣ କରିଛନ୍ତି । ବହୁ ପୁରୁଷର ସଂସ୍ପର୍ଶରେ ଆସିଥିଲେ ସୁଦ୍ଧା କେଉଁଠି ବିଚଳିତ ହୋଇନାହିଁ ।

ଗୋପୀନାଥ ମହାନ୍ତିଙ୍କ ଅନ୍ୟ ଏକ ସଫଳ ଉପନ୍ୟାସ 'ସପନ ମାଟି' (୧୯୫୪) । ଉପନ୍ୟାସରେ ଲେଖକ ଛାତ୍ର ସମାଜ କିପରି ପୁଞ୍ଜିପତି, ଅର୍ଥଲୋଭି ବ୍ୟକ୍ତିମାନଙ୍କର ଶିକାର ହୋଇ ପଥଚ୍ୟୁତ ହେଉଛନ୍ତି, ତାକୁ ବର୍ଣ୍ଣନା କରିବା ସହିତ ଆଧୁନିକ ସମାଜରେ ମଣିଷ ନିଜର କାର୍ଯ୍ୟ ହାସଲ ପାଇଁ କେତେ ତଳକୁ ଖସି ଯାଇପାରେ ତାହା ରୂପାୟିତ କରିଛନ୍ତି ।

ଉପନ୍ୟାସର ପ୍ରମୁଖ ଚରିତ୍ର ଯାଦବ ପ୍ରଧାନ, ମହାବିଦ୍ୟାଳୟର ଜଣେ ମେଧାବୀ ଛାତ୍ର । ଏକାଧାରାରେ ସେ ଜଣେ ବକ୍ତା, ସୁସଂଗଠକ ଓ ଛାତ୍ର ନେତା । ସେ ସମାଜର ପୁଞ୍ଜିପତି, ଶିଳ୍ପପତି, ଭ୍ରଷ୍ଟ ରାଜନୈତିକ ନେତାମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରେ । ତା'ର ଏହି କାର୍ଯ୍ୟରେ ଅନ୍ୟ ଛାତ୍ରମାନେ ମଧ୍ୟ ପ୍ରଭାବିତ ହୁଅନ୍ତି । ସେ ହିଂସା ପଥକୁ ମାନେ ନାହିଁ । ଅହିଂସା ମାଧ୍ୟମରେ ଏସବୁ କରିବାକୁ ଚାହେଁ । ହଠାତ୍ ଏ ସମୟରେ ଦେଖା ଦେଇଛି ବୟାଳିଶ ନମ୍ବର ଦଳ । ଏ ଦଳ ହିଂସାରେ ବିଶ୍ୱାସ କରେ । ଧ୍ୱଂସରେ ବିଶ୍ୱାସ କରେ । ଦୁହିଁଙ୍କ ପଥ ଅଲଗା, ଲକ୍ଷ୍ୟ ଗୋଟିଏ । ସମସ୍ତ ପ୍ରାଚୀନ ପରମ୍ପରାକୁ ଭାଙ୍ଗି ନୂତନ ସମାଜ ଗଢ଼ିବାର ପରିକଳ୍ପନା ଏମାନେ କରନ୍ତି । ପୁଞ୍ଜିପତି ଶିଳ୍ପପତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତି । ଏ ସମୟରେ ବୟାଳିଶ

ନମ୍ବର ଦଳ ଶିଳ୍ପପତି କେ.ସି. ଦାସଙ୍କ କାରଖାନାରେ ଶ୍ରମିକମାନଙ୍କ ହକ୍ ପାଇଁ ହରତାଳ କରିବାର ଯୋଜନା କରେ । କୁଆଡାର ମେସ୍ ତଥା ମହାବିଦ୍ୟାଳୟର ଅନ୍ୟାନ୍ୟ ଛାତ୍ରଛାତ୍ରୀ ଏହି ଦଳରେ ଯୋଗ କରନ୍ତି କିନ୍ତୁ ଯାଦବ ଯୋଗ କରେ ନାହିଁ । ଏହି ସ୍ଥିତାବସ୍ଥା ସମୟରେ ଯାଦବ ଆକୃଷ୍ଟ ହୁଏ କେ.ସି. ଦାସକନ୍ୟା ସୁପ୍ରଭା ପ୍ରତି । ସୁପ୍ରଭା ତାର ସହପାଠିନୀ । ସେ ସୁନ୍ଦରୀ, ଶିକ୍ଷିତା ତଥା ଉଗ୍ର ଆଧୁନିକ । ଯାଦବର ତା'ପ୍ରତି ଦୁର୍ବଳ ତାକୁ ସେ ଅସ୍ତ୍ର ରୂପେ ବ୍ୟବହାର କରେ । ବୟାଳିଶ ନମ୍ବର ଦଳ ବିରୁଦ୍ଧରେ ଯାଦବକୁ ଛିଡା କରାଏ । ଯାଦବ ମଧ୍ୟ ସୁପ୍ରଭା ପାଖରେ ନିଜର ପ୍ରଚଣ୍ଡ ଆଗ୍ନେୟ ସତ୍ତା ହରାଇ ବସେ । କୁଆଡାରା ମେସ୍‌ରେ ସାଙ୍ଗମାନଙ୍କ ସହିତ ମତ ପାର୍ଥକ୍ୟ ଯୋଗୁ ସେ ପିତାଙ୍କର ବାଲ୍ୟବନ୍ଧୁ ଉମାକାନ୍ତ ଘରକୁ ଆସେ, ସେଠି ସେ ଉମାକାନ୍ତ ଝିଅ ଛନ୍ଦା ପ୍ରତି ଆକୃଷ୍ଟ ହୁଏ । ତା'ର ବାକ୍‌ପଟୁତା, ବୁଦ୍ଧିମତ୍ତା ତାକୁ ପ୍ରଭାବିତ କରେ । ମାତ୍ର ସୁପ୍ରଭାର ସତ୍ୟତାକୁ ପୁନର୍ବାର ଫେରେଇ ଆଣେ । ଏପରି ଏକ ପାରମ୍ପରିକ ତ୍ରିକୋଣିୟ ପ୍ରେମ ଦେଖାଯାଏ, ଯେଉଁଠି ଗୋଟେ ପଟେ ସୁପ୍ରଭା ହେଲେ, ଅନ୍ୟପଟେ ଛନ୍ଦା । ଏଭଳି ଏକ ସମୟରେ କଲେଜରେ ହେଉଥିବା ଷ୍ଟ୍ରାଇକ୍‌କୁ ଯାଦବ ସମର୍ଥନ କରିପାରେ ନାହିଁ । ସୁପ୍ରଭାକୁ କଲେଜରେ ହେଉଥିବା ଆନ୍ଦୋଳନର ଦଳାଚକଟା ଭିତରୁ ଯାଦବ ତାକୁ ରକ୍ଷା କରିଥିବାରୁ ଏବଂ ବୟାଳିସ ନମ୍ବର ଦଳ ବିରୁଦ୍ଧରେ ତାକୁ ପ୍ରୟୋଗ କରିଥିବାରୁ ସେ ଦେହଦାନ କରିବାକୁ ମଧ୍ୟ କୁଣ୍ଠାବୋଧ କରେ ନାହିଁ । "ଧିରେ ଧିରେ ଯାଦବ ହାତକୁ ସୁପ୍ରଭା ଆଉଁସି ଲାଗିଲା । ପାଖରେ କେଉଁ ଅଜଣା ଘଡ଼ିରେ ନାଟକର ଅଭିନୟ ହେଲା ଜୀବନର ସତ୍ୟ, ଭିତରୁ ନଈମୁଣ୍ଡ ଡାକିଲା, ଦେହରେ ଜୁଟିଲା ବନ୍ୟା, ଏକା ଉଚ୍ଛ୍ୱାସରେ ଯାଦବ ହାତ ପାପୁଲିକୁ ଆପଣା ଓଠକୁ ନେଇ ସୁପ୍ରଭା ଆଖି ବୁଜି ଅଜାଡ଼ି ହୋଇପଡ଼ିଲା ଯାଦବର ବାହା ଉପରେ । ସେହି ଆଶ୍ରାରେ ସେ ତୋଫାନ ଚାଲିଗଲା ।"[୧୧]

ଉପନ୍ୟାସରେ ସୁପ୍ରଭା ଜଣେ ଛାତ୍ରୀ, ପ୍ରେମିକା ଅପେକ୍ଷା ଶିଳ୍ପପତି କେ.ସି. ଦାସଙ୍କ କନ୍ୟା ରୂପେ ଅଧିକ ଚିତ୍ରିତ । ତେଣୁ ସେ ନିଜର ଓ ବାପାର କାର୍ଯ୍ୟ ହାସଲ ପାଇଁ ଦେହଦାନ କରିବାକୁ ମଧ୍ୟ ପଛେଇ ଯାଇ ନାହିଁ । ସେ ଉପଯୁକ୍ତ ପିତାର ଉପଯୁକ୍ତ ସନ୍ତାନ । ପିତାର ମଧ୍ୟ ରହିଛି ଏଥିରେ ଅକୁଣ୍ଠ ସମର୍ଥନ । ଯାଦବର ସାମୟିକ କାମନାର ନିଆଁ ଲଗାଇ ସେ ନିଜ କାର୍ଯ୍ୟକୁ ଚରିତାର୍ଥ କରିପାରିଛି ।

ଗୋପୀନାଥ ମହାନ୍ତିଙ୍କ ଅନ୍ୟତମ ବହୁଚର୍ଚ୍ଚିତ ଉପନ୍ୟାସ 'ଦାନାପାଣି' ଯାହା ୧୯୫୫ ମସିହାରେ ପ୍ରକାଶିତ ହୁଏ । କ୍ଷମତା ପ୍ରତିପତ୍ତି ପାଇଁ ମଣିଷ କେତେ ତଳକୁ ଖସି ଯାଇପାରେ ତା'ର ନିଚ୍ଛକ ପ୍ରତିଛବି ଦାନାପାଣି ଉପନ୍ୟାସ । ଉପନ୍ୟାସର ନାୟକ ବଳୀଦତ୍ତ ଦାନାପାଣି ଯୋଗାଡ଼ରେ ନିଜର ସର୍ବସ୍ୱ ବଳି ଦେବା ସହିତ ମଣିଷ ମନର ଅତୃପ୍ତ ଯୌନକାଂକ୍ଷା ସଫଳ ଭାବରେ ରୂପାୟିତ ହୋଇଛି ।

ନାୟକ ବଳୀଦତ୍ତର ସ୍ତ୍ରୀ ସରୋଜିନୀ, ଡଉଲଡାଉଲ ଚେହେରା, ସ୍ୱାମୀଠୁ ଚାରି ଆଙ୍ଗୁଳୀ ବେଶୀ ବଡ଼, ସ୍ୱାମୀର ସରୁ ଧାର ମୁହଁକୁ ତାର ବଡ଼ବଡ଼ ଗୋଲମୁହଁ ଫ ଶାରୀରିକ ସ୍ତରରେ ସେ ଯେମିତି ସ୍ୱାମୀଠୁ ଭିନ୍ନ, ମାନସିକ ସ୍ତରରେ ମଧ୍ୟ ସେମିତି ଭିନ୍ନ । ବଳୀଦତ୍ତ ଦିନତମାମ ଦାନାପାଣିର ଯୋଗାଡ଼ରେ ଲାଗିଥିବା ବେଳେ ସରୋଜିନୀର ସେଥିପ୍ରତି କୌଣସି ଚିନ୍ତା ନାହିଁ । ତା' ଭିତରେ ରହିଛି ମଣିଷର ସେହି ଆଦିମତମ ଯୌନ କ୍ଷୁଧା, ଯାହାର ପରିତୃପ୍ତି ପାଇଁ ଅହରହ ବାଟ ଖୋଜୁଥାଏ । ଯେଉଁଥିପାଇଁ ଜାଣତରେ ବା ଅଜାଣତରେ ପଡୋଶୀ ଘର ଝରକାପଟେ ବ୍ୟାୟାମରତ କଲେଜ ଛାତ୍ରମାନଙ୍କ ପାଖକୁ ତା'ର ଆଖି ଟାଣି ହୋଇଯାଏ । ସ୍ୱାମୀକୁ ସନ୍ତୁଷ୍ଟ କରିବା ପାଇଁ ତା'ର ସର୍ବସ୍ୱ ସମର୍ପି ଦିଏ । ମାତ୍ର ବଳୀଦତ୍ତ ସେଥିପ୍ରତି ଟିକେ ହେଲେ ନିଘା ନାହିଁ । ଦିନଯାକ ଅକ୍ଳାନ୍ତ ପରିଶ୍ରମ କରି ରାତ୍ରିରେ ନିଘୋଡ଼ ନିଦରେ ଶୋଉଥିବାବେଳେ ସରୋଜିନୀ କାମନାର ଜ୍ୱାଳାରେ ପୀଡ଼ିତ ହୋଇ ଛଟପଟ ହୁଏ ।" ଦିନ ଯାକର କାମର କ୍ଳାନ୍ତି ଓ ସଂଜର ଭବିଷ୍ୟତ ଯୋଜନାରେ ବଳୀଦତ୍ତ ଯେତେବେଳେ ସୁଖରେ ଶୋଇ ଘୁଙ୍ଗୁଡ଼ି ମାରୁଥାଏ, ସରୋଜିନୀ ନାଗୁଣୀ ପରି ସଁ ସଁ ଦୀର୍ଘଶ୍ୱାସ ମାରୁଥାଏ, ଛଟପଟ ହେଉଥାଏ, ବାରମ୍ବାର ଉଠିପଡି ହଲଚଲ ହୁଏ, ସୁଷୁପ୍ତ ସ୍ୱାମୀ ଆଡକୁ ଚାହିଁଲା ବେଳକୁ ତା'ମନରେ ନଥାଏ ଜିକ୍ ଜିକ୍ ପିତଳର ପତି ପରମ ଗୁରୁବ୍ରତର ଛାଇ, ଗୋଳମାଳିଆ ଆଉଟା ମନରୁ କଟକଟ ଆଖିବାଟେ ଝରିପଡେ ବିଷାକ୍ତ ହିଂସ୍ରକ ଦୃଷ୍ଟି, ମନରେ ମେଘ ଚାହେଁ । ଡେରିରେ ନିଦ ହୁଏ, ସକାଳୁ ପୁଣି ହସିହସି ଘରକରଣାକୁ ଆଶାୟୀ ହୋଇ ପରଖେ ।"[୧୨] ସେହି ସ୍ୱାମୀ କିନ୍ତୁ ଯେତେବେଳେ ଭେଂକଟ ରାଓର ସ୍ତ୍ରୀ ସହ ତାକୁ ତୁଳନା କରି ଭେଂକଟ ରାଓର ସ୍ତ୍ରୀର ପ୍ରଶଂସା କରନ୍ତି ସେତେବେଳେ ସେ ଜଳିଉଠେ ।

ଉପନ୍ୟାସରେ ଦେଖାଯାଏ ଯେ ବଳୀଦତ୍ତ ସରୋଜିନୀକୁ ପାଥେୟ କରି ସଫଳତାର ସିଢି ଚଢି ଚାଲେ । ସରୋଜିନୀ ଜୀବନରେ ପ୍ରଥମେ ଆସେ ରଣଜିତ ପଟ୍ଟନାୟକ, ବଳୀଦତ୍ତର ଉପରିସ୍ଥ ଅଫିସର । ରଣଜିତ ପଟ୍ଟନାୟକ ସହିତ ମିଶିବା ପାଇଁ ପ୍ରଥମେ ବଳୀଦତ୍ତ ହିଁ ସରୋଜିନୀକୁ କହିଛି । ତାଙ୍କର ମିଳାମିଶା ମାନସିକରୁ ଦୈହିକ ଆଡକୁ ଗତିକରେ । ତା'ପରେ ଆସନ୍ତି ମି. ଶର୍ମା । ଯାହା କଲମର ଗୋଟିଏ ଦସ୍ତଖତ ଉପରେ ନିର୍ଭର କରେ ବଳୀଦତ୍ତର ସୁଖ ଓ ସୌଭାଗ୍ୟ । ମି. ଶର୍ମା ସହିତ ମଧ୍ୟ ସରୋଜିନୀର ଦୈହିକ ସମ୍ପର୍କ ସ୍ଥାପିତ ହୁଏ ଏବଂ ବଳୀଦତ୍ତ ସଫଳତାର ଆଉ ଗୋଟେ ପାହାଚ ଚଢ଼େ ।

ଉପନ୍ୟାସରେ ଦେଖାଯାଏ ଯେ ଗୋଟେପଟେ ବଳୀଦତ୍ତ ସଫଳତାର ସିଢି ଚଢୁଛି, ଅନ୍ୟପଟେ ସରୋଜନୀ ନୈତିକତାର ଗୋଟେ ପାହାଚ ତଳକୁ ଖସୁଛି । ଶେଷରେ ଦେଖାଯାଇଛି ବଳୀଦତ୍ତ ସଫଳତାର ଶୀର୍ଷତମ ସ୍ଥାନରେ ଥାଇ ମଧ୍ୟ ଏକୁଟିଆ, ନିଃସଙ୍ଗ । ତା'ମନରେ ଶାନ୍ତି ନାହିଁ, ହତାଶ ବ୍ୟର୍ଥତାରେ ମନ ତା'ର କୁହୁଳି ଉଠେ । ସବୁ ଥାଇ ମଧ୍ୟ କିଛି ନାହିଁ । ସବୁ ପାଇ ମଧ୍ୟ କିଛି ପାଇ ନାହିଁ । ସତେ ଯେମିତି ହାଡ ଭିତରେ କିଏ ନିଆଁ ଲଗେଇ ଦେଇଛି ।

ଗୋପୀନାଥ ମହାନ୍ତିଙ୍କ ଅନ୍ୟ ଏକ ଉପନ୍ୟାସ ହେଉଛି ଜାନକମ୍ମା । ଏକ ତେଲୁଗୁ ପରିବାର କାହାଣୀକୁ ନେଇ ଏହା ରଚିତ । ଜାନକାମ୍ମାର ତିନିଝିଅ ରାଙ୍ଗାମ୍ମା, ଗଙ୍ଗାମ୍ମା ଓ ରାଜେଶ୍ୱରୀ । ଗଙ୍ଗାମ୍ମା ଓ ରାଜେଶ୍ୱରୀ ଶାନ୍ତ ସରଳ, କିନ୍ତୁ ରାଙ୍ଗାମ୍ମା ଉଗ୍ରଚପଳା, ଜିଦ୍‌ଖୋର; ସେ ତା' ମା'ର କୌଣସି କଥା ମାନେ ନାହିଁ । ଏପଟ ସେପଟ ହୁଏ । ଚା' ଦୋକାନ, ସିନେମା ହଲ ଯାଏ । ଟପୋରୀ ପିଲାମାନଙ୍କ ସହ ସାଙ୍ଗ ହୁଏ । ତେଣୁ ସାହି ମାଇପମାନେ ଜାନକାମ୍ମାକୁ କୁହନ୍ତି "ତୋର ବଡ ଝିଅକୁ କଟକଣା କରମା, ପାନ ଦୋକାନରେ, ଚା' ଦୋକାନରେ, କୁଆଡର କୁଆଡର ଟୋକାଙ୍କ ସାଙ୍ଗେ ହିଁ ହିଁ ଫିଁ ଫିଁ ହଉଛି... ଅମୁକ ଟୋକାଙ୍କ ସାଙ୍ଗରେ ସିନେମା ପଳେଇଲା ଇତ୍ୟାଦି ଇତ୍ୟାଦି ।"[୧୩] ରାଙ୍ଗାମ୍ମା ଜାନକମ୍ମାର କୌଣସି କଥା ମାନେ ନାହିଁ । ବାପା ତା'ର ଅଥର୍ବ । ତେଣୁ ସେ ପିଲାଦିନରୁ ଜିଦଖୋର, ଉପରମୁହିଁ, ଉଗ୍ର ହୋଇଉଠିଛି । ତେଣୁ ସେ ବିଭିନ୍ନ ଟୋକା ସହ ମିଶେ, ଶାରୀରିକ ସମ୍ପର୍କ ରଖେ । "ଯାହାର ତା ପାଇଁ ତିଳେ ବି ମମତା ନାହିଁ, ଯେ ତା'ର ଦାୟିତ୍ୱ ନେବ ନାହିଁ, ଯାହା ପାଇଁ ସେ ଖାଲି ରାସ୍ତାକଡ଼ ଦୋକାନର କପେ ଚା' କି ପରିସ୍ରା ମାଡିଲେ ବାଟକଡ଼ର ଗୋଟିଏ ନିରୋଳା ସ୍ଥାନ, ସେହିଭଳି ଲୋକର ସେ ଅଇଣ୍ଠା ହେଲା । କିଏ କେଉଁ ଛକରେ କି ତା' ସାହିର କେଉଁ ଛତରା, ଅଥବା କେଉଁ କୋଠା ଘରର କିନ୍ତୁ ସେତେବେଳର ସେହି କେତେ ମିନିଟ୍ ତାକୁ ଅପୂର୍ବ ସୁଖରେ ପୁଲକିତ କଲା, ଯେପରିକି ତା'ଉପରେ ସର୍ଗ ଦି' ଆଙ୍ଗୁଳି । ସେ ଦେହ ସୁଖ ପାଇବା ସଂଗେ ସଂଗେ କିଛି କିଛି ଶସ୍ତା ଉପହାର ବି ପାଇଲା ।"[୧୪]

ଜାନକାମ୍ମାର ଜୀବନର ଉତ୍‌ଥାନ-ପତନର କାହାଣୀ ଜାନକାମ୍ମା ଉପନ୍ୟାସ । ଗୋଟିଏ ଗଛର ସମସ୍ତ ଫଳ ଯେମିତି ସମାନ ମିଠା ଲାଗେ ନାହିଁ, ଜାନକାମ୍ମାର ତିନୋଟି ଝିଅ ମଧ୍ୟ ଭିନ୍ନ ଭିନ୍ନ ଚରିତ୍ରରେ ଗଢ଼ା । ରଙ୍ଗାମ୍ମା ଚା' ଜଳଖିଆ, କିଛି ଶସ୍ତା ଉପହାର ପାଇଁ ତା'ର ଦେହକୁ ବିକିଛି । ପରିଣାମ ସ୍ୱରୂପ ତା'ର ବୈବାହିକ ଜୀବନ ନଷ୍ଟ ହୋଇଯାଇଛି ।

ବିଂଶ ଶତାବ୍ଦୀ ବେଳକୁ ଯୌନତା ସାହିତ୍ୟର ଏକ ପ୍ରମୁଖ ଭାବବସ୍ତୁ ରୂପେ ଉଭା ହୋଇଛି । ଯୌନତାକୁ କେନ୍ଦ୍ରକରି ବହୁ ଗପ, କବିତା, ନାଟକ, ଉପନ୍ୟାସ ଲେଖା ହୋଇଛି । ସର୍ବତ୍ର ମୁକ୍ତ ଯୌନଚାରର ପ୍ରାବଲ୍ୟ ଦେଖାଦେଇଛି । ଏ ଦୃଷ୍ଟିରୁ ବିଚାର କଲେ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସରେ ଯୌନତାର ସଫଳ ରୂପାୟନ ଦେଖିବାକୁ ମିଳେ । ତାଙ୍କର ପ୍ରାୟତଃ ପ୍ରତ୍ୟେକ ଉପନ୍ୟାସରେ ଯୌନତା ଉଣା ଅଧିକ ଦୃଷ୍ଟିଗୋଚର ହୁଏ ।

**ପ୍ରାନ୍ତଟୀକା :**


୧. ମହାନ୍ତି, ଗୋପୀନାଥ, ଦାଦିବୁଢା, ବିଦ୍ୟାପୁରୀ, ବାଲୁବଜାର, କଟକ, ୧୯୪୪, ପୃ-୨୭
୨. ତତ୍ରୈବ, ପୃ-୫୬
୩. ମହାନ୍ତି, ଗୋପୀନାଥ, ପରଜା, ବିଦ୍ୟାପୁରୀ, ବାଲୁବଜାର, କଟକ, ୧୯୪୬, ପୃ-୧୮୧
୪. ମହାନ୍ତି, ଗୋପୀନାଥ, ଅମୃତର ସନ୍ତାନ, ବିଦ୍ୟାପୁରୀ, ବାଲୁବଜାର, କଟକ, ୧୯୪୯, ପୃ-୬୧୪
୫. ତତ୍ରୈବ, ପୃ-୬୦
୬. ତତ୍ରୈବ, ପୃ-୨୦୨
୭. ମହାନ୍ତି, ଗୋପୀନାଥ, ରାହୁର ଛାୟା, ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର, ବାଙ୍କାବଜାର, କଟକ, ୧୯୫୩, ପୃ-୨୧
୮. ତତ୍ରୈବ, ପୃ-୧୩୩
୯. ତତ୍ରୈବ, ପୃ-୧୧୭
୧୦. ତତ୍ରୈବ, ପୃ-୨୩୧
୧୧. ମହାନ୍ତି, ଗୋପୀନାଥ, ସପନମାଟି , ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ, ୧୯୫୪, ପୃ-୧୨୪
୧୨. ମହାନ୍ତି, ଗୋପୀନାଥ, କଟକ ଷ୍ଟୁଡ଼େଣ୍ଟ ଷ୍ଟୋର, ବାଲୁବଜାର, କଟକ, ୧୯୪୫, ପୃ-୧୩
୧୩. ମହାନ୍ତି, ଗୋପୀନାଥ, ଜାନକାମ୍ମା, ବିଦ୍ୟାପୁରୀ, ବାଲୁବଜାର, କଟକ, ୧୯୯୧, ପୃ-୧୫
୧୪. ତତ୍ରୈବ, ପୃ-୧୫



ଗବେଷକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ଦୂରଭାଷ : ୮୩୨୭୭୩୨୮୨୨

ISSN -2583-147X (P), **Vol.- 9, Issue No.XI, February 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ୧୯୮୦ ପରବର୍ତ୍ତୀ ଓଡ଼ିଆ ପରିବେଶକୈନ୍ଦ୍ରିକ (ପରିବେଶ ସଚେତନତାଧର୍ମୀ) ଉପନ୍ୟାସ

**ତୃପ୍ତିମୟୀ ଭୋଇ**

ସାଧାରଣ ଅର୍ଥରେ 'ପରିବେଶ'ର ଅର୍ଥ ଆମେ ବାସ କରୁଥିବା ପାରିପାର୍ଶ୍ୱିକ ଅବସ୍ଥାକୁ ବୁଝାଇ ଥାଏ । ପରିବେଶ ସେହିସବୁ ଜିନିଷକୁ ଅନ୍ତର୍ଭୁକ୍ତ କରିଥାଏ ଯାହା ଉପରେ ଆମ୍ଭମାନଙ୍କର ବଞ୍ଚିବା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିର୍ଭର କରିଥାଏ । ଏହା ଜୀବଜନ୍ତୁ, ଉଦ୍ଭିଦ ପରି ସଜୀବ ଉପାଦାନ ହୋଇପାରେ କିମ୍ୱା ମୃତ୍ତିକା, ବାୟୁ, ଜଳ ପରି ନିର୍ଜୀବ ଉପାଦାନ ହୋଇପାରେ । ମଣିଷ ସମାଜ ଏକ ସୁସ୍ଥ ପରିବେଶରେ ତିଷ୍ଠି ରହେ । ତେଣୁ ମଣିଷ ବଞ୍ଚିବା ପାଇଁ ତଥା ମାନବ ସମାଜର ବିକାଶରେ ଏହି ପ୍ରକୃତି ବା ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମଣିଷର ଜୀବନଯାତ୍ରା ସହ ଭୌତିକ ପରିବେଶର ପ୍ରଭାବ ଓ ସମ୍ପର୍କ ଅବିଚ୍ଛେଦ ଭାବେ ରହିଆସିଛି । ପରିବେଶ ମଣିଷକୁ ସୃଷ୍ଟି କରେ, ଲାଳନପାଳନ କରେ ଓ ନିରାପତ୍ତା ଦିଏ । ତେଣୁ ପ୍ରାକୃତିକ ସମ୍ପଦକୁ ସୁରକ୍ଷା କରିବା ଦାୟିତ୍ୱ ହେଉଛି ମଣିଷ ସମାଜର । କିନ୍ତୁ ଏହାସତ୍ତ୍ୱେ ମଧ୍ୟ ବର୍ତ୍ତମାନ ସମୟରେ ମଣିଷର ଜାଣତରେ ହେଉ ବା ଅଜାଣତରେ ଘଟିତ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପରିବେଶରେ ଅସନ୍ତୁଳନତା ଦେଖା ଯାଉଛି । ଏହି ମଣିଷ ହିଁ ପ୍ରକୃତିର ଦୁରୁପଯୋଗ କରି ପରିବେଶ ନଷ୍ଟ କରେ । ପରିବେଶର ଏହି ବିପଦଜନକ ସ୍ଥିତି ମଣିଷ ମୁଖ୍ୟତଃ ଦାୟୀ । ନିଜର ବ୍ୟକ୍ତିଗତ ସ୍ୱାର୍ଥହାସଲ କରିବାକୁ ଯାଇ ପ୍ରକୃତିକୁ କେବଳ ଆର୍ଥିକ ଓ ଲାଭଦାୟକ ସାମଗ୍ରୀ ରୂପେ ବ୍ୟବହାର କରି ଆସୁଛି । ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ସହିତ ଦ୍ରୁତ ବେଗରେ ଉଦ୍ୟୋଗୀକରଣ, ସହରୀକରଣର ପ୍ରସାର ଘଟୁଛି । ମଣିଷ ନିଜର ଚାହିଦାକୁ ମେଣ୍ଟାଇବା ପାଇଁ ସୁସ୍ଥ ସୁନ୍ଦର ପ୍ରକୃତିକୁ ନିଜ ଇଚ୍ଛାନୁସାରେ ବ୍ୟବହାର କରୁଛି । ଜନସଂଖ୍ୟା ବୃଦ୍ଧି ଓ କଳକାରଖାନା, ରାସ୍ତାଘାଟ ନିର୍ମାଣ ପାଇଁ ଗଛକଟା ଯାଉଛି, ବାସସ୍ଥାନର ବିକଳ୍ପ ଭାବେ ଜଙ୍ଗଲ ସବୁ ବାସଭୂମିରେ ପରିଣତ ହେଉଛି ଯାହାଫଳରେ ଜଙ୍ଗଲ କ୍ଷୟ ଘଟୁଛି । ଜଙ୍ଗଲ କ୍ଷୟ ଯୋଗୁଁ ଜୈବ ବିବିଧତା ସଂକଟମୟ ପରିସ୍ଥିତିର ସମ୍ମୁଖୀନ ହେଉଛି । କୃଷିକ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ରାସାୟନିକ ସାର କୀଟନାଶକ ଔଷଧ ପ୍ରୟୋଗ ଯୋଗୁଁ ଜଳ, ମାଟି ଓ ପରିବେଶ ପ୍ରଦୂଷିତ ହେଉଛି । କଳକାରଖାନାରୁ ନିର୍ଗତ ବିଭିନ୍ନ ଅଦରକାରୀ ଜୈବିକ ଓ ଅଜୈବିକ ଦୂଷିତ ପଦାର୍ଥ ଜୈବ ବିବିଧତାକୁ ନଷ୍ଟ କରୁଛି । ପରିବେଶର ପରିବର୍ତ୍ତନ ସହ ଖାପଖୁଆଇ ଚଳି ନ ପାରି କେତେକ ପ୍ରଜାତିର ବନ୍ୟପ୍ରାଣୀଙ୍କ ବିଲୁପ୍ତି ଘଟୁଛି । ଏହା ସହିତ ଖଣିଜ ପଦାର୍ଥର ଉତ୍ତୋଳନ, ଭୂମିର ବ୍ୟବହାର ଶୈଳୀରେ ପରିବର୍ତ୍ତନ ଇତ୍ୟାଦି ଯୋଗୁଁ ଜଙ୍ଗଲ କ୍ଷୟ ଘଟିବା ସହିତ ମୃତ୍ତିକା କ୍ଷୟ, ବିଶୁଦ୍ଧ ଅମ୍ଳଜାନର ଅଭାବ ଆଦି ସଙ୍କଟ ଦେଖା ଦେଉଛି ।

ବର୍ତ୍ତମାନ ଯେପରି ଭାବେ ଆମେ ଆମ ବିଶ୍ୱର ପରିବେଶୀୟ ସଂକଟକୁ ଦେଖିବାକୁ ପାଉଛେ, ଇତିହାସର କୌଣସି ସମୟ ମଧ୍ୟରେ ଏପରି ଅବସ୍ଥା କେବେହେଲେ ଦେଖା ଯାଇ ନଥିଲା । ବର୍ତ୍ତମାନ ପୃଥିବୀର ବହନ କରିବାର ସାମର୍ଥ୍ୟ ଉପରେ ଅଧିକ ଚାପ ପଡୁଛି, କାରଣ ପ୍ରତ୍ୟହ ଜଳ, ବାୟୁ ଓ ମାଟି ପ୍ରଦୂଷିତ ହେବାରେ ଲାଗିଛି ଯାହା ଫଳରେ ଭୂମଣ୍ଡଳୀୟ ଉତ୍ତପ୍ତକରଣ (Global Warming) ଓ ଜଳବାୟୁରେ ପରିବର୍ତ୍ତନ ହୋଇ ବିଶ୍ୱ ପରିବେଶର ସନ୍ତୁଳନରେ ଦ୍ରୁତ ପରିବର୍ତ୍ତନ ଘଟାଉଛି । ଯାହାର ପରିଣାମ ସ୍ୱରୂପ ବନ୍ୟା, ବାତ୍ୟା, ମରୁଡି, ଅନିୟମିତ ବୃଷ୍ଟିପାତ, ସମୁଦ୍ର ପତ୍ତନର ବୃଦ୍ଧି, ଜଳ-ବାୟୁ -ମୃତ୍ତିକା ପ୍ରଦୂଷଣର ଶିକାର ହେଉଛି ମଣିଷ ।

ଏହି ପରିବେଶଗତ ସନ୍ତୁଳନର ରକ୍ଷାକରିବା ଲାଗି ଅନୁଭବ କରାଗଲା ସଚେତନତା ସୃଷ୍ଟିର ଆବଶ୍ୟକତା । ସାହିତ୍ୟିକ,

ବୈଜ୍ଞାନିକ, ପରିବେଶବିତ ଏ ଦିଗରେ ତତ୍ପର ହେଲେ । ସାହିତ୍ୟରେ ବର୍ହିପ୍ରକୃତି ଏକ ଉପାଦାନ ଭାବେ ସାହିତ୍ୟ ସୃଷ୍ଟିର ଆଦିକାଳରୁ ରହି ଆସିଛି । ସମଗ୍ର ପୃଥିବୀର ସାହିତ୍ୟ ଈଶ୍ୱର, ପ୍ରକୃତି ଓ ମଣିଷକୁ କେନ୍ଦ୍ରକରି ସୃଷ୍ଟି ବୋଲି କୁହାଯାଏ । ଏହି ତିନୋଟି ଉପାଦାନରୁ ଦ୍ୱିତୀୟ ଉପାଦାନ- 'ପ୍ରକୃତି' ହେଉଛି 'ବର୍ହିପ୍ରକୃତ'ର ବିଶେଷ ଭୂମିକା ସାହିତ୍ୟରେ ରହିଛି । ହେଲେ ସେଇ ବର୍ହିପ୍ରକୃତିର ଦ୍ରୁତ ଅବକ୍ଷୟଜନିତ ସଚେତନତା ଜନସାଧାରଣଙ୍କ ଭିତରେ ସୃଷ୍ଟି କରିବାକୁ ତତ୍ପର ହେଲେ ସାହିତ୍ୟିକ । ଏହି ସଚେତନତା ଫଳରେ ୧୯୮୦ ଦଶକ ବେଳକୁ ସୃଷ୍ଟି ହେଲା ପରିବେଶ କୈନ୍ଦ୍ରିକ ସମାଲୋଚନା ବା Eco-criticism । ଏହା ପୂର୍ବରୁ ପରିବେଶକୁ କେନ୍ଦ୍ରକରି ବିଭିନ୍ନ ଆଲୋଚନାମାନ ହୋଇଥିଲେ ମଧ୍ୟ ୧୯୮୦-୯୦ ଦଶକ ପରଠାରୁ ବହୁଳ ଭାବରେ ବିଶ୍ୱ ସାହିତ୍ୟରେ ଆଲୋଚନା କରାଯାଇଛି । ଇଂରାଜୀରେ ଏହାକୁ Eco-criticism କୁହାଯାଏ । ଗ୍ରୀନ ଷ୍ଟଡ଼ିଜ, ଗ୍ରୀନ କଲ୍‌ଚରାଲ ଷ୍ଟଡ଼ିଜ, ଇକୋପୋଏଟିକ୍ସ, ଏନଭରମେଣ୍ଟାଲ ଲିଟରାରି କ୍ରିଟିସିଜିମ ଆଦି ଭାବରେ ମଧ୍ୟ ପରିଚିତ । ଓଡିଆରେ ପରିବେଶ କୈନ୍ଦ୍ରିକ ସମାଲୋଚନା, ପରିବେଶବାଦୀ ସମାଲୋଚନା, ସବୁଜ ସମାଲୋଚନା, ପରିବେଶ ସମାଲୋଚନା, ସବୁଜ ଅଧ୍ୟୟନ, ଜୈବିକ ସବୁଜବାଦ ଚର୍ଚ୍ଚା ଆଦି ଭାବରେ ଏହାର ଭିନ୍ନଭିନ୍ନ ନାମକରଣ କରାଯାଇଛି । ଉଇଲିଅମ ରିଓକାରଟ (William Ruekert) ୧୯୭୮ ମସିହାରେ ତାଙ୍କର 'Literature and Ecology and Experiment in Ecocriticism' ପ୍ରବନ୍ଧରେ ପ୍ରଥମେ 'ଇକୋକ୍ରିଟିସିଜିମ' Ecocriticism ଶବ୍ଦର ସୃଷ୍ଟିକରି ପ୍ରଚଳନ କରିଥିଲେ । କିନ୍ତୁ ଏହା ପୂର୍ବରୁ ୧୮୬୬ ରେ 'Ernest Haeckel 'Ecology', ୧୯୬୨ରେ Ernest Haeckel'ecology', ୧୯୭୨ Marry Bookchin 'Social Ecology', ୧୯୭୨ରେ 'Arne Naess 'deep ecology', ୧୯୭୨ରେ FramcoiseD' Eaubonne 'ecofeminism', ୧୯୭୫ ରେ Joseph W. Mecker 'literary ecology', ୧୯୭୮ରେ କାର୍ସକୋୟୋବାର 'ecological' ଆଦି ପାରିଭାଷିକ ଶବ୍ଦ ସୃଷ୍ଟି କରିଥିଲେ । କିନ୍ତୁ ୧୯୮୯ ମାର୍କିନ ଯୁକ୍ତରାଷ୍ଟ୍ରର କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ଗବେଷିକା ଚେରିଲ ଗ୍ଲଟଫେଲଟି Cherry Glotfelty ତାଙ୍କର ଏକ ପ୍ରବନ୍ଧ ମାଧ୍ୟମରେ Eco-criticism ଶବ୍ଦକୁ ପୁନଃପ୍ରତିଷ୍ଠା କରିଥିଲେ । ପରେ ହାରୋଲଡଫ୍ରୋମ Haroldfromm ଙ୍କ ସହ ମିଶି ଇକୋ-କ୍ରିଟିସିଜିମ ସଂକ୍ରାନ୍ତୀୟ ଲେଖାଗୁଡିକୁ ଏକତ୍ର କରି ଏକ ସମ୍ପାଦନା ପୁସ୍ତକ ପ୍ରକାଶ କରିଥିଲେ, ଯାହାର ନାମ The Ecocriticism Reader: Landmarks in Literary Ecology । ୧୯୯୬ ମସିହାରେ ୟୁନିଭର୍ସିଟି ଅଫ ଜର୍ଜିଆ ପ୍ରେସରୁ ପୁସ୍ତକଟି ପାଇଥିଲା । ଏହା ଥିଲା ପ୍ରଥମ ବିଧିବଦ୍ଧ ପରିବେଶ କୈନ୍ଦ୍ରିକ ସମାଲୋଚନା ପୁସ୍ତକ । ଏହି ପୁସ୍ତକର ଭୂମିକାରେ 'ଇକୋକ୍ରିଟିସିଜିମ 'ସମ୍ପର୍କରେ କୁହାଯାଇଛି- "What then is ecocriticism? simply put, ecocriticism is the study of the relationship between Literature and the physical environment XXXecocriticism takes an earth-centered approach to literary studies."[୧] "ଅର୍ଥାତ ଏହା ସାହିତ୍ୟ ଓ ଭୌତିକ ପରିବେଶ ସମ୍ପର୍କକୁ ଅନୁଶୀଳନ ଏବଂ ଅଧ୍ୟୟନ କରିଥାଏ । ଭୌତିକ ଜଗତର ସମ୍ପର୍କ, ବର୍ହିପ୍ରକୃତିର ଆବେଦନ, ପରିବେଶ ବିଦ୍ୟା, ମାନବୀୟ ଅନାମାନବୀୟ ମଧ୍ୟରେ ଯୋଗସୂତ୍ର ସ୍ଥାପନ, ଜୈବ ବିବର୍ତ୍ତନ ସହିତ ସାଂସ୍କୃତିକ ପରିଚର୍ଚ୍ଚା ଆଦି ପ୍ରସଙ୍ଗ ଏଥିରେ ବିଶ୍ଳେଷିତ ହୋଇଥାଏ । ପରିବେଶବାଦୀ ଆଲୋଚକମାନେ ସାହିତ୍ୟରେ ମଣିଷ ଅପେକ୍ଷା ବର୍ହିପ୍ରକୃତିକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ବର୍ହିପ୍ରକୃତିର ଏହି ଗୁରୁତ୍ୱ ଭିତରେ ପରିବେଶ ପ୍ରତି ଏକ ସଚେତନତା ଭାବ ହିଁ ଏହାର ମୂଳ ଉଦ୍ଦେଶ୍ୟ । ତେଣୁ ବର୍ହିପ୍ରକୃତି ସାହିତ୍ୟ ଭିତରେ ମନୁଷ୍ୟ ରହିବ, ମାତ୍ର କଥାବସ୍ତୁ ଆଦିରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବର୍ହିପ୍ରକୃତି । ପ୍ରକୃତି, ପରିବେଶ, ଜୀବଜଗତ, ମାନବସମ୍ବଳର ସୁରକ୍ଷା ନିମନ୍ତେ ସାହିତ୍ୟ ମାଧ୍ୟମରେ ସଚେତନ କରାଇବା ସହିତ ପାଠକଙ୍କୁ ଭୌତିକ ପରିବେଶ ସହ ଅନ୍ତରଙ୍ଗ କରାଇବା ଏହାର ପ୍ରମୁଖ ଉଦ୍ଦେଶ୍ୟ ।

ସମଗ୍ର ପୃଥିବୀର ସାହିତ୍ୟ ଈଶ୍ୱର, ପ୍ରକୃତି ଓ ମଣିଷକୁ କେନ୍ଦ୍ରକରି ସୃଷ୍ଟି ବୋଲି କୁହାଯାଏ । ଏହି ତ୍ରିବିଧ ଉପାଦାନରୁ ଦ୍ୱିତୀୟ ଉପାଦାନ 'ପ୍ରକୃତି' ହେଉଛି 'ବର୍ହିପ୍ରକୃତି' ଯାହାର ଦର୍ଶନରେ ସାହିତ୍ୟ ଆଦି କାଳରୁସରବ । ଏଇ ବର୍ହିପ୍ରକୃତିର ଭୂମିକା ସାହିତ୍ୟରେ ରହିଛି । ସାହିତ୍ୟ ସହିତ ଏହାର ସମ୍ପର୍କ ଓତପ୍ରୋତ ଭାବରେ ଜଡ଼ିତ । ବୈଦିକ କାଳରୁ ଆରମ୍ଭ କରି ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ସାହିତ୍ୟ କୃତିମାନଙ୍କରେ ପ୍ରକୃତି ସହିତ ମଣିଷର ପାରସ୍ପରିକ ସମ୍ପର୍କ ପ୍ରଦର୍ଶିତ ହୋଇଅଛି । ସୃଷ୍ଟିକାଳରୁ ପରିବେଶର ବର୍ଣ୍ଣନା ରହି ଆସିଥିଲେ ମଧ୍ୟ ଅବକ୍ଷୟମୁଖୀ ପରିବେଶକୁ ସୂଚିତ କରି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଶ୍ୱ ସାହିତ୍ୟରେ ବିଂଶ ଶତାବ୍ଦୀର ୬ଷ୍ଠ-୭ମ ଦଶକ ବେଳକୁ ପରିବେଶ କୈନ୍ଦ୍ରିକ ସମାଲୋଚନାର ସ୍ୱତନ୍ତ୍ର ଧାରା ପ୍ରବାହିତ ହେବାର ଲକ୍ଷ୍ୟ କରାଯାଏ । ଏଥିରୁ ଆମର ଓଡ଼ିଆ ସାହିତ୍ୟ କିପରି ବାଦ ପଡ଼ନ୍ତା । ୧୯୮୦ ମସିହାବେଳକୁ

ଓଡିଆ ଲେଖକମାନେ ବିବର୍ତ୍ତିତ ବିଶ୍ୱର ସ୍ଥିତି ସହ ଭୌତିକ ତଥା ଜୈବିକ ପରିବେଶ ଅନୁଚିନ୍ତାଙ୍କୁ ଲେଖାମାନଙ୍କରେ ପ୍ରାଧାନ୍ୟ ଦେଲେ । ଆନ୍ତର୍ଜାତିକ ସମସ୍ୟାଠାରୁ ଆଞ୍ଚଳିକ ସମସ୍ୟା ଏହି ଇକୋ ପଦ୍ଧତି ମାଧ୍ୟମରେ ପ୍ରକାଶ ପାଇଲା । ଜଳ-ସ୍ଥଳ-ଆକାଶ, ଜୀବଜନ୍ତୁ, ପ୍ରକୃତିର ସଙ୍କଟ ଜନିତ ରୂପ ଓଡ଼ିଆ ସାହିତ୍ୟରେ ଅଙ୍କିତ ହୋଇଆସୁଛି । ଓଡ଼ିଶାରେ ପରିଲକ୍ଷିତ ପ୍ରାକୃତିକ ବିପର୍ଯ୍ୟୟ ସହ, ପରିବେଶ ସମସ୍ୟାର ନାନା ପ୍ରସଙ୍ଗ ଲେଖକଙ୍କ ଉପଜୀବ୍ୟ ପାଲଟୁଛି । ଓଡିଆ ସାହିତ୍ୟରେ ଗଳ୍ପ, କବିତା, ନାଟକ ଆଦି ଅନ୍ୟାନ୍ୟ ବିଭାଗ ପରି ଉପନ୍ୟାସ ସାହିତ୍ୟରେ ମଧ୍ୟ ଏହି ସମୟରେ ପରିବେଶ କୈନ୍ଦ୍ରିକ ବା ପରିବେଶ ସଚେତନତାଧର୍ମୀ ଉପନ୍ୟାସ ଲେଖାଗଲା । ୧୯୮୦ ପରବର୍ତ୍ତୀ ସମୟରେ ହୃଷୀକେଶ ପଣ୍ଡାଙ୍କ 'ସୁନାପୁଟର ଲୋକେ' (୧୯୯୧), ରାଧାମୋହନ ମହାପାତ୍ରଙ୍କ 'ଜଙ୍ଗଲର ଜମାନବନ୍ଦୀ' (୧୯୯୪), ବ୍ୟାଘ୍ର ନିନାଦ (୧୯୯୫), ମିଷ୍ଟର ଖରସେଲ (୨୦୧୨), ବିଭୂତି ପଟ୍ଟନାୟକଙ୍କ 'ଆଦିମ ଅରଣ୍ୟ' (୧୯୯୫), ପ୍ରତିଭା ରାୟଙ୍କ 'ମଗ୍ନମାଟି' (୨୦୦୪), ତରୁଣକାନ୍ତି ମିଶ୍ରଙ୍କ 'ଶରଦଃଶତମ' (୨୦୦୫), କୃପାସାଗର ସାହୁଙ୍କ 'ଶେଷ ଶରତ' (୨୦୦୬), ଭୀମ ପୃଷ୍ଟିଙ୍କ 'ସମୁଦ୍ରମଣିଷ' (୨୦୦୬) ଏବଂ କଇଳାଶ ପଟ୍ଟନାୟକଙ୍କ 'ସ୍ଥାବର ଜଙ୍ଗମ' (୨୦୦୭) ଆଦି ଉପନ୍ୟାସ ପରିବେଶ ସଚେତନତାକୁ କେନ୍ଦ୍ରକରି ରଚିତ ହୋଇଛି । ଆଲୋଚନାର ସୁବିଧା ଦୃଷ୍ଟିରୁ ଏହାକୁ ମଣିଷକୃତ ପରିବେଶ ପ୍ରଦୂଷଣଜନିତ, ଜଙ୍ଗଲ ଓ ପଶୁପକ୍ଷୀ କୈନ୍ଦ୍ରିକ, ପ୍ରାକୃତିକ ଦୁର୍ବିପାକ ଜନିତ ଏହିପରି ଶ୍ରେଣୀଭୁକ୍ତ କରି ଆଲୋଚନା କରାଯାଇପାରେ ।

**ମଣିଷକୃତ ପରିବେଶ ପ୍ରଦୂଷଣଜନିତ :**

ଏହି ଦୃଷ୍ଟିରୁ ଅଶୀ ପରବର୍ତ୍ତୀ ଉପନ୍ୟାସ ଭାବରେ କୃପାସାଗର ସାହୁଙ୍କ 'ଶେଷ ଶରତ' ଉପନ୍ୟାସକୁ ଆଲୋଚନା କରାଯାଇପାରେ । ଏହି ଉପନ୍ୟାସଟିରେ ରଚିତ ପ୍ରକୃତି ଏଥିରେ ଗୋଟେ ପଟେ ସାହିତ୍ୟ ଏବଂ ଆଉ ଗୋଟେ ପଟେ ଚିଲିକା ଭୌତିକ ପରିବେଶ ଉଭୟଙ୍କ ମଧ୍ୟରେ ମଧ୍ୟରେ ମଧ୍ୟସ୍ଥି କରୁଛି ମଣିଷ ତାହା ଆମେ ଏଠି ଦେଖିବାକୁ ପାଉଛୁ । ଏହା ସହିତ ପରିବେଶ ପ୍ରତି ସଚେତନତା ଭାବ ଉପନ୍ୟାସର କେତେଗୁଡ଼ିଏ ସ୍ଥାନରେ ଫୁଟିଉଠିଛି । କଥାବସ୍ତୁର ପୃଷ୍ଠଭୂମି ନିର୍ମାଣ, ବିକାଶ, ଦ୍ୱନ୍ଦ୍ୱ ସଂଘାତର କାରଣ ଭାବେ ଭୌତିକ ପରିବେଶ-ହ୍ରଦମଣ୍ଡଳ ଚିଲିକା ଏବଂ ତତ୍‌ସହିତ ପଶୁପକ୍ଷୀ, ନଦନଦୀ, ନଳବଣ, ବୃକ୍ଷଗଛ, ପାହାଡ଼ ପର୍ବତ ଆଦି 'ଶେଷ ଶରତ'ରେ ସର୍ବତ୍ର । ଚିଲିକାର ପୃଷ୍ଠଭୂମିକୁ କେନ୍ଦ୍ରକରି ଉପନ୍ୟାସଟି ପରିକଳ୍ପିତ । ପ୍ରକୃତିର ରାଣୀ ଚିଲିକାକୂଳକୁ ଶରତଋତୁରେ ବସବାସ କରିବା ପାଇଁ ଦେଶ ବିଦେଶରୁ ଅନେକ ପକ୍ଷୀ ଆସନ୍ତି । ସେଥିପାଇଁ ଶରତ ଆଗମନରୁ ସୁଦୂର ସାଇବେରିଆରୁ ବୈକାଲ ହ୍ରଦ, ଗୋବି ମରୁଭୂମି, ତିବତ୍ତରମାନସରୋବର ହ୍ରଦ, ହିମାଳୟ, ଗଙ୍ଗାରୁ ବଙ୍ଗୋପସାଗର ଦେଇ ଚିଲିକା ହ୍ରଦକୁ ଆସନ୍ତି ସାରସ ଦମ୍ପତି । ଏବଂ ସେହି ଶରତଋତୁରେ କାନାଡ଼ାରୁ ପକ୍ଷୀ ବିଶେଷଜ୍ଞ ହ୍ୟାରିକ୍ରିଷ୍ଟେନ ଆସନ୍ତି ଚିଲିକାର ପକ୍ଷୀମାନଙ୍କ ଉପରେ ଗବେଷଣା କରିବାକୁ । ଉଭୟ ସାରସ ଦମ୍ପତି ଓ ହ୍ୟାରିକ୍ରିଷ୍ଟେନଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଛି । ହ୍ୟାରିକ୍ରିଷ୍ଟେନ ପକ୍ଷୀମାନଙ୍କ ଉପରେ ଗବେଷଣା କରୁଥିବା ସମୟରେ ପ୍ରକୃତିର ଲାସ୍ୟମୟୀ, ହାସ୍ୟମୟୀ, ଶୋଭାମୟୀ ଚିଲିକା କିପରି ପ୍ରଦୂଷଣର ଶିକାର ହେଉଛି ତା'ର ବିପନ୍ନ ରୂପକୁ ଦେଖିଛନ୍ତି । ପ୍ରକୃତିର ଗନ୍ତାଘର ଚିଲିକା ଯାହାର ପ୍ରାକୃତିକ ଅବସ୍ଥିତି, ଜଳୀୟସ୍ଥିତି, ଅନୁକୂଳ ବାତାବରଣ ପାଇଁ ନାନା ଜାତିର ପକ୍ଷୀ ଆସି ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲେ । ଯାହା ଫଳରେ ୧୯୮୭ ମସିହାରେ ଏହା ଏକ ଅଭୟାରଣ୍ୟ ଭାବେ ଘୋଷିତ ମଧ୍ୟ ହୋଇଥିଲା । କିନ୍ତୁ ଏହାଥିଲା କାଗଜପତ୍ରରେ ତା'ର କାର୍ଯ୍ୟକାରିତା ସ୍ପଷ୍ଟ ଭାବରେ ଲକ୍ଷ୍ୟ କରାଯାଏ ନାହିଁ । ଅଦୂରଦର୍ଶୀ କିଛି ସରକାରୀ ପଦକ୍ଷେପ ପାଇଁ ଯେପରି-ସରକାରଙ୍କ ଲିଜ ଦେବା ନୀତି ଯୋଗୁଁ ବିଭିନ୍ନ ବିଦେଶୀ କମ୍ପାନୀ ସହିତ ମାଫିଆ ଗୋଷ୍ଠୀ ଚିଙ୍ଗୁଡ଼ି ଚାଷ ପାଇଁ ଆସିଲେ, ବିଭିନ୍ନ କଳକାରଖାନା ଥିବା ଯୋଗୁଁ ବିଷାକ୍ତ ଜଳର ନିଷ୍କାସନ ଆଦି ହେବା ଫଳରେ ବିମୋହିନୀ ଚିଲିକା ଏକ ଏକ ବିପନ୍ନ ଚିଲିକାରେ ରୂପାୟିତ ହୋଇଛି । ଏହି ଚିଲିକାର ବିପନ୍ନ ଅବସ୍ଥାର ଚିତ୍ର ଏହି ଉପନ୍ୟାସରେ ଚିଲିକା ସମିତିର ଜଣେ ଆତ୍ମନିଯୁକ୍ତ ନେତାଙ୍କର ଭାଷଣରୁ ଏହା ସ୍ପଷ୍ଟ ଭାବରେ ଅନୁଭୂତ ହୁଏ- "ଉତ୍କଳ-କମଳା-ବିଳାସ-ଦୀର୍ଘିକା, ମରାଳ-ମାଳିନୀ-ନୀଳାମ୍ବୁ ଚିଲିକା ଆଜି କ୍ରନ୍ଦନରତା । ନୀଳାମ୍ବୁ-ଚିଲିକା ଆଜି ରକ୍ତାମ୍ବୁ-ଚିଲିକାରେ ପରିଣତା । ସବୁ ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାରାଣୀ ଆଜି ଘୋର ବିପର୍ଯ୍ୟୟ ଆଡ଼କୁ ମାଡି ଚାଲିଛି । ଦ୍ରୁତ ଗତିରେ କ୍ଷୟ ହୋଇ ଚାଲିଛି ତା'ର ଆଖପାଖର ମୃତ୍ତିକା । ପଟୁମାଟିରେ ପୋତିହୋଇ ପଡୁଛି ଏଇ ବିଶାଳକାୟ ହ୍ରଦ । ବାଧାପ୍ରାପ୍ତ ହୋଇଛି ବିଦେଶାଗତ ପକ୍ଷୀଙ୍କ ପର୍ଯ୍ୟଟନ । ଚିଲିକାରେ ରାଜୁତି କରୁଛି ମାଫିଆ । ମତ୍ସ୍ୟଜୀବୀମାନଙ୍କର ଭାସିଯାଇଛି ଦୁନିଆ । xxx ଏସବୁ ପାଇଁ ଦାୟୀ ଆମ ସରକାର । ଏହି ସରକାର ହଜାର ଦିନରେ ହଜାରଟି ଶିଳ୍ପ ପ୍ରତିଷ୍ଠା କରିବ ବୋଲି ନିର୍ବାଚନୀ

ପ୍ରତିଶ୍ରୁତି ଦେଇଥିଲା । କୁଆଡ଼େ ଗଲା ଏକ ଲକ୍ଷ ଯୁବକଙ୍କୁ ଚାକିରୀ ? ଶିଳ୍ପ ନାଆଁରେ ଚିଙ୍ଗୁଡ଼ି ଶିଳ୍ପ ବସୁଛି । ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ ଭାଇଙ୍କ ଭାତ ଥାଳିଆରେ ହାତମାରିବା ହିଁ ଏହାର ପରିଣତି ।"[୨] ଏଠାରେ ମଣିଷକୃତ ସଙ୍କଟ ଦ୍ୱାରା ପରିବେଶ କିପରି ବିପର୍ଯ୍ୟସ୍ତ ହୋଇଥାଏ ତାହା ଦେଖାଇ ଦିଆଯାଇ ଥାଏ । ଚିଙ୍ଗୁଡି ଚାଷ ତଥା ଚିଲିକାର ପରିବେଶ ପ୍ରଦୂଷଣ ଓ ପାରମ୍ପରିକ ଧୀବରଙ୍କ ଦୁଃସ୍ଥିତି ପାଇଁ 'ଚିଲିକା ବଞ୍ଚାଅ' ଗଣ ଆନ୍ଦୋଳନ ମଧ୍ୟ ହୋଇଛି ।

ଚିଲିକାରେ ମଣିଷ ନିଜର ଜିହ୍ୱାର ଲାଳସା ମେଣ୍ଟାଇବା ପାଇଁ ଅବାଧରେ ପକ୍ଷୀ ଶିକାର କରିଛି । ଚିଲିକାକୁ କୋଡ଼ିଏ ବର୍ଷ ତଳେ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଥିଲେ ମଧ୍ୟ ପକ୍ଷୀ ଶିକାର ବନ୍ଦ ହୋଇଛି କେବଳ କାଗଜ କଲମରେ । ପରିବେଶର ବିଧ୍ୱଂସନକୁ ସୁଧାରିବା ପାଇଁ ଉପନ୍ୟାସର ନାୟକ କ୍ରିଷ୍ଟେନ ପ୍ରୟାସ କରିଛି । ତେଣୁ ସେ ମାଂସ ବର୍ଜନ ଓ ଅବୈଧ ବ୍ୟାପାରକୁ ନେଇ ବିଭିନ୍ନ ସମ୍ବାଦପତ୍ର ଓ ପତ୍ର ପତ୍ରିକରେ ମତାମତ ପଠାଇବା ସହିତ ଜନସାଧାରଣଙ୍କୁ ସଚେତନ କରିଛି । ଏହା ବ୍ୟତୀତଏହି ଉପନ୍ୟାସରେ ଉଭୟ ମାନବ ଓ ବିହଙ୍ଗ ମଧ୍ୟରେ ଏକ ସୁସମ୍ପର୍କ ଗଢ଼ି ଉଠିଛି । ଔପନ୍ୟାସିକ କ୍ରିଷ୍ଟେନ ଓ ସାରସ ଦମ୍ପତି ମଧ୍ୟରେ ବିବିଧ ସାଦୃଶ୍ୟକୁ ଦେଖାଇଛନ୍ତି । ସାରସ ଦମ୍ପତି ପରି 'ବର୍ହିପ୍ରକୃତିର ଉପାଦାନ'ର ଉପଲକ୍ଷ୍ୟରୁ ସାରା ଓ କ୍ରିଷ୍ଟେନର ଗଭୀର ପ୍ରୀତି ଯେମିତି ବୁଝି ହୁଏ, ସାରାଙ୍କ କ୍ରିଷ୍ଟେନକୁ ଛାଡ଼ି ସବୁଦିନ ପାଇଁ ଚାଲିଯିବା ଓ ସ୍ତ୍ରୀ ସାରସଟି ଦଳେ ପକ୍ଷୀ ମାଂସଲୋଭୀ ଶିକାରୀଙ୍କ ହାତରେ ଧରାପଡ଼ି ମରିଯିବା ଭିତରେ ଲେଖକ ଉଭୟ ପକ୍ଷୀ ଓ ମଣିଷର ସମଧର୍ମୀ ଜୀବନର ଚିତ୍ର ଦେବାକୁ ଚେଷ୍ଟା କରିଛନ୍ତି । ପ୍ରକୃତିର ଶାନ୍ତ କମନୀୟ ଚରାଚରରେ ଏଇ ହିଂସ୍ର ଅବିବେକୀମାନଙ୍କ ଉତ୍ପାତରେ ଭାଙ୍ଗି ପଡିଛନ୍ତି କ୍ରିଷ୍ଟେନ । ସାରସ ସେଇ ଆଘାତରେ ମୃତ । ସାରସ ସହିତ କ୍ରିଷ୍ଟେନଙ୍କ ସୁଖଦୁଃଖ ଏପରି ମିଶିଯାଇଛି ଯେ ବେଳେବେଳେ କ୍ରିଷ୍ଟେନଙ୍କ ଭିତରେ ସାରସ ଓ ସାରସ ଭିତରେ କ୍ରିଷ୍ଟେନଙ୍କୁ ପାଠକ ପାଏ । ଏବଂ ଉଭୟ ମାନବୀୟ ଓ ଅଣମାନବୀୟ ମଧ୍ୟରେ ମଧ୍ୟସ୍ଥି କରିଛି ସାହିତ୍ୟ । ଉପନ୍ୟାସର ଶେଷରେ ପରିବେଶ ସଚେତନତା ତଥା ପଶୁପକ୍ଷୀ ପ୍ରତି ସହାନୁଭୁତି ପାଇଁ କ୍ରିଷ୍ଟେନ ସମଗ୍ର ମାନବ ଜାତିକୁ ଆହ୍ୱାନ ଦେଇଛନ୍ତି- "ଚିଲିକା ନ ଥାଉ । ଅଛି ବୈକାଲ । ଅଛି ମାନସରୋବର । ସାରସ ନ ଥାଉ, ଅଛନ୍ତି ଭରତିଆ, ଭଦଭଦଳିଆ, ହଂସ, ହଂସରାଳି, କେତେ କେତେ ଜାତି ପ୍ରଜାତିର ବିଲୁପ୍ତ ପ୍ରାୟ ପକ୍ଷୀ । ତମେ ତାଙ୍କର ଉଦ୍ଧାର କର ।"[୩]

ପରିବେଶ ବା ପ୍ରକୃତିର ଚିତ୍ର ଓ ପରିବେଶ ସୁରକ୍ଷା ଆମ ସାହିତ୍ୟରେ ନୂଆଁ ନୁହେଁ ଆବାହମାନ କାଳରୁ ପ୍ରକୃତିର ପୂଜା, ପ୍ରକୃତିର ଉପଯୁକ୍ତ ସଂରକ୍ଷଣ ପାଇଁ ଲେଖକମାନେ ବିବିଧ ମାଧ୍ୟମରେ ପ୍ରଚେଷ୍ଟା କରି ଆସିଛନ୍ତି । କିନ୍ତୁ ଆଲୋଚ୍ୟ ପ୍ରସଙ୍ଗ ଯାହାକୁ ଆମେ ପରିବେଶ ସମାଲୋଚନବାଦ ବୋଲି କହୁଚେ ତହିଁରେ ସ୍ଥୁଳ ପରିବେଶ ଏବଂ ସାହିତ୍ୟ ମଧ୍ୟରେ ଏକ ପାରସ୍ପରିକ ସଂପୃକ୍ତି ରକ୍ଷା କରିବାକୁ ପ୍ରୟାସ କରାଯାଏ, ପରିବେଶର ବିଧ୍ୱଂସନକୁ ସୁଧାରିବା ପାଇଁ ପ୍ରୟାସ କରାଯାଇଥାଏ ଏବଂ ମଣିଷକୃତ ସଙ୍କଟ ଦ୍ୱାରା ପରିବେଶ କିପରି ବିପର୍ଯ୍ୟସ୍ତ ହୋଇଥାଏ ତାହା ଦେଖାଇ ଦିଆଯାଇଥାଏ ଏବଂ ଶେଷରେ ଏକ ଚେତାବନୀ ମଧ୍ୟ ପ୍ରଦାନ କରାଯାଇଥାଏ- ଏସବୁର ଚିତ୍ର ଔପନ୍ୟାସିକ କୃପାସାଗର ସାହୁଙ୍କ 'ଶେଷ ଶରତ' ଉପନ୍ୟାସରେ ପ୍ରତିଫଳିତ ।

**ଜଙ୍ଗଲ ଓ ପଶୁପକ୍ଷୀ କୈନ୍ଦ୍ରିକ :**

ହୃଷୀକେଶ ପଣ୍ଡାଙ୍କ ସୁନାପୁଟର ଲୋକେ (୧୯୯୧) ସମକାଳର ପ୍ରଥିତଯଶା କଥାକାର ହୃଷୀକେଶ ପଣ୍ଡାଙ୍କ 'ସୁନାପୁଟର ଲୋକେ' ଉପନ୍ୟାସରେ ପରିବେଶ ସଚେତନତା ସମ୍ପର୍କରେ ଔପନ୍ୟାସିକଙ୍କର ବାର୍ତ୍ତା ପାଇ ପାରିବା । ଯଦିଓ ଉପନ୍ୟାସର ମୁଖ୍ୟ ପ୍ରସଙ୍ଗ ଆଦିବାସୀ ଜନଜୀବନର କଥା । ତଥାପି ତହିଁରେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ପରିବେଶର ଗୁରୁତ୍ୱ । କୋରାପୁଟ ବନବାସୀଙ୍କ ପାଇଁ ଜଙ୍ଗଲର ଉପକାରିତା ଓ ସେମାନଙ୍କ ଜୀବନଚର୍ଯ୍ୟାରେ ଜଙ୍ଗଲର ଆବଶ୍ୟକତା ଏଠାରେ ବହୁତ ସୁନ୍ଦର ଭାବରେ ଉପନ୍ୟାସରେ ରୂପଲାଭ କରିଛି । ଯାହାର ଫଳସ୍ୱରୂପ ଜଙ୍ଗଲ ନଷ୍ଟ ହେବା ଦ୍ୱାରା ତାଙ୍କ ଜୀବନ ଜୀବିକା ମଧ୍ୟ ହେଇଛି ପ୍ରଭାବିତ । ଜଙ୍ଗଲ ବିନା ତାଙ୍କ ଜୀବନ ଧାରଣ କରିବା ପରିକଳ୍ପନା କରାଯାଇ ନପାରେ- "ଜଙ୍ଗଲ କଟିଗଲେ ଭୋକ ଉପାସ ବେଶୀ ବାରି ହୋଇଯାଉଛି । କାରଣ ଜଙ୍ଗଲ ଥିଲେ ଭୋକ କ'ଣ ? ମାସକୁ ମାସ ଜଙ୍ଗଲ ଦେବତା ଖାଦ୍ୟ ଖଞ୍ଜି ରଖିଥାଏ । xxx ଏବେ ତା ଆସ୍ଥାନ ଭାଙ୍ଗିଲା । କେହି ତାକୁ ପଚାରିଲେ ନାହିଁ । ଏ ମୁଣ୍ଡ ସେ ମୁଣ୍ଡ ତାକୁ ସଫା କରିଦେଲେ । ଥରେ ପଚାରିଲେ ନାହିଁ ଦେବତା ରାଗୁଚି କି ?" ବାସ୍ତବିକ ଜଙ୍ଗଲରେ ବାସକରୁଥିବା ମଣିଷଙ୍କ ପାଇଁ ଜଙ୍ଗଲ ହିଁ ତା'ର ସବୁକିଛି । ତେଣୁ ଉପନ୍ୟାସରେ କଥାକାର ଆଦିବାସୀମାନଙ୍କ ଆବଶ୍ୟକତା ଓ ଜଙ୍ଗଲର ଉପକାରିତା ଉଭୟ ପକ୍ଷକୁ ଉପନ୍ୟାସରେ ଥୋଇବା ବେଳେ ପ୍ରକୃତିର ମହତ୍ତ୍ୱ ସହଜରେ ନିରୂପିତ ହୋଇଯାଏ ଉପନ୍ୟାସର ବିଭିନ୍ନ ଛତ୍ରରେ । ଯାହାର ଫଳସ୍ୱରୂପ ଔପନ୍ୟାସିକ ଜଙ୍ଗଲର ସଂରକ୍ଷଣ ସମ୍ପର୍କରେ

ମଧ୍ୟ ଉପନ୍ୟାସରେ ସ୍ୱର ଉତ୍ତୋଳନ କରିଛନ୍ତି ।" ପରିବେଶ ସମିତି ଓ ପରିବେଶ ସଚେତନ ନାଗରିକ ବୃନ୍ଦ ଉତ୍ୟକ୍ତ ହେଲେ । ଏ ସବୁ ପୋଡୁଚାଷ ପାଇଁ । ପୋଡୁଚାଷ କଲେ ଜଙ୍ଗଲ ନଷ୍ଟ ହୁଏ । ଜଙ୍ଗଲ ନଷ୍ଟ ହେଲେ ବର୍ଷା କମିଯାଏ । ପୋଡୁଚାଷ ବନ୍ଦ କରିବାକୁ ହେବ । ଖୁବ ଜଲ୍‌ଦି ପରିବେଶ ସଂରକ୍ଷଣ ସମ୍ପର୍କରେ ଉତ୍ସାହୀ ନାଗରିକ ସବୁ ଏକତ୍ର ହେଲେ ଓ ଉଚ୍ଚ ସ୍ୱରରେ ପୋଡୁଚାଷ ବିରୁଦ୍ଧରେ ସ୍ୱରଉତ୍ତୋଳନ କଲେ ।" ଏଯାଏ ଉପନ୍ୟାସର ଗତି ସମତୁଳ । କିନ୍ତୁ ଏହାର ପରବର୍ତ୍ତୀ ସମୟରେ ପୋଡୁଚାଷ ବନ୍ଧ କରିବାର ସ୍ୱରଉତ୍ତୋଳନର ସୁଯୋଗ ନେଇ ଫରେଷ୍ଟ ଅଧିକାରୀମାନଙ୍କର ବେଆଇନ ଜଙ୍ଗଲ ତାକୁ ବଢ଼େଇବା ପ୍ରସଙ୍ଗରେ ମଧ୍ୟ ଲେଖକ ଚୁପ୍ ରହି ନାହାନ୍ତି । କଥାଭାଗ ଯଦିଓ ଉପନ୍ୟାସରେ ଭିନ୍ନ ତଥାପି ତା'ରି ଭିତରେ ସୁଯୋଗ ଅନ୍ୱେଷଣ କରି କଥାକାର ପ୍ରାକୃତିକ ସମ୍ପଦର ସଂରକ୍ଷଣ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଛନ୍ତି । ଉକ୍ତ ଉପନ୍ୟାସରେ ସେଥିପାଇଁ ତ ଅରଣ୍ୟ ସମ୍ପଦକୁ ନଷ୍ଟକରି ଜଳପ୍ରପାତ ଗଢିବା ଉଦ୍ଦେଶ୍ୟରେ ସରକାରୀ କର୍ମକର୍ତ୍ତାମାନେ ସୁନାପୁଟର ଲୋକମାନଙ୍କୁ ସ୍ଥାନାନ୍ତର କରି ସେଠାରେ ବିଷାକ୍ତ ପେଟ୍ରୋଲିୟମ ଗଛ ରୋପଣ କରିବା ସମୟରେ ଲେଖକ ଚୁପ ରହି ନାହାନ୍ତି । ଉପକାରୀ ଗଛଗୁଡ଼ିକୁ କାଟି ସେ ସ୍ଥାନରେ ପେଟ୍ରୋଲିୟମ ଗଛ ଲଗେଇବା ଫଳରେ ସାତବର୍ଷ କାଳ ବର୍ଷା ନ ହୋଇ ସେ ଅଞ୍ଚଳ ହୋଇଛି ମରୁଡିଗ୍ରସ୍ତ । କାହିଁକିନା ପେଟ୍ରୋଲିୟମ ଗଛର ଅଧିକ ଜଳୀୟବାଷ୍ପ ଶୋଷଣକାରୀ ଶକ୍ତି ରହିଛି । ଯାହା ପରିବେଶ ଉପରେ ପ୍ରଭାବ ପକାଇଛି । ଜଳବାୟୁରେ ପରିବର୍ତ୍ତନ ଆସିଛି । ଆଦିବାସୀମାନେ ଜଙ୍ଗଲର ଫଳମୂଳ ଓ ଶିକାର ଅଭାବରେ ଅନାହାର ମୃତ୍ୟୁ ଲଭିଛନ୍ତି । ଯାହା ପରିବେଶ ସଚେତନତାର ପ୍ରମୁଖ ଦୃଷ୍ଟାନ୍ତ । ଯାହା ପରିବେଶ ସଚେତନତାର ପ୍ରମୁଖ ଦୃଷ୍ଟାନ୍ତ । ବିଷୟ ସଂରଚନା ମଧ୍ୟରେ ପରିବେଶର ଗୁରୁତ୍ୱ ଓ ସଂରକ୍ଷଣ ହିଁ ହୋଇଛି 'ସୁନାପୁଟର' ଲୋକେ ଉପନ୍ୟାସର ମୁଖ୍ୟ ପ୍ରସଙ୍ଗ ।

ବିଭୂତି ପଟ୍ଟନାୟକଙ୍କ 'ଆଦିମ ଅରଣ୍ୟ' (୧୯୯୪) ର କଥାଭାଗ ଯଦିଓ ପରିବେଶ ସଚେତନ ମୂଳକ ନୁହେଁ ତଥାପି ଆଂଶିକ ଭାବେ ସମୟ ଓ ସୁଯୋଗ ଦୃଷ୍ଟିରୁ କିଛିକାଂଶରେ ପରିବେଶ ସଚେତନତା ମୁଖ୍ୟ ପ୍ରସଙ୍ଗରେ ରୂପାୟିତ ହୋଇଛି । ଔପନ୍ୟାସିକ ଯଥାସମ୍ଭବ ଜଙ୍ଗଲର ଆବଶ୍ୟକତାକୁ ଉପସ୍ଥାପନ କରିବାକୁ ପ୍ରୟାସ କରିଛନ୍ତି । ଚିରାଚରିତ ଢଙ୍ଗରେ ସାହୁକାର, ଜମିଦାରମାନଙ୍କ ଆଦିବାସୀମାନଙ୍କ ଉପରେ ଶୋଷଣ, ସେମାନଙ୍କ ଆଦିବାସୀ ଭୂମି ଜଙ୍ଗଲ ଉପରେ କଣ୍ଟ୍ରାକ୍ଟରମାନଙ୍କ ଲୋଲୁପତା ସେମାନଙ୍କ ସରଳ ଜୀବନଯାପନ ଉପରେ ଗଭୀର ପ୍ରଭାବ ପକାଇଛି । ସେମାନଙ୍କ ନାମରେ ବେଆଇନ କାଠ କାଟିବା ସହ ଜଙ୍ଗଲର କେନ୍ଦୁପତ୍ର, ଶାଳମଞ୍ଜି, ମହୁଲ ଫୁଲ ସାଧାରଣ ମୂଲ୍ୟରେ ସଂଗ୍ରହ କରି ସେମାନେ କୋଟିପତି ହୋଇଛନ୍ତି । ଆଦିବାସୀଙ୍କ ଉପରେ ଅତ୍ୟାଚାର ସହ ମଦମାଂସ ଦେଇ ଶହଶହ ଗଛକୁ କାଟି ଜଙ୍ଗଲକୁ ଚାଷଜମିରେ ରୂପାନ୍ତରିତ କରିଛନ୍ତି ସେମାନେ । ଯାହାଫଳରେ ଅରଣ୍ୟ ବୃକ୍ଷବିହୀନ ହୋଇଛି । ଅରଣ୍ୟ ରୂପାୟିତ ଚାଷ ଜମିରେ । ଏହା ବ୍ୟତୀତ ମାଝିପଡାରେ ମୂଲ୍ୟବାନ ଖଣିଜ ପଦାର୍ଥର ସନ୍ଧାନ ପରେ ସରକାରଙ୍କ ନିଷ୍ପତ୍ତି କ୍ରମେ ବନବାସୀମାନଙ୍କ ସ୍ଥାନାନ୍ତରଣ । ଖଣି ଓ କାରଖାନା ପ୍ରତିଷ୍ଠା ହୋଇଛି । ସବୁଜ ସୁସ୍ଥ ବାତାବରଣ ମଧ୍ୟରେ ଯାନ୍ତ୍ରିକ କୋଳାହଳ ଓ ପ୍ରଦୂଷଣର ରାଜୁତି ଚାଲିଛି । ପରିବେଶ ହୋଇଛି ଶ୍ରୀହୀନ । ଜଳ, ବାୟୁ ଏବଂ ଜମି ହୋଇଛି କଳୁଷିତ ।

ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଲେଖକ ସରକାର ଓ ସାହୁକାରମାନଙ୍କ ପ୍ରତି ପ୍ରତିବାଦର ସ୍ୱର ଶୁଣାଇ ନାହାନ୍ତି ବରଂ ଆମେ ଏଠାରେ ଲକ୍ଷ୍ୟକରିବା ଲେଖକଙ୍କ ପରିବେଶ ଅବକ୍ଷୟ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠେଇଛନ୍ତି ବନୁ ଚରିତ୍ର ମାଧ୍ୟମରେ– "ଏ ଅରଣ୍ୟ ଆମର, ଏଇ ଆମର ଜନନୀ । ... ସେମାନେ ଗଛ କାଟିବା ନାଁରେ ଆମ ମାଆର ହାତଗୋଡ଼ କାଟି ନେଉଛନ୍ତି । ଆମେ କ'ଣ କେବଳ ସେ ଧ୍ୱଂସର ଦୃଶ୍ୟ ଚୁପଚାପ ଦେଖୁଥିବା ? ଏହାର ପ୍ରତିକାରର କିଛି ଅନ୍ୟ ଉପାୟ ନାହିଁ ? ମଣିଷ ନିଜ ଆବଶ୍ୟକତାକୁ ପୂରଣ କରିବା ପାଇଁ ପରିବେଶ ଉପରେ । ତଥାପି ସେହି ଆବଶ୍ୟକତା ଠାରୁ ଅଧିକ ପାଇବାର ଲୋଭରୁ ନିଜକୁ ନିବୃତ୍ତରଖି ନପାରି ପ୍ରାକୃତିକ ସମ୍ଭାରକୁ ନଷ୍ଟ କରିବାରେ ଲାଗିଛି । ଯାହା କଦାପି ମଙ୍ଗଳପ୍ରଦ ନୁହେଁ । ଯାହା ଆଦିମ ଅରଣ୍ୟରେ ଉପନ୍ୟାସିକ ଦୃଢ ଭାବରେ ନିଜର ମତ ଦେଇଛନ୍ତି ।

ରାଧାମୋହନ ମହାପାତ୍ରଙ୍କ 'ଜଙ୍ଗଲର ଜମାନବନ୍ଦୀ' ମଣିଷ ନିଜର ଚାହିଦାକୁ ପରିପୂରଣ କରିବା ପାଇଁ ଧୀରେ ଧୀରେ ଜଙ୍ଗଲ କ୍ଷୟ କରିବାରେ ଲାଗିଛି । ଫଳରେ ଜଙ୍ଗଲରେ ବସବାସ କରୁଥିବା ବନ୍ୟଜନ୍ତୁ ବାସହରା, ଖାଦ୍ୟହରା ହୋଇ ମଣିଷଙ୍କ ବସ୍ତିରେ ଆସିବାକୁ ଲାଗିଲେ । ମଣିଷ ନିଜର ଆତ୍ମରକ୍ଷା ଏବଂ ଶସ୍ୟ ରକ୍ଷା କରିବା ପାଇଁ ବିଭିନ୍ନ କୌଶଳ ପ୍ରୟୋଗ କରି ପଶୁମାନଙ୍କୁ ହତ୍ୟା କରିବାକୁ ଲାଗିଲା । ଏହିପରି ବନ୍ୟଜନ୍ତୁ ଓ ଜଙ୍ଗଲକୁ କେନ୍ଦ୍ରକରି ରାଧାମୋହନ ମହାପାତ୍ରଙ୍କ 'ଜଙ୍ଗଲର ଜମାନବନ୍ଦୀ' (୧୯୯୪) ଉପନ୍ୟାସ ରଚିତ । ଏଥିରେ ଲେଖକଙ୍କର ଅନୁଭୂତିମୂଳକ ଏବଂ

କିଛି ପରିମାଣରେ ତାଙ୍କର ଆତ୍ମଜୀବନୀ ମୂଳକ ଘଟଣା ରହିଛି । ଲେଖକ ନିଜେ ଜଣେ ଶିକାରୀ ଏବଂ ବନ୍ୟଜନ୍ତୁ ସଂରକ୍ଷଣର ସକ୍ରିୟ ସଭ୍ୟ । ସମ୍ବଲପୁର ଜିଲ୍ଲା ହେମଗିରି ବନ ଭୂଖଣ୍ଡ ଉପନ୍ୟାସର ପୃଷ୍ଠଭୂମି । ଏହି ଉପନ୍ୟାସରେ ଲେଖକ ନିଜେ ହିଁ ପ୍ରଧାନ ନାୟକ । ତାଙ୍କ ଶିକାର ଅଭିଯାନର ସହକର୍ମୀ ଅବସରପ୍ରାପ୍ତ ସାମରିକ ଅଫିସର ପ୍ରେମସାଗରତିବାରି, ଶିକାର ସମୟରେ ବାଟ କଢାଇ ନେଉଥିବା ସହଚର ଜଙ୍ଗଲି ମଣିଷ ଚିମା ଭୋତ୍ରା । ଚିମାର ଗୁହାଳ ଘରେ ଚିତାବାଘ ଆକ୍ରମଣରେ ତା'ର ମୃତ୍ୟୁ ଘଟିଛି । ତା'ର ପୁଅ ଶୁକ୍ରୁ ମଧ୍ୟ ବାଘ ଖାଇ ଯାଇଛି । ଏପରିକି ଲେଖକଙ୍କ ବନ୍ଧୁ ଗୌନ୍ତିଆ ଶ୍ରୀଚରଣ ଶର୍ମାଙ୍କ ୪ ବର୍ଷର କନ୍ୟା ଜିନିକୁ ମଧ୍ୟ ଚିତାବାଘ ଟେକି ନେଇଛି । ଚିତାବାଘ ମାତି ମଣିଷଙ୍କୁ, ଶସ୍ୟ, ଗୋରୁ ବିଭିନ୍ନ ପଶୁମାନଙ୍କୁ ଖାଇଯାଇଛି । ଫଳରେ ଡାଘେରା ପାର୍ବତ୍ୟାଞ୍ଚଳ ଲୋକମାନଙ୍କ ଧନଜୀବନ ବିପନ୍ନ ଚରମ ଦୁଃସ୍ଥିତି ସ୍ରଷ୍ଟାଙ୍କୁ ବାଧ୍ୟ କରିଥିଲା ଗଙ୍ଗା ଓ ବନରାଜର ମା' ଚିତାବାଘୁଣୀକୁ ବଧ କରିବା ପାଇଁ । ଶେଷରେ ଚିତାବାଘର ଦୁଇଟି ଶାବକ ଗଙ୍ଗା ଓ ବନରାଜକୁ ଚିଡିଆଖାନାରେ ଛାଡ଼ି ଦେଇଛନ୍ତି । ଏହା ସହ କୋଚିଲାଖାଇ, ମହୁମାଛି, ମହାବଳ ବାଘ, ଚିତାବାଘ ଆଦି ବନ୍ୟ ପଶୁମାନଙ୍କ ଜୀବନଧାରା ସମ୍ପର୍କରେ ସୂଚନା ଦେବା ସଙ୍ଗେସଙ୍ଗେ ବର୍ତ୍ତମାନ ସମୟରେ ହେଉଥିବା ଦ୍ରୁତ ଜଙ୍ଗଲ କ୍ଷୟ ଓ ଏହିସବୁ ପ୍ରାଣୀମାନଙ୍କ ସଂଖ୍ୟା ହ୍ରାସ ଯୋଗୁଁ ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି । ଯେମିତିକି ଉପନ୍ୟାସରେ ଔପନ୍ୟାସିକ କହିଛନ୍ତି- "ମଣିଷ ସମାଜ ଓ ପଶୁପକ୍ଷୀ ଜଗତର ସମ୍ପର୍କ ନିବିଡ଼ । ଦିନେ ଆଦିମ ମଣିଷ ପଶୁ ଭଳି ବଣରେ ରହି ଯାଯାବର ଜୀବନଯାପନ କରୁଥିଲା । xxx କିନ୍ତୁ ଜନସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପଶୁମାନଙ୍କ ପରିମାଣ ଠିକ୍ ବିପରୀତ ଦିଗରେ ଗତି କରୁଛି ଗୋଟାଏ ଜ୍ୟାମିତିକ ଧାରର ବ୍ୟବଧାନ ପରି । ବନ୍ୟପ୍ରାଣୀମାନେ ନିର୍ବିଘ୍ନରେ ବାସକରିବା ପାଇଁ ଅଗନାଅଗନି ବନସ୍ତ ଆଉ ନାହିଁ । ପ୍ରବଳ ଜନସଂଖ୍ୟା ବିସ୍ଫୋରଣରେ ଅରଣ୍ୟ ବିପର୍ଯ୍ୟସ୍ତ, ବନ୍ୟପ୍ରାଣୀ ବିପଦଗ୍ରସ୍ତ । ଅବଶ୍ୟ ଅଖିଳ ବିଶ୍ୱ ଆଜି ଏଥିପାଇଁ ଚିନ୍ତିତ, ବ୍ୟଥିତ । ଏଣୁ ପୃଥିବୀ ସାରା ଗଢିଉଠିଛି ଅନେକ ଅନୁଷ୍ଠାନ, ବହୁ ଆଭିମୁଖ୍ୟ । ମୁଁ ମଧ୍ୟ ବିଶ୍ୱ ବନ୍ୟଜନ୍ତୁ ସଂରକ୍ଷଣ ସଂଘର ଜଣେ ସକ୍ରିୟ ସଭ୍ୟ । xxx ଚିନ୍ତାଶୀଳ ବନ ବିଶାରଦ କ୍ଷୟିଷ୍ଣୁ ଜନ୍ତୁ ଓ ଉଦ୍ଭିଦମାନଙ୍କୁ ରକ୍ଷା କରିବା ପାଇଁ ପ୍ରାଣାନ୍ତକ ଉଦ୍ୟମ କରି ଆସୁଛନ୍ତି । ପ୍ରଦୂଷଣ ରୋକିବା ଓ ପରିବେଶ ସୁରକ୍ଷା କରିବା ଆଧୁନିକ ସମାଜର ଆବଶ୍ୟକତା ହୋଇପଡ଼ିଛି ।" ପରିବେଶ ସଚେତନତା ପାଇଁ ଲେଖକ କେତେ ଚେଷ୍ଟିତ ଥିଲେ ଏହା ଏଥିରୁ ସ୍ପଷ୍ଟ ଭାବରେ ପ୍ରତିଭାତ ହୁଏ ।

ମଣିଷ ନିଜ ବାସଭୂମିର ଭୌଗୋଳିକ ସୀମାରେଖା ବୃଦ୍ଧି କରିବା ପାଇଁ ଏବଂ ଜଙ୍ଗଲଜାତ ବୃକ୍ଷ ଓ ଅନ୍ୟାନ୍ୟ ପଦାର୍ଥ ଲୁଣ୍ଠନ କରିବା ପାଇଁ ଆରମ୍ଭ କରିଛି ପଶୁଙ୍କୁ ଶିକାର ଓ ଅରଣ୍ୟକୁ ସହରରେ ପରିଣତ କରିବା । ଏକଦା ଦିନେ ସିଂହ, ବାଘ ଆଦି ପ୍ରାଣୀ ହିଂସ୍ର ପଶୁ ଭାବରେ ପରିଗଣିତ ହେଉଥିଲେ । ମଣିଷ ଥିଲା ସେମାନଙ୍କର ସୁସ୍ୱାଦୁ ଆହାର କିନ୍ତୁ ମଣିଷ ଆଜି ହିଂସ୍ର ପାଲଟି ଯାଇଛି । ହିଂସ୍ର ମଣିଷର ପରାକ୍ରମ ପାଖରେ ବାଘ, ସିଂହ ଆଦି ପଶୁହୀନ ବଳ ଓ ପରାଜିତ । ଏହିପରି ପଶୁ ଓ ମଣିଷ ଭିତରେ ଯେଉଁ ଲଢେଇ ଚାଲିଛି, ସେଥିରେ ଅରଣ୍ୟ ତାର ସୌନ୍ଦର୍ଯ୍ୟ ହରାଇବା ସହିତ ପଶୁ ତା'ର ଅସ୍ତିତ୍ୱ ହରାଇବାରେ ଲାଗିଛି । ମଣିଷ ଆଜି ନିଜେ ଜଙ୍ଗଲ ଓ ପଶୁସମ୍ପଦର ଧ୍ୱଂସର ମୂଳ କାରଣ । ପଶୁର ହିଂସ୍ରତା ଅପେକ୍ଷା ମଣିଷର ନୃଶଂସତା କିପରି ଆହୁରି ଭୟାନକ ହୋଇଉଠିଛି ତାହା ରାଧାମୋହନ ମହାପାତ୍ରଙ୍କ 'ବ୍ୟାଘ୍ର ନିନାଦ' ଉପନ୍ୟାସରେ ପ୍ରତିଫଳିତ । ତାଙ୍କର ଜଙ୍ଗଲ ଡାଏରୀ ଭିତ୍ତିକ ଉପନ୍ୟାସ 'ଜଙ୍ଗଲର ଜମାନବନ୍ଦୀ' ପରେ 'ବ୍ୟାଘ୍ର ନିନାଦ' ସେହି ଅଙ୍ଗେନିଭା ଘଟଣାର ଆଉ ଏକ କଳାତ୍ମକ ଦଲିଲ । କିନ୍ତୁ ଏହା ତାଙ୍କର ଅନୁଭୂତିମୂଳକ ହୋଇଥିଲେ ମଧ୍ୟ,ଏଥିରେ ଛତ୍ରେ ଛତ୍ରେ ଭରି ରହିଛି ଲେଖକଙ୍କର ବନ୍ୟସମ୍ପଦ, ବନ୍ୟଜନ୍ତୁ ପ୍ରତି ମାର୍ମିକ ସ୍ନେହ ଓ ସହାନୁଭୂତି । ଓଡ଼ିଶାର ବରଗଡ଼ ଜିଲ୍ଲାର ବାରପାହାଡ଼ ବନଦେଶ ଲେଖକଙ୍କୁ ବହୁବାର ଆକୃଷ୍ଟ କରିଛି । ସେ ତାଙ୍କ ଶିକାରୀ ଜୀବନର ବହୁ ସମୟ ଏହି ବନାଞ୍ଚଳରେ କଟାଇଛନ୍ତି ସାଥୀ ପ୍ରେମସାଗର ତିୱାରୀଙ୍କ ସହିତ । ବଣ ଭ୍ରମଣ କାଳରେ ବାରପାହାଡ଼ସ୍ଥ ଝର୍ଣ୍ଣ ପ୍ରପାତରେ ଅର୍ଦ୍ଧମୃତ ଅବସ୍ଥାରେ ଏକ ପୁରୁଷ ଚିତାବାଘକୁ ଉଦ୍ଧାର କରିଛନ୍ତି । ଅଣ୍ଟା ଭାଙ୍ଗି ଯାଇଥିବା ଚିତାବାଘ ପ୍ରତି ଲେଖକଙ୍କ ହୃଦୟରେ ସୃଷ୍ଟି କରିଥିଲା ଗଭୀର ଅନୁକମ୍ପା ଓ ସମବେଦନା । ନିବିଡ଼ ଜଙ୍ଗଲ ମଧ୍ୟରେ ତା'ର ଚିକିତ୍ସା ଓ ଆରୋଗ୍ୟ ବ୍ୟବସ୍ଥା କରି ମାଂସାଶୀ, ହିଂସ୍ର ଚିତାବାଘକୁ 'ସାଏବା' ନାମରେ ପୋଷା ପଶୁ ଭାବରେ ପରିଣତ କରିଛନ୍ତି । ପଶୁ ପ୍ରତି ଲେଖକଙ୍କର ଦୟା ବିଗଳିତ ହୃଦୟର କରୁଣ ଆଲେଖ୍ୟର ମୂର୍ଚ୍ଛନାର ନିନାଦିତ । ଏହା ସହିତ ଅବକ୍ଷୟ ଉନ୍ମୁଖ ଅରଣ୍ୟ ସମ୍ପଦର ରକ୍ଷଣା ବେକ୍ଷଣ ପାଇଁ ଏକ ମୌନ ନିବେଦନ ଜଣାଇଛନ୍ତି । ତେଣୁ କୁହିଲା ମାଲର ୯୨ ବର୍ଷୀୟ ବୃଦ୍ଧବୁଢନ ସାଉଁତାର ଭାଷାରେ ଲେଖକ କହୁଛନ୍ତି- "ଜଙ୍ଗଲ ନାଇନ, ଜନ୍ତୁ ନାଇନ । ଜୀବଜନ୍ତୁ ମଣିଷ ଖାଇବା କେମିତି । ଜନ୍ତୁ ଆଗେ ଖାଇଁମେ । ତା'ପରେ ଯାହା ବନଲା, ମଣିଷ ଖାଇଁମେ । ସବୁ ଜନ୍ତୁତ ମରି ଗଲେନ, ଜଙ୍ଗଲ ସରି ଗଲେନ ।

ମଣିଷ ସବଶେଷ କରିଦେଲାନ । ବିଷ ଦେଇ ବାଘକେ ମାରଲା, ଚମଡା ପାଇଲା । ହାତୀକେ ମାରଲା, ଦାନ୍ତ ବିକଲା । ଗଛ କାଟଲା, ବିକଲା ସବଶେଷ କଲା । ଭଗବାଁ ରୋଷ କଲା, ବିଚାରିଲା ଏସବ ମନୁଷ କେ କାମ ।

ମଣିଷମୟ ପୃଥିବୀରେ ବନ ଓ ବନ୍ୟଜନ୍ତୁ ପ୍ରକୃତି ପରିବେଶର ଏକ ଅବିଚ୍ଛେଦ୍ୟ ଅଙ୍ଗ କିନ୍ତୁ ଧୀରେ ଧୀରେ ଦ୍ରୁତ ଅବକ୍ଷୟ ଘଟୁଛି ଜଙ୍ଗଲର । ବିପଦମୁଖୀ ହେଉଛନ୍ତି ବଣ୍ୟ ପ୍ରାଣୀଜଗତ । ମଣିଷ ସେମାନଙ୍କ ସୁରକ୍ଷା ପାଇଁ ସଚେତନ ନ ହେଲେ, ଭବିଷ୍ୟତରେ ଏହି ଐତିହ୍ୟ ପ୍ରାଣୀ ନିଶ୍ଚିହ୍ନ ହୋଇଯିବାର ଆଶଙ୍କା ଦେଖାଗଲାଣି । ଏହି ପରିପ୍ରେକ୍ଷୀରେ ଅରଣ୍ୟ ସଂସ୍କୃତି ପୃଷ୍ଠଭୂମିରେ ରଚିତ ହୋଇଛି ରାଧାମୋହନ ମହାପାତ୍ରଙ୍କ 'ମିଷ୍ଟର ଖରସେଲ' ଉପନ୍ୟାସ । ଏହାର ନାୟକ ହେଉଛି ଏକ ବଣ୍ୟଜୀବ ହାତୀ, ଯାହାର ନାମ ଔପନ୍ୟାସିକ ଦେଇଛନ୍ତି ଖରସେଲ । ଏହି ହାତୀ ଭିତରେ ରହିଛି ମଣିଷ ଭଳି ଆବେଗ ପ୍ରବୃତ୍ତି ଆଉ ପ୍ରେମ । ହାତୀକୁ ଯଦି ମଣିଷ ନିଜର ବନ୍ଧୁ କରିପାରିବ, ତେବେ ହାତୀ ମଣିଷର କିଛି କ୍ଷତି କରିବ ନାହିଁ । ଜଙ୍ଗଲ କ୍ଷୟ ଯୋଗୁଁ ହାତୀ ଜନବସତି ଅଞ୍ଚଳକୁ ଚାଲି ଆସୁଛନ୍ତି ଧନ ଜୀବନର କ୍ଷତି ଘଟାଉଛନ୍ତି । କିନ୍ତୁ ହାତୀ ଭିତରେ ମଧ୍ୟ ରହିଛି ମଣିଷ ଭଳି ଆବେଗ, ପ୍ରେମ ଏବଂ ବିଦ୍ରୋହ ଓ ବିପ୍ଳବର ଶକ୍ତି । ତାକୁ ବନ୍ଦୀ କରାଯାଏ ତ କେହି ଖୁସି ହୁଅନ୍ତି ହେଲେ ଅନେକ ତା'ର ମୁକ୍ତି ଲୋଡ଼ନ୍ତି । ଔପନ୍ୟାସିକ ତାକୁ ମାରି ଦେବାର ପରିସ୍ଥିତିରୁ ଉଦ୍ଧାର କରିଛନ୍ତି । ପ୍ରକୃତିର ପରିବର୍ତ୍ତନ ଓ ସନ୍ତୁଳନ ଏବଂ ମଣିଷର ଆଚରଣର ବଳୟ ଭିତରେ ହାତୀ 'ଖରସେଲ'କୁ ପ୍ରତୀକ ଭାବେ ଉପସ୍ଥାପିତ କରାଯାଇ ଆଜି ଓ କାଲିର ବନ୍ୟଜନ୍ତୁ ସୁରକ୍ଷା ପ୍ରତି ଜନ ସଚେତନତା ସୃଷ୍ଟି କରାଯାଇଛି । ଏହା ସହିତ ପ୍ରକୃତି ଉପରେ ମଣିଷର ଅବିଚାର ଦିନକୁ ଦିନ ବଢି ଚାଲିଥିବା ବେଳେ ଏ ଉପନ୍ୟାସଟି ମଣିଷକୁ ତା' ଦାୟିତ୍ୱବୋଧ ପ୍ରତି ସଚେତନ କରାଇବ ।

ତରୁଣକାନ୍ତି ମିଶ୍ରଙ୍କ 'ଶରଦଃ ଶତମ୍' (୨୦୦୫) ୧୯୫୮ ରେ ଦେଶ ବିଭାଜନ ପରେ ପୂର୍ବବଙ୍ଗର ଲକ୍ଷ ଲକ୍ଷ ଲୋକଙ୍କୁ ବିସ୍ଥାପିତ କରାଯାଇଥିଲା । ସେମାନଙ୍କୁ କ୍ରମଶଃ ପୁନର୍ବାସ ଦିଆଯାଇଥିଲା ଓଡ଼ିଶା ଓ ମଧ୍ୟପ୍ରଦେଶର ହଜାର ହଜାର କିଲୋମିଟର ପରିବ୍ୟାପ୍ତ ଦଣ୍ଡକାରଣ୍ୟରେ । ଏବଂ ଏହି ଦଣ୍ଡକାରଣ୍ୟ ପ୍ରୋଜେକ୍ଟର ପରିକଳ୍ପନା ହୋଇଥିଲା କେବଳ ଶରଣାର୍ଥୀମାନଙ୍କ ଆଶ୍ରୟ ଉଦ୍ଦେଶ୍ୟରେ । ଯେଉଁଠି ଲୋକମାନଙ୍କ ବସତି ସ୍ଥାପନ ନିମନ୍ତେ ଏଠିକାର ହଜାର ହଜାର ଏକରର ଜଙ୍ଗଲ ସଫା କରି ବାସପଯୋଗୀ କରାଯାଇଥିଲା । ଯାହାଫଳରେ ଏଠିକାର ପରିବେଶ ଉପରେ ଏହାର ଗଭୀର ପ୍ରଭାବ ପଡିଥିଲା । ସାଧାରଣତଃ ଜଙ୍ଗଲ ହିଁ ଜଳବାୟୁ ଏବଂ ପରିବେଶର ସନ୍ତୁଳନ ରକ୍ଷା କରିବାର ଏକ ପ୍ରମୁଖ ଉପାଦାନ । ବୃକ୍ଷ ବା ଜଙ୍ଗଲ ବିନା ସୁସ୍ଥ ପରିବେଶ, ଆବଶ୍ୟକ ପରିମାଣର ବୃଷ୍ଟିପାତ ଏବଂ ସ୍ୱାସ୍ଥ୍ୟକର ପରିବେଶ ଆଶା କରାଯାଇ ନପାରେ । ତେଣୁ ଏ ସମ୍ପର୍କରେ ଉପନ୍ୟାସରେ ସୂଚିତ କରାଯାଇଥିବା ଲେଖକୀୟ ଅଭିବ୍ୟକ୍ତି ଏଠାରେ ଉଲ୍ଲେଖ କରାଯାଇପାରେ ଉପନ୍ୟାସର ନାୟକ ସିଦ୍ଧାର୍ଥ ଓ ବିଧାନ ସରକାର ଚରିତ୍ର ମାଧ୍ୟମରେ– "କିଛି ବାଟ ଗଲା ପରେ ସେ ଦେଖିଥିଲେ ତା' ଚାରିପାଖକୁ । କୁଢକୁଢ ଶବ ପରି ପଡ଼ି ରହିଥିଲା ଏଠି ସେଠି ଅନେକ ଗଛର ଗଣ୍ଡି । xxx ବିଧାନ ସରକାର ହିସାବ ଦେଇ କହିଥିଲେ, ଅଣାଅଶି ହଜାରଏକର ଜଙ୍ଗଲ ଲୋପ ପାଇ ସାରିଲାଣି ଏଇ ପ୍ରୋଜେକ୍ଟର ଭିତ୍ତି ପଡ଼ିବା ଦିନଠାରୁ । xxx ଗଛ ସବୁ କଟିଯିବା ପରେ, ମାଲକାନଗିରି ଗରମ ତାଓ୍ୱାରେ ପରିଣତ ହୋଇଛି । ବିରସ ସ୍ୱରରେ ଦିନେ ବିଧାନବାବୁ କହିଥିଲେ–ଏ ଅଞ୍ଚଳରେ ଖାଲି ଦୁଇଟି ଋତୁ ରହିଯାଇଛି । ଗ୍ରୀଷ୍ମଋତୁ, ଅତି ଗ୍ରୀଷ୍ମଋତୁ । ଉକ୍ତ ଉପନ୍ୟାସରେ ଔପନ୍ୟାସିକ ଘଟଣାକ୍ରମରେ ପରିବେଶର ଅବକ୍ଷୟଜନିତ ବିଭୀଷିକା ସମ୍ପର୍କରେ ପରୋକ୍ଷରେ ସତର୍କ କରି ଦେଇଛନ୍ତି । ପରିବେଶ ନଷ୍ଟ ଫଳରେ ପରିଣାମର ଭୟାବହତା ଏବଂ ସାଧାରଣ ଜନଜୀବନ ଉପରେ ଏହାର ପ୍ରଭାବ ସମ୍ପର୍କରେ ମଣିଷର ଅପରିଣାମଦର୍ଶିତା ପ୍ରତି ଲେଖକ ଅଙ୍ଗୁଳି ନିର୍ଦ୍ଦେଶ କରି ଉପନ୍ୟାସର ବିଧାନ ସରକାର ଚରିତ୍ର ଦ୍ୱାରା ଔପନ୍ୟାସିକ ଦୃଢ କଣ୍ଠରେ ଘୋଷଣା କରିଛନ୍ତି– "ପରିବେଶକୁ ଯେମିତି ଭାବେ ଏଠି ନଷ୍ଟ କରାଯାଇଛି, ବଣଜଙ୍ଗଲ କାଟି ସଫା କରାଯାଇଛି, ନିୟତି କେବେ କ୍ଷମା ଦେବ ନାହିଁ ଆମକୁ, ଯା'ର ପରିଣାମ ଆମକୁ ଦିନେ ଭୋଗିବାକୁ ହିଁ ପଡ଼ିବ ।"

ମଣିଷ ଯେତେ ଯେତେ ସଭ୍ୟଶିକ୍ଷିତ ହେଉଛି ସେତେ ସେତେ ସେ ପରିବେଶର କ୍ଷୟ କରୁଛି । ଧୀରେ ଧୀରେ ଜନସଂଖ୍ୟା ବୃଦ୍ଧି ଫଳରେ ମଣିଷ ଜଙ୍ଗଲ କାଟି ଘର ତିଆରି କରୁଛି, ଉନ୍ନତି ନାଁରେ ବିଭିନ୍ନ କଳକାରଖାନା ତିଆରି, ଖଣି ଖୋଦନ କରୁଛି, ଏପରିକି ଧୀରେ ଧୀରେ ସେ ସଭ୍ୟଶିକ୍ଷିତରୁ ଯନ୍ତ୍ର ମଣିଷ ପାଲଟି ଗଲାଣି । ଯାହାଫଳରେ ଜଙ୍ଗଲ କ୍ଷୟ ହେବା ସହିତ ପଶୁପକ୍ଷୀ ଇତ୍ୟାଦି ବନ୍ୟଜନ୍ତୁଗୁଡ଼ିକ ମଧ୍ୟ ଲୋପ ପାଇବାକୁ ବସିଲେଣି ଏବଂ ପରିବେଶ ସହିତ ପୂର୍ବରୁ ଆମର ଯେଉଁ ସମ୍ପର୍କ ଥିଲା ତାହା ମଧ୍ୟ

ଦୂରସ୍ଥ ହୋଇଯାଉଛି । ଏହି ଦୃଷ୍ଟିରୁ ଯଦି ଆମେ ଦେଖିବା କଇଲାଶ ପଟ୍ଟନାୟକଙ୍କ 'ସ୍ଥାବର ଜଙ୍ଗମ' (୨୦୦୭) ଏକ ଅନନ୍ୟ ପରିବେଶକୈନ୍ଦ୍ରିକ ଉପନ୍ୟାସ । ଯାହାକି ଆମକୁ ପୁଣିଥରେ ପରିବେଶ ବା ପ୍ରକୃତି ସହିତ ସିଧାସଳଖ ନହେଲେ ବି ପରୋକ୍ଷରେ ଯୋଡ଼ିବାକୁ ଚେଷ୍ଟା କରୁଛି । ଏହି ଉପନ୍ୟାସଟି ସମ୍ପୂର୍ଣ୍ଣ ଭାବରେ ଅଣମାନବୀୟ ଚରିତ୍ରକୁ ନେଇ ରଚିତ । ଏଥିରେ ପ୍ରତ୍ୟକ୍ଷ ଭାବରେ ପରିବେଶ ପ୍ରସଙ୍ଗ, ପରିବେଶ ସଚେତନତା ଆସି ନଥିଲେ ମଧ୍ୟ ପରୋକ୍ଷ ଭାବରେ ପରିବେଶର ଚିତ୍ରରଞ୍ଜିତ ହୋଇଛି । ଉପନ୍ୟାସରେ ଶାଳଗଛ, ବରଗଛ, ଶାଗୁଆନ, ଛତୁ, ଗୁଣ୍ଡୁଚି ମୂଷା, ହଳଦୀବସନ୍ତ, ଶାଗୁଣା, ମଇଁଷି, କାଉ, ମାଙ୍କଡ, କୁକୁଡ଼ା, ସାପ, କୋଚିଲାଖାଇ, କୁମ୍ଭାଟୁଆ, ଆଦି ବୃକ୍ଷଲତା ସହିତ ଜୀବଜନ୍ତୁ ଦେଖିବାକୁ ପାଉ ଯାହା ବର୍ତ୍ତମାନ ସମୟରେ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି । ଏବଂ ଏହିସବୁ ବୃକ୍ଷଲତା, ପଶୁପକ୍ଷୀ ଏ ଉପନ୍ୟାସର ଗୋଟିଏ ଗୋଟିଏ ଚରିତ୍ର ଯେଉଁଥିରେ ତାଙ୍କର ପ୍ରକୃତିଗତ ଚିତ୍ର ଓ ମଣିଷ ସୁଲଭୀୟଗୁଣ ଫୁଟିଉଠିଛି ଯେମିତି ଶାଳଗଛ ଭିତରେ ଗଭୀର ଇଚ୍ଛାଶକ୍ତି ଜାଗ୍ରତ, କୁକୁରର ସାହସିକତା ଓ ଚାଲାକିପଣ, ମାଇ ମାଙ୍କଡୀ ଭିତରେ ବାତ୍ସଲ୍ୟ ମମତା ଏବଂ ଏକା ବଞ୍ଚିବାର ମନୋବଳ, କୁମ୍ଭାଟୁଆ ଦମ୍ପତିଙ୍କ ପ୍ରଣୟ, ବେକ ମୋଡ଼ି ହୋଇଥିବା ମୁମୂର୍ଷୁ ଗଞ୍ଜାଟି ଯେମିତି ମୃତ୍ୟୁକୁ ଏଡାଇ ଜୀବନମୁଖୀ ହେବାର ସଂକଳ୍ପ, କୋଚିଲାଖାଇ ଦମ୍ପତିଙ୍କ ସୁଖୀ ଦାମ୍ପତ୍ୟ ଜୀବନ ଇତ୍ୟାଦି । ସମ୍ପ୍ରତି ବିଶ୍ୱରେ ଗଛକଟା ଏତେ ମାତ୍ରାରେ ହେଉଛି ଯେ ଧୀରେ ଧୀରେ ଜଙ୍ଗଲ ସଂଖ୍ୟା ମଧ୍ୟ କମିଯାଉଛି । ଯାହାଫଳରେ ଉପନ୍ୟାସରେ ଥିଲା ଶାଗୁଣାର- ଖିର, ଖିର, ମାଙ୍କଡ଼ର-ହଁ... ହଁ, କୁମ୍ଭାଟୁଆର- କୁପ... କୁପ, କୋଚିଲାଖାଇର- କକ୍ କ... କକ୍ କ ଆଦି ପଶୁପକ୍ଷୀଙ୍କ ରାବ ସହିତ ବର୍ତ୍ତମାନର ମଣିଷମାନେ ପରିଚିତ ନଥିବେ ।

ତେଣୁ ମୋଟାମୋଟି ଭାବରେ କହିବାକୁ ଗଲେ ଏହି ଉପନ୍ୟାସରେ ଔପନ୍ୟାସିକ ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟକ୍ଷ ଭାବରେ ସଚେତନତା କରି ନଥିଲେ ମଧ୍ୟ ପରୋକ୍ଷ ଭାବରେ ବ୍ୟଞ୍ଜିତ ହୋଇଛି । ଔପନ୍ୟାସିକ ପ୍ରକୃତିର ଚିତ୍ର ଦେଖେଇ ଦେଇକି ପ୍ରାୟ ବିସ୍ମୃତ ପ୍ରକୃତିର ଜଗତକୁ ମଣିଷଙ୍କ ପାଖକୁ ଆଣି ଠିଆ କରାଇଛନ୍ତି । ପ୍ରକୃତିର ସମ୍ପର୍କରେ ଭାବିବା ପାଇଁ ଅବସର ଦେଇଛନ୍ତି । ଏହି ଭାବିବାଟା ହିଁ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ଭାବିବା ଦ୍ୱାରା ବହୁତ ଅଜଣା ତଥ୍ୟ ପାଠକଙ୍କ ପାଖକୁ ଆସିପାରେ ।

**ପ୍ରାକୃତିକ ଦୁର୍ବିପାକଜନିତ :**

ପ୍ରକୃତି ବା ପରିବେଶର ଅନ୍ୟତମ କରାଳରୂପ ହେଉଛି ବାତ୍ୟା । ଗତ ଦୁଇ ଦଶନ୍ଧି ଧରି ଭାରତରେ ଅତ୍ୟଧିକ ପରିମାଣରେ ବୃଷ୍ଟିପାତ, ବନ୍ୟା, ବାତ୍ୟା ଦେଖାଦେଉଛି । ସମୁଦ୍ରକୂଳିଆ ଅଞ୍ଚଳ ଏବଂ ନଦୀତଟର ଗ୍ରାମାଞ୍ଚଳଗୁଡିକରେ ବସବାସ କରୁଥିବା ଲୋକମାନଙ୍କର ଧନଜୀବନ କ୍ଷତି ହେବା ସହିତ ମୃତ୍ୟୁବରଣ କରୁଛନ୍ତି । ଏହି ବନ୍ୟା, ବାତ୍ୟା ସୃଷ୍ଟି ହେବାର ମୁଖ୍ୟ କାରଣ ହେଉଛି ଭୂମଣ୍ଡଳୀୟ ଉତ୍ତପ୍ତକରଣ ବା global warming । ଏହାର ପ୍ରଭାବରେ ସମଗ୍ର ଭୂମଣ୍ଡଳରେ ଜଳବାୟୁ ବା ପାଣିପାଗ ଅବସ୍ଥାରେ କ୍ରମବର୍ଦ୍ଧିଷ୍ଣୁ ପରିବର୍ତ୍ତନ ହେବା ସହ ସମୁଦ୍ର ଉତ୍ତପ୍ତକରଣ, ବରଫଖଣ୍ଡ ତରଳିବା, ସମୁଦ୍ର ପତ୍ତନ ବୃଦ୍ଧି ଆଦି ଘଟେ । ଫଳରେ ବନ୍ୟା ବାତ୍ୟା ସୃଷ୍ଟି ହୋଇଥାଏ । ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳ ପ୍ରଶାସନ (national oceanic and atmospheric administration) ର ଆକଳନ ଅନୁସାରେ ୧୮୮୦ ମସିହାଠାରୁ ୨୦୧୬ ମସିହା ମଧ୍ୟରେ ଭୂମଣ୍ଡଳ ତାପମାତ୍ରାରେ ମୋଟା ମୋଟି ୦.୯୫ ସେଲ୍‌ସିୟସ ବୃଦ୍ଧି ପାଇଛି । ପ୍ରତି ଦଶନ୍ଧିରେ ପରିବର୍ତ୍ତନର ବେଗ ଅତିରିକ୍ତ ୦.୦୭ ସେଲସିୟସ ବୃଦ୍ଧି ପାଉଥିବା ଜଣାଯାଇଛି । ଏହି ତାପମାତ୍ରା ବୃଦ୍ଧି ହେବା ଫଳରେ ୧୯୦୦ ଭୂପୃଷ୍ଠର ତାପମାତ୍ରା ବୃଦ୍ଧି ହେବା ସହିତ ସମୁଦ୍ର ପୃଷ୍ଠ ବା ସମୁଦ୍ର ପତ୍ତନର ବୃଦ୍ଧି ମଧ୍ୟ କ୍ରମାଗତ ଭାବରେ ହୋଇଆସୁଛି ଏବଂ ଏହା ବାର୍ଷିକ ୦୪ ଓ ୦.୧ ଇଞ୍ଚହାରରେ ବୃଦ୍ଧି ହେଉଛି ବୋଲି ବୈଜ୍ଞାନିକମାନଙ୍କର ମତ । କୃଷି ସମ୍ପ୍ରସାରଣ, ଗୃହପାଳିତ ଓ ତୃଣଭୋଜୀ ପ୍ରାଣୀମାନଙ୍କ ସଂଖ୍ୟା, ଜଙ୍ଗଲ କ୍ଷୟ, ଶିଳ୍ପର ବିକାଶ, ଖଣି, କାରଖାନାର ବୃଦ୍ଧି, ଜନସଂଖ୍ୟା ବୃଦ୍ଧି, ମାନବ ପ୍ରରୋଚିତ ସବୁଜ ଗୃହ ନିର୍ଗମନ, ଦ୍ରୁତ ନଗରୀକରଣ, ଆଗ୍ନେୟଗିରି ଉଦ୍‌ଗୀରଣ (volcanic eruption) ଆଦି ବିଶ୍ୱ ତାପମାତ୍ରାକୁ ହ୍ରାସ କରିବାର ଏକମାତ୍ର ଉପାୟ ହେଉଛି ପରିବେଶ ସୁରକ୍ଷା ।

ମଣିଷ ପ୍ରକୃତି କୋଳରେ ଜନ୍ମନିଏ ଏବଂ ମୃତ୍ୟୁବରଣ ମଧ୍ୟ କରେ । କିନ୍ତୁ ମଣିଷ ଧୀରେ ଧୀରେ ଏତେ ଲୋଭୀ ଏବଂ ନୃଶଂସ ହୋଇଗଲା ଯେ ନିଜର ସ୍ୱାର୍ଥ ସାଧନ ପାଇଁ ପ୍ରକୃତିକୁ ଅତ୍ୟାଚାର କରିବାକୁ ଲାଗିଲା । ଏବଂ ଶେଷରେ ପ୍ରକୃତି ମଧ୍ୟ ମଣିଷର ଅତ୍ୟାଚାର ସହି ନପାରି ତା' ଉପରେ ଦାଉ ସାଧିବାକୁ ଲାଗିଲା । ଯେମିତିକି ପ୍ରତିଭା ରାୟଙ୍କ 'ମଗ୍ନମାଟି' (୨୦୦୪) ଉପନ୍ୟାସରେ ୧୯୯୯ ର ମହାବାତ୍ୟା । ୧୯୯୯ ମସିହା ଅକ୍ଟୋବର ୨୯ ତାରିଖରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ଯେଉଁ

ମହାବାତ୍ୟା ଘଟିଥିଲା ତା'ର ପୃଷ୍ଠଭୂମିକୁ କେନ୍ଦ୍ରକରି ଏହି ଉପନ୍ୟାସଟି ରଚିତ । ଉପନ୍ୟାସର ଅଧ୍ୟାୟ ୯ରୁ ଆରମ୍ଭ ହୁଏ କରାଳରୂପୀ ମହାବାତ୍ୟାର ବର୍ଣ୍ଣନା । ଉପକୂଳ ଓଡ଼ିଶାର ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକରେ ଥିବା ସମୁଦ୍ରକୂଳ ଗାଁ ମାନଙ୍କରେ ଏହି ବାତ୍ୟାର ତାଣ୍ଡବ ବିଭୀଷିକାମୟ ହୋଇ ଉଠିଥିଲା । ଉପନ୍ୟାସର ନାୟକ ଉଦ୍ଧବ ଓ ଚାଷୀ ବାଞ୍ଛା ତରେଇ କଥୋପକଥନରୁ ବାତ୍ୟା ଆସିବାର ସୂଚନା ମିଳିଥିଲା ଏବଂ ତା' ସହିତ ଏକ ଅପ୍ରତିହତ ଜୀବନଯାତ୍ରାର ଆଶା ଆଶଙ୍କା ପୂର୍ଣ୍ଣ ଚେତାବନୀଟିଏ ମଧ୍ୟ । ତାହାର କାରଣ ରୂପେ ସେମାନେ ନିର୍ଣ୍ଣୟ କରିଛନ୍ତି ଉଦ୍ଧବ ମାଧ୍ୟମରେ- "ଶୁଣ- ମଣିଷ ଯାହା ନିଜେ ଭେଇଲା, ତା'ର ପରାପତ ପାଇଲା । ଆପଣା ହସ୍ତେ ଜିହ୍ୱା ଛେଦି, କେ ତା'ର ଅଛି ପ୍ରତିବାଦୀ ? ପୁଅ ଚିଙ୍ଗୁଡ଼ି ଘେରି କଲା, ତେଣୁ ତୁମର କୋଠାଘର ହୋଇ ପାରିଲାନି । ତେଣେ ସମସ୍ତେ ମିଳିମିଶି ଜଙ୍ଗଲ କାଟିଲ, ସମୁଦ୍ରକୁ ବାଟ ଛାଡ଼ିଦେଲ- ଏବେ ତ ସାହଣମେଲା । ଆଉ ଭାବି ଲାଭ କ'ଣ "ବାନଛୁ ଦାନ୍ତ ରଗଡ଼ି କହିଲା- "ଆମେ ତ ମରିବା- ତେବେ ଏ ବଙ୍ଗାଳୀଗୁଡ଼ା ସଫା ହୋଇଯିବେ । ମୁଁ କହି ରଖୁଛି ।" xxx "ତାଙ୍କର ଦୋଷଟା କ'ଣ ଶୁଣ- ସେମାନେ ବଡ଼ବଡ଼ ଜାଗାବାଡି ଦଖଲ କରି ତା' ଭିତରେ ସାନ ସାନ ଘରଟିମାନ କରିଛନ୍ତି । ବିଲ ମଝିରେ ଜଣେ ଜଣକଠୁ ଦୂରଛଡା ହୋଇ ରହିଛନ୍ତି । କେତେଟା ନଡ଼ିଆ ଗଛକୁ ଛାଡ଼ି ଦେଲେ ଆଉ ବଣଜଙ୍ଗଲ, ବୁଦା, ଗଛବୃଛ କିଛି ରଖିନାହାନ୍ତି । "ଉଦ୍ଧବ ଓ ବାନଛୁର ଏହି ବକ୍ତବ୍ୟରେ ଉପନ୍ୟାସିକା ପ୍ରତ୍ୟକ୍ଷ ଭାବରେ ନ ହେଲେ ମଧ୍ୟ ପରୋକ୍ଷ ଭାବରେ ପରିବେଶ ପ୍ରତି ସଚେତନ ବାର୍ତ୍ତାଟି ବାରି ହୋଇପଡୁଛି । ପ୍ରକୃତିକୁ ଯିଏ ଆପଣା ସ୍ୱାର୍ଥ ପାଇଁ ଧ୍ୱଂସ କରିବ ତା'ର ଫଳ ନିଶ୍ଚୟ ଭୋଗିବ । ଏପରିକି ପ୍ରକୃତିର କରାଳରୂପ ଔପନ୍ୟାସିକାଙ୍କ କଲମରେ ଜୀବନ୍ତ ହୋଇଉଠିଛି- "ଅନ୍ଧାର ଭିତରେ ଜଟାଧାରୀ ମୁହାଣ ଆଡୁ ଶୁଭୁଥିଲା, ଅଜଗର ଫୁତ୍କାର ଭଳି ସମୁଦ୍ରର ଘୁ ଘୁ ଶବ୍ଦ । ଯେମିତି ଗୋଟିଏ ନୁହେଁ, ଆକାଶ, ପବନ, ସମୁଦ୍ର ସବୁ ମିଶି ଶହ ଶହ ଅଜଗର ପାଲଟି ଯାଇ ଭୈରବ ରଡ଼ି ଦେଉଥିଲେ ଯେ କଳିଯୁଗ ଶେଷ ହେଲା- ଶେଷ ହେଲା । ଆଉ ନ ରହିବେ କେହି... ସମୁଦ୍ର ଦାନ୍ତ କଡ଼ମଡ କରି ସାଁସାଁ ଫାଁ ଫାଁ ଡାକ ଛାଡୁଥିଲା "ଖାଇବି -ଖାଇବି ସମସ୍ତଙ୍କ ମୁଣ୍ଡ ମୋଡ଼ି ଖାଇବି । ତୁମେ ସବୁ ମୋ ସାମ୍ରାଜ୍ୟ, ସଭ୍ୟତାକୁ ପଦା କରି ଦେଇଛ-ଜଙ୍ଗଲ ଖାଇଛ- ସତ୍ୟାନାଶ କରିଛ ମୋର ସୁନ୍ଦର ପ୍ରକୃତିକୁ, ମୁଁ ତୁମକୁ ଖାଇବି, ତୁମର ଗାଁଗଣ୍ଡା, ସାମ୍ରାଜ୍ୟ, ସଭ୍ୟତାକୁ ପଦା କରି ଦେବି, ସଂହାରଲୀଳା ରଚିବି- ନିଜ କଲା କର୍ମର ଫଳ ତୁମକୁ ଭୋଗିବାକୁ ପଡ଼ିବ । "ଉପରୋକ୍ତ ବକ୍ତବ୍ୟରୁ ଜଣାଯାଏ ଯେ ପ୍ରକୃତିର କରାଳରୂପ କେମିତି ମଣିଷର ସ୍ଥିତାବସ୍ଥାକୁ ଦୋହଲାଇ ଦିଏ । ଏହି ମହାବାତ୍ୟାରେ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକର ହରିଶପୁର, ଗଡମରିଚପୁର, ବନ୍ଦର, ବୋରିକିନା, ନାରଦିଆ, ଅଭୟପୁର, ଆମ୍ବିକି ଆଦି ଶହଶହ ଗାଁର ହଜାର ହଜାର ଲୋକ ମୃତ୍ୟୁବରଣ କରିବା ସହିତ ତାଙ୍କର ଧନଜୀବନ, ପଶୁ ପକ୍ଷୀ, ବୃକ୍ଷଲତା ସବୁକିଛି କରାଳ ଗର୍ଭରେ ଲୀନ ହୋଇଗଲା । ଯେମିତିକି- "ଆକାଶ ଉଚ୍ଚାରେ ଥାଇ ଚକ୍ର ଭଳି ଘୂରୁଥାଏ ସମୁଦ୍ର । କେତେବେଳେ ନୀଳ, କେତେବେଳେ ଧୂମାଳ, କେତେବେଳେ ବର୍ଚ୍ଛା ଭଳି ଜୁଆର କେତେ ବେଳେ ଆଖିକୁ ଅନ୍ଧ କରି ଦେଉଥିବା ତୀବ୍ର ଜଳଫୁଆର । କାଟି ଦେଉଥାଏ ହଜାର ହଜାର ମୁଣ୍ଡ- ଗଛ, ବାଲିଚଡା, କୋଠାଘର, ମାଟିଘର, ଧନୀ ଗରିବ, ବୁଧ ଟୋକା, ବ୍ରାହ୍ମଣ, ପାଣ କିଛି ବାଛ ବିଚାର ନରଖି ଘୋଷାଡ଼ି ନେଉଥାଏ ଜଟାଧାରୀ ମୁହାଣ ଦେଇ ନିଜ ଗର୍ଭ ଭିତରକୁ । "ପ୍ରକୃତିର ଏହି ଭୀମ ରୂପକୁ କିଏ ବା ବର୍ଣ୍ଣିପାରେ । ଶେଷରେ ଏହି ବାତ୍ୟା ମଣିଷଠାରୁ ଆରମ୍ଭ କରି ପଶୁ ପକ୍ଷୀ ଏପରିକି ତାଙ୍କର ହଜାର ହଜାର ବର୍ଷର ବୁନିଆଦି ପରମ୍ପରା ସମୁଦ୍ରର କରାଳ ଗର୍ଭରେ ଧୂଳିସାତ କରି ଦେଇଥିଲା । ଏବଂ ଯେଉଁ କେତେଜଣ ମଣିଷ ବଞ୍ଚିଥିଲେ ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କୁ ହରାଇ ତାଙ୍କର ଅବସ୍ଥା ଏମିତି ହୋଇଯାଇଥିଲା ଯେ ଭୋକରେ ଆଉଟୁ ପାଉଟୁ ପେଟ ଦାହ ସଂସ୍କାର ହୋଇପାରି ନଥିବା ପଚାସଢାମଡ଼ା ପାଖରେ ବସି ରିଲିଫ ଖାଦ୍ୟ ଖାଉଥିଲେ, ମଡ଼ା ଭାସୁଥିବା ପାଣି ପିଉଥିଲେ । ପ୍ରକୃତି ଉପରେ ମଣିଷର ଅତ୍ୟାଚାର ଯେତେବେଳେ ଅତ୍ୟଧିକ ହୋଇପଡ଼େ ସେତେବେଳେ ପାଣି, ପବନ, ମାଟି, ଆକାଶ, ସମୁଦ୍ର, ସମସ୍ତେ ଦାଉ ସାଧନ୍ତି । ସେଥିପାଇଁ ତ କୁହାଯାଏ ଆପଣା କଲା କର୍ମମାନ ଆଗେ ହୋଇବ ସାବଧାନ ।

ସେହିପରି ଭୀମ ପୃଷ୍ଟିଙ୍କ 'ସମୁଦ୍ର ମଣିଷ' (୨୦୦୬) ଉପନ୍ୟାସଟିରେ ମଧ୍ୟ ସେହି ବିଶ୍ୱ ତାପମାତ୍ରାର (global warming) ଭୟାବହ ଦିଗଟିକୁ ଔପନ୍ୟାସିକ ପରୋକ୍ଷ ଭାବରେ ସୂଚିତ କରିଛନ୍ତି । ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁ ସମୁଦ୍ରର ଜଳ ପତ୍ତନ ବଢିବାରେ ଲାଗିଛି ଫଳରେ ସାତଭାୟାର ସାତଟି ଗାଁ ମଧ୍ୟରୁ ପାଞ୍ଚଟି ଗାଁ ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଥିଲା । ରହି ଯାଇଥିଲା କେବଳ ଦୁଇଟି ଗାଁ କାନପୁର ଓ ସାତଭାୟା । କ୍ରମଶଃ କାନପୁର ବି ସମୁଦ୍ର ମୁହାଁହୋଇ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି

ଉପନ୍ୟାସରେ । ସମୁଦ୍ରର ପ୍ରହାରରେ କୂଳଖାଇ ଯାଇ ଗାଁ ଗୁଡ଼ିକ ଜଳମଗ୍ନ ହୋଇଯାଉଛି । ସମୁଦ୍ର ମଣିଷ ସମୁଦ୍ରକୂଳରେ ଛିଡା ହୋଇ ତା'ର ପୁରୁଣା ଅତୀତ ଦିନର ସ୍ମୃତି କଥା ମନେପକଉଛି । ଲେଖକଙ୍କ ବର୍ଣ୍ଣନାରେ "-ଓ ସେହି ଛୋଟ ଢେଉ ପାଖରେ ଥିଲା ଆମ ଗାଁ ଦାଣ୍ଡ । ଅଂକାଣୀ ବଂକାଣୀ । ଦୁଇ ପାଖରେ ଗେଞ୍ଜାଗେଞ୍ଜି ଘରଟି ମାନ xxx ଯେଉଁଠି ବଡ଼ ଢେଉଟି ଭାଙ୍ଗିଗଲା- ସେଇଠି ଚାଟଶାଳୀ ଘର । ସଭାଘର । ବୈଠକୀ ଘର, କେତେ ନାଇଁ କେତେ ଘର । ଯେଉଁଠି ସମୁଦ୍ର ଆକାଶ ମିଶିଛି ସେଇଠି କେଉଁଠି ଗାଁଠୁ ଦୂରରେ ଥିଲା ମୋ' ମାମୁଁଘର । କୁଆଡ଼େ ଗଲେ ସାତଭାୟାର ସାତ ସାତଟା ଗାଁରୁ ପାଞ୍ଚଟା ଗାଁର ଲୋକ ?" ପାରାଦ୍ୱୀପ ବନ୍ଦର ଖୋଲିବା ଫଳରେ ପ୍ରତିବର୍ଷ ସାତଭାୟାର ସମୁଦ୍ରକୁ ବିପତ୍ତି ମାଡ଼ି ଆସେ ଏପରିକି ଧୀରେ ଧୀରେ ପାଞ୍ଚଟି ଗାଁ ମଧ୍ୟ ଲୋପ ପାଇଗଲା । ଏପରିକି ସାତଭାୟା ସମୁଦ୍ରକୂଳରେ ଲାଗିକି ଥିବା ହେନ୍ତାଳ ବଣର ଫରେଷ୍ଟରମାନଙ୍କୁ ସଲାସତୁରା କରି କିପରି ମାଫିଆମାନେ ହରିଣ ଚମଡା ଚାଲାଣ, ଜଙ୍ଗଲରୁ କାଠ ଚୋରି ହେଉଛି ତା'ର ଚିତ୍ର ଔପନ୍ୟାସିକ ସ୍ପଷ୍ଟ ଭାବରେ ଦେଖାଇଛନ୍ତି । ଏହା ସହିତ ଫିସିଂ ପାଇଁ ଟ୍ରଲର ବାଲାମାନେ ଆସି ଅବାଧରେ ବାଗଦା ଚିଙ୍ଗୁଡ଼ି ଧରିବା, ବେପାରିମାନେ ସରକାରଙ୍କଠୁ ଲିଜ ନେଇ ଅବାଧରେ ଚିଙ୍ଗୁଡ଼ି ଘେରି କରିବା ଏବଂ ମାଛ ଟ୍ରଲର ଚଳିବା ଯୋଗୁଁ କଇଁଛ ମାନେ ସାତଭାୟା ସମୁଦ୍ରରେ ଆଉ ଅଣ୍ଡା ନଦେଇ ଗହୀରମଥା ଆଡ଼କୁ ଧୀରେ ଧୀରେ ଚାଲି ଯାଉଛନ୍ତି ଆଦିର ଚିତ୍ର ଔପନ୍ୟାସିକ ଦେଖାଇଛନ୍ତି ।

ଶେଷରେ ଏତିକି କୁହାଯାଇପାରେ, ଓଡ଼ିଆ ଉପନ୍ୟାସର ଗତିଶୀଳତା ଭିତରେ କଥାକାର ମାନଙ୍କର ଦୃଷ୍ଟିକୋଣ ସୁବିସ୍ତୃତ ହୋଇଛି । ସମକାଳର ବିବିଧ ସମସ୍ୟା ବିଭିନ୍ନ ରୂପରେ ଉପନ୍ୟାସ ଭିତରେ ରୂପ ପାଇଛି । ସେଇସବୁ ମଧ୍ୟରେ ପରିବେଶ ସଚେତନତା ବାଦ୍ ଯିବ କେମିତି ! ବାସ୍ତବିକ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଏହା ଏକ ସ୍ୱତନ୍ତ୍ର ପ୍ରେକ୍ଷାପଟ୍ଟ । ଯାହାର ଭବିଷ୍ୟତ ସୁବିସ୍ତୃତ, ସୁପ୍ରଶସ୍ତ ।

**ପ୍ରାନ୍ତଟିକା :**


୧. C. Glotfelty and H. Fromm (eds), The Ecocriticism Reader : Landmarks in Literary Ecology, London: University of Georgia Press, 1996
୨. ସାହୁ, କୃପା ସାଗର, ଶେଷ ଶରତ, କୁସୁମିତା ପବ୍ଲିକେଶନ, ଭୁବନେଶ୍ୱର, ପ୍ରଥମ ପ୍ରକାଶ ୨୦୦୬, ପୃଷ୍ଠା -୬୮
୩. ତତ୍ରୈବ, ପୃଷ୍ଠା -୧୦୦
୪. ପଣ୍ଡା, ହୃଷୀକେଶ, ସୁନାପୁଟର ଲୋକେ, ଗ୍ରନ୍ଥମନ୍ଦିର, କଟକ, ପୁନଃମୁଦ୍ରଣ, ୨୦୦୪, ପୃ-୫୨
୫. ତତ୍ରୈବ, ପୃ-୧୦୭
୬. ପଟ୍ଟନାୟକ, ବିଭୂତି, ଆଦି ଅରଣ୍ୟ, ଚତୁରଙ୍ଗ, ୧୯୯୫, ପୃ-୭
୭. ମହାପାତ୍ର, ରାଧାମୋହନ, ଜଙ୍ଗଲର ଜମାନବନ୍ଦୀ, ଦକ୍ଷ ବୁକ୍ସ, କଟକ, ପ୍ରଥମ ପ୍ରକାଶ, ୧୯୯୪, ପୃ-୬
୮. ମହାପାତ୍ର, ରାଧାମୋହନ, ବ୍ୟାଘ୍ର ନିନାଦ, ପ୍ରତିଭାନୀ, ଭୁବନେଶ୍ୱର, ୧୯୯୫, ପୃ-୮୪
୯. ମିଶ୍ର, ତରୁଣକାନ୍ତି, ଶରଦଃ ଶତମ, ବିଦ୍ୟାପୁରୀ, ବାଲୁବଜାର, କଟକ, ପ୍ରଥମ ପ୍ରକାଶ, ୨୦୦୫, ପୃ-୧୪୨
୧୦. ତତ୍ରୈବ, ପୃ-୧୦୯
୧୧. ରାୟ, ପ୍ରତିଭା, ମଗ୍ନମାଟି, ଆଦ୍ୟା ପ୍ରକାଶନୀ, କଟକ, ପ୍ରଥମ ପ୍ରକାଶ, ୨୦୦୪, ପୃ-୩୦୫
୧୨. ତତ୍ରୈବ, ପୃ-୩୩୪
୧୩. ତତ୍ରୈବ, ପୃ-୩୪୩
୧୪. ପୃଷ୍ଟି, ଭୀମ, ସମୁଦ୍ର ମଣିଷ, ୪ ଉପନ୍ୟାସ, ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୨୦୧୯, ପୃ-୨୩୦



ଅଧ୍ୟାପିକା, ଓଡ଼ିଆ ବିଭାଗ,
ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର
ଜଗସିଂହପୁର

ISSN -2583-147X (P), **Vol.- 9, Issue No.XI, February 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ : ସ୍ଥିତି ଓ ପରିବର୍ତ୍ତନ

**ଡ. ପ୍ରମିଳା ପାତ୍ର**

ପ୍ରଚଳିତ ଧାରାର ସାହିତ୍ୟ ପ୍ରତି ଜନସାଧାରଣଙ୍କର ବିମୁଖ ମନୋଭାବ ହିଁ କ୍ରମଶଃ ସାହିତ୍ୟକୁ ପୂର୍ବ ପ୍ରଚଳିତ ପରଂପରା ଓ ମୂଲ୍ୟବୋଧରୁ ବିଚ୍ୟୁତ କରି ଏକ ନୂତନ ଚିନ୍ତା ଚେତନାର ଗତିପଥରେ ଆଗେଇ ନିଏ । ଏହି ନୂତନ ଗତିପଥ ହିଁ ସାହିତ୍ୟରେ ନୂତନ ଯୁଗଟିଏ ସୃଷ୍ଟି କରେ । ଏହି ନୂତନ ଯୁଗ, ନୂତନ ଗତିପଥ, ନୂତନ ଚିନ୍ତାଚେତନାର ସୂତ୍ରପାତ ଘଟିଥିବା କାଳଖଣ୍ଡକୁ ଏକ ମାଇଲଷ୍ଟମ୍ଭ ରୂପେ ପରିକଳ୍ପନା କରାଯାଏ । ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପ ଭାବେ ଗୃହୀତ ଫକୀରମୋହନଙ୍କ 'ରେବତୀ' ହିଁ ଓଡ଼ିଆ ଗଳ୍ପ ସାହିତ୍ୟର ପ୍ରଥମ ମୂଳଦୁଆ । ଯାହାକୁ ଭିତ୍ତିକରି ପରବର୍ତ୍ତୀ କାଳରେ ବହୁ ଗାଳ୍ପିକ ଗଳ୍ପ ରଚନା କରିବା ଦିଗରେ ଲେଖନୀ ଚାଳନା କରିଛନ୍ତି । ତେଣୁ 'ରେବତୀ'ର ପ୍ରକାଶ କାଳ ୧୮୯୮ ମସିହା ହିଁ ଓଡ଼ିଆ ଗଳ୍ପ ସାହିତ୍ୟର ପ୍ରମୁଖ ମାଇଲଷ୍ଟମ୍ଭ ରୂପେ ପରିକଳ୍ପିତ । ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପର ଉନ୍ମେଷ ପର୍ବ (୧୮୯୮) ଠାରୁ ସ୍ୱାଧୀନତା ପ୍ରାପ୍ତି (୧୯୪୭) ପର୍ଯ୍ୟନ୍ତ ଓଡ଼ିଆ ଗଳ୍ପ ସାହିତ୍ୟକୁ କବଳିତ କରିଥିଲା ଅନ୍ଧବିଶ୍ୱାସ, କୁସଂସ୍କାର, ଧର୍ମୀୟ ରୀତିନୀତି, କନ୍ୟାସୁନା ପ୍ରଥା, ଯୌତୁକ, ଜାତିପ୍ରଥା, ଦାରିଦ୍ର୍ୟ ଓ ନାରୀଶିକ୍ଷାର ଅଭାବ ଆଦି ଉପାଦାନ । ଏଗୁଡ଼ିକୁ ଦୂରୀଭୂତ କରି ସମାଜସଂସ୍କାର ଦିଗରେ ଉକ୍ତ କାଳଖଣ୍ଡର ଗାଳ୍ପିକଗଣ ପ୍ରଚେଷ୍ଟା କରିଛନ୍ତି । ଫକୀରମୋହନଙ୍କ ସମେତ ଦୟାନିଧି ମିଶ୍ର, ବାଙ୍କନିଧି ପଟ୍ଟନାୟକ, ଚନ୍ଦ୍ରଶେଖର ନନ୍ଦ, ଦିବ୍ୟସିଂହ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖଙ୍କ ଗଳ୍ପଜଗତ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଲକ୍ଷିତ ହୁଏ ଯେ, ଓଡ଼ିଶାର ଜାତୀୟତା, ଓଡ଼ିଶାର ଐତିହ୍ୟ, ମାଟି, ପାଣି, ପବନ ଓ ସର୍ବୋପରି ଓଡ଼ିଆ ଜାତିର ଜୀବନ ପ୍ରବାହର ଚିତ୍ର । ମୁଖ୍ୟତଃ ମାନବବାଦୀ ଭାବଧାରା, ଉପଦେଶଧର୍ମିତା ଓ ନୀତିବୋଧର ପ୍ରତିଷ୍ଠା ହିଁ ଏହି ପ୍ରାଥମିକ ପର୍ଯ୍ୟାୟଭୁକ୍ତ ଗଳ୍ପଗୁଡ଼ିକର ମୁଖ୍ୟ

ଦୁଇଟି ବିଶ୍ୱଯୁଦ୍ଧର ବିଭୀଷିକାମୟ ଚିତ୍ର, ମାର୍କ୍ସବାଦୀ ବିଚାରଧାରାର ବୈପ୍ଳବିକ ଚେତନା, ସ୍ୱାଧୀନତା ଆନ୍ଦୋଳନର ଆଗ୍ନେୟ ଉତ୍ତାପ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, କୁଟୀର ଶିଳ୍ପର ବିପର୍ଯ୍ୟୟ, ଯନ୍ତ୍ରଶିଳ୍ପର ଅଭ୍ୟୁଦୟ, ଅସ୍ପୃଶ୍ୟତା ନିବାରଣ, ନାରୀ ଜାଗରଣ, ଜାତୀୟତାବୋଧ, ଆଦର୍ଶବାଦ ପ୍ରଭୃତିକୁ ପାଥେୟ କରି ପ୍ରାକ୍-ସ୍ୱାଧୀନତାକାଳୀନ ଗଳ୍ପଜଗତ ସମୃଦ୍ଧି ଲାଭ କରିଛି । ଉକ୍ତ ଧାରାର ଗାଳ୍ପିକଗଣ ହେଲେ ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ଅନନ୍ତ ପ୍ରସାଦ ପଣ୍ଡା, ନିତ୍ୟାନନ୍ଦ ମହାପାତ୍ର, କାଳିନ୍ଦୀଚରଣ ପାଣିଗ୍ରାହୀ, ଅନନ୍ତ ପଟ୍ଟନାୟକ, ସଚ୍ଚିଦାନନ୍ଦ ରାଉତରାୟ, ଭଗବତୀଚରଣ ପାଣିଗ୍ରାହୀ, ପ୍ରାଣବନ୍ଧୁ କର ପ୍ରମୁଖ । ବାସ୍ତବବାଦୀ, ପ୍ରଗତିବାଦୀ, ମାର୍କ୍ସବାଦୀ ତଥା ଗାନ୍ଧିବାଦୀ ଭାବଧାରା ଦ୍ୱାରା ପ୍ରଭାବିତ ଏହି ଗଳ୍ପ ସ୍ରଷ୍ଟାଗଣ ତାଙ୍କ ଗଳ୍ପ ଜଗତରେ ଭାରତବର୍ଷରେ ଘଟୁଥିବା ଅନ୍ଧବିଶ୍ୱାସ, କୁସଂସ୍କାର, ଶୋଷଣ, ଅସହାୟ ଜୀବନ, ନାରୀ ନିର୍ଯ୍ୟାତନାର ପ୍ରମୁଖ ଚିତ୍ର ପ୍ରଦାନ କରିଛନ୍ତି । ମାତ୍ର ସ୍ୱାଧୀନତା ପ୍ରାପ୍ତି ପରେ ଗଳ୍ପ ଜଗତରେ ଦେଖା ଦେଇଛି ବହୁ ନୂତନ ଆଶା ଓ ଆକାଂକ୍ଷା ଏବଂ ବଦଳି ଯାଇଛି ସାମାଜିକ, ରାଜନୀତିକ ତଥା ଆର୍ଥନୀତିକ ଦୃଷ୍ଟିଭଙ୍ଗୀ । ଦେଶ ସେବା ନାମରେ ଗାନ୍ଧିବାଦର ବିଲୟ ଘଟି ମାର୍କ୍ସବାଦ ଓ ଫ୍ରଏଡୀୟ ଚିନ୍ତାଧାରା ଭିତରେ ସଂଘର୍ଷ ଘଟିବା ସହ ଅର୍ଥ ରୋଜଗାର, କ୍ଷମତା ପ୍ରାପ୍ତି ହୋଇଛି ରାଜନୀତିର ମୂଳଲକ୍ଷ୍ୟ । ଘିଅ ମହୁରେ ଭାରତ ଭାସିବ, ଇଂରେଜ ପ୍ରଶାସନର ନିର୍ଯ୍ୟାତନା ଆଉ ରହିବ ନାହିଁ, ଉଚ୍ଚନୀଚର ଭେଦଭାବ ଓ ଧନୀ ଗରିବର ଆର୍ଥନୀତିକ ବୈଷମ୍ୟରେ ପରିବର୍ତ୍ତନ ଦେଖାଯିବ, ଏପରିକି ଗରିବର ଭାଗ୍ୟ ବଦଳି ଯିବା ସହିତ ଭାରତୀୟମାନଙ୍କର ଦୀର୍ଘ ଦିନର ସଂଗ୍ରାମ ସାକାର ହେବ

ବୋଲି ଯେଉଁ ବିଶ୍ୱାସ ଥିଲା ତାହା ସବୁଦିନ ପାଇଁ ଭୁଷୁଡ଼ି ପଡ଼ିଛି । ଫଳସ୍ୱରୂପ ସ୍ୱାଧୀନତାର ସ୍ୱପ୍ନଭଙ୍ଗ, ବିଶ୍ୱଯୁଦ୍ଧ କାରଣ ଜନିତ ହତାଶା, ଶିଳ୍ପ ସଭ୍ୟତାର ବିକାଶ, ସହରୀ ସଭ୍ୟତାର ବିକାଶ, ରାଜନୀତିକ ଚିନ୍ତାଚେତନା, ବାସ୍ତବବାଦୀ ଚେତନା, ମାନବବାଦୀ ଚେତନା ଆଦି ଉକ୍ତ କାଳଖଣ୍ଡର ଗଳ୍ପ ସାହିତ୍ୟ ପାଇଁ ମୁଖ୍ୟ ଉପଜୀବ୍ୟ ପାଲଟିଛି । ଉକ୍ତ ଧାରାରେ ଗଳ୍ପ ରଚନା କରୁଥିବା ପ୍ରମୁଖ ଗଳ୍ପ ସ୍ରଷ୍ଟାଗଣ ହେଲେ ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ବ୍ରହ୍ମାନନ୍ଦ ପଣ୍ଡା, କିଶୋରୀ ଚରଣ ଦାସ, ମହାପାତ୍ର ନୀଳମଣି ସାହୁ, ଅଖିଳମୋହନ ପଟ୍ଟନାୟକ, ଚନ୍ଦ୍ରଶେଖର ରଥ, ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ଅଚ୍ୟୁତାନନ୍ଦ ପତି, ବାମାଚରଣ ମିତ୍ର ଇତ୍ୟାଦି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଗାଳ୍ପିକ ୧୯୬୦ ପରେ ମଧ୍ୟ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ତେଣୁ ଗଳ୍ପ ସାହିତ୍ୟ ଧାରାରେ ୧୯୪୭ କୁ ଏକ ମାଇଲଷ୍ଟମ୍ଭ ରୂପେ ଗ୍ରହଣ କରାଯାଉଛି ।

ଅନୁରୂପ ଭାବେ ୧୯୬୦ ପରବର୍ତ୍ତୀ କାଳଖଣ୍ଡ ହିଁ ଓଡ଼ିଆ ଗଳ୍ପ ସାହିତ୍ୟର ଏକ ମାଇଲଷ୍ଟମ୍ଭ ରୂପେ ପରିକଳ୍ପିତ । କାରଣ ସ୍ୱରୂପ ୧୯୬୦ ପୂର୍ବରୁ ଓଡ଼ିଆ ଗଳ୍ପଜଗତ ଯେଉଁସବୁ ନୂତନ ଆଶା ଆକାଂକ୍ଷା ମଧ୍ୟ ଦେଇ ଗତିଶୀଳ ତାହାର ସଂପୂର୍ଣ୍ଣ ପରିବର୍ତ୍ତନ ଘଟିଛି ଉତ୍ତର ଷାଠିଏ କାଳଖଣ୍ଡରେ । ସ୍ଥୂଳତଃ ୧୯୬୦ ରୁ ୮୦ ପର୍ଯ୍ୟନ୍ତ ଦୀର୍ଘ କୋଡ଼ିଏ ବର୍ଷକୁ ଓଡ଼ିଆ ଗଳ୍ପ ସାହିତ୍ୟର ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଗତାନୁଗତିକ ଗଳ୍ପାଂଶଠାରୁ ଦୂରେଇ ଯାଇ ଏକ ଭିନ୍ନ ମୋଡ଼ରୂପ ନେଇଛି ଉତ୍ତର ଷାଠିଏ ଗଳ୍ପଜଗତ । ଗୀତି ଧର୍ମିତା, ବାସ୍ତବତା, ମିଥ୍, ପ୍ରତୀକ, ଚିତ୍ରକଳ୍ପ ଆଦିର ପ୍ରୟୋଗ ଏହି ସମୟର ଗଳ୍ପଜଗତକୁ ଅଧିକ ବିଶ୍ଳେଷଣଧର୍ମୀ କରିବା ସହିତ ଅଣୁଗଳ୍ପ, ଆଭାସଗଳ୍ପ, ମିନିଗଳ୍ପ, ସଂକେତ ଗଳ୍ପ, ପ୍ରତୀକ ଗଳ୍ପ ପ୍ରଭୃତି ଶିଳ୍ପ ଦିଗ ଉପରେ ଦୃଷ୍ଟି ନିବନ୍ଧ କରି ଗଳ୍ପ ରଚନା କରିବାର ପ୍ରାରମ୍ଭିକ ପ୍ରୟାସ କରାଯାଇଛି । ମୁଖ୍ୟତଃ ଅସ୍ତିତ୍ୱବାଦୀ ଭାବବଳୟର ଉତ୍ତରଣ, ଫ୍ରଏଡୀୟ ମନୋବୈଜ୍ଞାନିକ ରହସ୍ୟର ବିଶ୍ଳେଷଣ, ଅତି ବାସ୍ତବତାବାଦୀ ଚେତନା, ସାର୍ତ୍ରେ, କାମ୍ୟୁ, କାଫ୍କା, କିର୍କେଗାର୍ଡ଼ ପ୍ରମୁଖ ପାଶ୍ଚାତ୍ୟ କଥାକାରଙ୍କ ଦର୍ଶନ ତଥା ଚିନ୍ତନ ଉତ୍ତର ଷାଠିଏ ଯୁବ ଗଳ୍ପକାରଙ୍କୁ ବେଶ୍ ପ୍ରଭାବିତ କରିପାରିଛି । ସାମାଜିକ, ସାଂସ୍କୃତିକ ତଥା ରାଜନୀତିକ ମୂଲ୍ୟବୋଧର ଅବକ୍ଷୟ, ମନସ୍ତାତ୍ତ୍ୱିକ ବୈଚିତ୍ର୍ୟ ତଥା ମଣିଷର ଅବଚେତନ ମନର ସଂଗୁପ୍ତ ଆକାଂକ୍ଷା, ଆଧୁନିକ ମଣିଷର ଅସହାୟତା, ନିଃସଙ୍ଗତାବୋଧ, ଜୀବନ ଯନ୍ତ୍ରଣାବୋଧ ତଥା ଆତ୍ମକୈନ୍ଦ୍ରିକତା, ଅତୀନ୍ଦ୍ରିୟ ଚେତନା, ମୃତ୍ୟୁଚେତନା, ଆଧାତ୍ମିକ ଉତ୍ତରଣ, ବୋହେମିଆନ ମାନସିକତା ଆଦି ଉତ୍ତର ଷାଠିଏ ଗଳ୍ପ ଜଗତକୁ ସ୍ୱାଧୀନତା ଓ ପ୍ରାକ୍ ସ୍ୱାଧୀନତା କାଳଖଣ୍ଡରୁ ବିଚ୍ଛିନ୍ନ କରି ଏକ ଭିନ୍ନ ମୋଡ଼ରେ ପହଞ୍ଚାଇ ପାରିଛି । ମୁଖ୍ୟତଃ ୧୯୬୦ରୁ ୧୯୮୦ ପର୍ଯ୍ୟନ୍ତ ଦୀର୍ଘ କୋଡ଼ିଏ ବର୍ଷ ମଧ୍ୟରେ ଶାନ୍ତନୁ କୁମାର ଆଚାର୍ଯ୍ୟ, ବୀଣାପାଣି ମହାନ୍ତି, ରବି ପଟ୍ଟନାୟକ, ରବି ପୁହାଣ, ଜଗଦୀଶ ମହାନ୍ତି, କହ୍ନେଇଲାଲ ଦାସ, ଅଶୋକ କୁମାର ଚନ୍ଦନ, ପଦ୍ମଜ ପାଳ, ତରୁଣକାନ୍ତି ମିଶ୍ର, ହୃଷୀକେଶ ପଣ୍ଡା, ସତ୍ୟ ମିଶ୍ର, ପ୍ରଭାତ ମହାପାତ୍ର ପ୍ରମୁଖ ଗଳ୍ପ ସ୍ରଷ୍ଟାଙ୍କ ମଧ୍ୟରେ ଅଧିକାଂଶ ଉତ୍ତର ଷାଠିଏ ଗଳ୍ପଜଗତରେ ପାଦ ଥାପିଥିଲେ ମଧ୍ୟ ଉତ୍ତର ଅଶୀ କାଳରେ ଅଧିକ ପ୍ରତିଷ୍ଠିତ ହୋଇ ପାରିଛନ୍ତି ।

ଆଲୋଚ୍ୟ ଦୃଷ୍ଟିକୋଣରୁ ସାମାଜିକ, ରାଜନୀତିକ ଓ ସାଂସ୍କୃତିକ କ୍ଷେତ୍ରରେ ଯେଉଁସବୁ ଅଭୂତପୂର୍ବ ପରିବର୍ତ୍ତନ ଦେଖା ଦେଇଛି ତାହା ଉତ୍ତର-ଅଶୀ ଓଡ଼ିଆ ଗଳ୍ପଧାରାକୁ ଅଧିକ ପ୍ରତିକ୍ରିୟାଶୀଳ କରିପାରିଛି । ତେଣୁ ଏହା ହେଉଛି ଓଡ଼ିଆ ଗଳ୍ପ ସାହିତ୍ୟର ଏକ ସ୍ୱତନ୍ତ୍ର କାଳଖଣ୍ଡ । ଗଳ୍ପସାହିତ୍ୟରେ ଯେଉଁସବୁ ନିଃସଙ୍ଗତା, ଅସହାୟତା, ମୃତ୍ୟୁ ଚେତନା ଆଦି ଜୀବନର ନକରାତ୍ମକ ଦିଗଗୁଡ଼ିକ ଦୃଷ୍ଟିଗୋଚର ହେଉଥିଲା ତାହା ଉତ୍ତର ଅଶୀ କାଳଖଣ୍ଡରେ ଗଳ୍ପ ସାହିତ୍ୟକୁ ସକରାତ୍ମକ ଦିଗାଭିମୁଖୀ କରିପାରିଛି । ଉକ୍ତ କାଳଖଣ୍ଡରେ ଆଧୁନିକତାର ଲକ୍ଷଣ ସବୁ ଖଣ୍ଡିତ ହୋଇ ଦୃଷ୍ଟିଗୋଚର ହୋଇଛି ଉତ୍ତର-ଆଧୁନିକ ଚିନ୍ତାଚେତନାର ଲକ୍ଷଣ ସବୁ । ତତ୍‌ସହିତ ଆଧୁନିକ ସାହିତ୍ୟର ପ୍ରାରମ୍ଭକାଳ ଅର୍ଥାତ୍ ୧୮୮୦ ର ଶତବର୍ଷ ପୂର୍ଣ୍ଣ ହେବା ସହିତ ପୂର୍ବାପେକ୍ଷା ସାହିତ୍ୟଜଗତ ହୋଇଉଠିଛି ଅଧିକ ନିର୍ଭୀକ, ସ୍ପଷ୍ଟବାଦୀ, ଅକୁତୋଭୟ ତଥା ସ୍ୱାଧୀନଚେତା । ଉକ୍ତ କାଳଖଣ୍ଡରେ ଓଡ଼ିଆ ସାହିତ୍ୟରେ ଉତ୍ତର-ଆଧୁନିକତା ଆସିଛି ବୋଲି ଅନେକ ସମାଲୋଚକ ମତବ୍ୟକ୍ତ କରୁଥିବା ବେଳେ ଆଉ କେତେକ ସମାଲୋଚକ ଏହାକୁ ଅସ୍ୱୀକାର କରନ୍ତି । ଯାହାଫଳରେ ଉତ୍ତର ଅଶୀ କାଳଖଣ୍ଡରେ ହିଁ ଏହାକୁ ଭିତ୍ତିକରି ଅନେକ ସମାଲୋଚକଙ୍କ ମଧ୍ୟରେ ବହୁଳ ଚର୍ଚ୍ଚା ଏବଂ ବହୁ ତର୍କ ବିତର୍କ ଦେଖିବାକୁ ମିଳିଲା । ତତ୍ ସହିତ ଆଧୁନିକତା ଓ ଉତ୍ତର-ଆଧୁନିକତାକୁ ନେଇ ମନରେ ଅନେକ ପ୍ରଶ୍ନବାଚୀ ଓ ବହୁ ଦ୍ୱନ୍ଦ୍ୱ ସୃଷ୍ଟି ହେବାକୁ ଲାଗିଲା । ଏଭଳି ଏକ ଦ୍ୱନ୍ଦ୍ୱାତ୍ମକ ପରିବେଶ ଓ ପରିସ୍ଥିତି ହିଁ ଉତ୍ତର-ଆଧୁନିକତାକୁ ଆଧୁନିକତାର ଏକ ସଂପ୍ରସାରିତ ପରିବର୍ତ୍ତିତ ଭିନ୍ନ ଏକ ଧାରା ରୂପେ ସାହିତ୍ୟରେ ପ୍ରତିଷ୍ଠିତ ତଥା ପରିଚିତ କରାଇ ପାରିଛି । ଏହି କାଳଖଣ୍ଡକୁ ଯେଉଁ ଉତ୍ତର-ଆଧୁନିକତା ଯୁଗର ମାନ୍ୟତା

ଦିଆଯାଇଛି ତାହାର ଯଥାର୍ଥତା ଉପଲବ୍ଧ ହୁଏ ନୂଆକରି ନିଜକୁ ତଥା ନିଜ ଚତୁଃପାର୍ଶ୍ୱକୁ ଦେଖିବାର ପ୍ରବଣତା ଭିତରେ । ଅର୍ଥାତ୍ ଭଲ-ମନ୍ଦ, ପାପ-ପୁଣ୍ୟ, ଅନ୍ଧାର-ଆଲୋକ ଆଦି ଦ୍ୱୈତ ବୈପରୀତ୍ୟ ଦୃଷ୍ଟିଭଙ୍ଗୀରେ ମଣିଷ ସଂକୀର୍ଣ୍ଣମନା ନହୋଇ ତା'ର ଏକ ଉତ୍ତରୀୟ ଚିନ୍ତାଚେତନା ଆଡ଼କୁ ଅଗ୍ରସର ହୋଇଉଠିଛି । ମନୁଷ୍ୟର ମାନସିକତାରେ ପରିବର୍ତ୍ତନ ଦେଖା ଦେବା ସହିତ ଗଳ୍ପ ସାହିତ୍ୟକୁ ପ୍ରବେଶ କରିଛି ନୂତନ ଚିନ୍ତାଧାରା ତଥା ସବୁକିଛି କରିପାରିବାର ସମ୍ଭାବନା । ଅର୍ଥାତ୍ ସକରାତ୍ମକ ମନୋଭାବ ଅଧିକ ମାତ୍ରାରେ ଦୃଢ଼ମନା କରିଛି ସମକାଳର ଅସହାୟ ତଥା ନିଃସଙ୍ଗ ମଣିଷର ଚିନ୍ତା ରାଜ୍ୟକୁ । ଏଇଭଳି ବହୁ ସମ୍ଭାବନା ଓ ପ୍ରତିଶ୍ରୁତି ବହନ କରି ଗତି କରିଛି ଉତ୍ତର ଅଶୀ ଓଡ଼ିଆ ଗଳ୍ପଜଗତ । ରାଜନୀତିକ କ୍ଷେତ୍ରରେ ବହୁ ପରିବର୍ତ୍ତନ ଘଟିବା ସହିତ ଆଞ୍ଚଳିକ ଦଳ, ଶିଳ୍ପନୀତି ଘୋଷଣା, ଶିକ୍ଷା ସହର ବିକାଶ ମଧ୍ୟ ଘଟିଛି । ଆକସ୍ମିକତା, ଅଲୌକିକତା ଓ ଅବାସ୍ତବ ପରିକଳ୍ପନାକୁ ନେଇ ଅନେକ ପରୀକ୍ଷା ନିରୀକ୍ଷା ହୋଇଛି ।

ଶିଳ୍ପଗତ ଚାତୁର୍ଯ୍ୟ କ୍ଷେତ୍ରରେ ଉତ୍ତର ଅଶୀ ଗଳ୍ପ ସାହିତ୍ୟ ବହୁ ବୈଚିତ୍ର୍ୟରେ ପରିପୂର୍ଣ୍ଣ । ଗୋଟିଏ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ପରିବର୍ତ୍ତେ ବହୁବିଧ ଆଭିମୁଖ୍ୟକୁ ନେଇ ଗଳ୍ପଗୁଡ଼ିକ ପରିପୁଷ୍ଟ । ଆଲୋଚ୍ୟ କାଳର ବେଶୀ ଭାଗ ଗଳ୍ପ ନିର୍ଦ୍ଦିଷ୍ଟ ଆରମ୍ଭ, ଚମତ୍କାର ପରିଣତି, ଉତ୍କଣ୍ଠା ଓ କୌତୂହଳପୂର୍ଣ୍ଣ ନାଟକୀୟ ପ୍ରବାହ, ବୌଦ୍ଧିକ ଜିଜ୍ଞାସା, ବର୍ଣ୍ଣନାଧର୍ମୀ ତଥା ବହୁ ପରୀକ୍ଷା ନିରୀକ୍ଷା ମଧ୍ୟଦେଇ ଗତିଶୀଳ । ୧୯୬୫-୭୫ କାଳଖଣ୍ଡରେ ଆଭାସ ଗଳ୍ପ, ମିନିଗଳ୍ପ, ଅଣୁଗଳ୍ପ, ପ୍ରବାଦ/ପ୍ରବଚନ ଆଧାରିତ ଗଳ୍ପ, ପ୍ରଶ୍ନ ପଚାରିବା ଢଙ୍ଗର ଗଳ୍ପ ପ୍ରଭୃତି ରଚନାର ପ୍ରାରମ୍ଭିକ ପ୍ରୟାସ ପରିଲକ୍ଷିତ ହୋଇଥିଲେ ମଧ୍ୟ ତାର ବୈଷୟିକ ତଥା ଶିଳ୍ପଗତ ବୈଚିତ୍ର୍ୟର ବିକାଶ ଘଟିଛି ଉତ୍ତର ଅଶୀ କାଳଖଣ୍ଡରେ । ତେଣୁ ଉପରୋକ୍ତ ଦୃଷ୍ଟିକୋଣରୁ ୧୯୮୦ ଏକ ବିଭାଜକ ରେଖାରୂପେ ଗ୍ରହଣୀୟ ।

ବେକାରୀ ସମସ୍ୟାଠାରୁ ଆରମ୍ଭ କରି ଯୁବଗୋଷ୍ଠୀଙ୍କ ଅସାମାଜିକ ଆଚରଣ, ରାଜନୀତିକ ଭ୍ରଷ୍ଟାଚାର, ଯୌଥ ପରିବାରର ବିଭାଜନ, ନାରୀ ସ୍ୱାଧୀକାର ଜନିତ ସଚେତନତା, ପ୍ରାଚୀନ ମୂଲ୍ୟବୋଧ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ, ଜୀବନ ଓ ମୃତ୍ୟୁ ପ୍ରତି ସଚେତନବୋଧ, ସ୍ୱକୀୟତାର ନୂତନ ରୂପ, ଇତିହାସ ଓ ପରଂପରାରୁ ନୂତନ ଅର୍ଥ ଆବିଷ୍କାର, ଅତୀତ ଭିତରେ ବାର୍ତ୍ତମାନିକ ରୂପ, ଗାନ୍ଧୀଙ୍କ ପ୍ରତି ଭିନ୍ନ ଦୃଷ୍ଟିଭଙ୍ଗୀ, ଅପରାଧର ନୂତନ ରୂପ, ସମଲିଙ୍ଗୀ ଯୌନଜୀବନ, ଭିନ୍ନକ୍ଷମଙ୍କ ପ୍ରତି ଦାୟିତ୍ୱବୋଧ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ, ଗ୍ରାମାଞ୍ଚଳର ସହରୀକରଣ, ଜଗତୀକରଣ ତଥା ଶିଳ୍ପାୟନ ନାମରେ ଅରଣ୍ୟକ୍ଷୟ, ପାରିବେଶିକ ଦୁଃସ୍ଥିତି, ବିସ୍ଥାପନ ସମସ୍ୟା ପର୍ଯ୍ୟନ୍ତ ସମକାଳର ଏକ ଏକ ନୂତନ ଦିଗ ହିଁ ଉତ୍ତର ଅଶୀ ଗଳ୍ପ ସାହିତ୍ୟ ପାଇଁ ନୂଆ ନୂଆ ପୃଷ୍ଠଭୂମି ପାଲଟିଛି । ଏଥି ସହିତ ଗୋଟେପଟେ ସରଳ ନିରୀହ ଜୀବନ ଜୀଉଁଥିବା ଖଟିଖିଆ, ଦିନମଜୁରିଆ ତଥା ଆଦିବାସୀମାନଙ୍କ ଦୁଃସ୍ଥିତି ଏବଂ ଅନ୍ୟପଟେ ଆଧୁନିକ ମଣିଷର ବିଳାସମୟ ଜୀବନକୁ ଉପଜୀବ୍ୟ କରି ଗଳ୍ପ ରଚନା କରିବା କ୍ଷେତ୍ରରେ ସମକାଳୀନ ଗାଳ୍ପିକଗଣ ତତ୍ପର ହୋଇଉଠିଛନ୍ତି । ଉତ୍ତର-ଅଶୀ ଗଳ୍ପଜଗତରେ ଯେଉଁସବୁ ସ୍ଥିତି ଓ ପରିବର୍ତ୍ତନ ଲକ୍ଷିତ ହୁଏ ତା'ର ଏକ ସଂକ୍ଷିପ୍ତ ଆକଳନ ନିମ୍ନରେ ଆଲୋଚ୍ୟ ।

ବୟସ୍କଙ୍କ ତୁଳନାରେ ସମକାଳୀନ ଯୁବପିଢ଼ିମାନଙ୍କର ନୂଆ କିଛି ଅନ୍ୱେଷଣ କରିବାର ଉଦ୍ଦାମତା, ଜ୍ଞାନକୌଶଳ ମାଧ୍ୟମରେ ସବୁକିଛି କରିପାରିବାର ସମ୍ଭାବନା ଏବଂ ସର୍ବୋପରି ସବୁଠି ନିଜକୁ ସକ୍ରିୟ ରଖିବାର ପ୍ରବଣତା ବଳବତ୍ତର ରହିବା କଥା । କିନ୍ତୁ ଏବେକାର ଯୁବପିଢ଼ିଙ୍କର ରାଜନୀତିକୁ ହାତମୁଠାରେ ରଖିବା, ସ୍ୱଳ୍ପ ସମୟରେ ଏବଂ ସ୍ୱଳ୍ପ ପରିଶ୍ରମରେ ଅଧିକ ଲାଭବାନ ହେବା ଆଦି ମନୋବୃତ୍ତି ହିଁ ସେମାନଙ୍କୁ ଦିନକୁ ଦିନ ଅଳସୁଆଗାମୀ କରିଦେଉଛି । ଯାହା ଫଳରେ ଆଜିର ମାନବ ସମାଜକୁ ବେକାରୀ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏହି ବେକାରୀ ସମସ୍ୟା ବୃଦ୍ଧି ହେବାର କେତୋଟି ପ୍ରମୁଖ କାରଣ ହେଉଛି ଜନସଂଖ୍ୟାର ଅଭିବୃଦ୍ଧି, ଯାନ୍ତ୍ରିକ ସଭ୍ୟତାର ବିକାଶ, ଆର୍ଥିକ ଓ ସାମାଜିକ ପରିବେଶର ବିଲୟ, ରାଜନୀତିର ଅସ୍ୱସ୍ତିକର ପରିବେଶ, ସମକାଳର ଶିକ୍ଷା ତଥା ଚାକିରୀ ବ୍ୟବସ୍ଥା, ଆମଦାନୀ ଓ ରପ୍ତାନୀର ଅସନ୍ତୁଳନ ହାର, ଜନସାଧାରଣଙ୍କ ସୁବିଧା ସୁଯୋଗ ନିମନ୍ତେ ସରକାରଙ୍କର ବହୁ ଯୋଜନାବଦ୍ଧ ନିୟମାବଳୀ ଇତ୍ୟାଦି । ସରକାରଙ୍କ କିଛି ନିୟମାବଳୀ ହିଁ ବର୍ତ୍ତମାନର ଯୁବପିଢ଼ିଙ୍କୁ ବେରୋଜଗାର କ୍ଷମ କରି ଦେଉଛି । ଯାହାର ପରିଣାମ ସ୍ୱରୂପ ଦିନକୁ ଦିନ ବେରୋଜଗାରର ବୃଦ୍ଧିହାର ବଢ଼ି ଚାଲିଛି । ବିଶେଷତଃ ଶିକ୍ଷା ବ୍ୟବସ୍ଥାରେ ସରକାରଙ୍କର ବହୁ ସୁବିଧା ସୁଯୋଗ ଥାଇ ମଧ୍ୟ ଅନେକ ମେଧାବୀ ଛାତ୍ରଛାତ୍ରୀ ବେକାରୀ ଜୀବନ ଜୀଉଁଛନ୍ତି । ଶିକ୍ଷାନୁଷ୍ଠାନ ହେଉ କି ଚାକିରୀ ନିଯୁକ୍ତି କ୍ଷେତ୍ରରେ ହେଉ ସବୁଠି ଯୋଗ୍ୟତା ଥିବା ଛାତ୍ରଟି ବଳି ପଡୁଛି । କାହିଁକି ନା ତା ପାଖରେ ନା ଅଛି ଅର୍ଥଶକ୍ତି, ନା ଅଛି କ୍ଷମତାରବଳୟ । ଫଳସ୍ୱରୂପ ଅର୍ଥ ଓ କ୍ଷମତାବଳରେ ଯୋଗ୍ୟତା ନଥିବା ଛାତ୍ରଟି ସବୁଠି ନିଜର ସ୍ଥାନକୁ

ବଜାଇ ରଖୁଥିବା ବେଳେ ସବୁ ଯୋଗ୍ୟତା ହାସଲ କରି ମଧ୍ୟ ଜଣେ ମେଧାବୀ ଛାତ୍ର ସେଥିରୁ ବଞ୍ଚିତ ହୋଇ ବେକାରୀ ସମସ୍ୟାର ସମ୍ମୁଖୀନ ହେଉଛି । ମୁଖ୍ୟତଃ ଛଳନାର ମୁଖା ପିନ୍ଧିଥିବା ଅଭିଜ୍ଞତାଧାରୀ ବଡ଼ବଡ଼ ନେତାମାନେ ହିଁ ରାଜନୀତିର ଅସ୍ୱସ୍ତିକର ପରିବେଶ ଭିତରକୁ ଟାଣି ନେଇ ସମକାଳର ଛାତ୍ରମାନଙ୍କୁ ବେକାରୀ ଜୀବନ ଜୀଇଁବା ନିମନ୍ତେ ବାଧ୍ୟ କରିଦେଉଛନ୍ତି । ଯୁବପିଢ଼ିମାନଙ୍କର ଏହି ବେକାରୀ ସମସ୍ୟା ସମକାଳର ଗଳ୍ପ ସାହିତ୍ୟ ପାଇଁ ମୁଖ୍ୟ ଉପାଦାନ ପାଲଟିଛି । ମୁଖ୍ୟତଃ ରବି ପଟ୍ଟନାୟକଙ୍କ 'ସାକ୍ଷାତକାର' ଓ 'ଭୀରୁ', ବୀଣାପାଣି ମହାନ୍ତିଙ୍କ 'ବହୁରୂପୀ', ସଦାନନ୍ଦ ତ୍ରିପାଠୀଙ୍କ 'ନିଷ୍ପ୍ରଭ ସୂର୍ଯ୍ୟୋଦୟ', 'ବଡ଼ଭାଇ' ଓ 'ଦୁଃଖ ଯାହାର ସହଚର', ତରୁଣକାନ୍ତି ମିଶ୍ରଙ୍କ 'ଲଗ୍ନକାଳ', କୃପାସାଗର ସାହୁଙ୍କ 'ଓଥରା', ପରେଶ ପଟ୍ଟନାୟକଙ୍କ 'ଶ୍ମଶାନ' ରଶ୍ମୀ ରାଉଳଙ୍କ 'ବଇଦା'ନା' ପ୍ରଭୃତି ଗଳ୍ପରେ ବେକାରୀ ସମସ୍ୟାର ଏକ ଦୁଃଖଦ ଚିତ୍ର ପ୍ରତିଫଳିତ । ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ବେକାରୀ ସମସ୍ୟାର ଉତ୍‌ପୀଡ଼ନରେ ପୀଡ଼ିତ ହୋଇ କିଭଳି ଚୋରି, ଡକାୟତି, ହତ୍ୟା, ଲୁଣ୍ଠନ ଆଦି କାର୍ଯ୍ୟରେ ଲିପ୍ତ ରହୁଛନ୍ତି ତାହାର ବାସ୍ତବ ଚିତ୍ର ଏହି ଗଳ୍ପଗୁଡ଼ିକରେ ଲକ୍ଷ୍ୟ କରାଯାଏ । ବିଶେଷକରି ଏହି ଗଳ୍ପଗୁଡ଼ିକରେ ବେକାରୀ ଯୁବଗୋଷ୍ଠୀଙ୍କ ମାନସିକ ଯନ୍ତ୍ରଣା ଏବଂ ଯୁବମାନସର ଦୃଢ଼ ପ୍ରଚେଷ୍ଟା ନିମନ୍ତେ ପ୍ରେରଣା ଯୋଗାଇବା ହେଉଛି ଉତ୍ତର ଅଶୀ ଗାଳ୍ପିକମାନଙ୍କର ମୁଖ୍ୟ ଅଭିପ୍ରାୟ ।

ସାମାଜିକ, ରାଜନୀତିକ ଜୀବନର କେତେକ ଦୋଷ ଦୁର୍ବଳତା, ପ୍ରାଶାସନିକ ଜୀବନର ତିକ୍ତ ଅନୁଭୂତି, ସାମ୍ପ୍ରଦାୟିକତା, ସଂକୀର୍ଣ୍ଣ ରାଜନୀତି ତଥା ମାନବିକତାବୋଧର ଏକ ପରିବ୍ୟାପ୍ତ ରୂପ ଉକ୍ତ କାଳଖଣ୍ଡର ଗଳ୍ପଜଗତ ପାଇଁ ବିଶେଷ ଆକର୍ଷଣୀୟ ଦିଗ ପାଲଟିଛି । ଜନସାଧାରଣଙ୍କର ମଙ୍ଗଳ ସାଧନା ହିଁ ଗଣତନ୍ତ୍ର ଶାସନର ମୂଳଲକ୍ଷ୍ୟ । କିନ୍ତୁ ତତ୍‌କାଳୀନ ଶାସନ ନୀତି କେତେଜଣ ଅର୍ଥପିପାସୁ ତଥା କ୍ଷମତାଧାରୀ ବ୍ୟକ୍ତିଙ୍କ ସ୍ୱାର୍ଥସାଧନ ନିମନ୍ତେ ଉଦ୍ଦିଷ୍ଟ । ଅର୍ଥ ଶକ୍ତି ଓ କ୍ଷମତାର ପ୍ରଭାବ ଫଳରେ ସମାଜରେ ଚୋରି, ଡକାୟତି, ଗଣହତ୍ୟା, ଗଣଦୁଷ୍କର୍ମ ଭଳି ବହୁ ନୃଶଂସ ଘଟଣା, ଲୋମହର୍ଷଣକାରୀ ଦୃଶ୍ୟ ତଥା ଅସାମାଜିକ ଆଚରଣ ଦିନକୁ ଦିନ ବଢ଼ିବଢ଼ି ଚାଲିଛି । ଯେଉଁମାନଙ୍କ ପାଖରେ କୌଣସି କ୍ଷମତା ନାହିଁ କି ଅର୍ଥଶକ୍ତି ନାହିଁ, ସେମାନେ କ୍ଷମତାର ପାହାଚ ଚଢ଼ିବା ପାଇଁ ଅହର୍ନିଶି ଯେକୌଣସି ଅପକର୍ମକୁ ଆପଣେଇବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ । ସତେ ଯେମିତି ବର୍ତ୍ତମାନର ଗଣତନ୍ତ୍ର ଶାସନ, ନିର୍ବାଚନ, ରାଜନୀତି ଦେଶକୁ ତଥା ସମାଜକୁ କଳୁଷିତ କରିବାର ପ୍ରମୁଖ କାରଣ ପାଲଟିଛି । ନିର୍ବାଚନ ସମୟରେ କ୍ଷମତାଧାରୀ ବଡ଼ବଡ଼ ନେତାମାନେ ଭୋଟ ପାଇବା ନିମନ୍ତେ ଅନେକ ପଥଭ୍ରଷ୍ଟ, ଗୁଣ୍ଡା, ଚୋର ଓ ଲାଞ୍ଚଖୋରମାନଙ୍କୁ ସମର୍ଥନ କରିବା ସହ ସାଧାରଣ ଲୋକଙ୍କୁ ମିଥ୍ୟାର ଆଳ ଦେଖାଇ ସାନ୍ତ୍ୱନା ଦେଇ ସେମାନଙ୍କ ମନ ଜିଣିବାକୁ ଚେଷ୍ଟା କରନ୍ତି । ଫଳରେ ନିର୍ବାଚନ ପରେ ପରେ ନୂଆ ଶାସନ ନୀତି ପ୍ରଣୟନ ହେବା ଫଳରେ ମଧ୍ୟ ଦେଶର କାର୍ଯ୍ୟପନ୍ଥା ସୁଦୃଢ଼ ହୋଇପାରୁ ନାହିଁ । ବରଂ ଦିନକୁ ଦିନ ଦେଶର ରକ୍ଷକ ବୋଲାଉଥିବା ପୋଲିସ କର୍ମଚାରୀ ଏବଂ ବଡ଼ ବଡ଼ ନେତା ମନ୍ତ୍ରୀମାନେ ହତ୍ୟା, ଲୁଣ୍ଠନ, ଧର୍ଷଣ ଭଳି ଅତି ନିନ୍ଦନୀୟ କଦର୍ଯ୍ୟପୂର୍ଣ୍ଣ ଅପକର୍ମକୁ ଆଦରିବାରେ କୁଣ୍ଠାବୋଧ ପ୍ରକାଶ କରନ୍ତି ନାହିଁ । ଦେଶର ଦୁର୍ନୀତି, ଦୁରାଚାର, ଭ୍ରଷ୍ଟାଚାର ଭଳି ରାଜନୀତିକ ଅସ୍ୱସ୍ତିକର ପରିବେଶ ହିଁ ସ୍ୱାଧୀନତୋତ୍ତର ଗଳ୍ପ ସାହିତ୍ୟକୁ କବଳିତ କରି ଆସୁଥିଲେ ମଧ୍ୟ ଉତ୍ତର ଅଶୀ ଗଳ୍ପ ସାହିତ୍ୟରେ ଗାଳ୍ପିକମାନେ ଏସବୁକୁ ଏକ ଚେତାବନୀ ରୂପେ ପ୍ରତୀୟମାନ କରିଥିବା ଭଳି ମନେ ହୁଅନ୍ତି । ଯାହା ବହୁ କ୍ଷମତାଧାରୀ ବ୍ୟକ୍ତିଙ୍କ ହୀନ ମାନସିକତାକୁ ପରିବର୍ତ୍ତନ କରିବାରେ ସହାୟ ହୁଏ । ଗଳ୍ପ ସ୍ରଷ୍ଟାର ମନ ଦର୍ପଣରେ ପ୍ରତିବିମ୍ବିତ ସାମାଜିକ, ଆର୍ଥନୀତିକ ତଥା ରାଜନୀତିକ ବାତାବରଣକୁ ଦୂଷିତ କରୁଥିବା ଚରିତ୍ରମାନଙ୍କର ଅସଲ ସ୍ୱରୂପ ଉଦ୍‌ଘାଟନ ହୋଇଛି ଉତ୍ତର ଅଶୀ କାଳଖଣ୍ଡରେ । ବିଶେଷତଃ ଦୁର୍ନୀତିର ମୂଳୋତ୍ପାଟନ, ସୁସ୍ଥ ସମାଜ ଗଠନ ଆଉ ନିର୍ମଳ ଭାବମୂର୍ତ୍ତିର ମୁଖା ପିନ୍ଧି ସରଳ ମଣିଷକୁ ଠକାଉଥିବା ଧୂର୍ତ୍ତ ଚରିତ୍ରମାନେ ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ରାଜନୀତିକ ପୃଷ୍ଠଭୂମିରେ ରଚିତ ରବି ପଟ୍ଟନାୟକଙ୍କ 'ପ୍ରଭାସତୀର୍ଥ', ପଦ୍ମଜ ପାଳଙ୍କ 'ତିନିଜଣ', ଜଗଦୀଶ ମହାନ୍ତିଙ୍କ 'ମେଫିଷ୍ଟୋଫେଲିସର ପୃଥିବୀ ଓ ଯୋଡ଼ାଏ ଟଳମଳ ପାଦ', ଭୀମ ପୃଷ୍ଟିଙ୍କ 'ମଗଜ', 'ସିଂହାସନ' ଓ 'କମନ ମ୍ୟାନ୍', ବିଷ୍ଣୁ ସାହୁଙ୍କ 'ଦାୟାଦ' ଓ 'ଗୋଟିଏ ଉଦ୍‌ଘାଟନ ଉତ୍ସବର ଧାରା ବିବରଣୀ', ଦେବବ୍ରତ ମଦନରାୟଙ୍କ 'ଫେରି ଯାଇଛି ବସନ୍ତ', ଓ 'ଭୋଟ ଚାଲିଛି', ଗୌରହରି ଦାସଙ୍କ 'ବିପ୍ଳବୀ', 'ଯୁଦ୍ଧ', 'ମୁଖାବତାର', ଓ 'ଭାରତବର୍ଷ', ଦେବ୍ରାଜ ଲେଙ୍କାଙ୍କ 'ଅଗଷ୍ଟ ୯ର ନେତା', 'ସେ ଦେଶ ସ୍ୱାଧୀନ ନୁହେଁ' ପ୍ରଭୃତି ଗଳ୍ପରେ ଗାଳ୍ପିକମାନେ ସାଂପ୍ରତିକ କାଳର ରାଜନୀତିକ ଭ୍ରଷ୍ଟାଚାର, ବ୍ୟଭିଚାର, ଦୁର୍ନୀତି, ସଂଘର୍ଷ, ରକ୍ତପାତ ଆଦିର ବାସ୍ତବ ଚିତ୍ର ରୂପାୟନ କରିଛନ୍ତି । ସଂପ୍ରତି ରାଜନୀତିକୁ ପେଶାକରି ଜୀବନଯାପନ କରୁଥିବା ବ୍ୟକ୍ତି ବିଶେଷ ଶଠତା, ପ୍ରତାରଣା, ଛଳନା

ଓ ଶୋଷଣକୁ ଆଧାର କରି କିପରି ଅନ୍ୟମାନଙ୍କୁ ଠକିବାରେ ବ୍ୟସ୍ତ ହୋଇପଡ଼ିଛନ୍ତି ତାହା ଦର୍ଶାଯାଇଛି । ଏତଦ୍ ବ୍ୟତୀତ ବର୍ତ୍ତମାନର ପ୍ରଶାସନ, ସମ୍ବାଦପତ୍ର, ବ୍ୟକ୍ତି ଚରିତ୍ରକୁ ଦୁର୍ନୀତିର ଘୁଣ କିପରି ଖାଇଯାଉଛି ତାହାର ସ୍ପଷ୍ଟ ଚିତ୍ର ଏବଂ ଉଚ୍ଚପଦସ୍ଥ ଅଫିସର, ଅନ୍ୟାନ୍ୟ କର୍ମଚାରୀ ତଥା ସାମ୍ବାଦିକଗଣ ସାମାନ୍ୟ ସ୍ୱାର୍ଥ ପାଇଁ କିପରି ନିଜସ୍ୱ ମାନବୀୟ ଧର୍ମକୁ ଭୁଲି ଯାଆନ୍ତି ତାହାର ବାସ୍ତବ ଚିତ୍ର ରୂପାୟନ ହୋଇଛି ଉପରୋକ୍ତ ଗଳ୍ପଗୁଡ଼ିକରେ ।

ଯୁଗେ ଯୁଗେ ଧରି ମଣିଷକୁ ଶୃଙ୍ଖଳିତ ତଥା ନୀତିଯୁକ୍ତ କରି ଗଢ଼ିତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ ତାର ବିଶ୍ୱାସବୋଧ । ଯେଉଁ ବିଶ୍ୱାସବୋଧରୁ ଜନ୍ମ ନେଇଛି ଧର୍ମ । ନିଜ ନିଜ ଧର୍ମର ପ୍ରାଧାନ୍ୟ ବିସ୍ତାର ଲାଭ ନିମନ୍ତେ ଭିନ୍ନଭିନ୍ନ ଧର୍ମାବଲମ୍ବୀ ବ୍ୟକ୍ତିବିଶେଷ ପ୍ରୟାସୀ ହୋଇଉଠିଛନ୍ତି ।ବହୁ ପୂର୍ବରୁ ବିଶ୍ୱରେ ଯେଉଁସବୁ ଧର୍ମାନ୍ଧତା ଓ ଜାତିବିଭେଦତା ଉପୁଜି ଆସୁଛି ସେସବୁ ଦିନକୁ ଦିନ ଭିନ୍ନଭିନ୍ନ ସଂପ୍ରଦାୟର ସଂକୀର୍ଣ୍ଣ ମନୋଭାବ ଯୋଗୁଁ ତୀବ୍ର ରୂପ ନେଉଛି । ଫଳସ୍ୱରୂପ ସାଂପ୍ରତିକ ସମୟରେ ବହୁଳ ପରିମାଣରେ ସାଂପ୍ରଦାୟିକ ଦଙ୍ଗା, ସଂଘର୍ଷ ତଥା ରକ୍ତପାତର ଚିତ୍ର ଦେଖିବାକୁ ମିଳୁଛି । ଯାହାର ବାସ୍ତବଚିତ୍ର ଉତ୍ତର-ଅଶୀ ଗଳ୍ପସାହିତ୍ୟରେ ଫୁଟିଉଠିଛି ଏବଂ କେତେକ ଗଳ୍ପସ୍ରଷ୍ଟା ଏ ଦିଗରେ ଏକ ପରିବର୍ତ୍ତିତ ସ୍ୱର ଆଣିବାକୁ ଚେଷ୍ଟା କରିଛନ୍ତି । ମୁଖ୍ୟତଃ କୃଷ୍ଣପ୍ରସାଦ ମିଶ୍ରଙ୍କ 'ଦିଅଁଙ୍କ ପାଇଁ ଫୁଲ', ବିଷ୍ଣୁ ସାହୁଙ୍କ 'ଘାଟ', ପଦ୍ମଜ ପାଳଙ୍କ 'ଚିରଞ୍ଜୀବୀ ଦୀକ୍ଷିତ', ମନୋଜ ଦାସଙ୍କ 'ଲାଲସନ୍ତକ', ଭୀମ ପୃଷ୍ଟିଙ୍କ 'ଅଧେ ମଣିଷ', ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ 'ଅପେକ୍ଷା', ଦେବବ୍ରତ ମଦନରାୟଙ୍କ 'ଆଉଜଣେ ବାପୁ' ପ୍ରଭୃତି ଗଳ୍ପରେ ଧର୍ମାନ୍ଧତାକୁ କେନ୍ଦ୍ରକରି ସାଂପ୍ରଦାୟିକ ଦଙ୍ଗାର ଚିତ୍ର ତୀବ୍ର ରୂପ ନେଇଛି ।

କୃଷ୍ଣପ୍ରସାଦ ମିଶ୍ରଙ୍କ 'ଦିଅଁଙ୍କ ପାଇଁ ଫୁଲ' ଗଳ୍ପରେ ସମକାଳର ରାମ ମନ୍ଦିର ନିର୍ମାଣ ଓ ବାବରି ମସ୍‌ଜିଦ୍ ଭଙ୍ଗା ପ୍ରସଙ୍ଗକୁ ଭିତ୍ତି କରି ବଙ୍ଗାଳୀ, ମୁସଲମାନ ଓ ପାକିସ୍ତାନ ପଠାଣଙ୍କ ମଧ୍ୟରେ ସାଂପ୍ରଦାୟିକ ଦଙ୍ଗାର ଚିତ୍ର ସ୍ଥାନ ପାଇଥିବା ବେଳେ, ବିଷ୍ଣୁ ସାହୁଙ୍କ 'ଘାଟ' ଓ ପଦ୍ମଜ ପାଳଙ୍କ 'ଚୀରଞ୍ଜୀବୀ ଦୀକ୍ଷିତ' ଗଳ୍ପରେ ହିନ୍ଦୁମାନଙ୍କ ଦ୍ୱାରା ମସ୍‌ଜିଦ୍ ଭଙ୍ଗାରୁଜା ତଥା ମସ୍‌ଜିଦ୍ ବିସ୍ଫୋରଣକୁ କେନ୍ଦ୍ରକରି ଦେଖାଯାଉଥିବା ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସାଂପ୍ରଦାୟିକ ଦଙ୍ଗାର ଚିତ୍ର ଚିତ୍ରିତ । ଅନୁରୂପ ଭାବେ ମନୋଜ ଦାସ ତାଙ୍କର 'ଲାଲସନ୍ତକ' ଗଳ୍ପରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସାଂପ୍ରଦାୟିକ କଳହ କିଭଳି ଉଗ୍ରରୂପ ଧାରଣ କରି ମୃତ୍ୟୁର କାରଣ ପାଲଟିଛି ତାହାର ସ୍ପଷ୍ଟ ଚିତ୍ର ଦର୍ଶାଇବାକୁ ଚେଷ୍ଟା କରିଛନ୍ତି । ସେହିପରି ଭୀମ ପୃଷ୍ଟିଙ୍କ 'ଅଧେ ମଣିଷ' ଗଳ୍ପରେ ହିନ୍ଦୁ ଓ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ଧର୍ମାନ୍ଧତାକୁ କେନ୍ଦ୍ରକରି ବାଦ ବିସମ୍ବାଦର ଚିତ୍ର ଫୁଟି ଉଠିଥିବାବେଳେ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ 'ଅପେକ୍ଷା' ଓ ଦେବବ୍ରତ ମଦନ ରାୟଙ୍କ 'ଆଉଜଣେ ବାପୁ' ଗଳ୍ପରେ ଦୁଇ ସଂପ୍ରଦାୟ ମଧ୍ୟରେ ସାଂପ୍ରଦାୟିକ ଦଙ୍ଗାର ଉଗ୍ର ରୂପ ଲକ୍ଷ୍ୟ କରାଯାଉଥିଲେ ମଧ୍ୟ ପରବର୍ତ୍ତୀକାଳରେ ଉଭୟ ସଂପ୍ରଦାୟ ମଧ୍ୟରେ ସୁସଂପର୍କ ଗଢ଼ି ତୋଳିବା ନିମନ୍ତେ କେତେକ ମାନବୀୟ ଉଦାର ବ୍ୟକ୍ତିବିଶେଷ କିଭଳି ନିଜର ପ୍ରଚେଷ୍ଟା ଅବ୍ୟାହତ ରଖିଛନ୍ତି ତା'ର ଚିତ୍ର ଫୁଟିଉଠିଛି । ସାଂପ୍ରତିକ କାଳରେ ଉପୁଜୁଥିବା ସାଂପ୍ରଦାୟିକ ଦଙ୍ଗା, ସଂଘର୍ଷ ଓ ରକ୍ତପାତରେ ସୁଧାର ଆଣିବା ନିମନ୍ତେ ଏହାହିଁ ଗାଳ୍ପିକ ଦେବବ୍ରତ ମଦନରାୟଙ୍କ ଏକ ବିବର୍ତ୍ତିତ ସ୍ୱର ।

ଅଶୀ ପରବର୍ତ୍ତୀ ଗଳ୍ପ ସାହିତ୍ୟରେ ଉନ୍ମୋଚନ ହୋଇଛି ଦେହ ଅବବୋଧର ନୂତନ ଦିଗନ୍ତ, ପରକୀୟା ସଂପ୍ରୀତି, ବିବାହୋତ୍ତର ଭିନ୍ନ ସଂପର୍କ ତଥା ଚିନ୍ତନ, ପାପବୋଧର ଅନୁଭବ ସହିତ ଦେହାତୀତ ଉପଲବ୍ଧିର କଥା । ନାରୀର ସ୍ଥିତି, ପ୍ରଗତି, ଦୁଃସ୍ଥିତି, ଆତ୍ମୀୟତାବୋଧ, ସ୍ୱପ୍ନ ସମ୍ଭାବନା, ଦୁଃଖ, କାରୁଣ୍ୟ ଆଦି ବିଭବକୁ ଭିତ୍ତିକରି ଅଜସ୍ର ଗଳ୍ପ ରଚନା କରାଯାଇଥିଲେ ମଧ୍ୟ ସର୍ବୋପରି ନାରୀର ଦାବୀ ଓ ସ୍ୱାଧୀକାର ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଉତ୍ତର ଅଶୀ କାଳଖଣ୍ଡରେ । କିନ୍ତୁ ଉତ୍ତର ଅଶୀ ପୂର୍ବକାଳରେ ଗଳ୍ପମାନଙ୍କରେ ରୂପାୟନ କରାଯାଇଛି ଏକ ପକ୍ଷରେ ନାରୀର କମନୀୟ ଓ ଗରିମାମୟ ରୂପ ଏବଂ ଅନ୍ୟପକ୍ଷରେ ତା'ର ନିର୍ଯ୍ୟାତୀତ, ମାନସିକତା, ଯନ୍ତ୍ରଣାବୋଧ, ସର୍ବୋପରି ଜୀବନ ଜୀଇଁବାରବହୁ ପର୍ଯ୍ୟାୟ । ଉକ୍ତ ଧାରାରେ ଗଳ୍ପ ରଚନା କରୁଥିବା ଗାଳ୍ପିକଗଣ ହେଲେ ଆର୍ଯ୍ୟ ଯଜ୍ଞଦତ୍ତ, ଗୌରହରି ଦାସ, ବିଷ୍ଣୁ ସାହୁ, ପ୍ରକାଶ କୁମାର ପରିଡ଼ା, ପ୍ରକାଶ ମହାପାତ୍ର, ଦେବବ୍ରତ ମଦନରାୟ, ଦାଶବେନହୁର, ସଦାନନ୍ଦ ତ୍ରିପାଠୀ, ଶ୍ରୀକାନ୍ତ ଦାସ, ଯଶୋବନ୍ତ ସାମଲ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ବିଜୟ ନାୟକ, କ୍ଷୀରୋଦ ଦାସ, ଅଭୟ ବାରିକ, ରାମଚନ୍ଦ୍ର ବେହେରା, ଶାରଦା ପ୍ରସାଦ ମିଶ୍ର, ଆଦିତେଶ୍ୱର ମିଶ୍ର ପ୍ରମୁଖ । ଉତ୍ତର ଅଶୀ ଗଳ୍ପସାହିତ୍ୟରେ ନାରୀ କେବଳ ପରିତୃଷ୍ଟ ମହିଳା ତଥା ଯୌନ ସମ୍ଭୋଗ ବିଳାସିନୀ ନ ହୋଇ ସେ ଏକ ସ୍ୱାଧୀକାର ସଚେତନ, ପୀଡ଼ନ ଓ ଚାପରୁ ଊର୍ଦ୍ଧ୍ୱକୁ ଆସିବାର ପ୍ରଚେଷ୍ଟାରତ ନାରୀରୂପେ ଅବତୀର୍ଣ୍ଣ । ନାରୀକୁ ଗୋଟିଏ ଭୋଗ୍ୟବସ୍ତୁ, ପୁରୁଷର ଦାସୀ ଓ ପିଲା ଜନ୍ମକାରୀ ଯନ୍ତ୍ର ରୂପେ ଛାଡ଼ି ନଦେଇ ନାରୀର ବ୍ୟକ୍ତିସତ୍ତା, ସ୍ୱାଧୀନ ଚିନ୍ତନ ଓ ସ୍ୱତନ୍ତ୍ର ପରିଚିତିକୁ ପ୍ରାଧାନ୍ୟ ଦେଇଛନ୍ତି କେତେଜଣ ନାରୀ ଲେଖିକା ।ସେମାନଙ୍କ ଗଳ୍ପ ମଧ୍ୟରେ ବୀଣାପାଣି

ମହାନ୍ତିଙ୍କ 'ମାନମୟୀ', 'ସଂକଳ୍ପ', ଓ 'ଦିଗ୍‌ବଳୟ' ଗାୟତ୍ରୀ ସରାଫ୍‌ଙ୍କ 'ବିଷ ବଳୟ', ବିଜୟିନୀ ଦାସଙ୍କ 'ଲେଡ଼ିଜ କ୍ଲବ', ଓ 'କଇଁଛ', ସୁସ୍ମିତା ବାଗଚୀଙ୍କ 'ମାଟି କଣ୍ଢେଇ' ଓ 'ପ୍ରଥମ ସନ୍ଧାନ', ଜୟନ୍ତୀ ରଥଙ୍କ 'ବାଟ' ଓ 'ଶବ୍ଦଖେଳ' ତଥା ପ୍ରତିଭା ରାୟ, ସୁଲୋଚନା ଦାସ, ଯଶୋଧାରା ମିଶ୍ର, ବିଜୟିନୀ ଦାସ, ସରୋଜିନୀ ସାହୁ, ରଶ୍ମି ରାଉଳଙ୍କ ବହୁ ଗଳ୍ପରେ ନାରୀଜୀବନର ବହୁବିଧ ରହସ୍ୟ ଉନ୍ମୋଚନ କରିବା ସଙ୍ଗେ ସଙ୍ଗେ ପୁରୁଷର ବସ୍ତୁବାଦୀ ଓ ଭୋଗବାଦୀ ଚିନ୍ତାଧାରାକୁ ଅସ୍ୱୀକାର କରିବା ଏବଂ ନାରୀ ସଶକ୍ତିକରଣର ତୀବ୍ର ସ୍ୱର ସ୍ପଷ୍ଟ ପରିଲକ୍ଷିତ । ପ୍ରକୃତି ଭଳି ନାରୀକୁ ପୁରୁଷର ଦାସୀରୂପେ ବଞ୍ଚିବାକୁ ଛାଡ଼ି ଦେଇନାହାନ୍ତି ଏଇ ଲେଖିକାଗଣ । ପୁରୁଷର ଭୋଗବାଦୀ ସମାଜକୁ ଦୃଢ଼ କଟାକ୍ଷ କରିବା ସହିତ ନାରୀକୁ ପୁରୁଷର ସମକକ୍ଷ କରିବା ଦିଗରେ ଉକ୍ତ କାଳଖଣ୍ଡର ଲେଖିକାଗଣ ସମେତ କେତେକ ଲେଖକଗଣ ମଧ୍ୟ ସଂକଳ୍ପବଦ୍ଧ ଥିଲେ । ସ୍ଥୁଳତଃ ଉତ୍ତର ନବେ ଗଳ୍ପରେ ନାରୀଶିକ୍ଷା, ସୁରାସାକୀର ପ୍ରଭାବ, ଶୋଷଣ, ଭଣ୍ଡାମୀର ଚିତ୍ର ବଦଳିଯିବା ସଙ୍ଗେସଙ୍ଗେ ଅଧିକ କଳାତ୍ମକ ଓ ବ୍ୟଞ୍ଜନାତ୍ମକ ଭାବେ ପ୍ରକାଶ ପାଇଛି ବାସ୍ତବବାଦ ତଥା ମନସ୍ତାତ୍ତ୍ୱିକ ସଂଘର୍ଷର ଚିତ୍ର ।

ସ୍ଥିତିବାଦୀ ଦର୍ଶନର ପ୍ରତିଫଳନ ୧୯୮୦ ମସିହା ପୂର୍ବରୁ ଘଟିଥିଲେ ମଧ୍ୟ ଏହା ଅଧିକ ତୀବ୍ର ଓ ସ୍ପଷ୍ଟ ରୂପେ ପ୍ରତିଫଳିତ ହୋଇଛି ଉତ୍ତର ଅଶୀ କାଳଖଣ୍ଡରେ । ସ୍ଥିତିବାଦୀ ଦାର୍ଶନିକ କିର୍କେଗାର୍ଡ଼, କାମ୍ୟୁ, କାଫ୍‌କା, ନିତ୍‌ସେ, ସାର୍ତ୍ତେ ପ୍ରମୁଖ ମଣିଷର ବିଖଣ୍ଡିତ ବ୍ୟକ୍ତିତ୍ୱକୁ ଭିନ୍ନ ରୂପ ଦେବା ସହ ଗୋଷ୍ଠୀ ମଣିଷଠାରୁ ତାକୁ ପୃଥକ୍ କରି ଚିହ୍ନଟ କରିଥାନ୍ତି । ସମସ୍ତଙ୍କ ଗହଣରେ ରହି ମଧ୍ୟ ଆଜିର ମଣିଷ ସଂପୂର୍ଣ୍ଣ ଏକାକୀ ଓ ନିଃସଙ୍ଗ । ତା'ର ଏହି ନିଃସଙ୍ଗତା ତଥା ଏକାକୀତ୍ୱକୁ ରୂପ ଦେବା ସହ ମଣିଷର ସ୍ୱରୂପକୁ ଉଦ୍‌ଘାଟନ କରିବାରେ ସହାୟକ ହୋଇଥାଏ ଏହି ସ୍ଥିତିବାଦୀ ଦର୍ଶନ । ଯାହାଫଳରେ ମଣିଷ ତାର ଭାବନା, ଆବେଗ, ଯନ୍ତ୍ରଣା ତଥା ଇଚ୍ଛାଶକ୍ତିକୁ ଚରିତାର୍ଥ କରିବାରେ ସମର୍ଥ ହୋଇଥାଏ । ଅତଏବ ଯୁଗ ଯୁଗ ଧରି ରହିଆସିଥିବା ଈଶ୍ୱର ପ୍ରତି ଆସ୍ଥା, ବିଶ୍ୱାସ ତଥା ବଦ୍ଧମୂଳ ଧାରଣାକୁ ଭିତ୍ତିକରି ପ୍ରଶ୍ନବାଚୀ ସୃଷ୍ଟିହେବା ଫଳରେ 'ଜୀବନ' ହୋଇଉଠିଛି ଗଳ୍ପର କେନ୍ଦ୍ରବିନ୍ଦୁ । ଗଳ୍ପକାର ହୋଇଛି ଅଧିକ ଅନ୍ତର୍ମୁଖୀ ଓ ଜୀବନବାଦୀ ସ୍ରଷ୍ଟା । ବାରମ୍ବାର ପରାଜୟର ସ୍ୱାଦ ଚାଖୁଥିଲେ ମଧ୍ୟ ସେଥିରୁ ବିଜୟ ହାସଲ କରିବାର ମନୋଭାବ ପୋଷଣ କରିଛିଏବଂ ଯନ୍ତ୍ରଣାକ୍ଲିଷ୍ଟ ତଥା ସଂଘର୍ଷପୂର୍ଣ୍ଣ ଭିଡ଼ ମଧ୍ୟରେ ରହି ମଧ୍ୟ ଜୀଇଁବା ଶିଖିଛି ଏବେର ମାନବ ସମାଜ । ଫଳସ୍ୱରୂପ ମନୁଷ୍ୟ ଆତ୍ମହତ୍ୟା ତଥା ମୃତ୍ୟୁକୁ ଜୀବନର ସର୍ବଶେଷ ସମାଧାନ ମନେ ନକରି ଥୁଣ୍ଟା ଗଛରେ ପତ୍ର କଅଁଳିବା ଭଳି ସେଥିରୁ ଜୀଇଁବାର ପଥ ଅନ୍ୱେଷଣ କରିଛି । ଜୀବନ ପ୍ରତି ରହିଥିବା ପାରଂପରିକ ଚିନ୍ତାଧାରାରେ ପରିବର୍ତ୍ତନ ସ୍ୱରୂପ ସ୍ଥିତିବାଦୀ ଚିନ୍ତାଧାରାର ସଫଳ ପ୍ରୟୋଗ ତଥା ଅବିଚ୍ଛିନ୍ନତା ପରିବର୍ତ୍ତେ ବିଚ୍ଛିନ୍ନତାର କଥା କହିଥାଏ ଉତ୍ତର ଅଶୀର ଗଳ୍ପ ସାହିତ୍ୟ । ମୋଟ ଉପରେ ଉତ୍ତର ଅଶୀ କାଳଖଣ୍ଡରେ ଗାଳ୍ପିକମାନେ ଥିଲେ ଜୀବନ ଓ ମୃତ୍ୟୁ ପ୍ରତି ବେଶ୍ ଅନୁରକ୍ତ । ସମସ୍ତ ପ୍ରତିକୂଳ ବାତାବରଣ ସତ୍ତ୍ୱେ ଆଜିର ମଣିଷ ଜୀବନଠାରୁ କଦାପି ପଳାୟନ କରିବାକୁ ଚାହେଁନା । ଏ ସଂପର୍କରେ ଆଦିକନ୍ଦ ସାହୁ କୁହନ୍ତି- "ଆଧୁନିକ ଗାଳ୍ପିକ ଆଜି ବେକାରୀ, ମହଙ୍ଗା, ଅନ୍ୟାୟ, ଶୋଷଣ, ଅନୁଜାରଣ, ଅବିନୟ, ଅପ୍ରେମ ଆଦିକୁ ନାନାମତେ ଲେଖିବା ସତ୍ତ୍ୱେ ସବୁ ପରିସ୍ଥିତିରେ ସେ କେବେ ଜୀବନ ପ୍ରତି ବିମୁଖ ନୁହେଁ; ଯଦିଓ ଗଳ୍ପର ବହିର୍ମୁଖୀନତାରେ ଆପାତଃ ଜୀବନ ବିମୁଖତା ରହିଛି ।" (ସାହୁ, ଡ. ଆଦିକନ୍ଦ, ଆଧୁନିକ ଓଡ଼ିଆ ଗଳ୍ପର ଚେତନାନୁଷଙ୍ଗ ଓ ତାର ଗଳ୍ପକଳା, କୋଣାର୍କ, ୯୪ତମ ସଂଖ୍ୟା, ଅକ୍ଟୋବର ୧୯୯୪, ପୃଷ୍ଠା-୨୨୨) । ଅତଏବ ଉତ୍ତରଅଶୀ ଗଳ୍ପ ସାହିତ୍ୟରେ ମାଟି, ମଣିଷ, ଜୀବନକୁ ନୂଆ ଭାବରେ ଦେଖିବା ସହ ବହୁତତ୍ତ୍ୱର କଥା କୁହାଯାଇଛି । ଏପରିକି ବହୁ ନବୀନ ଗାଳ୍ପିକ ଆବିର୍ଭୂତ ହେବା ସହିତ ବହୁ ପୁରାତନ ଜୀବନବାଦୀ ଗାଳ୍ପିକ ବଳିଷ୍ଠ ଗଳ୍ପ ଲେଖି ଓଡ଼ିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧ କରିବାରେ ଲାଗିଛନ୍ତି । ସେଇ ଗାଳ୍ପିକଗଣ ହେଲେ ବସନ୍ତ କୁମାର ଶତପଥୀ, ଶାନ୍ତନୁ କୁମାର ଆଚାର୍ଯ୍ୟ, କୃଷ୍ଣ ପ୍ରସାଦ ମିଶ୍ର, ବୀଣାପାଣି ମହାନ୍ତି, ରଜନୀକାନ୍ତ ମହାନ୍ତି, ରବି ପଟ୍ଟନାୟକ, ରାମଚନ୍ଦ୍ର ବେହେରା, ଜଗଦୀଶ ମହାନ୍ତି, ରାଧାବିନୋଦ ନାୟକ, ସତ୍ୟ ମିଶ୍ର, ପଦ୍ମଜ ପାଳ, କନ୍‌ହେଇଲାଲ ଦାସ, ଅଶୋକ ଚନ୍ଦନ, ତରୁଣକାନ୍ତି ମିଶ୍ର, ମନୋଜ କୁମାର ପଣ୍ଡା ପ୍ରମୁଖ । ଏମାନଙ୍କ ଗଳ୍ପରେ ମଣିଷର ଏକାକୀତ୍ୱ, ଅସହାୟତା, ନିଃସଙ୍ଗତାଜନିତ ଆବେଗ, ଯନ୍ତ୍ରଣା, ଇଚ୍ଛାଶକ୍ତି ତଥା ବ୍ୟକ୍ତିକୈନ୍ଦ୍ରିକ ଭାବଧାରା ଅଧିକ କଳାତ୍ମକ ରୂପ ଗ୍ରହଣ କରିଛି ।

ଆଲୋଚ୍ୟ କାଳର ଗଳ୍ପ କ୍ଷେତ୍ରରେ ସ୍ଥାନିକତା ବା ଆଞ୍ଚଳିକ ପୃଷ୍ଠଭୂମି, ଭାରତୀୟ ପୃଷ୍ଠଭୂମି ଏବଂ କ୍ଷେତ୍ର ବିଶେଷରେ ସମକାଳୀନ ବିଶ୍ୱ ଗୁରୁତ୍ୱ ପାଇବା ସହିତ ଗୁରୁତ୍ୱ ପାଇଛି ଓଡ଼ିଆ ମାଟି ପାଣି ପବନର ରଙ୍ଗଗନ୍ଧ, ଓଡ଼ିଶାର ଅସ୍ମିତା ତଥା ଚଳଣିର କଥା । ଯନ୍ତ୍ର ସଭ୍ୟତା ମାନବର ପ୍ରିୟ ଭୂମିଖଣ୍ଡକୁ ନିଦାରୁଣ ଭାବେ କିପରି ଗ୍ରାସକରି ଚାଲିଛି ତାର ନିଚ୍ଛକ ଚିତ୍ର ଉକ୍ତ କାଳଖଣ୍ଡର ଗଳ୍ପ

ଜଗତରେ ସ୍ପଷ୍ଟ ରୂପେ ପ୍ରତିଫଳିତ । ସବୁଜ ଶସ୍ୟକ୍ଷେତ ସ୍ଥାନରେ ମୁଣ୍ଡ ଟେକିଛି କଳକାରଖାନା, ଇଟା ଓ କଂକ୍ରିଟର ଘର । ଯାହା ଫଳରେ ମଣିଷର ମନୋଭାବ ମଧ୍ୟ ଧୀରେ ଧୀରେ ଇଟା କଂକ୍ରିଟ ଭଳି କର୍କଶ ହୋଇଉଠୁଛି । ସ୍ନେହ, ଦୟା, ଶ୍ରଦ୍ଧା ପରିବର୍ତ୍ତେ ମଣିଷକୁ ଗ୍ରାସକରି ଚାଲିଛି ସ୍ୱାର୍ଥପରତା ଓ କପଟତା । ଧୀରେ ଧୀରେ ସରଳ ନିରୀହ ଜୀବନଯାପନ କରୁଥିବା ଗ୍ରାମବାସୀବୃନ୍ଦ ସହରାଭିମୁଖୀ ହେବାକୁ ମନ ବଳାଇଛନ୍ତି । କେତେକ ଯୁବଗୋଷ୍ଠୀ ଗ୍ରାମାଞ୍ଚଳର ଚାଷବୃତ୍ତିକୁ ଉପେକ୍ଷା କରି ସହରର ବଡ଼ବଡ଼ ଫ୍ୟାକ୍ଟ୍ରିଗୁଡ଼ିକରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ପରିଣାମ ସ୍ୱରୂପ ଗ୍ରାମାଞ୍ଚଳର ଚାଷଜମି ଗୁଡ଼ିକ ଘାସ ପଡ଼ିଆ ହୋଇ ପଡ଼ିରହିଛି । ସହରୀ ସଭ୍ୟତା ମଧ୍ୟ ଗ୍ରାମାଞ୍ଚଳକୁ କବଳିତ କରିବାକୁ ଲାଗିଛି । ସହରାଞ୍ଚଳର ଚାକଚକ୍ୟ ଓ ବିଭିନ୍ନ ସୁବିଧା ସୁଯୋଗ ଆଜିର ଗ୍ରାମୀଣ ଯୁବଗୋଷ୍ଠୀଙ୍କ ମାନସିକତାକୁ ସହରାଭିମୁଖୀ ହେବାରେ ଜାଗ୍ରତ କରିଛିଏବଂ ନିଜ ନିଜ ଗ୍ରାମାଞ୍ଚଳକୁ ସହରୀକରଣ କରିବା ନିମନ୍ତେ ମନ ବଳାଉଛନ୍ତି । ଫଳସ୍ୱରୂପ ଗ୍ରାମାଞ୍ଚଳଗୁଡ଼ିକରେ ଆଜି ସିମେଣ୍ଟ କଂକ୍ରିଟର ରାସ୍ତାଘାଟ ତଥା ବଡ଼ବଡ଼ ଅଟ୍ଟାଳିକାମାନ କାୟା ବିସ୍ତାର କରିଚାଲିଛି । ଗାଁଗୁଡ଼ିକ ଆଉ ଗାଁ ହୋଇ ରହିନାହିଁ ତାହା କ୍ରମଶଃ ସହରୀ ସଭ୍ୟତା ତଥା ସହରାଞ୍ଚଳର ଚାକଚକ୍ୟରେ ଆଚ୍ଛନ୍ନ ହୋଇପଡ଼ିଛି । ଗ୍ରାମାଞ୍ଚଳର ସମସ୍ତ ସୁବିଧା ସୁଯୋଗ ତଥା ତା'ର ଉନ୍ନତି ଆଶାରେ ଗ୍ରାମବାସୀବୃନ୍ଦ ସହରୀକରଣକୁ ପ୍ରଶୟ ଦେଉଛନ୍ତି । ଧୀରେ ଧୀରେ ତା'ର ସବୁଜିମା ପରିବେଶ ନିଶ୍ଚିହ୍ନ ହୋଇଯାଉଛି । ବାପା, ଜେଜେବାପା ଅମଳର ବହୁ ପୁରୁଖା ପୁରୁଖା ଗଛ ଆଉ ଦେଖିବାକୁ ମିଳୁ ନାହିଁ । ଗ୍ରାମୀଣ ପରିବେଶକୁ ଉପେକ୍ଷା କରି ଯେଉଁ ମଣିଷଟି ଦିନେ ସହରାଭିମୁଖୀ ତଥା ସହରୀ ସଭ୍ୟତାକୁ ଆଦରି ଥିଲା ସେ ଆଜିର ଏକବିଂଶ ଶତାବ୍ଦୀ ବେଳକୁ ନିଜ ଗାଁର ସବୁଜିମା ପରିବେଶ ତଥା ତାଳବଣ, ପୋଖରୀ ତୁଠ, ଖେଳପଡ଼ିଆକୁ ଝୁରି ହେଉଛି । ଅର୍ଥାତ୍ ଅତୀତର ଗଳ୍ପଧାରା ସହରାଭିମୁଖୀ ହୋଇଥିବା ବେଳେ ବର୍ତ୍ତମାନର ଗଳ୍ପଧାରା ତଥା ଗାଳ୍ପିକଗଣ ପୁନରାୟ ପଲ୍ଲୀ ଆଡ଼କୁ ମୁହାଁଇଛନ୍ତି । ଯାହାଫଳରେ ଏକବିଂଶ ଶତାବ୍ଦୀର ବହୁ ଗଳ୍ପ ସ୍ରଷ୍ଟା ଐତିହ୍ୟ ପ୍ରୀତି, ଅତୀତ ପ୍ରୀତି, ଗ୍ରାମ୍ୟ ପ୍ରୀତି, ଜାତି ପ୍ରୀତି ଭିତରେ ଆପଣାର ଅସ୍ମିତାକୁ ଅନ୍ୱେଷଣ କରି ଚାଲିଛି । ଯାହାର ମଜା ସହରାଞ୍ଚଳର ଚାକଚକ୍ୟରେ ଅନୁଭବ କରି ହୁଏ ନାହିଁ । ସହରର ନିଃସଙ୍ଗ ଜୀବନ, ଏକଲାପଣ, ସହରାଞ୍ଚଳର ପରିପାଟୀ ସଂପର୍କ, ସହରୀ ଜୀବନର ଚାଲିଚଳଣ ପ୍ରତି ବିମୁଖ ମନୋଭାବ ଦେଖାଦେଲା ସହରାଭିମୁଖୀ ମଣିଷଟି ପାଖରେ । ସେଥିରୁ ସେ ମୁକ୍ତି ଚାହିଁଛି ଏବଂ ଗ୍ରାମାଞ୍ଚଳର ସବୁଜିମା ପରିବେଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ମନ ବଳାଇଛି । କିନ୍ତୁ ସେତେବେଳକୁ ଗ୍ରାମାଞ୍ଚଳ ଗୁଡ଼ିକରେ ସହରୀ ସଭ୍ୟତା କାୟାବିସ୍ତାର କରି ଚାଲିଛି । ଏହାହିଁ ଉତ୍ତର ଅଶୀ ଗଳ୍ପ ସାହିତ୍ୟ ପାଇଁ ଏକ ବଳିଷ୍ଠ ଉପଜୀବ୍ୟ ।ଏହାକୁ ଭିତ୍ତିକରି ସହରରେ ରହୁଥିବା ଗାଳ୍ପିକ ଏବଂ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ସ୍ଥିତି ତଥା ପରିବର୍ତ୍ତନକୁ ପରଖି ପାରୁଥିବା ଗାଳ୍ପିକଗଣ ବହୁ ଗଳ୍ପ ରଚନା ଦିଗରେ ତତ୍ପର ହୋଇ ଉଠିଛନ୍ତି । ଉତ୍ତର ସତୁରୀ ଦଶକରେ ରଚିତ ମହାପାତ୍ର ନୀଳମଣି ସାହୁଙ୍କ 'ଭାରତମାତା ଜାଗତିଆର, ହୁସିଆର ଭାଇ ହୁସିଆର', 'ରାମ ଯେ ରହିମ୍', 'ହଇରେ ଫୁଲଗଛ କାହିଁକି ମଲୁ', 'ମିଛ ଅବଧାନ ଦର୍ପଦଳନ', 'ବିସମ୍ବାଦ', 'ଅଭିଶପ୍ତ ଗନ୍ଧର୍ବ' ଏବଂ ଅଖିଳମୋହନ ପଟ୍ଟନାୟକଙ୍କ 'ଜଉଘର' ପ୍ରଭୃତି ଗଳ୍ପରେ ଉପରୋକ୍ତ ଭାବଧାରାଟି ସ୍ପଷ୍ଟ ପ୍ରତିଫଳିତ । କିନ୍ତୁ ଉତ୍ତରଅଶୀ କାଳରେ ରବି ପଟ୍ଟନାୟକଙ୍କ 'ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ', ରାଧା ବିନୋଦ ନାୟକଙ୍କ 'ଜହ୍ନିଫୁଲର ଦେଶ' ଓ 'ଶୀତଦିନେ ଗାଁର ଦୃଶ୍ୟ', ଯଶୋଧାରା ମିଶ୍ରଙ୍କ 'ଶୋକ', ଆନନ୍ଦଚନ୍ଦ୍ର ପହିଙ୍କ 'ଅବକ୍ଷୟ', ଗାୟତ୍ରୀ ସରାଫ୍‌ଙ୍କ 'ଅପହଞ୍ଚ ଇଚ୍ଛାର ଇଲାକା', ଅମିୟ ପାଣ୍ଡବଙ୍କ 'ବୋକା ବୋପା', କ୍ଷୀରୋଦ ଦାସଙ୍କ 'ମାଟି ଖୋଜିବାର ବେଳ' ଦାଶ ବେନ୍‌ହୁରଙ୍କ 'ସିଗାରେଟ ଖୋଳ'ଓ 'ବୋଉ', ଅଜୟ ସ୍ୱାଇଁଙ୍କ 'ବୋଉର ଗୀତ ଖାତା', ଅରବିନ୍ଦ ରାୟଙ୍କ 'ଗାୟକ' ଓ 'ବାପା' ପ୍ରଭୃତି ଗଳ୍ପରେ ଗ୍ରାମୀଣ ପରିବେଶ ଓ ସହରୀ ପରିବେଶର ତୁଳନାତ୍ମକ ତର୍ଜମା, ସହରୀ ଜୀବନର ପ୍ରତାରଣା, ଛଳନା ତଥା ଗ୍ରାମୀଣ ପରିବେଶକୁ ପୁନରାୟ ପ୍ରତ୍ୟାବର୍ତ୍ତନ କରିବାର ବ୍ୟାକୁଳତା, ଗାଁରେ ବିତି ଯାଇଥିବା ପିଲାଦିନର ସ୍ମୃତି ପ୍ରଭୃତିର ବାସ୍ତବ ଚିତ୍ର ଲକ୍ଷ୍ୟ କରିହୁଏ । ସ୍ଥୂଳତଃ ଗ୍ରାମାଞ୍ଚଳ ଗୁଡ଼ିକ ସହରୀକରଣକୁ ଆପଣେଇବା ଦିଗରେ ଅନେକାଂଶରେ ଜଗତୀକରଣର ପ୍ରଭାବ ମଧ୍ୟ ରହୁଛି ।

ଜଗତ ବା ସଂସାରକୁ ଏକୀକରଣ କରିବାର ଅନ୍ୟନାମ ଜଗତୀକରଣ । ଅନ୍ୟ ଅର୍ଥରେ କହିଲେ ଜଗତୀକରଣ ହେଉଛି ପାରସ୍ପରିକ କ୍ରିୟା ଏବଂ ଏକୀକରଣର ଏକ ଆର୍ଥନୀତିକ ପ୍ରକ୍ରିୟା ଯାହା ଉଭୟ ସାମାଜିକ ଓ ସାଂସ୍କୃତିକ ଦିଗ ସହ ଜଡ଼ିତ । ମୁଖ୍ୟତଃ ପରିବହନ ଏବଂ ଯୋଗାଯୋଗ ପ୍ରଯୁକ୍ତିର ଅଗ୍ରଗତିକୁ ଦୃଷ୍ଟିରେ ରଖି ଏହି ଜଗତୀକରଣ ପ୍ରକ୍ରିୟା ଉନବିଂଶ ଶତାବ୍ଦୀର ଶେଷଭାଗ ଏବଂ ବିଂଶ ଶତାବ୍ଦୀ ପ୍ରଥମଭାଗ ଠାରୁ ବିଶ୍ୱ ଦରବାରରେ ତ୍ୱରାନ୍ୱିତ ହୋଇଛି ବୋଲି କୁହାଯାଏ । କିନ୍ତୁ ଭାରତରେ ଏହା ୧୯୯୦-

୯୧ ମସିହାଠାରୁ ବିସ୍ତୃତି ଲାଭ କରିବା ସହ ଅଧିକ ଲୋକପ୍ରିୟତା ଅର୍ଜନ କରିପାରିଛି । ମଣିଷର ଉନ୍ନତମାନର ଧୀ'ଶକ୍ତି, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ସଭ୍ୟତାର ବିକାଶ 'ଳରେସାମ୍ପ୍ରତିକଜନଜୀବନରେଯେଉଁସବୁ ପରିବର୍ତ୍ତନର ସୂତ୍ରପାତ କ୍ରମଶଃ ଘଟିଚାଲିଛି ତାହା ସମ୍ଭବପର ହୋଇପାରିଛି ଏହି ଜଗତୀକରଣ ଯୋଗୁଁ । ତତ୍‌ସହିତ ରାତାରାତି ବଡ଼ ଲୋକ ହେବାର ଆଗ୍ରହ ଏବଂ ଉନ୍ନତି ମାର୍ଗରେ ଅଗ୍ରସର ହୋଇ ସ୍ୱପ୍ନିଳ ଜଗତରେ ବିଚରଣ କରିବାର ଉଦ୍ଦାମତା ସମକାଳର ଯୁବଗୋଷ୍ଠୀଙ୍କୁ କବଳିତ କରିଆସୁଛି । ଯାହା ଫଳରେ ପ୍ରତ୍ୟେକଙ୍କର ଅଗ୍ରଗତିର ଏହି ମନୋବୃତ୍ତି ହିଁ ଅଦ୍ୟାବଧି ବିଶ୍ୱର ବିଭିନ୍ନ ଦେଶରେ ବିଦେଶୀ କମ୍ପାନିଗୁଡ଼ିକୁ ପୁଞ୍ଜି ନିବେଶ କରିବାର ସୁଯୋଗ ଆଣି ଦେଇଛି । ଆନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ସୀମା ଆନ୍ଦୋଳନ ସମେତ ଯେଉଁସବୁ ପ୍ରତିବନ୍ଧକ ଉପୁଜୁଥିଲା ତାହାକୁ ସରଳୀକୃତ କରି ବିଶ୍ୱ ବଜାର ଗଠନ କରିବାରେ ସହାୟକ ହୋଇଛି ଆଜିର ଏ ଜଗତୀକରଣ । ଫଳସ୍ୱରୂପ ବର୍ତ୍ତମାନ ସମୟର ମଣିଷ ଘରେ ରହି ମଧ୍ୟ ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର, ହ୍ୱାଟ୍‌ସ୍‌ଆପ୍, ଟ୍ୱିଟର୍, ଫେସ୍‌ବୁକ୍, ଗୁଗୁଲ୍ ଆଦି ଗଣମାଧ୍ୟମରେ ଦେଶବିଦେଶର ଖବର, ଚାଲିଚଳଣି, ରୀତିନୀତି ଜାଣିବା ଏବଂ ସେଠାକାର ଲୋକଙ୍କ ସହ ସହଜରେ ସଂଯୋଗ ସ୍ଥାପନ କରିପାରୁଛି । ଏହି ଜଗତୀକରଣ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ଘଟାଇବା ସହ ଉତ୍ତର ଅଶୀ ଗଳ୍ପ ସାହିତ୍ୟକୁ ମଧ୍ୟ ଋଦ୍ଧିମନ୍ତ କରିଛି । ସଦାନନ୍ଦ ତ୍ରିପାଠୀଙ୍କ 'ଘର', ଜଗଦୀଶ ମହାନ୍ତିଙ୍କ 'ଲଭ୍ ଓ ଡେଡ୍ ସାଇବର୍ ଡଟ୍‌କମ୍', ତରୁଣକାନ୍ତି ମିଶ୍ରଙ୍କ 'ତୁମେ ଯାହା ଦେଖି ନାହଁ', ହୃଷୀକେଶ ପଣ୍ଡାଙ୍କ 'ଛଞ୍ଚାଣ', ରଜନୀକାନ୍ତ ମହାନ୍ତିଙ୍କ 'ଆଦିମାତା', ପବିତ୍ର ପାଣିଗ୍ରାହୀଙ୍କ 'ସ୍ୱର୍ଗସ୍ୱପ୍ନ', ସୁପ୍ରିୟା ପଣ୍ଡାଙ୍କ 'ନିର୍ବାଣ', ଦେବବ୍ରତ ମଦନ ରାୟଙ୍କ 'ଦସ୍ୟୁ', ଜୟନ୍ତୀ ରଥଙ୍କ 'ଇଏ କ'ଣ', ଅନିଲ୍ କୁମାର ପାଢ଼ୀଙ୍କ 'ଝିଟିପିଟି', ସରୋଜ ବଳଙ୍କ 'ମିରର୍ ଇମେଜ' ପ୍ରଭୃତି ଗଳ୍ପ ଏବଂ ପରେଶ ପଟ୍ଟନାୟକ, ପାରମିତା ଶତପଥୀ, ଭୀମ ପୃଷ୍ଟି, ଗୌରହରି ଦାସଙ୍କ ବହୁ ଗଳ୍ପରେ ଜଗତୀକରଣର ସ୍ୱର ସ୍ପଷ୍ଟ ପ୍ରତିଫଳିତ । ଅର୍ଥଲୋଭ ଓ କ୍ଷମତାର ବଶବର୍ତ୍ତୀ ହୋଇ କ୍ଷମତାଧାରୀ ବ୍ୟକ୍ତିଟି କିଭଳି ଉତ୍ତରୋତ୍ତର ବିକାଶ ତଥା ଉନ୍ନତି ପାଇଁ ପ୍ରୟାସରତ ତାହା ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ 'ଘର' ଗଳ୍ପରେ ସ୍ପଷ୍ଟୀକରଣ ହୋଇଛି । ସେହିପରି ଗାଳ୍ପିକ ହୃଷୀକେଶ ପଣ୍ଡାଙ୍କ 'ଛଞ୍ଚାଣ' ଗଳ୍ପରେ ଆଦିବାସୀ ଅଞ୍ଚଳର ବିକାଶ ତଥା ଉନ୍ନତି ନିମନ୍ତେ କଳକାରଖାନା ପ୍ରତିଷ୍ଠା କରିବାର ଆଳ ଦେଖାଇ ବିଦେଶୀ ପୁଞ୍ଜି ନିବେଶକାରୀ କମ୍ପାନୀଗୁଡ଼ିକ କିଭଳି ସେମାନଙ୍କର ଜୀବିକା ବୃତ୍ତିକୁ ଧ୍ୱସ୍ତବିଧ୍ୱସ୍ତ କରିଚାଲିଛି ତାହାର ସ୍ପଷ୍ଟ ଚିତ୍ର ପ୍ରତିଫଳିତ । ଅପରପକ୍ଷେ ଜଗତୀକରଣର ପ୍ରଭାବ ଯୋଗୁଁ ବିଦେଶୀ ମନୋବୃତ୍ତି କିଭଳି ଭାରତୀୟ ଗତାନୁଗତିକ ପରଂପରା ସଂସ୍କୃତି ଉପରେ କୁଠାରଘାତ କରୁଛି ଓ ପାରିବାରିକ ସ୍ନେହ ବନ୍ଧନରେ ବାନ୍ଧି ହୋଇଥିବା ଏକ ଆଦର୍ଶ ଜୀବନଯାପନ ଶୈଳୀରେ ବିଚ୍ଛିନ୍ନତା ତଥା ବହୁ ବିଡ଼ମ୍ବନା ଦେଖାଦେଉଛି ତାହାର ସ୍ପଷ୍ଟ ଚିତ୍ର ଲକ୍ଷ୍ୟ କରିହୁଏ ଗାଳ୍ପିକ ଜଗଦୀଶ ମହାନ୍ତିଙ୍କ 'ଲଭ୍ ଓ ଡେଡ୍ ସାଇବର୍ ଡଟ୍‌କମ୍' ଏବଂ ତରୁଣକାନ୍ତି ମିଶ୍ରଙ୍କ 'ତୁମେ ଯାହା ଦେଖିନାହଁ' ଗଳ୍ପରେ ।

ସାମ୍ପ୍ରତିକ ସମୟରେ ଜଗତୀକରଣର ପ୍ରଭାବ ହିଁ ବିସ୍ଥାପନ ସମସ୍ୟା ଓ ପାରିବେଶିକ ଅସନ୍ତୁଳନର ଅନ୍ୟତମ ପ୍ରମୁଖ କାରଣ ସାଜିଛି । ଜଗତୀକରଣ ଯୋଗୁଁ ଆଜିର ମଣିଷ ଏତେ ପରିମାଣରେ ବସ୍ତୁବାଦୀ ସ୍ୱାର୍ଥ ସର୍ବସ୍ୱ ହୋଇପଡ଼ିଛି ଯେ ସେ ବୁଝି ପାରୁନାହିଁ ସମଗ୍ର ବିଶ୍ୱବାସୀ ଆଜି ସୁସ୍ଥ ଜୀବନଯାପନ ନିମନ୍ତେ କିଭଳି ଦରାଣ୍ଡି ହେଉଛନ୍ତି । ଏଥିରୁ ଜଣାପଡୁଛି ପୃଥିବୀ ଆଜି ପ୍ରତିମୁହୂର୍ତ୍ତରେ ଧ୍ୱଂସାଭିମୁଖୀ ସ୍ଥିତିରେ ଗତିଶୀଳ । ସେଠି ନା ଅଛି ପିଇବା ପାଇଁ ବିଶୁଦ୍ଧ ଜଳ ନା ଅଛି ଶ୍ୱାସପ୍ରଶ୍ୱାସ ପାଇଁ ସତେଜ ପବନ । ଧ୍ୱଂସାଭିମୁଖୀ ବିଶ୍ୱକୁ ସୁରକ୍ଷିତ ରଖିବା ନିମନ୍ତେ ବିଭିନ୍ନ ଦେଶର ସରକାର ଓ କେତେକ ସଚେତନ ନାଗରିକ ସଂପ୍ରତି ବନୀକରଣ ଯୋଜନାକୁ ଆଦରି ନେଇଛନ୍ତି । ଏହି ଯୋଜନା ଯେତେ ପରିମାଣରେ କାର୍ଯ୍ୟକାରୀ ହେଉଛି ତାଠାରୁ ଅଧିକ ପରିମାଣରେ ବଢ଼ିବଢ଼ି ଚାଲିଛି ଖଣି ଖନନ ଓ କଳକାରଖାନା ପ୍ରତିଷ୍ଠା ନିମନ୍ତେ ଜଙ୍ଗଲ କାଟି ସଫା କରିବା କାର୍ଯ୍ୟ । ଏତଦ୍ ବ୍ୟତୀତ କଳକାରଖାନା ଓ ଯାନବାହାନର ଧୂଆଁ ଯୋଗୁଁ ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗୁଛି ଏବଂ ଏହାହିଁ ପରବର୍ତ୍ତୀ କାଳରେ ଭୟଙ୍କର ରୋଗର କାରଣ ପାଲଟୁଛି; ଯାହାର ଚିକିତ୍ସା କରିବା ସମ୍ଭବପର ହୋଇ ପାରୁନାହିଁ । ସ୍ଥୂଳତଃ କଳକାରଖାନା, ବଡ଼ବଡ଼ ଅଟ୍ଟାଳିକା, ବନ୍ଧ, ଜଳାଗାର, ରାସ୍ତାଘାଟ ପ୍ରଭୃତି ନିର୍ମାଣ କରି ସମାଜର ଉନ୍ନତି ନାଁରେ ବହୁ ସରଳ ନିରୀହ ଗ୍ରାମବାସୀ ତଥା ଜନଜାତି ବର୍ଗଙ୍କୁ ବାସହରା କରି ଦିଆଯାଉଛି । ବିଶେଷତଃ ଆଦିବାସୀ ଜନଜାତି ଅଞ୍ଚଳର ବୃକ୍ଷଲତା, ପାହାଡ଼, ନଦୀ, ଝରଣା ତଥା ସବୁଜ ଭରା ପରିବେଶକୁ ଧ୍ୱସ୍ତବିଧ୍ୱସ୍ତ କରାଯାଇ ସେମାନଙ୍କୁ ନିଜ ନିଜ ସ୍ଥାନରୁ ବିସ୍ଥାପନ କରାଯାଉଛି । ସର୍ବୋପରି ଅରଣ୍ୟ ଓ ପାହାଡ଼ର ଖନନ, ପକ୍ଷୀବସା ଭାଙ୍ଗିଯିବାର ପୀଡ଼ା, ଶସ୍ୟ ଶୂନ୍ୟକ୍ଷେତ, ପତ୍ରହୀନ ଗଛ,

ସ୍ରୋତହୀନ ନଈ, କ୍ଷୟପ୍ରାପ୍ତ ଜଙ୍ଗଲ, ସଂକଟାପନ୍ନ ଜଳ, ବିଶ୍ୱ ତାପନ, ମହାବାତ୍ୟାର କରୁଣ ବିପର୍ଯ୍ୟୟ, ସୁନାମୀର ପ୍ରଳୟଙ୍କରୀ ରୂପ, ବିଶେଷ କରି ଜଳ-ଭୂମି-ଜଙ୍ଗଲ ଉପରେ ଅଧିକାର ସାବ୍ୟସ୍ତ କରୁଥିବା ମଣିଷର ସଂଘର୍ଷ ଓ ସ୍ଥିତି ଉତ୍ତର ଅଶୀ କାଳଖଣ୍ଡର ଗଳ୍ପ ସାହିତ୍ୟ ପାଇଁ ଆଣିଦେଇଛି ନୂତନ ଧାରଣା ତଥା ଚିନ୍ତନ । ଏହି କାଳଖଣ୍ଡରେ ମହାବାତ୍ୟା, ଫାଇଲିନ୍, ହୁଡ୍‌ହୁଡ୍, ତିତିଲି, ଫଣୀ, ଅମ୍ପାନ ଭଳି ବହୁ ପ୍ରାକୃତିକ ଦୁର୍ବିପାକର ଚିତ୍ର ମଧ୍ୟ ଧୀରେ ଧୀରେ ଏକବିଂଶ ଶତାବ୍ଦୀର ଗଳ୍ପ ସାହିତ୍ୟ ମଧ୍ୟକୁ ଅନୁପ୍ରବେଶ କରିଚାଲିଛି । ଉପରୋକ୍ତ ଭାବଧାରାକୁ ଭିତ୍ତିକରି ରଚିତ ଗଳ୍ପଗୁଡ଼ିକ ମଧ୍ୟରେ ଉତ୍ତରଅଶୀ କାଳଖଣ୍ଡରେ ହୃଷୀକେଶ ପଣ୍ଡାଙ୍କ 'ଛଅଣ', ପ୍ରକାଶ କୁମାର ପରିଡ଼ାଙ୍କ 'ବୃକ୍ଷ ଜାତକ', ଗୌରହରି ଦାସଙ୍କ 'ଡେରାସରେ ବଣଭୋଜି' ଓ 'ଘଡ଼ିମୂଳ', ଗାୟତ୍ରୀ ସରାଫ୍‌ଙ୍କ 'ଶୂନ୍ୟକୁ ପ୍ରଶ୍ନ' ଓ 'ଅପହଞ୍ଚ ଇଚ୍ଛାର ଇଲାକା', ଅଚ୍ୟୁତାନନ୍ଦ ପତିଙ୍କ 'ବରକନ୍ୟା', ଦାଶବେନ୍‌ହୁରଙ୍କ 'ସବୁଜ ସଂଳାପ' ଓ 'ବନ୍ୟା ଅନ୍ତରାଳେ', ଦେବବ୍ରତ ମଦନରାୟଙ୍କ 'ନଈବଢ଼ି' ପ୍ରଭୃତି ଗଳ୍ପରେ ପାରିବେଶିକ ଦୁଃସ୍ଥିତି ଏବଂ ପ୍ରାକୃତିକ ବିପର୍ଯ୍ୟୟର ଚିତ୍ର ସ୍ପଷ୍ଟ ପ୍ରତିବିମ୍ବିତ । ମୋଟ ଉପରେ ଗାଳ୍ପିକମାନଙ୍କର ଏ ସଂପର୍କିତ ଗଳ୍ପଗୁଡ଼ିକ ଯେ ପରବର୍ତ୍ତୀ କାଳରେ ପରିବେଶକୁ ସୁରକ୍ଷିତ ରଖିବା ଦିଗରେ ବର୍ତ୍ତମାନର ଧ୍ୱଂସାଭିମୁଖୀ ମାନବ ସମାଜକୁ ବିଶେଷ ସହାୟକ ହେବ ଏହା ନିଃସନ୍ଦେହ ।

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ନିରନ୍ତର ବିକାଶ, ପାରମାଣବିକ ପରୀକ୍ଷା ନିରୀକ୍ଷା, ଜଗତୀକରଣ, ଶିଳ୍ପାୟନ ଆଦି ନାଁରେ ଯେଉଁସବୁ ଅପପ୍ରୟୋଗ ଘଟୁଛି ତାହ ।ଉତ୍ତରଅଶୀ କାଳଖଣ୍ଡରେ ଅନେକ ଭୟ, ଆଶଙ୍କା ଓ ବିଷାଦର କାରଣ ରୂପେ ଦୃଷ୍ଟିଗୋଚର ହୋଇଛି । ଫଳସ୍ୱରୂପ ଶିଳ୍ପାୟନ ଓ ଉଦାରୀକରଣ ନାଁରେ ବିସ୍ଥାପନ ସମସ୍ୟା ଏକ ବଡ଼ ସମସ୍ୟା ରୂପେ ଦଣ୍ଡାୟମାନ । ବର୍ଷ ବର୍ଷ ଧରି ନିଜର ଭିଟାମାଟି ପ୍ରତି ରହି ଆସିଥିବା ମୋହମାୟାକୁ ତୁଟାଇ ସମସ୍ତେ ଅନ୍ୟ ଏକ ସ୍ଥାନକୁ ବିସ୍ଥାପିତ ହେବାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ସାଂପ୍ରତିକ କାଳରେ ସେମାନେ ବିରୁଦ୍ଧାଚରଣ କରିବାକୁ ମଧ୍ୟ ଆଗେଇ ଆସନ୍ତି । ଯାହାଫଳରେ ବଡ଼ବଡ଼ କମ୍ପାନୀ ମାଲିକ ତଥା ସରକାର ଓ ସାଧାରଣ ଜନତାଙ୍କ ମଧ୍ୟରେ ଅନେକ ସମୟରେ ସଂଘର୍ଷ ଲାଗି ରହେ ଏବଂ ଏହି ସଂଘର୍ଷ ଧୀରେ ଧୀରେ ଏକ ଜନ ଆନ୍ଦୋଳନର ରୂପ ନିଏ । ମୁଖ୍ୟତଃ ଆଦିବାସୀମାନେ ସଂପ୍ରତି ଏହି ସମସ୍ୟାର ବହୁଳ ସମ୍ମୁଖୀନ ହେଉଛନ୍ତି । ବିଦେଶୀ କମ୍ପାନୀଗୁଡ଼ିକୁ ପୁଞ୍ଜି ନିବେଶ କରିବାର ସୁବିଧା ସୁଯୋଗ ଦେବା ଏବଂ କଳକାରଖାନା ପ୍ରତିଷ୍ଠା କରିବା ନିମନ୍ତେ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ହିଁ ଏବେର ଆଦିବାସୀମାନଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରୁଛି । ଯୁଗେ ଯୁଗେ ଧରି ସେମାନେ ସଭ୍ୟଶିକ୍ଷିତ ବାବୁଭାୟା ତଥା ସହରୀ ସଭ୍ୟତା ଦ୍ୱାରା ବିପର୍ଯ୍ୟସ୍ତ ହୋଇ ଆସୁଥିଲେ ମଧ୍ୟ ସଂପ୍ରତି ଏହାକୁ ବିରୁଦ୍ଧାଚରଣ କରୁଛନ୍ତି । ସେମାନଙ୍କର ରହି ଆସିଥିବା ଚାଲିଚଳଣି, ରୀତିନୀତି, ପରଂପରା, ବିଶ୍ୱାସ ସବୁକିଛି ଭୁଷୁଡ଼ି ପଡ଼ିଛି । ବିଶ୍ୱାସର ସହ ପୂଜା କରି ଆସୁଥିବା ବୃକ୍ଷଦେବତା ମଧ୍ୟ ସେମାନଙ୍କ ଭିଟାମାଟିରୁ ନିଶ୍ଚିହ୍ନ ହେଇଯାଉଛି । ସର୍ବୋପରି ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ୭୦ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ସମସ୍ୟାର କୌଣସି ସନ୍ତୋଷଜନକ ସମାଧାନ ହୋଇପାରୁ ନାହିଁ । ବାସ୍ତବିକ୍ ଦୁଇଟି ଘଟଣା ଯଥା- ବାଲିଆପାଳର କ୍ଷେପଣାସ୍ତ୍ର ଘାଟି ନିମନ୍ତେ ବିସ୍ଥାପନ ଓ ଯାଜପୁର କଳିଙ୍ଗ ନଗରର ଆଦିବାସୀ ବିସ୍ଥାପନ ସମଗ୍ର ଓଡ଼ିଶାରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା । ଯାହାର ବାସ୍ତବ ଚିତ୍ର ଉତ୍ତରଅଶୀ ସାହିତ୍ୟ ଜଗତକୁ ଅଧିକ ବାସ୍ତବମୁଖୀ ତଥା ବୁଦ୍ଧିମନ୍ତ କରି ଗଢ଼ି ତୋଳିଛି । ମୁଖ୍ୟତଃ ଚନ୍ଦ୍ରଶେଖର ରଥଙ୍କ 'ନିର୍ମାଣ', ରବି ପଟ୍ଟନାୟକଙ୍କ 'ଅସତ୍ୟ ସହର', କୃପାସାଗର ସାହୁଙ୍କ 'ଗଡ଼ଜୟ', ରାଧାବିନୋଦ ନାୟକଙ୍କ 'ଶରଣାର୍ଥୀ', ଗୌରହରି ଦାସଙ୍କ 'ପଶାପାଲି' ପ୍ରଭୃତି ଗଳ୍ପରେ ବିସ୍ଥାପନ ସମସ୍ୟାର ସ୍ପଷ୍ଟ ପ୍ରତିଫଳନ ଲକ୍ଷ୍ୟ କରାଯାଏ । ବଡ଼ବଡ଼ କମ୍ପାନୀଗୁଡ଼ିକ ଗ୍ରାମାଞ୍ଚଳରେ କଳକାରଖାନା ନିର୍ମାଣ କରି ସରଳ ନିରୀହ ଗ୍ରାମବାସୀଙ୍କୁ ଉଚ୍ଛେଦ କରିବା ଏବଂ ସେମାନଙ୍କର ଚାଷଜମିକୁ ଧ୍ୱସ୍ତବିଧ୍ୱସ୍ତ କରିବାର ଆଶଙ୍କା କିଭଳି ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି ତାହାର ବାସ୍ତବ ଚିତ୍ର ରୂପାୟନ ହୋଇଛି ଚନ୍ଦ୍ରଶେଖର ରଥଙ୍କ 'ନିର୍ମାଣ' ଗଳ୍ପରେ । ଅନୁରୂପ ଭାବେ କୃପା ସାଗର ସାହୁଙ୍କ 'ଗଡ଼ଜୟ' ଗଳ୍ପରେ ରେଲ୍‌ୱେ ଷ୍ଟେସନ ନିକଟବର୍ତ୍ତୀ ଗାନ୍ଧିନଗର ବସ୍ତି ଉଚ୍ଛେଦର ଚିତ୍ର ଏବଂ ସେଠାରେ ବଡ଼ବଡ଼ ଆପାର୍ଟମେଣ୍ଟ ନିର୍ମାଣ ହେବାର ଯୋଜନାବଦ୍ଧ ଚିତ୍ର ରୂପାୟିତ । ଏହିସବୁ ବିପର୍ଯ୍ୟସ୍ତ ପରିସ୍ଥିତିକୁ ବସ୍ତିବାସିନ୍ଦାମାନେ ସହଜରେ ଗ୍ରହଣ କରିପାରି ନାହାଁନ୍ତି, ବରଂ ବସ୍ତି ଉଚ୍ଛେଦର ପ୍ରତିକ୍ରିୟା ସେମାନଙ୍କ ମନରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି । ଏତଦ୍ ବ୍ୟତୀତ ବସ୍ତି ଉଚ୍ଛେଦ ଓ ବିସ୍ଥାପନ ସମସ୍ୟାର ସ୍ୱର ପରିଲକ୍ଷିତ ହୁଏ ରାଧାବିନୋଦ ନାୟକଙ୍କ 'ଶରଣାର୍ଥୀ' ଓ ଗୌରହରି ଦାସଙ୍କ 'ପଶାପାଲି' ଗଳ୍ପରେ । ଉଭୟ ଗଳ୍ପରେ ପ୍ରତିବାଦର ସ୍ୱର ସ୍ପଷ୍ଟ ଫୁଟିଉଠିଛି ସତ, କିନ୍ତୁ 'ଶରଣାର୍ଥୀ' ଗଳ୍ପରେ ବିସ୍ଥାପିତ ସରଳ ନିରୀହ ବସ୍ତିବାସିନ୍ଦାମାନେ ସେସବୁର ଘୋର

ବିରୋଧ କରୁଥିବା ବେଳେ 'ପଶାପାଲି' ଗଳ୍ପରେ ରାଜନୀତିକ ଗୋଷ୍ଠୀର ବଡ଼ବଡ଼ ନେତାମାନେ ନିଜ ନିଜ ଦଳର ଅହମିକାକୁ ପ୍ରତିଷ୍ଠା ଦେବା ନିମନ୍ତେ ପ୍ରତିବାଦର ସ୍ୱର ଉଠାଇଛନ୍ତି । ଯାହାଫଳରେ ଏହି ବିସ୍ଥାପନ ସମସ୍ୟା ଅଦ୍ୟାବଧି କୌଣସି ସ୍ଥାୟୀ ସମାଧାନରେ ପହଞ୍ଚି ନପାରି ଏକ ଜନ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଛି ।

ବୌଦ୍ଧଧର୍ମ ତଥା ଗାନ୍ଧୀଙ୍କ ପ୍ରତି ଏକ ପରିବର୍ତ୍ତିତ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହୋଇଛି ଉତ୍ତରଅଶୀ ଓଡ଼ିଆ ଗଳ୍ପ ସାହିତ୍ୟରେ । ପ୍ରାଚୀନ କାଳରୁ ବୌଦ୍ଧଧର୍ମ ପ୍ରତି ଯେଉଁସବୁ ମୂଲ୍ୟବୋଧ ରହିଆସିଛି ତା'ର ସଂପୂର୍ଣ୍ଣ ପରିବର୍ତ୍ତନ ଘଟିଛି ଉତ୍ତରଅଶୀ କାଳରେ । ପ୍ରତିଟି ମଣିଷକୁ ନିର୍ବାଣ ପ୍ରାପ୍ତି ନିମନ୍ତେ ଗୃହତ୍ୟାଗ ତଥା ସଂସାର ତ୍ୟାଗ କରିବାର ଆବଶ୍ୟକ ପଡୁନାହିଁ । ବରଂ ସେମାନେ ନିଜ ପରିବାରବର୍ଗ ତଥା ନିଜ ସଂସାର ଭିତରେ ରହି ପରିଶୋଧ ଚିତ୍ତବୃତ୍ତି ସହ ନିର୍ବାଣ ପ୍ରାପ୍ତିର ମାର୍ଗକୁ ଅନୁସରଣ କରି ପାରୁଛନ୍ତି । ସାରୀପୁତ୍ତ ଭଳି ସେମାନଙ୍କୁ ଆଉ ଗୃହତ୍ୟାଗ କରିବାକୁ ପଡୁଛି ନା ସନ୍ୟାସ ବ୍ରତ ପାଳନ କରିବାକୁ; ପରନ୍ତୁ ସେମାନେ ପୂର୍ବ ପ୍ରଚଳିତ ବୌଦ୍ଧଧର୍ମର ସମସ୍ତ ମୂଲ୍ୟବୋଧକୁ ଅସ୍ୱୀକାର କରିବା ଆରମ୍ଭ କରି ଦେଇଛନ୍ତି । ଠିକ୍ ସେହିଭଳି ଗାନ୍ଧୀବାଦୀ ଚିନ୍ତାଚେତନା ପ୍ରତି ଏକ ଭିନ୍ନ ଦୃଷ୍ଟିଭଙ୍ଗୀ ଲକ୍ଷ୍ୟ କରାଯାଏ ଏହି କାଳଖଣ୍ଡରେ । ମୁଖ୍ୟତଃ ୧୮୬୯ ରୁ ୧୯୪୮ ପର୍ଯ୍ୟନ୍ତ ଦୀର୍ଘ ୭୮ ବର୍ଷର ଜୀବନପନ୍ଥା ମଧ୍ୟରେ ଗାନ୍ଧୀଙ୍କଠାରେ ଯେଉଁସବୁ ମହାନ୍ ଗୁଣାବଳୀ ତଥା ଆଦର୍ଶ ପରିଲକ୍ଷିତ, ତାହାହିଁ ପରବର୍ତ୍ତୀକାଳରେ ଗାନ୍ଧୀବାଦୀ ଆଦର୍ଶ ରୂପେ ପରିଲକ୍ଷିତ । ଏହି ଆଦର୍ଶରେ ସମଗ୍ର ବିଶ୍ୱ ସାହିତ୍ୟ ଅନୁପ୍ରାଣିତ ହେଉଥିବା ସ୍ଥଳେ ସଂପ୍ରତି ଭାରତୀୟ ତଥା ଓଡ଼ିଆ ସାହିତ୍ୟ ସେଥିରୁ ବିଚ୍ୟୁତ ହୋଇ ଗାନ୍ଧୀଙ୍କ ନାମରେ ସଂକୀର୍ଣ୍ଣ ପନ୍ଥାକୁ ଆପଣେଇ ଚାଲିଛି । ଅର୍ଥାତ୍ ଗାନ୍ଧୀ ଏବେ ବ୍ୟବସାୟିକ ପନ୍ଥା ନେତାମନ୍ତ୍ରୀଙ୍କ ଭାଷଣ, ପ୍ରବନ୍ଧ, ଜନ୍ମ ଜୟନ୍ତୀ, ମୃତ୍ୟୁ ବାର୍ଷିକୀ, ସ୍ମୃତିସଭା, ରାମଧୂନ ଓ ଷ୍ଟ୍ୟାଚ୍ୟୁଙ୍କ ଗହଳିରେ କ୍ରମଶଃ ସଂକୁଚିତ ହେବାରେ ଲାଗିଛି । ଯେଉଁ ଗାନ୍ଧିବାଦୀ ଚିନ୍ତାଧାରା ଦିନେ ଜାତି, ଧର୍ମ, ବର୍ଣ୍ଣ ତଥା ମଣିଷର ସଂକୀର୍ଣ୍ଣ ମନସ୍କତାରୁ ବହୁ ଉର୍ଦ୍ଧ୍ୱରେ ଥିଲା ତାହା ଆଜି ନିମ୍ନଗାମୀ ମନେ ହୋଇଛି । ଯାହାକୁ ପୁନଃ ପ୍ରତିଷ୍ଠା କରିବା ନିମନ୍ତେ ଉତ୍ତରଅଶୀ ଗଳ୍ପ ସ୍ରଷ୍ଟାଗଣ ପ୍ରୟାସ ଜାରି ରଖିଛନ୍ତି । ମୁଖ୍ୟତଃ ରବି ପଟ୍ଟନାୟକ, ରାମଚନ୍ଦ୍ର ବେହେରା, ପ୍ରତିଭା ରାୟ, ଉତ୍ତମ ନାୟକ, ପ୍ରଦୋଷ ମିଶ୍ର, ତରୁଣକାନ୍ତି ମିଶ୍ର, ହୃଷୀକେଶ ପଣ୍ଡା, ଗଣେଶ୍ୱର ମିଶ୍ର, ଗୌରହରି ଦାସ, ଭୀମ ପୃଷ୍ଟି, କବିତା ବାରିକ, ପ୍ରକାଶ କୁମାର ପରିଡ଼ା, ଗିରୀଶଚନ୍ଦ୍ର ସାହୁ, ରଜନୀକାନ୍ତ ମହାନ୍ତି, ବିଷ୍ଣୁ ସାହୁ, ଆର୍ଯ୍ୟ ଯଜ୍ଞଦତ୍ତ ପ୍ରମୁଖ ଉତ୍ତରଅଶୀ ଗଳ୍ପ ସ୍ରଷ୍ଟାଗଣ ଗାନ୍ଧିବାଦର ବିବିଧ ମର୍ମଧ୍ୱନିକୁ ସେମାନଙ୍କ ଗଳ୍ପ ମାଧ୍ୟମରେ ଉଦ୍‌ଭାସିତ କରିପାରିଛନ୍ତି । ମୋଟାମୋଟି ଭାବେ ଏମାନଙ୍କ ଗଳ୍ପଗୁଡ଼ିକରେ ଗାନ୍ଧି କେଉଁଠି ଚେତନାରେ ତ କେଉଁଠି ବିଚାର ବୋଧରେ, କେଉଁଠି ବାଣୀ ତଥା ଆଦର୍ଶରେ ତ ଆଉ କେଉଁଠି ଗାନ୍ଧି ସଶରୀରେ ଉଦ୍‌ଭାସିତ ।

ସାଂପ୍ରତିକ ଘଟଣା, ପରିବେଶ, ପରିସ୍ଥିତି ତଥା ମଣିଷର ଅସଲ ସ୍ୱରୂପକୁ ଉଦ୍‌ଘାଟନ କରିବା ପାଇଁ ଅନେକ ସମୟରେ ଅତୀତରେ ଘଟିଯାଇଥିବା ଜଣାଶୁଣା ଘଟଣା, ପୁରାଣ, ଇତିହାସ, ଜନଶ୍ରୁତି, କିମ୍ବଦନ୍ତୀ, ଲୋକକଥା ତଥା ପ୍ରାଚୀନ କାହାଣୀର ଆଶ୍ରୟ ନିଆଯାଇଥାଏ । କାହିଁକିନା ବାର୍ତ୍ତମାନିକତାକୁ ସିଧାସଳଖ ଦର୍ଶାଇବା ଅପେକ୍ଷା ଅତୀତ ଭିତରେ ତାର ସାଂପ୍ରତିକୀକରଣ ରୂପକୁ ପ୍ରତିଫଳନ କରିବା ଦ୍ୱାରା ଗାଳ୍ପିକର ଶିଳ୍ପଗତ ଚାତୁର୍ଯ୍ୟ ଅଧିକ ଆକର୍ଷଣୀୟ ମନେହୁଏ । ଓଡ଼ିଆ ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପ ଫକୀରମୋହନ ସେନାପତିଙ୍କ 'ରେବତୀ' ହେଉଛି ଅତୀତରେ ଲିପିବଦ୍ଧ ହୋଇସାରିଥିବା ଏକ ଚର୍ଚ୍ଚିତ ତଥା ବହୁ ପରିଚିତ ଗଳ୍ପ । 'ରେବତୀ' ଭଳି ଅତୀତରେ ଲିପିବଦ୍ଧ ହୋଇଥିବା ଆଉ କେତୋଟି ଅତି ପରିଚିତ ଗଳ୍ପ ମଧ୍ୟ ରହିଛି ଯାହା ବହୁଳ ମାତ୍ରାରେ ଲୋକପ୍ରିୟତା ଅର୍ଜନ କରିବା ସହିତ ପରବର୍ତ୍ତୀ ପର୍ଯ୍ୟାୟର ଗାଳ୍ପିକମାନଙ୍କ ମାନସପଟରେ ରେଖାପାତ କରିଛି । ଫଳସ୍ୱରୂପ ଫକୀରମୋହନଙ୍କ 'ରେବତୀ', 'ପେଟେଣ୍ଟ ମେଡ଼ିସିନ୍' ଓ 'ରାଣ୍ଡିପୁଅ ଅନନ୍ତା', ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବୁଢ଼ା ଶଙ୍ଖାରୀ', ଗୋଦାବରୀଶ ମହାପାତ୍ରଙ୍କ 'ନୀଳମାଷ୍ଟ୍ରାଣୀ', କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଂସର ବିଳାପ' ପ୍ରଭୃତି ଗଳ୍ପର ଭାବଧାରା ତଥା ନାମକରଣକୁ ଭିତ୍ତିକରି ପରବର୍ତ୍ତୀ କାଳରେ ବହୁ କବିତା ଓ ଗଳ୍ପମାନ ରଚନା କରାଯାଉଛି । କିନ୍ତୁ ଫକୀରମୋହନଙ୍କ 'ରେବତୀ'କୁ ଭିତ୍ତିକରି ଗଢ଼ି ଉଠିଥିବା ଗଳ୍ପ ସଂଖ୍ୟା ସର୍ବାଧିକ । ଯାହା ଅଦ୍ୟାବଧି ବଳବତ୍ତର ରହିଛି । ଏହାହିଁ ଉତ୍ତରଅଶୀ ଓଡ଼ିଆ ଗଳ୍ପଜଗତ ପାଇଁ ହୋଇଛି ଏକ ଅଣପାରଂପରିକ ନୂତନ ସିରିଜ୍ ବା ପର୍ଯ୍ୟାୟ । ଏଥିସହିତ ପୁରାଣ, ଇତିହାସ, ଜନଶ୍ରୁତି, କିମ୍ବଦନ୍ତୀ ଲୋକକଥା ତଥା ପ୍ରାଚୀନ କାହାଣୀ ପରଂପରାର ସାଂପ୍ରତିକ ରୂପ ହିଁ ଆଲୋଚ୍ୟ କାଳଖଣ୍ଡର ଗଳ୍ପଜଗତକୁ ନୂତନ ଅଭିବ୍ୟକ୍ତି ଯୋଗାଇଛି । ଅର୍ଥାତ୍ ଅତୀତର ଛାଞ୍ଚରେ ପରିପ୍ରକାଶ ଘଟିଛି ସମକାଳୀନ ବାସ୍ତବତା ତଥା ବ୍ୟକ୍ତି ମଣିଷର ସ୍ୱରୂପ । ସର୍ବୋପରି ଉତ୍ତରଅଶୀ ଗଳ୍ପ

ଜଗତରେ ପ୍ରାଚୀନ ପରଂପରା ସାଂପ୍ରତିକ ପରଂପରା ସହିତ ଯୋଡ଼ିହୋଇ ନୂତନ ଭାବେ ଉଦ୍‌ଭାସିତ ହୋଇଛି । ଉକ୍ତ କାଳଖଣ୍ଡରେ ମନୋଜ ଦାସଙ୍କ 'ଅବୋଲକରା କାହାଣୀ' ସଂକଳନର 'ମୂର୍ଖ ଭୃତ୍ୟ ଉପାଖ୍ୟାନ', 'ଉଡ଼ନ୍ତା କଇଁଛ', 'ଶଶକର ମନସ୍ତତ୍ତ୍ୱ', କଇଳାଶ ପଟ୍ଟନାୟକଙ୍କ 'ବିନୋଦ ଦ୍ୱାଦଶ' ଓ 'ଶୁଣ ଅବୋଲକରା' ଗ୍ରନ୍ଥ ଦ୍ୱୟ, ସତ୍ୟପ୍ରିୟ ମହାଳିକଙ୍କ 'କଥାତନ୍ତ୍ର' ଓ 'ସରିନଥିବା ଲୋକକଥା' ଗ୍ରନ୍ଥ ଦ୍ୱୟ, ହୃଷୀକେଶ ପଣ୍ଡାଙ୍କ 'ଗଉଡ଼ ଟୋକା', 'ବୁଢ଼ୀ ଅସୁରୁଣୀ କଥା', 'ପଣ୍ଡିତେ ଓ ଅବୋଲକରା କଥା', 'ସାବିତ୍ରୀ, ସତ୍ୟବାନ୍ ଓ ତରଣୀସେନ୍ ଦାସ', ରତ୍ନାକର ଚଇନିଙ୍କ 'ଉପେକ୍ଷିତ ନାୟକ', 'ଉତ୍ତର ପୁରୁଷ', 'ଜଳିଜଳି ଜୟଦ୍ରଥ', 'ତୁମେ କୃଷ୍ଣ', 'ମାନଗୋବିନ୍ଦ', 'ତଥାପି ରାବଣ', ପରେଶ କୁମାର ପଟ୍ଟନାୟକଙ୍କ 'ଶ୍ରୀରାଧା ଓ ଅନ୍ୟମାନେ', ସୀତେଶ ତ୍ରିପାଠୀଙ୍କ 'ମିତ' ସଂକଳନସ୍ଥ ଅନେକ ଗଳ୍ପ, ପ୍ରତିଭା ରାୟଙ୍କ 'ରକ୍ତନଦୀର ପ୍ରେମତରୀ' ପ୍ରଭୃତି ଗଳ୍ପଗୁଡ଼ିକରେ ଅତୀତ ଭିତରେ ବାର୍ତ୍ତମାନିକତାକୁ ଦର୍ଶାଇବାରେ ଗାଳ୍ପିକଙ୍କର ନିଜସ୍ୱ ଶିଳ୍ପ ଚାତୁର୍ଯ୍ୟକୁ ସ୍ପଷ୍ଟ ବାରିହୁଏ ।

ଅତିକଳ୍ପନା ଓ କୁହୁକ ବାସ୍ତବତା ହିଁ ଉତ୍ତରଅଶୀ ଗଳ୍ପ ସାହିତ୍ୟରେ ଶିଳ୍ପଗତ ଚାତୁର୍ଯ୍ୟରେ ଚମତ୍କାରିତା ଆଣିପାରିଛି । ଏ ଦୁଇଟି ମଧ୍ୟରେ ପାରସ୍ପରିକ ସାମଞ୍ଜସ୍ୟ ରହିଥିଲେ ମଧ୍ୟ ଦିହେଁ ପରସ୍ପରଠାରୁ ଭିନ୍ନ । ଅତିକଳ୍ପନା କହିଲେ ସାହିତ୍ୟରେ ସାହିତ୍ୟିକର ଯେଉଁ କଳ୍ପନା ସହିତ ବାସ୍ତବତାର କୌଣସି ସାମଞ୍ଜସ୍ୟ ରହି ନଥାଏ କିନ୍ତୁ ସେଗୁଡ଼ିକ ପରସ୍ପର ସହ ସମନ୍ୱିତ ହୋଇ ସତ୍ୟ ଭଳି ମନେ ହୋଇଥାନ୍ତି ତାହାକୁ ବୁଝାଏ । ଅପରପକ୍ଷେ ଯେଉଁ ସାହିତ୍ୟରେ ସାହିତ୍ୟିକର କଳ୍ପନା ସହିତ ବାସ୍ତବତାର ସାମଞ୍ଜସ୍ୟ ରହିଥାଏ ଏବଂ ବାସ୍ତବତାକୁ ଦର୍ଶାଇବା ପାଇଁ ସାହିତ୍ୟିକର କଳ୍ପନା ଜଗତ ଯାଦୁକରୀ ଶକ୍ତିର ବହୁ ଉପାଦାନଗୁଡ଼ିକୁ ନିୟୋଜିତ କରିଥାଏ ସେଠାରେ କୁହୁକ ବାସ୍ତବତାକୁ ଉପଲବ୍ଧି କରିହୁଏ । ଅତିକଳ୍ପନା ଓ କୁହୁକ ବାସ୍ତବତାର ପ୍ରୟୋଗ ଫଳରେ ଉତ୍ତରଅଶୀ ଓଡ଼ିଆ ଗଳ୍ପଧାରାରେ ଏକ ପରିବର୍ତ୍ତିତ ସ୍ୱର ଦେଖିବାକୁ ମିଳେ । ଯାହାର ଅଲୌକିକତା ଓ ଯାଦୁକରୀ ଶକ୍ତି ବଳରେ ପାଠକମାନଙ୍କର ମାନସ ମନ୍ଥନକୁ ଆହ୍ଲାଦିତ କରେ । ମିଥ୍ ଭଳି ଏହି ଦୁଇଟି ଉପାଦାନ ମଧ୍ୟ ଏକ ଟେକ୍‌ନିକ ରୂପେ ବ୍ୟବହୃତ । ଯାହାଫଳରେ ଗଳ୍ପର ଶିଳ୍ପଚାତୁରୀକୁ ଅଧିକ ଆକର୍ଷଣୀୟ ତଥା ଚମତ୍କାରିତା ସୃଷ୍ଟି କରିବାରେ ଏଗୁଡ଼ିକ ସହାୟକ ହୁଏ । ଏହି ଭାବଧାରାକୁ ଭିତ୍ତିକରି ଯେଉଁ ଗାଳ୍ପିକମାନେ ଉତ୍ତରଅଶୀ ଗଳ୍ପ ଧାରାରେ ଏକ ପରିବର୍ତ୍ତିତ ରୂପ ତିଆରି କରିଛନ୍ତି ସେମାନଙ୍କ ମଧ୍ୟରେ ମହାପାତ୍ର ନୀଳମଣି ସାହୁ, ମନୋଜ ଦାସ, କଇଳାଶ ପଟ୍ଟନାୟକ, ହୃଷୀକେଶ ପଣ୍ଡା, ଦୀପ୍ତିରଞ୍ଜନ ପଟ୍ଟନାୟକ ପ୍ରମୁଖ । ଏତଦ୍ ବ୍ୟତୀତ ଅଖିଳ ମୋହନ ପଟ୍ଟନାୟକଙ୍କ 'ଶେଷ ଆବିଷ୍କାର' ଓ 'ମତ୍ସ୍ୟଗନ୍ଧା', ଚନ୍ଦ୍ରଶେଖର ରଥଙ୍କ 'ନାଗାନ୍ତକ ବିଦ୍ୟା' ଓ 'ଛାୟା ପ୍ରବେଶ', ମନୋଜ ଦାସଙ୍କ 'ଶେଷ ବାର୍ତ୍ତା' ଓ 'ପର୍ବତ', ତରୁଣକାନ୍ତି ମିଶ୍ରଙ୍କ 'ବୀତଂସ', 'ତୈଜସ୍', 'କେହିଜଣେ ଆତତାୟୀ' ଓ 'ସମୟ', ହୃଷୀକେଶ ପଣ୍ଡାଙ୍କ 'ନିହାତି ସହଭୂତ', କଇଳାଶ ପଟ୍ଟନାୟକଙ୍କ 'ଟୁଆଁଟୁଇଁ କଥା', ବିଷ୍ଣୁ ସାହୁଙ୍କ 'ଜଣେ ବ୍ୟାଘ୍ରାକ୍ରାନ୍ତ ମହିଳାଙ୍କ ସଂପର୍କରେ', ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ 'କୁହୁକ ଚଟି' ଓ 'ଆମେରୀକୀୟ ରଜନୀ' ପ୍ରଭୃତି ଗଳ୍ପରେ ଉକ୍ତ ଭାବଧାରାର ଚମତ୍କାରିତା ବେଶ୍ ପରିପୁଷ୍ଟ । ଉପରୋକ୍ତ ଗଳ୍ପଗୁଡ଼ିକ ମଣିଷର ଅତିମାନସ ସ୍ତରକୁ ଭିତ୍ତିକରି ଗଢ଼ି ଉଠିଥିବାର ଏଗୁଡ଼ିକରେ କଳ୍ପନା ମଧ୍ୟରେ ଇନ୍ଦ୍ରଜାଲର ପ୍ରୟୋଗ, ଯାଦୁକରୀ ଶକ୍ତିର ରୂପାୟନ ତଥା ସ୍ୱପ୍ନିଳ ଜଗତର ଅସମ୍ଭାବ୍ୟ ଓ ଆକସ୍ମିକ ଭାବରେ ବିଭିନ୍ନ ଅଲୌକିକତାର ଅବତାରଣା କରାଯାଇଛି । ବାସ୍ତବିକ୍ ଉତ୍ତରଅଶୀ କାଳଖଣ୍ଡରେ ଗାଳ୍ପିକଗଣ ନିଜସ୍ୱ ଶିଳ୍ପଚାତୁର୍ଯ୍ୟକୁ ଫୁଟାଇବା ନିମନ୍ତେ ସୁଚିନ୍ତିତ ଭାବେ ମିଥ୍, ଅତିକଳ୍ପନା ଓ କୁହୁକ ବାସ୍ତବତାର ପ୍ରୟୋଗ କରିଥାନ୍ତି ।

ଉତ୍ତରଅଶୀ କାଳଖଣ୍ଡରେ ବହୁ ନୂଆ ଗାଳ୍ପିକଙ୍କର ଆର୍ବିଭାବ ଘଟିବା ସହିତ ନୂଆ ନୂଆ ଚେତନା ତଥା ଅନ୍ୱେଷାକୁ ନେଇ ଗଢ଼ିଉଠିଛି ଓଡ଼ିଆ ଗଳ୍ପ ଜଗତ । ଏହି ଗାଳ୍ପିକଗଣ ପାରମ୍ପରିକ ବିଶ୍ୱାସକୁ ଭାଙ୍ଗି ନୂତନ ଘଟଣା, ନୂତନ ଅଭିଜ୍ଞତା ତଥା ଅନୁଭୂତିକୁ ପାଥେୟ କରି ଓଡ଼ିଆ ଗଳ୍ପ ସୃଷ୍ଟିକୁ ଋଦ୍ଧିମନ୍ତ କରିଛନ୍ତି । ମୁଖ୍ୟତଃ ସମକାଳର ତରୁଣ ଗାଳ୍ପିକଗଣ ପାଠକର ମନୋରଞ୍ଜନକୁ ଦୃଷ୍ଟିରେ ରଖି ଗଳ୍ପ ରଚନାରେ ବ୍ରତୀ ହେଉ ନାହାଁନ୍ତି, ବରଂ ନିଜସ୍ୱ ଅଭିଜ୍ଞତା ଓ ଅନୁଭୂତିକୁ ମନୋଜ୍ଞ ଭାଷାରେ ପରିପ୍ରକାଶ କରିବା ଦିଗରେ ତତ୍‌ପର ହୋଇଉଠନ୍ତି । ଅନେକ ଗଳ୍ପରେ ଗାଳ୍ପିକ ନିଜେ ନାୟକ ରୂପେ ଚିତ୍ରିତ ହୋଇ ଲେଖକୀୟ ସତ୍ତାକୁ ବଜାୟ ରଖିବା ସହିତ ଅଧିକ ଆତ୍ମକୈନ୍ଦ୍ରିକ ହୋଇପଡ଼ନ୍ତି । ଫଳସ୍ୱରୂପ ସାଂପ୍ରତିକ ଗଳ୍ପଗୁଡ଼ିକରେ ସ୍ୱକୀୟତାର ନୂତନ ରୂପ, ଆତ୍ମ ସଚେତନତା ତଥା ଆତ୍ମ ବିଶ୍ଳେଷଣ ଧର୍ମିତାକୁ ଉପଲବ୍ଧି କରିହୁଏ । ଆତ୍ମଜୀବନୀ ଶୈଳୀରେ ବହୁ ଗଳ୍ପ ରଚନା କରାଯିବା ଫଳରେ ଉତ୍ତରଅଶୀ ଗଳ୍ପସାହିତ୍ୟ ଅଧିକ ବାସ୍ତବମୁଖୀ ହୋଇପାରିଛି । ଯେଉଁଥିରେ ଦେଖିବାକୁ ମିଳେ ପିଲାଦିନର ସ୍ମୃତି ସହ ଘଟିଯାଇଥିବା କେତେକ ବାସ୍ତବ ଘଟଣାବଳୀ । ଯାହାର କଥାବସ୍ତୁ ସତ ଆଧାରିତ, ବ୍ୟକ୍ତିଗତ

ତଥା ଆତ୍ମଜୀବନୀମୂଳକ । ବ୍ୟକ୍ତିଗତ ଜୀବନର ପାପ-ପୁଣ୍ୟ, ସଫଳତା-ବିଫଳତା, ଛଳନା, ପ୍ରତାରଣା ପ୍ରଭୃତି ଉତ୍ତରଅଶୀ ଗଳ୍ପ ସାହିତ୍ୟର ଏକ ଏକ ଉପାଦାନ ପାଲଟିଛି । ଆଲୋଚ୍ୟ ସମୟଖଣ୍ଡର ପ୍ରାୟ ସବୁ କ୍ରିୟାଶୀଳ ଗାଳ୍ପିକ ନିଜସ୍ୱ ଗଳ୍ପ ରଚନା କ୍ଷେତ୍ରରେ ଏ ଧରଣର ସ୍ୱକୀୟତାକୁ ଆପଣେଇ ଥା'ନ୍ତି । ଏଇ ଧାରାରେ ରଚିତ ଗଳ୍ପ ମାଧ୍ୟମରେ ଏକାନ୍ତ ବ୍ୟକ୍ତିଗତ କଥା ଜରିଆରେ ନିଜସ୍ୱ ବକ୍ତବ୍ୟ ବାଢ଼ିବା ହେଉଛି ଗଳ୍ପକାରଙ୍କ ଚମତ୍କାର ଟେକ୍‌ନିକ୍ ବା କଳାକୌଶଳ । ଏହି ବୈୟକ୍ତିକତା ସମକାଳକୁ କଳାତ୍ମକ ରୂପ ଦେବା ସହିତ ପାଠକଙ୍କ ନିକଟରେ ସାର୍ବଜନୀନତାକୁ ପ୍ରଦର୍ଶନ କରିଥାଏ । ସର୍ବୋପରି ଗାଳ୍ପିକର 'ମୁଁ'ତ୍ୱ ଅଧିକ ଗୁରୁତ୍ୱ ଲାଭ କରିଛି ଉକ୍ତ କାଳଖଣ୍ଡରେ । ଫଳସ୍ୱରୂପ ଓଡ଼ିଆ ଗଳ୍ପଜଗତ ସମାଜ ଅପେକ୍ଷା ଗାଳ୍ପିକର ବ୍ୟକ୍ତିଗତ ଜୀବନର ନିଜସ୍ୱ ରୁଚି, ଚିନ୍ତାଚେତନା ତଥା ଆଦର୍ଶ ଅନୁଯାୟୀ ଏକ ପରିବର୍ତ୍ତିତ ସ୍ଥିତିରେ ଗତିଶୀଳ । ଉକ୍ତ କଳାକୌଶଳକୁ ଭିତ୍ତିକରି ଯେଉଁ ଗଳ୍ପସ୍ରଷ୍ଟାଗଣ ଉତ୍ତରଅଶୀ କାଳରେ ପ୍ରତିଷ୍ଠିତ ହୋଇଛନ୍ତି ସେମାନଙ୍କ ମଧ୍ୟରେ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଗୌରହରି ଦାସ, ରଶ୍ମି ରାଉଳ, ଗାୟତ୍ରୀ ସରାଫ୍, ସଦାନନ୍ଦ ତ୍ରିପାଠୀ, ଅଭୟ ବାରିକ୍, ସ୍ୱରୂପ ଜେନା, କୃଷ୍ଣ ମହାନ୍ତି, ଅଭୟ ଦାସ, ବିଷ୍ଣୁ ସାହୁ, ପାରମିତା ଶତପଥୀ, ଦେବବ୍ରତ ମଦନରାୟ, ପବିତ୍ର ପାଣିଗ୍ରାହୀ, କନିଷ୍କ, ଆର୍ଯ୍ୟ ଯଜ୍ଞଦତ୍ତ, ବିରାଜମୋହନ ଦାସ, ନିବାରଣ ଜେନା, ତରୁଣ କୁମାର ସାହୁ, ପ୍ରକାଶ କୁମାର ପରିଡ଼ା ପ୍ରମୁଖଙ୍କ ନାମ ଉଲ୍ଲେଖନୀୟ ।

୧୯୮୦ ପରବର୍ତ୍ତୀ କାଳଖଣ୍ଡରେ ନୂଆ ନୂଆ ପ୍ରସଙ୍ଗ ଓ ଘଟଣା ପରିପ୍ରେକ୍ଷୀରେ ନୂଆ ଚରିତ୍ରମାନଙ୍କ ଦ୍ୱାରା ଗଳ୍ପର କଥାବସ୍ତୁ ମଣ୍ଡିତ ହୋଇଛି । ଉକ୍ତ କାଳଖଣ୍ଡରେ ଚରିତ୍ର ଯେ, କେବଳ ମଣିଷ ହେବ ତା' ନୁହେଁ । ବରଂ ଅଣମାନବୀୟ ଯେକୌଣସି ପ୍ରାଣୀ ଓ ଉଦ୍ଭିଦ କିମ୍ବା ବସ୍ତୁ ଓ ପଦାର୍ଥ ଆଦି ସାହିତ୍ୟ କୃତିରେ ଚରିତ୍ର ରୂପେ ଅବତୀର୍ଣ୍ଣ ହେବା ଅସମ୍ଭବ ନୁହେଁ । ସେ ହୋଇପାରେ ନଦୀ, ସମୁଦ୍ର, ପାହାଡ଼, ଅରଣ୍ୟ, ଗଛ, ଆକାଶ ଇତ୍ୟାଦି । ଅଣମାନବୀୟ ଚରିତ୍ର ଅର୍ଥାତ୍ ପଶୁପକ୍ଷୀଙ୍କୁ ନେଇ ୧୯୫୦ ପରବର୍ତ୍ତୀ ତିନି ଦଶନ୍ଧିର ଗଳ୍ପ ଧାରାରେ ରାଜକିଶୋର ପଟ୍ଟନାୟକ, ସଚ୍ଚିଦାନନ୍ଦ ରାଉତରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ, ମନୋଜ ଦାସ, ଅଚ୍ୟୁତାନନ୍ଦ ପତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ବସନ୍ତ ଶତପଥୀ ପ୍ରମୁଖ ଗାଳ୍ପିକଙ୍କ ଦ୍ୱାରା ବେଶ୍ କିଛି ଗଳ୍ପ ରଚିତ । ମାତ୍ର ୧୯୮୦ ପରବର୍ତ୍ତୀ କାଳର ଗାଳ୍ପିକଗଣ ଏ ଦିଗରେ ବିଶେଷ କ୍ରିୟାଶୀଳ ହୋଇ ଉଠିଛନ୍ତି । ଫଳସ୍ୱରୂପ ପ୍ରାଣୀ ଓ ଉଦ୍ଭିଦଙ୍କ ପ୍ରତି ମନୁଷ୍ୟର ଆଚରଣ, ସେମାନଙ୍କ ସହ ମନୁଷ୍ୟକୁ ଏକାତ୍ମ କରାଇ ଏକ ତୁଳନାତ୍ମକ ପ୍ରେକ୍ଷାପଟ ନିର୍ମାଣ କରିବା, ସେମାନେ ପ୍ରତୀକାତ୍ମକ ଚରିତ୍ର ରୂପେ ଗଳ୍ପରେ ଉପସ୍ଥାପିତ ହେବା ଆଦି ହୋଇଛି ଉତ୍ତରଅଶୀ ଗଳ୍ପ ସାହିତ୍ୟର ମୁଖ୍ୟ ଆଭିମୁଖ୍ୟ । ଏହି ଧାରାରେ ଗଳ୍ପ ରଚନା କରିଥିବା ଗାଳ୍ପିକଗଣ ହେଲେ ରାମଚନ୍ଦ୍ର ବେହେରା, କଇଳାଶ ପଟ୍ଟନାୟକ, କୃପାସାଗର ସାହୁ, ଅରବିନ୍ଦ ଧଳ, ପ୍ରତିଭା ରାୟ, ରଜନୀକାନ୍ତ ମହାନ୍ତି, ପଦ୍ମଜ ପାଳ, ଅଜୟ ସ୍ୱାଇଁ, ନିତ୍ୟାନନ୍ଦ ପଣ୍ଡା ପ୍ରମୁଖ ।

ଏତଦ୍ ବ୍ୟତୀତ ନୂତନ ପିଢ଼ିର ମଣିଷମାନଙ୍କ ପାଖରେ ଆଜିର ଗଳ୍ପଗୁଡ଼ିକ ସମ୍ବାଦପତ୍ରର ଭୂମିକା ନିର୍ବାହ କରୁଛି । କାରଣ ସମାଜରେ ପ୍ରତ୍ୟେକ ଦିନ ଯେଉଁସବୁ ସମସ୍ୟାମାନ ଦେଖା ଦେଉଛି ତାକୁ ନେଇ ଗଳ୍ପ ଲେଖିବାରେ ବର୍ତ୍ତମାନର ଯୁବ ଗାଳ୍ପିକଗଣ ତତ୍ପର ହୋଇ ଉଠିଛନ୍ତି । ଏକବିଂଶ ଶତାବ୍ଦୀର ଏହି ଗାଳ୍ପିକମାନଙ୍କ ମଧ୍ୟରେ ହୃଷୀକେଶ ପଣ୍ଡା, ମମତାମୟୀ ଚୌଧୁରୀ, ରଞ୍ଜନ ପ୍ରଧାନ, ସରୋଜ ବଳ, ମହାଶ୍ୱେତା ସାହୁ, ମାନସୀ ପାତ୍ର, ଚିନ୍ମୟୀ ମହାପାତ୍ର, ମୋନାଲିସା ମିଶ୍ର ପ୍ରମୁଖଙ୍କ ନାମ ଉଲ୍ଲେଖନୀୟ । ସ୍ଥୂଳତଃ ପ୍ରବୀଣ ଗୋଷ୍ଠୀ ଓ ନବୀନଗୋଷ୍ଠୀଙ୍କ ଚିନ୍ତାଧାରାର ଏକ ସମ୍ମିଳିତ ରୂପ ଉପରେ ଏକବିଂଶ ଶତାବ୍ଦୀର ଗଳ୍ପ ସାହିତ୍ୟ ପର୍ଯ୍ୟବେସିତ । କିନ୍ତୁ ଭାରତ ସ୍ୱାଧୀନତା ଲାଭ କରିବାର ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱକାଳ ଅତିକ୍ରମ କରିଯାଇଥିଲେ ମଧ୍ୟ ସୀମାରେଖାକୁ ନେଇ ବିବାଦ ଆଜିବି ଥମୁ ନାହିଁ । ସୀମାରେ ସୈନିକମାନେ ଆଜିବି ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି ଏବଂ ଦେଶକୁ ଶତ୍ରୁ କବଳରୁ ରକ୍ଷା କରିବାକୁ ଯାଇ ବହୁ ସୈନିକ ସହିଦ୍ ହେଉଛନ୍ତି । ଏତଦ୍ ବ୍ୟତୀତ ସନ୍ତ୍ରାସବାଦୀଙ୍କ ଲୋମହର୍ଷଣକାରୀ ଘଟଣା ଦିନକୁ ଦିନ ଅଶାନ୍ତିକର ପରିବେଶ ସୃଷ୍ଟି କରୁଛି । କିଛି ବୈଦେଶିକ ଶକ୍ତି ହିଁ ଆମ ଦେଶର ଶାନ୍ତିଭଙ୍ଗ କରିବା ନିମନ୍ତେ ଏଭଳି ଅମାନୁଷିକ କାର୍ଯ୍ୟପନ୍ଥାକୁ ଆଦରି ନେଉଛନ୍ତି । ମୁଖ୍ୟତଃ ୨୦୦୧ ରେ ପାର୍ଲିଆମେଣ୍ଟ ଆକ୍ରମଣ ଓ ଜାମ୍ମୁକାଶ୍ମୀର ବିଧାନସଭା ବିସ୍ଫୋରଣ, ୨୦୦୫ରେ ଦିଲ୍ଲୀ ବିସ୍ଫୋରଣ, ୨୦୦୮ ରେ ମୁମ୍ବାଇ ତାଜ୍ ଆଦି ହୋଟେଲ ଆକ୍ରମଣ, ୨୦୧୫ ରେ ମଣିପୁର ବିସ୍ଫୋରଣ ତଥା ମିଆଁମାର ସୀମା ହତ୍ୟାକାଣ୍ଡ, ୨୦୧୯ ରେ ପୁଲ୍‌ୱାମା ଆକ୍ରମଣ ପ୍ରଭୃତି ଲୋମଟାଙ୍କୁରା ଘଟଣା ଏକବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକର ଜନମାନସକୁ ଆତଙ୍କିତ କରିଛି । କିନ୍ତୁ ଏଭଳି ବାହ୍ୟ ଆକ୍ରମଣକାରୀଙ୍କ ଦ୍ୱାରା ଘଟୁଥିବା ବହୁ ବର୍ବରୋଚିତ ଘଟଣା

ସୃଜନ ସାହିତ୍ୟ ସୃଷ୍ଟି କରିବାରେ ବଳିଷ୍ଠ ପୃଷ୍ଠଭୂମି ଯୋଗାଉଥିଲେ ମଧ୍ୟ ଓଡ଼ିଆ ଗଳ୍ପସାହିତ୍ୟ ଏ ଦିଗରେ ସମୃଦ୍ଧ ପରି ମନେହୁଏ ନାହିଁ ।

୧୯୮୦ ମସିହାଠାରୁ ଅଦ୍ୟାବଧି ଦୀର୍ଘ ୪୩ ବର୍ଷ ଭିତରେ ବହୁ ନବୀନ ଗାଳ୍ପିକଙ୍କର ଆବିର୍ଭାବ ଘଟିବା ସହ ନୂତନ ଚିନ୍ତାଚେତନା ତଥା ସମକାଳର ବହୁ ସମସ୍ୟାମାନ ଗଳ୍ପଗୁଡ଼ିକରେ ସ୍ଥାନ ପାଇଛି । କାର୍ଗିଲ ଯୁଦ୍ଧ, ମହାବାତ୍ୟାର ପ୍ରଳୟଙ୍କାରୀ ରୂପ, ସୁନାମୀର ଭୟାବହତା, ମାଫିଆଗିରି, ଇଣ୍ଟରନେଟର ବହୁଳ ବ୍ୟବହାର ଆତଙ୍କବାଦୀଙ୍କ ନରସଂହାର, ସୀମା ଆନ୍ଦୋଳନ, ଆଞ୍ଚଳିକ ବିଭେଦତା, ନୂତନ ଜ୍ଞାନକୌଶଳର ପ୍ରୟୋଗ ଇତ୍ୟାଦି ସାଂପ୍ରତିକ ସମୟର କଂକ୍ରିଟ ମନସ୍କତା ମଣିଷକୁ ଦିନକୁ ଦିନ କଠୋର ତଥା କର୍କଶ କରି ଦେଉଛି । ଯାହାଫଳରେ ସେମାନଙ୍କଠାରେ ପରଂପରା, ମୂଲ୍ୟବୋଧ, ନୈତିକତା, ମାନବିକତା ପ୍ରଭୃତି ଶବ୍ଦର କୌଣସି ଅର୍ଥ ନାହିଁ ଏବଂ ସେମାନେ ସଦା ସର୍ବଦା କ୍ଷମତାଶାଳୀ ଓ ଧନଶାଳୀ ହେବା ପାଇଁ ଇଚ୍ଛୁକ । କ୍ରମଶଃ ମଣିଷର ଏହି ବଡ଼ଲୋକୀ ହେବାର ପିପାସା ଗ୍ରାସକରି ଚାଲିଛି ତା'ର କୋମଳ ଭାବ ସମୂହକୁ । ଫଳସ୍ୱରୂପ ଦୁର୍ଘଟଣାଗ୍ରସ୍ତ ଆର୍ତ୍ତଚିତ୍କାର କରୁଥିବା ବ୍ୟକ୍ତିର ଚିକିତ୍ସା ଓ ସେବା ପରିବର୍ତ୍ତେ ପୋଲିସ୍, ମେଡିକାଲ ଷ୍ଟାଫ୍ ଓ ଜନସାଧାରଣ ଲୁଟି ନେଉଛନ୍ତି ତାଙ୍କର ଅଳଙ୍କାର ଓ ମୂଲ୍ୟବାନ ପଦାର୍ଥ । ସ୍ନେହ, ଦୟା, ସେବା ପରିବର୍ତ୍ତେ ହିଂସ୍ରତା, ପଶୁତ୍ୱ, ନିଷ୍ଠୁରତା ସାମ୍ପ୍ରତିକ ମଣିଷକୁ କିପରି ଗ୍ରାସ କରିଚାଲିଛି ଏବଂ ରକ୍ଷକ କିଭଳି ଭକ୍ଷକ ସାଜୁଛି ତାହା ସ୍ପଷ୍ଟ ରୂପେ ପ୍ରତୀୟମାନ ହୋଇଛି ସାମ୍ପ୍ରତିକ କାଳଖଣ୍ଡରେ । ସାମ୍ପ୍ରତିକ କାଳରେ ମିଡିଆ କଲ୍‌ଚରର ବିକାଶ ହେତୁ ବାହାର ସଂସ୍କୃତି ନାଁରେ ଅପସଂସ୍କୃତିର ଅନୁପ୍ରବେଶ ସହିତ ବ୍ଲୁ-ଫିଲ୍ମର ସିଡି ଓ ସେକ୍ସ ର୍‌ୟାକେଟ୍‌ର ପ୍ରାଦୁର୍ଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିଚାଲିଛି । ଯାହା ସମାଜରେ ଏକ ବୃହତ୍ ସମସ୍ୟା ରୂପେ ମୁଣ୍ଡ ଟେକିଛି । ଏକବିଂଶ ଶତାବ୍ଦୀର ଗଳ୍ପ ରଚନା କ୍ଷେତ୍ରରେ ଗାଳ୍ପିକଙ୍କ ନିକଟରେ ଏହାହିଁ ଏକ ଉପାଦାନ ପାଲଟିଛି । ଏଥିସହିତ ପଞ୍ଜାବର ସନ୍ତ୍ରାସ ଓ ରକ୍ତପାତ, କାଶ୍ମୀରର ସଂକଟ, ବମ୍ବେ ବିସ୍ଫୋରଣ, ଗୁଜୁରାଟ ସମେତ ଯାବତୀୟ ସାମ୍ପ୍ରଦାୟିକ ଦଙ୍ଗା, ଧର୍ମୀୟ ମୌଳବାଦଠାରୁ ଆରମ୍ଭ କରି ଦେଶବିଦେଶର କ୍ରିୟାଶୀଳ ନକ୍ସଲବାଦ ବା ମାଓବାଦ ପର୍ଯ୍ୟନ୍ତ ସବୁକିଛି ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ ସାହିତ୍ୟ ପାଇଁ ନୂଆ ଘଟଣା ଓ ନୂଆ ପୃଷ୍ଠପଟ୍ଟ ଯୋଗାଇଛି ।

ବିଂଶ ଶତାବ୍ଦୀର ଶେଷ ଦୁଇ ଦଶକ ଏବଂ ଏକବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକ ଓଡ଼ିଆ ଗଳ୍ପ ଜଗତରେ ଏକ ଉଲ୍ଲେଖନୀୟ ସମୟ । ଏହି ଦଶକରେ ଓଡ଼ିଆ କ୍ଷୁଦ୍ରଗଳ୍ପ ଚିନ୍ତା ଚେତନାର ବହୁ ଊର୍ଦ୍ଧ୍ୱକୁ ଉଠିପାରିଛି । ଅତଏବ୍ ଗଳ୍ପରେ ପ୍ରେମ ପ୍ରତ୍ୟୟ, ଆଶା, ନିରାଶା ସହ ସ୍ଥାନ ପାଇଛି ଗଳ୍ପକାରଙ୍କ ରାଜନୀତିକ ତଥା ସାମାଜିକ ସଚେତନ ଦୃଷ୍ଟିଭଙ୍ଗୀ । ଏହି କାଳଖଣ୍ଡ ମଧ୍ୟରେ ଗଳ୍ପ ରଚନା କରୁଥିବା ଗଳ୍ପକାର ଗଣ ହେଲେ ପରେଶ ପଟ୍ଟନାୟକ, ପ୍ରକାଶ କୁମାର ପରିଡ଼ା, ଅଜୟ ସ୍ୱାଇଁ, କଇଳାଶ ପଟ୍ଟନାୟକ, ଭୀମ ପୃଷ୍ଟି, ଗିରୀଶ ଚନ୍ଦ୍ର ସାହୁ, କୃପାସାଗର ସାହୁ, ସତ୍ୟପ୍ରିୟ ମହାଳିକ, ରବି ପଣ୍ଡା, ଦେବବ୍ରତ ମଦନରାୟ, ଦେବାଶିଷ ପାଣିଗ୍ରାହୀ, ପ୍ରକାଶ ମହାପାତ୍ର, ପ୍ରଦୀପ ଦାସ, ସୀତେଶ ତ୍ରିପାଠୀ, ଅରବିନ୍ଦ ରାୟ, ପାରମିତା ଶତପଥୀ, ଅରବିନ୍ଦ ଧଳ, ମମତାମୟୀ ଚୌଧୁରୀ, ତପନ ମହାପାତ୍ର, ପ୍ରଦୀପ ନାୟକ, ସରୋଜ ବଳ, ଅମରେଶ ବିଶ୍ୱାଳ, ସୁଜିତ କୁମାର ପଣ୍ଡା, ସଞ୍ଜୟ କୁମାର ବାଗ୍ ପ୍ରମୁଖ । କେବଳ ଆବେଗ, ଭାବପ୍ରବଣତା ଏମାନଙ୍କ ଗଳ୍ପର ବିଷୟବସ୍ତୁ ହୋଇ ରହି ନାହିଁ; ବରଂ ଜୀବନକୁ ଗଭୀର ଅନୁଧ୍ୟାନ କରିବା ସହିତ ତା'ର ମୂଲ୍ୟବୋଧ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଛି । ତତ୍‌ସହିତ ଜୀବନ ପ୍ରତି ଦେଖାଦେଇଛି ଗଳ୍ପକାରଙ୍କର ଅଧିକ ଅନ୍ୱେଷା ଓ ସଚେତନ ମନୋଭାବ । ବହୁ ପ୍ରତୀକାତ୍ମକ ଚରିତ୍ର ମାଧ୍ୟମରେ ସମୟ ଓ ସଭ୍ୟତାକୁ ଉପସ୍ଥାପିତ କରିବା ସହ ପରିବର୍ତ୍ତିତ ବିଶ୍ୱ ସହ ସମତାଳରେ ଗତି କରିଛି ଆଜିର ଗଳ୍ପସାହିତ୍ୟ । ଅର୍ଥାତ୍ ଏବେର ଗାଳ୍ପିକ ଗଣ ବିଶ୍ୱ ଗ୍ରାମର ଜଣେ ଜଣେ ସଚେତନ ନାଗରିକ । ତେଣୁ ବିବର୍ତ୍ତନର ସ୍ୱର ହିଁ ଏକବିଂଶ ଗଳ୍ପ ଜଗତକୁ ଅଧିକ ଆକର୍ଷଣୀୟ ତଥା ସମୟାନୁସାରୀ କରିପାରିଛି । ଏହା ନିଃସନ୍ଦେହରେ ଅନୁମେୟ ଯେ ଆଗାମୀ ସମୟରେ ଗଳ୍ପ ଜଗତକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହି ଗାଳ୍ପିକମାନଙ୍କ ଭୂମିକାକୁ ଅସ୍ୱୀକାର କରି ହେବ ନାହିଁ ।

ଅଧ୍ୟାପିକା, ଉପେନ୍ଦ୍ରନାଥ ମହାବିଦ୍ୟାଳୟ
ସୋର, ବାଲେଶ୍ୱର–୭୫୬୦୪୫
ଦୂରଭାଷ : ୭୮୯୪୯୨୭୪୩୪

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ